# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧୫/୨୦୨୫ (୧୨ ପୃଷ୍ଠା) | Bhubaneswar, Tuesday, April 15/2025 | Page 12 | ₹ 7.00 | RAYAGADA

୫୧ଶ ଭାଗ ୧୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 140 | ମୂଲ୍ୟ ₹୭/-




## କରୀନାଙ୍କ ଆଗାମୀ ପ୍ରୋଜେକ୍ଟ 'ଦାୟରା'

ବଲିଉଡ୍ ଅଭିନେତ୍ରୀ କରୀନା କପୁର ଖାନ୍ ଆଗାମୀ ଦିନରେ 'ଦାୟରା' ଫିଲ୍ମରେ ନଜରକୁ ଆସିବେ ବୋଲି ସୋମବାର ଇନ୍‌ଷ୍ଟାଗ୍ରାମରେ ଘୋଷଣା କରିଛନ୍ତି।

୦୨

୧୨

## ଆଶୁତୋଷ ଚାମ୍ପିୟନ

ବକ୍‌ଲାଇନ ସ୍ନୁକର ଜୋନାଲ କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟରେ ଆଶୁତୋଷ ପାଢ଼ୀ ଚାମ୍ପିୟନ ହୋଇଛନ୍ତି।





ଓଡ଼ିଆ ନବବର୍ଷ ଓ ବିଷୁବ ପଣା ସଂକ୍ରାନ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଘଟଗାଁସ୍ଥିତ ମା'ତାରିଣୀଙ୍କ ଦର୍ଶନ ସାରି ଫେରୁଛନ୍ତି।

# ମା' ତାରିଣୀଙ୍କ ମନ୍ଦିର ପାଇଁ ୨୧୫ କୋଟି

## ଓଡ଼ିଆ ନବବର୍ଷରେ ମା'ଙ୍କୁ ଦର୍ଶନକଲେ ମୁଖ୍ୟମନ୍ତ୍ରୀ

**କେନ୍ଦୁଝର,୧୪।୪(ନରେଶ ଚନ୍ଦ୍ର ପଟ୍ଟନାୟକ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଓଡ଼ିଆ ନବବର୍ଷ ଓ ବିଷୁବ ପଣା ସଂକ୍ରାନ୍ତି ଅବସରରେ କେନ୍ଦୁଝର ଜିଲା ଘଟଗାଁ ବାସିନୀ ମା' ତାରିଣୀଙ୍କ ଦର୍ଶନକରି ଆଶିଷ ଭିକ୍ଷା କରିଛନ୍ତି। ଏହି ଅବସରରେ ପୀଠର ଉନ୍ନତୀକରଣ ପାଇଁ ୨୧୫ କୋଟି ଟଙ୍କାର ଡିପିଆର୍ ଘୋଷଣା କରିଛନ୍ତି। ଏହି ପ୍ରକଳ୍ପ କାମ ଖୁବ୍‌ଶୀଘ୍ର ଆରମ୍ଭ ହେବା ସହ ପରିକ୍ରମା ପ୍ରକଳ୍ପ ବି ଜଲ୍‌ଦି ସରିବା ନେଇ ସୂଚନା ଦେଇଥିଲେ।

ସୋମବାର ମା'ଙ୍କ ଚଇତି ପର୍ବ ଶେଷ ଦିନ। ଏଥିସହ ଓଡ଼ିଆ ନୂଆ ବର୍ଷ ଓ ପଣା ସଂକ୍ରାନ୍ତି ଅବସରରେ ମୁଖ୍ୟମନ୍ତ୍ରୀ ଦିନିକିଆ ଗସ୍ତରେ କେନ୍ଦୁଝର ଆସି ମା' ତାରିଣୀଙ୍କୁ ଦର୍ଶନ କରିଥିଲେ। ମାଆଙ୍କ ଦର୍ଶନ ଲାଭକରି କେନ୍ଦୁଝର ଜିଲା ଓ ଓଡ଼ିଶାର ବିକାଶ ପାଇଁ ମଙ୍ଗଳ ମନାସିଛନ୍ତି। ଅନ୍ୟପକ୍ଷରେ ଖୁବ୍‌ଶୀଘ୍ର ତାରିଣୀ ମନ୍ଦିର ଓ ମନ୍ଦିର ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ। ☞ପୃଷ୍ଠା-୪

# ସରକାରୀ ନୋଟିସ ମୂଲ୍ୟହୀନ

## କେନ୍ଦ୍ରାପଡ଼ାରେ ସର୍ବାଧିକ ବାଂଲାଦେଶୀ ଅନୁପ୍ରବେଶକାରୀ





ଅମିତ ରାୟଙ୍କ ବାଂଲାଦେଶ ପାସ୍‌ପୋର୍ଟ (ବାମ) ଏବଂ ସେ ହାସଲ କରିଥିବା ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପାସ୍‌ପୋର୍ଟ ଓ ଆଧାର କାର୍ଡ।

**ରାଜ୍ୟରେ ୩,୭୩୮ ବାଂଲାଦେଶୀ ବେଆଇନ ଭାବେ ରହିଥିବା ବେଳେ କେନ୍ଦ୍ରାପଡ଼ା ଜିଲାରେ ସର୍ବାଧିକ ୧,୬୪୯ ଜଣ ଚିହ୍ନଟ ହୋଇଛନ୍ତି ବୋଲି ବିଧାନସଭାରେ ଉପସ୍ଥାପିତ ତଥ୍ୟରୁ ଜଣାପଡିଛି। ୨୦୦୪ରେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଏଠାରେ ରହୁଥିବା ୧,୬୪୯ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଥିଲା। ୨୦୦୫ରେ ଏମାନଙ୍କ ମଧ୍ୟରୁ ୧,୫୫୧ ଜଣଙ୍କୁ ଦେଶାନ୍ତର ନୋଟିସ ହୋଇଥିଲା। ୨୦ବର୍ଷ ବିତିଥିଲେ ମଧ୍ୟ ଏମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏବେବି ସେମାନେ ଏଠାରେ ରହୁଛନ୍ତି। ଅନୁପ୍ରବେଶକାରୀମାନେ ଜାଲ ପ୍ରମାଣପତ୍ର ବଳରେ ସାର୍ଟିଫିକେଟ, ପାସ୍‌ପୋର୍ଟ ଆଦି ହାସଲ କରିପାରୁଛନ୍ତି। ଏପରିକି ସରକାରୀ ସୁବିଧା ହାତେଇବାରେ ମଧ୍ୟ ସଫଳ ହେଉଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସହ ସାମାଜିକ ପରିବେଶ ବିଗୁଡୁଥିବା ଅଭିଯୋଗ ହେଉଛି।**

**କେନ୍ଦ୍ରାପଡ଼ା,୧୪।୪ (ଜଗନ୍ନାଥ ଧଳ)**

ବାଂଲାଦେଶ ଓ କେନ୍ଦ୍ରାପଡ଼ା ଜିଲା ମଧ୍ୟରେ ଖୋଲାମେଲା ସମୁଦ୍ର। ଏହି ଦୂରତା ଅତିକ୍ରମ କରିବା ପାଇଁ ସି ସଟ୍‌ଲକୁ ମାତ୍ର ୮ ଘଣ୍ଟା ଆବଶ୍ୟକ। ତଟରକ୍ଷୀ ବାହିନୀ, ୩ ସାମୁଦ୍ରିକ ଥାନା ସତ୍ତ୍ୱେ ଅନୁପ୍ରବେଶ ରୋକି ହେଉନାହିଁ। ଫଳରେ ଜିଲାରେ ଅନୁପ୍ରବେଶ ବଢ଼ିଚାଲିଛି। ଏହି ଅନୁପ୍ରବେଶକାରୀ ଜିଲାରେ ଆଡ୍ଡା ଜମାଇ ଜଙ୍ଗଲ ଜମି ହଡ଼ପ କରୁଥିବା ଅଭିଯୋଗ ହେଉଛି। ଏପରିକି ଜାଲ ସଂରକ୍ଷିତ ଜାତି ପ୍ରମାଣପତ୍ରରେ ସରକାରୀ ଚାକିରି ମଧ୍ୟ ହାତଉଛନ୍ତି।

ଗତ ମାର୍ଚ୍ଚରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ୩,୭୩୮ ବାଂଲାଦେଶୀ ବେଆଇନ ଭାବେ ରହିଥିବା ସୂଚନା ଦେଇଥିଲେ। ସେଥିମଧ୍ୟରୁ କେନ୍ଦ୍ରାପଡ଼ା ଜିଲାରେ ସର୍ବାଧିକ ୧,୬୪୯ ଅନୁପ୍ରବେଶକାରୀ ବାଂଲାଦେଶୀ ଅଛନ୍ତି। ତେବେ ଏହି ସଂଖ୍ୟା ୨୦୦୪ ମସିହାରୁ ଗଡ଼ିଆସୁଛି। ୨୦୦୪ରେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ୧,୬୪୯ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଥିଲା। ୨୦୦୫ ମସିହାରେ ଏମାନଙ୍କ ମଧ୍ୟରୁ ୧,୫୫୧ ଜଣଙ୍କୁ ଦେଶାନ୍ତର ନୋଟିସ ହୋଇଥିଲା। ମାତ୍ର ଏମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏମାନେ ଅଦ୍ୟାବଧି ଜିଲାରେ ରହିଛନ୍ତି ବୋଲି ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି। ☞ପୃଷ୍ଠା-୪

# ମେହୁଲ ଚୋକ୍‌ସି ବେଲ୍‌ଜିୟମରେ ଗିରଫ

**ନୂଆଦିଲ୍ଲୀ,୧୪।୪**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ରୁ ୧୩ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଋଣ ଜାଲିଆତିରେ ସମ୍ପୃକ୍ତ ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କୁ ବେଲ୍‌ଜିୟମରେ ଗିରଫ କରାଯାଇଛି। ତାଙ୍କ ପ୍ରତ୍ୟର୍ପଣ ପାଇଁ ଭାରତର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବେଲ୍‌ଜିୟମ୍ କର୍ତ୍ତୃପକ୍ଷଙ୍କୁ ନିବେଦନ କରାଯାଇଥିଲା ବୋଲି ସେଠାର ସଂଘୀୟ ନ୍ୟାୟିକ ସେବା ସୋମବାର ସ୍ପଷ୍ଟ କରିଛି। ତଦନୁଯାୟୀ ଗତ ଶନିବାର ଚୋକ୍‌ସିଙ୍କୁ ଗିରଫ କରାଯାଇ ଅଧିକ ନ୍ୟାୟିକ ପ୍ରକ୍ରିୟା ପାଇଁ ଅଟକ ରଖାଯାଇଛି। ପ୍ରତ୍ୟର୍ପଣ ପ୍ରକ୍ରିୟାକୁ ଆଗେଇନେବା ଲାଗି ଭାରତରୁ ଏକ ଟିମ୍ ଖୁବ୍‌ଶୀଘ୍ର ବେଲ୍‌ଜିୟମ ଯିବ ବୋଲି ଜଣାପଡ଼ିଛି। ୬୫ ବର୍ଷୀୟ ଚୋକ୍‌ସି ୨୦୧୮ରେ ଭାରତରୁ ପଳାଇଯାଇ ଆଣ୍ଟିଗୁଆରେ ରହିଆସୁଥିଲେ। ନିକଟରେ ତାଙ୍କୁ ବେଲ୍‌ଜିୟମରେ ଠାବ କରାଯାଇଥିଲା। ସେ ଡାକ୍ତରୀ ଚିକିତ୍ସା ପାଇଁ ସେଠାକୁ ଯାଇଥିବା ଖବର ମିଳିଥିଲା। ପିଏନ୍‌ବି ବ୍ୟାଙ୍କ ଜାଲିଆତି ମାମଲାରେ ଚୋକ୍‌ସି ଦ୍ୱିତୀୟ ମୁଖ୍ୟ ଅଭିଯୁକ୍ତ। ମୁଖ୍ୟ ଅଭିଯୁକ୍ତ ତାଙ୍କ ପୁତୁରା ନୀରବ ମୋଦି ଏବେ ଲଣ୍ଡନ ଜେଲରେ ରହିଥିବାବେଳେ ଭାରତ ପ୍ରତ୍ୟର୍ପଣ ବିରୋଧରେ ☞ପୃଷ୍ଠା-୪



ମେହୁଲ ଚୋକ୍‌ସି

# ଇସ୍ପାତ ସହରରେ ୫ ଦିନରେ ୫ ହତ୍ୟା

## ମାତୃହତ୍ୟାର ପ୍ରତିଶୋଧ ନେଇ ବାପାଙ୍କୁ ହତ୍ୟା

**ଇସ୍ପାତ ସହର ରାଉରକେଲା ଅଶାନ୍ତ ହୋଇପଡ଼ିଲାଣି। ସହରର ବିଭିନ୍ନ ଥାନା ଅଞ୍ଚଳରେ ଛୋଟ ଛୋଟ କଥାକୁ ନେଇ ମୁଣ୍ଡ ଗଡୁଛି। କେଉଁଠି ମଦ ନ ଦେବାରୁ ଯୁବକଙ୍କୁ ହତ୍ୟା କରାଯାଉଛି ତ' ଆଉ କେଉଁଠି ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହତ୍ୟା କରାଯାଉଛି। ଏପରି କି ସାମାନ୍ୟ ବଚସାକୁ କେନ୍ଦ୍ରକରି ମଧ୍ୟ ଜଣେ ଯୁବକଙ୍କୁ ମାରି ଦିଆଯାଇଛି। ବିଶେଷକରି ରବିବାର ରାତିରେ ଜଣେ ପୁଅ ମାତୃହତ୍ୟାର ପ୍ରତିଶୋଧ ନେବାକୁ ନିଜ ବାପାଙ୍କୁ ମଧ୍ୟ ହତ୍ୟା କରିବାକୁ ପଛାଇ ନାହାନ୍ତି। ସହରରେ ୫ ଦିନରେ ୫ ଜଣଙ୍କୁ ହତ୍ୟା କରାଯିବା ଆଇନଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷରେ ସମସ୍ତ ଘଟଣା ଉପରେ ଗୁରୁତ୍ୱ ଦିଆଯାଇ ତଦନ୍ତ କରାଯାଉଛି, ଅଭିଯୁକ୍ତମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଏସ୍‌ପି ନୀତେଶ ୱାଧୱାନି କହିଛନ୍ତି।**

**ରାଉରକେଲା,୧୪।୪(ସଙ୍ଗୀତା ଜେନା)**

ରାଉରକେଲା ପୋଲିସ ଜିଲାରେ ମାତୃହତ୍ୟାର ପ୍ରତିଶୋଧ ନେବାକୁ ଯାଇ ରବିବାର ରାତିରେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଭାଲୁପତ୍ରା ଗ୍ରାମର ଜଣେ ଯୁବକ ନିଜ ବାପାଙ୍କୁ ଲୁହା ପାଇପ୍‌ରେ ପିଟିହତ୍ୟା କରିଛନ୍ତି। ମୃତକ ହେଲେ କ୍ରାନ୍ତି କୁମାର ବର୍ମା(୬୦)। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ପୁଅ ବିଷ୍ଣୁ ବର୍ମା(୨୨)ଙ୍କୁ ଗିରଫ କରିବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରୁଛି। ଏ ନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ମାମଲା (ନଂ.୧୮୫/୨୫) ରୁଜୁ ହୋଇଛି।

ପୋଲିସ ସୂଚନାନୁସାରେ, ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଭାଲୁପତ୍ରା ଗ୍ରାମର କ୍ରାନ୍ତିକୁମାର ବଡ଼ପୁଅ ଶିବା ବର୍ମା ଓ ସାନପୁଅ ବିଷ୍ଣୁଙ୍କ ସହ ଗାଁରେ ରୁହନ୍ତି। ୨୦୦୯ରେ କ୍ରାନ୍ତି କୌଣସି କାରଣରୁ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଥିଲେ। ଉକ୍ତ ଘଟଣାରେ ସେ ଦୋଷୀ ସାବ୍ୟସ୍ତ ହୋଇ ଜେଲ୍ ଯାଇଥିଲେ। ୧୫ ବର୍ଷ ଜେଲ୍‌ଦଣ୍ଡ ଭୋଗିବା ପରେ ୨୦୨୪ ଡିସେମ୍ବର ମାସରେ ସେ ଜେଲରୁ ମୁକୁଳିଥିଲେ। ଜେଲରୁ ଫେରିବା ପରଠାରୁ କ୍ରାନ୍ତି ପୁଅ ବିଷ୍ଣୁଙ୍କୁ ବିଭିନ୍ନ ସମୟରେ ଗାଳିଗୁଲଜ ସହ ମାରପିଟ୍ କରୁଥିଲେ। ଏପରି କି ଗ୍ରାମର ମହିଳାମାନଙ୍କୁ ହଇରାଣ କରୁଥିଲେ। ରବିବାର ରାତି ୮ଟାରେ କ୍ରାନ୍ତି ଘରକୁ ଆସି ବିଷ୍ଣୁଙ୍କ ସହ ଝଗଡ଼ା କରିଥିଲେ। ଏଥିରେ ଅତିଷ୍ଠ ହୋଇ ବିଷ୍ଣୁ ରାସ୍ତାପାର୍ଶ୍ୱରେ ପଡ଼ିଥିବା ଏକ ଲୁହା ପାଇପ୍ ଆଣି କ୍ରାନ୍ତିଙ୍କ ମୁଣ୍ଡକୁ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାପରେ ବିଷ୍ଣୁ ନିକଟସ୍ଥ ଜଙ୍ଗଲକୁ ଯାଇ ଲୁଚିଥିଲେ। ସୋମବାର ସକାଳେ ଗାଁରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ କ୍ରାନ୍ତିଙ୍କ ମୃତଦେହ ପଡ଼ିଥିବା ଦେଖି ମୃତକଙ୍କ ବଡବୋହୂ ପ୍ରିୟା ବର୍ମା ବ୍ରାହ୍ମଣୀତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା।

ଉଲ୍ଲେଖଯୋଗ୍ୟ, ଗତ ବୁଧବାର ରାତିରେ ୨ଟି ହତ୍ୟାକାଣ୍ଡ ଘଟିଥିଲା। ପ୍ଲାଣ୍ଟସାଇଟ୍ ଥାନା ଗାନ୍ଧୀରୋଡ୍‌ରେ ଶୋଇଥିବା ଅବସ୍ଥାରେ ଏକ ଧାରୁଆ ଛୁରିରେ ମଧୁସୂଦନପାଲି ଅଞ୍ଚଳର ସୁଦୀପ କର(୩୭) ଓରଫ ବଙ୍ଗାଳିଙ୍କ ତଣ୍ଟିକାଟି ହତ୍ୟା କରାଯାଇଥିଲା। ଉକ୍ତ ଘଟଣାରେ ପୋଲିସ ଗୁରୁବାର ବିହାର ରାଜ୍ୟ ଗୟାର ମୂଳନିବାସୀ ତଥା ରାଉରକେଲା ନୂଆ ବସ୍ତିଷ୍ଟାଣ୍ଡ ଅଞ୍ଚଳରେ ରହୁଥିବା ସଞ୍ଜୟ ରବିଦାସ(୪୪)ଙ୍କୁ ଗିରଫ କରିଥିଲା। ସଞ୍ଜୟ ଏବଂ ବଙ୍ଗାଳି ଜରି ଓ ବର୍ଜ୍ୟବସ୍ତୁ ସଂଗ୍ରହ କରି ଚଳୁଥିଲେ। ସଞ୍ଜୟ ମଦ ପିଇବା ପାଇଁ ବଙ୍ଗାଳୀଙ୍କୁ ଟଙ୍କା ମାଗିଥିଲେ। ହେଲେ ସେ ନ ଦେବାରୁ ବଙ୍ଗାଳିଙ୍କୁ ହତ୍ୟା କରିଥିଲେ। ଅନ୍ୟଏକ ଘଟଣାରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପିଲାଚୋରି ଓ ପୋଲିସ**







# ୧୪ ବର୍ଷ ହେଲା ଜାପାନ ଜନସଂଖ୍ୟା କମିଚାଲିଛି

**ଟୋକିଓ, ୧୪।୪**

ଜାପାନର ଜନସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ୨୦୨୪ରେ ଦେଶର ସମୁଦାୟ ଜନସଂଖ୍ୟା ଲଗାତର ଚତୁର୍ଦ୍ଦଶ ବର୍ଷ ପାଇଁ ହ୍ରାସ ପାଇଥିବା ନେଇ ସୋମବାର ଜାପାନ ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ରିପୋର୍ଟ ଜାରି କରାଯାଇଛି। ଏହି ରିପୋର୍ଟ ଅନୁଯାୟୀ, ୨୦୨୪ ଅକ୍ଟୋବର ସୁଦ୍ଧା ଜାପାନର ସମୁଦାୟ ଜନସଂଖ୍ୟା ୧୨.୩୮ କୋଟି ରହିଛି। ୨୦୨୩ଠାରୁ ଜାପାନର ଜନସଂଖ୍ୟା ୫ ଲକ୍ଷ ୫୦ ହଜାର (୦.୪୪%) କମିଛି। ୨୦୦୮ରେ ଦେଶର ଜନସଂଖ୍ୟା ଶୀର୍ଷରେ ପହଞ୍ଚିବା ପରେ ୨୦୧୧ ପରଠାରୁ ଏହା ପ୍ରତିବର୍ଷ ହ୍ରାସ ପାଉଥିବା ନେଇ ରିପୋର୍ଟ କହିଛି।

ଜାପାନରେ ବୟସ୍କ ନାଗରିକଙ୍କ ସଂଖ୍ୟା ବଢ଼ିବା ସହ ଯୁବ ଜନସଂଖ୍ୟାରେ ହ୍ରାସ ଘଟିଛି, ଯାହାଫଳରେ ଦେଶରେ ବୟସ୍କ ଲୋକଙ୍କ ସମସ୍ୟା ବଢ଼ିଚାଲିଛି।



ଦେଶର ୧୫ରୁ କମ୍ ବୟସର ଜନସଂଖ୍ୟା ୧.୩୮ କୋଟି ରହିଛି, ଯାହା ହେଉଛି ସମୁଦାୟ ଜନସଂଖ୍ୟାର ୧୧.୨%। ୨୦୨୪ଠାରୁ ଜାପାନରେ ୧୫ ବର୍ଷରୁ କମ୍ ବୟସର ପିଲାଙ୍କ ସଂଖ୍ୟାରେ ୩ ଲକ୍ଷ ୪୩ ହଜାର ହ୍ରାସ ଘଟିଛି। ଚଳିତଥର ଏହି ସଂଖ୍ୟାରେ ସର୍ବାଧିକ ହ୍ରାସ ଘଟିଥିବା ନେଇ ଉକ୍ତ ରିପୋର୍ଟ କହିଛି। ସେହିପରି ଜାପାନରେ ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କ ସଂଖ୍ୟା ୩.୬୨ କୋଟି ରହିଛି। ସମୁଦାୟ ଜନସଂଖ୍ୟାର ରେକର୍ଡ ୨୯.୩%ରେ ଏହି ସଂଖ୍ୟା ପହଞ୍ଚିଥିବା ରିପୋର୍ଟ କହିଛି। ୨୦୨୩ ଅପେକ୍ଷା ୨୦୨୪ରେ ଦେଶର ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କ ସଂଖ୍ୟାରେ ୧୭ ହଜାର ବୃଦ୍ଧି ଘଟିଛି।

ଏହି ରିପୋର୍ଟ ଜାରି କରିବା ସମୟରେ ଜାପାନ ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରଣାଳୟର ମୁଖ୍ୟ କ୍ୟାବିନେଟ ସଚିବ ୟୋଶିମାସା ହୟାଶି କହିଛନ୍ତି, ଜାପାନରେ ଜନସଂଖ୍ୟା ହ୍ରାସର ସବୁଠାରୁ ବଡ଼ କାରଣ ହେଉଛି ଦେଶରେ ଜନ୍ମହାର ହ୍ରାସ ପାଇବା। ଜାପାନର ଅନେକ ଯୁବ ପରିବାର ପିଲା ଜନ୍ମ କରି ସେମାନଙ୍କୁ ଲାଳନ ପାଳନ କରିବାକୁ ଚାହୁଁଥିଲେ ମଧ୍ୟ ଆର୍ଥିକ ସମସ୍ୟା ଏବଂ ଅନ୍ୟାନ୍ୟ କାରଣ ଯୋଗୁ ସେମାନେ ଏହି ଇଚ୍ଛାକୁ ପୂରଣ କରିପାରୁନାହାନ୍ତି। ସେହିପରି ନିଯୁକ୍ତି ନ ମିଳିବା, ☞ପୃଷ୍ଠା-୪



## ସଂକ୍ଷେପରେ

### ସଲ୍‌ମାନଙ୍କୁ ପୁଣି ହତ୍ୟା ଧମକ

**ମୁମ୍ବାଇ, ୧୪।୪**

ବଲିଉଡ୍ ଅଭିନେତା ସଲ୍‌ମାନ ଖାନ୍‌ଙ୍କୁ ପୁଣିଥରେ ହତ୍ୟା ଧମକ ମିଳିଛି। ସୋମବାର ୱର୍ଲିସ୍ଥିତ ମୁମ୍ବାଇ ପୋଲିସର ଟ୍ରାଫିକ ଡିପାର୍ଟମେଣ୍ଟର ହ୍ୱାଟ୍ସଆପ ନମ୍ବରକୁ ସଲମାନଙ୍କ ଉଦ୍ଦେଶ୍ୟରେ ଏକ ଧମକପୂର୍ଣ୍ଣ


ସଲ୍‌ମାନ ଖାନ୍

ମେସେଜ୍ ଆସିଛି। ଏହି ମେସେଜରେ ସଲମାନଙ୍କ ଘରେ ପଶି ତାଙ୍କୁ ହତ୍ୟା କରାଯିବା ସହ ତାଙ୍କ କାର୍‌କୁ ବୋମାରେ ଉଡ଼ାଇ ଦିଆଯିବ ବୋଲି ଧମକ ଦିଆଯାଇଛି। ଘଟଣାକୁ ନେଇ ମୁମ୍ବାଇ ପୋଲିସ ନିଜଆଡୁ ମାମଲା ରୁଜୁ କରିଛି। ଏହାସହ ସଲମାନଙ୍କ ଘର ବାହାରେ ରହିଥିବା ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଗତବର୍ଷ ମଧ୍ୟ ସଲମାନଙ୍କୁ ଜୀବନରୁ ମାରିଦେବା ପାଇଁ ଅନେକ ଧମକପୂର୍ଣ୍ଣ ମେସେଜ୍ ମୁମ୍ବାଇ ପୋଲିସକୁ ମିଳିଥିଲା।

### ଅନୁସୂଚିତ ଜାତି ଉପବର୍ଗୀକରଣ ଲାଗୁକଲା ତେଲଙ୍ଗାନା

**ହାଇଦ୍ରାବାଦ,୧୪।୪**

ସମ୍ବିଧାନ ପ୍ରଣେତା ଡ. ବି.ଆର୍. ଆମ୍ବେଦ୍‌କରଙ୍କ ୧୩୪ତମ ଜନ୍ମବାର୍ଷିକୀ ଅବସରରେ ତେଲଙ୍ଗାନା ସରକାର ଏକ ଐତିହାସିକ ଘଟଣାକ୍ରମେ ସୋମବାର ରାଜ୍ୟରେ ଅନୁସୂଚିତ ଜାତି (ସଂରକ୍ଷଣର ସୁବ୍ୟବସ୍ଥୀକରଣ) ଆଇନ, ୨୦୨୫କୁ ଆନୁଷ୍ଠାନିକ ଭାବେ କାର୍ଯ୍ୟକାରୀ କରିଛନ୍ତି। ଅନୁସୂଚିତ ଜାତି (ଏସ୍‌ସି) ମଧ୍ୟରେ ରହିଥିବା ଆନ୍ତଃଜାତି ତାରତମ୍ୟ ଦୂର କରିବାରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି କୁହାଯାଉଛି। ଏହି ଆଇନ ବଳରେ ଅନୁସୂଚିତ ଜାତି ସଂରକ୍ଷଣ ବ୍ୟବସ୍ଥାର ଉପବର୍ଗୀକରଣ କାର୍ଯ୍ୟକାରୀ କରିବାରେ ତେଲଙ୍ଗାନା ଦେଶର ପ୍ରଥମ ରାଜ୍ୟ ହୋଇଛି। ପୂର୍ବରୁ ସୁପ୍ରିମକୋର୍ଟ ପଞ୍ଜାବ ସରକାର ବନାମ ଦାବିନ୍ଦର ସିଂ ମାମଲାରେ ଦେଇଥିବା ନିର୍ଣ୍ଣାୟକ ରାୟ ଅନୁସୂଚିତ ଜାତି ବର୍ଗ ମଧ୍ୟରେ ଭିନ୍ନ କୋଟା ପାଇଁ ଆଇନ ଆଣିବାକୁ ରାଜ୍ୟକୁ କ୍ଷମତା ଦେଇଥିଲା। ନୂଆ ଆଇନ ବଳରେ ୧୫ ପ୍ରତିଶତ ଏସ୍‌ସି କୋଟାକୁ ଜନସଂଖ୍ୟା ଏବଂ ସାମାଜିକ-ଅର୍ଥନୈତିକ ସୂଚକାଙ୍କ ଆଧାରରେ ୩ଟି ପ୍ରମୁଖ ଗ୍ରୁପ୍ ମଧ୍ୟରେ ଭାଗ କରାଯିବ।

### ଜେନେଭାରେ ନିଲାମ ହେବ ଭାରତର ଦୁର୍ଲଭ ହୀରା

**ଜେନେଭା, ୧୪।୪**

ଭାରତର ରାଜକୀୟ ଐତିହ୍ୟକୁ




ଦର୍ଶାଉଥିବା ବିରଳ 'ଦି ଗୋଲକୋଣ୍ଡା ବ୍ଲୁ' ହୀରା ଆସନ୍ତା ମେ ୧୪ରେ ଜେନେଭାସ୍ଥିତ 'କ୍ରିଷ୍ଟିଜ୍ ମାଗ୍ନିଫିସେଣ୍ଟ ଜୁଏଲ୍ସ ଅକ୍ସନ'ରେ ନିଲାମ ହେବ। ଐତିହାସିକଙ୍କ ଅନୁଯାୟୀ, 'ଦି ଗୋଲକୋଣ୍ଡା ବ୍ଲୁ' ହୀରା ବହୁ ବର୍ଷ ପୂର୍ବେ ଇନ୍ଦୋର ଏବଂ ବଡ଼ୋଦରାର ମହାରାଜାଙ୍କ ନିକଟରେ ରହିଥିଲା। ୨୩.୨୪ କ୍ୟାରେଟର ଏହି ଦୁର୍ଲଭ ନୀଳ ରଙ୍ଗର ହୀରାର ଆନୁମାନିକ ମୂଲ୍ୟ ୩୦୦ରୁ ୪୩୦ କୋଟି ମଧ୍ୟରେ ହୋଇଥିବା ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ଏହି ବିରଳ ହୀରା ପ୍ରସିଦ୍ଧ ଗୋଲକୁଣ୍ଡା ଖଣିରୁ ଉତ୍ପନ୍ନ ହୋଇଛି। ତେଣୁ ଏହାର ନାମ 'ଦି ଗୋଲକୋଣ୍ଡା ବ୍ଲୁ' ରଖାଯାଇଛି।

# ଇଂଲିଶ ପାଠ୍ୟପୁସ୍ତକର ହିନ୍ଦୀ ନାମକୁ ନେଇ ବିବାଦ

**ହାଇଦ୍ରାବାଦ,୧୪।୪**

ଇଂଲିଶ ମାଧ୍ୟମ ସ୍କୁଲଗୁଡ଼ିକରେ ପ୍ରଚଳିତ ନୂଆ ପାଠ୍ୟପୁସ୍ତକଗୁଡ଼ିକର ହିନ୍ଦୀ ନାମକରଣ କରାଇ ଜାତୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ବିବାଦ ଘେରକୁ ଆସିଛି। ଏପରିକି ଇଂଲିଶ ଭାଷା ଶିକ୍ଷା ପାଇଁ ଉଦ୍ଦିଷ୍ଟ ପୁସ୍ତକର ନାଁ ମଧ୍ୟରେ ହିନ୍ଦୀରେ ରଖାଯାଇଛି, ଯାହାକୁ ନେଇ ବିଶେଷଜ୍ଞ ଏବଂ ଶିକ୍ଷାବିତ୍‌ମାନେ ପ୍ରଶ୍ନ ଉଠାଇଛନ୍ତି। ଏଭଳି ପଦକ୍ଷେପ ଦ୍ୱନ୍ଦ୍ୱ ସୃଷ୍ଟି କରିବା ସହ ଦୀର୍ଘବର୍ଷ ଧରି ରହିଆସିଥିବା ଶିକ୍ଷା ନିୟମାବଳୀଠାରୁ ଦୂରେଇ ଯାଇଥିବା ସେମାନେ କହିଛନ୍ତି।

ଷଷ୍ଠ ଶ୍ରେଣୀ ଇଂଲିଶ ପାଠ୍ୟପୁସ୍ତକର ନାମ 'ପୂର୍ବୀ' ରଖାଯାଇଛି, ଯାହା ଏକ ହିନ୍ଦୀ ଶବ୍ଦ। ପୂର୍ବରୁ ଏହାର ନାମ ହନିସକଲ୍ ଥିଲା। ପୂର୍ବୀର ଅର୍ଥ ପୂର୍ବଭାଗ ଏବଂ ଶାସ୍ତ୍ରୀୟ ସଙ୍ଗୀତରେ ଏକ ରାଗର ନାମ। ହିନ୍ଦୀ ନାମ ପୂର୍ବୀ ରଖାଯିବାର ତାତ୍ପର୍ଯ୍ୟ ସମ୍ପର୍କରେ ଏହାର ଲେଖକ ତଥା ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ଦିନେଶ




ପ୍ରସାଦ ସକଲାନି ଏବଂ ଏକାଡେମିକ୍ କୋଅର୍ଡିନେଟର କୀର୍ତ୍ତି କପୁର କୌଣସି କାରଣ ଦର୍ଶାଇନାହାନ୍ତି। କେବଳ ଏତିକି କୁହାଯାଇଛି, ପୁସ୍ତକରେ ଭାରତୀୟ ଜ୍ଞାନବ୍ୟବସ୍ଥା, ସାଂସ୍କୃତିକ ଐତିହ୍ୟ, ଲିଙ୍ଗଗତ ସମାନତା, ସାଂଖ୍ୟିକ ଦକ୍ଷତା ଏବଂ ପରିବେଶ ଯତ୍ନ ଆଦି ଶୈକ୍ଷିକ ମୂଲ୍ୟବୋଧକୁ ସ୍ଥାନିତ କରାଯାଇଛି। ସେହିପରି ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀ ପାଠ୍ୟପୁସ୍ତକର ନାମ ମୃଦଙ୍ଗ ରଖାଯାଇଥିବାବେଳେ ତୃତୀୟ ଶ୍ରେଣୀ ପୁସ୍ତକର ନାମ ସନ୍ତୁର ରଖାଯାଇଛି। ଏଗୁଡ଼ିକ ଭାରତୀୟ ସଙ୍ଗୀତର ବାଦ୍ୟଯନ୍ତ୍ର ନାମ। ଷଷ୍ଠ ଶ୍ରେଣୀର ନୂଆ ବିଜ୍ଞାନ ପୁସ୍ତକର ଇଂଲିଶ ନାଁ ରହିଛି କ୍ୟୁରିଓସିଟି। ଏହାର ହିନ୍ଦୀ ଏବଂ ଉର୍ଦ୍ଦୁ ସଂସ୍କରଣର ନାମ ଯଥାକ୍ରମେ ଜିଜ୍ଞାସା ଏବଂ ତାଜସୁସ୍ ରଖାଯାଇଛି। ସେହିପରି ସାମାଜିକ ବିଜ୍ଞାନର ଇଂଲିଶ ଭର୍ସନ ପୁସ୍ତକ ନାମ 'ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ ବିୟଣ୍ଡ' ରଖାଯାଇଥିବାବେଳେ ହିନ୍ଦୀ ସଂସ୍କରଣର ନାମ 'ସମାଜ କା ଅଧ୍ୟୟନ: ଭାରତ ଔର ଉସ୍‌କେ ଆଗେ' ରହିଛି।

ଜାତୀୟ ଶିକ୍ଷାନୀତିରେ ତ୍ରିଭାଷୀ ନୀତିକୁ ତାମିଲନାଡୁ ସମେତ ବିଭିନ୍ନ ରାଜ୍ୟ ଦୃଢ଼ ବିରୋଧ କରୁଥିବାବେଳେ ଇଂଲିଶ ପାଠ୍ୟପୁସ୍ତକଗୁଡ଼ିକର ହିନ୍ଦୀ ନାମକରଣ ବିବାଦକୁ ଆହୁରି ବଢ଼ାଇଛି। ସ୍କୁଲ୍‌ରେ ତ୍ରିଭାଷୀ ନୀତି ଲାଗୁକରି ଅଣହିନ୍ଦୀ ଭାଷାଭାଷୀ ଅଞ୍ଚଳରେ ହିନ୍ଦୀ ଭାଷାକୁ ଜବରଦସ୍ତ ଲଦିଦେବାକୁ କେନ୍ଦ୍ର ସରକାର ଉଦ୍ୟମ ଚଳାଇଥିବା କହି ବିଭିନ୍ନ ରାଜ୍ୟ ଏହାର ବିରୋଧ କରିଆସୁଛନ୍ତି। ଅତୀତରେ ମଧ୍ୟ ଏନ୍‌ସିଇଆର୍‌ଟି ବିଭିନ୍ନ ଭାଷାର ପୁସ୍ତକରେ ଭିନ୍ନ ନାମକରଣ କରିଆସିଛି। ଉଦାହରଣ ସ୍ୱରୂପ ଷଷ୍ଠ ଶ୍ରେଣୀର ଗଣିତ ପୁସ୍ତକକୁ ଇଂଲିଶରେ ମାଥ୍‌ମେଟିକ୍ସ କୁହାଯାଉଥିବାବେଳେ ହିନ୍ଦୀରେ ଗଣିତ ଏବଂ ଉର୍ଦ୍ଦୁରେ ରିୟାଜି କୁହାଯାଇଥାଏ। କିନ୍ତୁ ଏବେ ଏହାର ଉଭୟ ଇଂଲିଶ ଏବଂ ହିନ୍ଦୀ ସଂସ୍କରଣର ନାମ 'ଗଣିତ ପ୍ରକାଶ' ରଖାଯାଇଛି।

# ଗୁଜରାଟ ଉପକୂଳରୁ ୧,୮୦୦ କୋଟିର ଡ୍ରଗ୍ସ ଜବତ



**ପୋରବନ୍ଦର, ୧୪।୪**

ଭାରତୀୟ ତଟରକ୍ଷୀ ବାହିନୀ ଏବଂ ଗୁଜରାଟ ଆଣ୍ଟି-ଟେରୋରିଷ୍ଟ ସ୍କ୍ୱାର୍ଡ୍ (ଏଟିଏସ୍) ଦ୍ୱାରା ଗୁଜରାଟ ଉପକୂଳରେ ଚାଲିଥିବା ଏକ ଡ୍ରଗ୍ସ ବିରୋଧୀ ଅଭିଯାନକୁ ସଫଳତା ମିଳିଛି। ଗୁଜରାଟ ଏଟିଏସ୍‌କୁ ମିଳିଥିବା ଏକ ଗୋଇନ୍ଦା ସୂଚନା ଆଧାରରେ ଗତ ୧୨ ଏବଂ ୧୩ ତାରିଖରେ ଭାରତୀୟ ତଟରକ୍ଷୀ ବାହିନୀ ଏବଂ ଗୁଜରାଟ ଏଟିଏସ୍ ପକ୍ଷରୁ ଗୁଜରାଟ ଉପକୂଳରେ ଆଣ୍ଟି ନାର୍କୋଟିକ୍ ଅପରେଶନ କରାଯାଇଥିଲା। ଏହି ଅଭିଯାନରେ ୧,୮୦୦ କୋଟି ମୂଲ୍ୟର ୩୦୦ କେ.ଜି.ରୁ ଅଧିକ ଡ୍ରଗ୍ସ ଜବତ କରାଯାଇଛି। ଉକ୍ତ ଡ୍ରଗ୍ସଗୁଡ଼ିକ କେତେଜଣ ଚୋରାଚାଲାଣକାରୀ ଏକ ସନ୍ଦିଗ୍ଧ ବୋଟ୍‌ରେ ଗୁଜରାଟ ଉପକୂଳର ଅନ୍ତର୍ଜାତୀୟ ସାମୁଦ୍ରିକ ସୀମା ରେଖା(ଆଇଏମ୍‌ବିଏଲ୍) ନିକଟରେ ଯାଉଥିବା ବେଳେ ଭାରତୀୟ ତଟରକ୍ଷୀ ବାହିନୀର ଏକ ଜାହାଜ ସେମାନଙ୍କୁ ଅଟକାଇଥିଲା। ତଟରକ୍ଷୀ ବାହିନୀର ଜାହାଜକୁ ଦେଖିବା ମାତ୍ରେ ଡ୍ରଗ୍ସ ଚୋରାଚାଲାଣକାରୀମାନେ ଏହି ନିଶା ଦ୍ରବ୍ୟଗୁଡ଼ିକୁ ସମୁଦ୍ରରେ ଫିଙ୍ଗି ଦେଇ ଆଇଏମ୍‌ବିଏଲ୍ ପାର୍ କରି ଖସି ପଳାଇଥିଲେ।



ବାବାସାହେବ ଭୀମରାଓ ଆମ୍ବେଡ୍‌କରଙ୍କ ଜନ୍ମବାର୍ଷିକୀ ଅବସରରେ ରାଜସ୍ଥାନର ବିଓ୍ୱାରଠାରେ ଆୟୋଜିତ ରାଲିରେ ମହିଳାମାନେ ସ୍ଲୋଗାନ ଦେଉଛନ୍ତି।

# ଜାତି ଜନଗଣନା ରିପୋର୍ଟକୁ ନେଇ କର୍ନାଟକ କଂଗ୍ରେସରେ ମତଭେଦ

**ବେଙ୍ଗାଲୁରୁ,୧୪।୪**

କର୍ନାଟକ ଜାତି ଜନଗଣନା ରିପୋର୍ଟ ପ୍ରଘଟ ହେବା ପରେ ଏହାକୁ ନେଇ ଶାସକ କଂଗ୍ରେସ ଦଳ ମଧ୍ୟରେ ମତଭେଦ ତୀବ୍ର ହୋଇଛି। ରାଜ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ୩୨ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଥିବାବେଳେ ଏହାକୁ ୫୧ ପ୍ରତିଶତ ଏବଂ ମୁସଲମାନ କୋଟାକୁ ୪ରୁ ୮ ପ୍ରତିଶତକୁ ବଢ଼ାଇବା ପାଇଁ ରିପୋର୍ଟରେ ସରକାରଙ୍କୁ ସୁପାରିସ କରାଯାଇଥିଲା। ଏହି ରିପୋର୍ଟ ବିଭିନ୍ନ ବର୍ଗର ନେତାମାନଙ୍କୁ କ୍ଷୁବ୍ଧ କରିଛି। ଉକ୍ତ ରିପୋର୍ଟକୁ ସେମାନେ ଜ୍ଞାନହୀନ କହିବା ସହ ଏହାକୁ ରଦ୍ଦ କରିବା ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି। ମୁସଲମାନମାନେ ଓବିସି ବର୍ଗରେ ରହିଥିଲେ।

ଜାତି ଜନଗଣନା ରିପୋର୍ଟ (ସାମାଜିକ-ଅର୍ଥନୈତିକ ଓ ଶିକ୍ଷାଗତ ସର୍ବେକ୍ଷଣ) ଉପରେ ଆଲୋଚନା ପାଇଁ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଆଗାମୀ ୧୭ ତାରିଖରେ କ୍ୟାବିନେଟ୍‌ର ସ୍ୱତନ୍ତ୍ର ବୈଠକ ଡାକିଥିବାବେଳେ ତାହା ପୂର୍ବରୁ ମତଭେଦ ତୀବ୍ର ହେବାରେ ଲାଗିଛି। ରିପୋର୍ଟର କପି ସମସ୍ତ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ରବିବାର ଦିଆଯାଇଥିଲା। କର୍ନାଟକର ମୋଟ ଲୋକସଂଖ୍ୟା ୫.୯ କୋଟି ହୋଇଥିବା ବେଳେ ଲିକ୍ ହୋଇଥିବା ରିପୋର୍ଟରେ ୨ ପ୍ରମୁଖ ଜାତି ଭୋକ୍କାଲିଗା ଏବଂ ଲିଙ୍ଗାୟତଙ୍କ ଅନୁପାତ କେତେ ତାହା ଉଲ୍ଲେଖ କରାଯାଇ ନାହିଁ। ବିଭିନ୍ନ ବର୍ଗ ପାଇଁ ପ୍ରସ୍ତାବିତ କୋଟାରେ ଦୁଇ ପରସ୍ପର ବିରୋଧୀ ଜାତିକୁ ରଖାଯାଇଛି। ବର୍ଗ ୩(ଏ)ରେ ଭୋକକାଲିଗା ଏବଂ ଅନ୍ୟ ଦୁଇଟି ପ୍ରମୁଖ ସମ୍ପ୍ରଦାୟକୁ ରଖାଯାଇଛି, ଯେଉଁମାନଙ୍କ ସଂଖ୍ୟା ୭୩ ଲକ୍ଷ। ସେମାନଙ୍କ ପାଇଁ ୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରଖାଯାଇଛି। ସେହିପରି ବର୍ଗ ୩(ବି)ରେ ବୀରାଶାଇବା-ଲିଙ୍ଗାୟତ ଏବଂ ଅନ୍ୟ ୫ଟି ସମ୍ପ୍ରଦାୟକୁ ରଖାଯାଇଛି, ଯେଉଁମାନଙ୍କ ମୋଟ ସଂଖ୍ୟା ୮୧.୩ ଲକ୍ଷ। ସେମାନଙ୍କ ପାଇଁ ରିପୋର୍ଟରେ ୮ ପ୍ରତିଶତ ସଂରକ୍ଷଣ ନିମନ୍ତେ ସୁପାରିସ କରାଯାଇଛି। ମୋଟ କୋଟା ପରିମାଣ ବର୍ତ୍ତମାନ ୫୦%ରେ ସୀମିତ ରହିଥିବାବେଳେ ଏହାକୁ ୭୩.୫%କୁ ବଢ଼ାଇବାକୁ ସୁପାରିସ କରାଯାଇଛି। ଲିଙ୍ଗାୟତଙ୍କ ମୋଟ ସଂଖ୍ୟା ଜଣା ନ ଥିବାରୁ ବାସ୍ତବତା ଏବଂ ସର୍ଭେ ରିପୋର୍ଟରେ ତାଳମେଳ ରହୁ ନ ଥିବା ଶିଳ୍ପମନ୍ତ୍ରୀ ତଥା ଲିଙ୍ଗାୟତ ନେତା ଏମ୍.ବି. ପାଟିଲ କହିଛନ୍ତି। ଅନୁସୂଚିତ ଜାତି ରାଜ୍ୟରେ ସର୍ବାଧିକ ଏବଂ ସେମାନଙ୍କ ସଂଖ୍ୟା ୧.୧ କୋଟି ହେବ। ସେମାନଙ୍କ ମଧ୍ୟରେ ୧୦୮ ଉପଜାତି ରହିଛି। ତେଣୁ ସର୍ଭେ ରିପୋର୍ଟ ଠିକ୍ ନୁହେଁ ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ଅଲ୍ ଇଣ୍ଡିଆ ବୀରାଶାଇବା ମହାସଭା ଅଧ୍ୟକ୍ଷ ଶାମାନୁର ଶିବଶଙ୍କରାପ୍ପା କହିଛନ୍ତି।

# ଭାରତ ପାଇଁ ହଜ୍ କୋଟା ୮୦% କମାଇଲା ସାଉଦି

**ଶ୍ରୀନଗର,୧୪।୪**

ସାଉଦି ଆରବ ଭାରତ ପାଇଁ ହଜ୍ କୋଟା ୮୦ ପ୍ରତିଶତ ହ୍ରାସ କରିଥିବାରୁ ଏହାକୁ ନେଇ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏବଂ ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି ସୋମବାର ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାଦ୍ୱାରା ୫୨,୦୦୦ରୁ ଉର୍ଦ୍ଧ୍ୱ ଭାରତୀୟ ହଜ୍ ଯାତ୍ରାରୁ ବଞ୍ଚିତ ହେବେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଅର୍ଥ ମଧ୍ୟ ପୈଠ କରିସାରିଛନ୍ତି। ସେମାନଙ୍କ ସ୍ୱାର୍ଥର ସମାଧାନ ବାଟ ବାହାର କରିବା ଲାଗି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ତୁରନ୍ତ ସାଉଦି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ଓମାର ଏବଂ ମେହବୁବା ଦାବି କରିଛନ୍ତି। ଭାରତ ପାଇଁ ହଜ୍ କୋଟା ହ୍ରାସ ରିପୋର୍ଟ ପ୍ରକାଶ ପାଇବା ପରେ ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଦାବି କରିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଫାରୁକ୍


ଫାରୁକ୍ ଅବଦୁଲ୍ଲା

ପ୍ରତ୍ୟେକ ମୁସଲମାନ ଜୀବନରେ ଅନ୍ତତଃ ଥରେ ହଜ୍ ଯିବା ଲାଗି ସ୍ୱପ୍ନ ଦେଖିଥାନ୍ତି। ସାଉଦି ନେତୃତ୍ୱ ସହ ପ୍ରଧାନମନ୍ତ୍ରୀଙ୍କର ଭଲ ସମ୍ପର୍କ ରହିଥିବାରୁ ସେ ଉକ୍ତ ପ୍ରସଙ୍ଗ ସେମାନଙ୍କ ନିକଟରେ ଉପସ୍ଥାପନ କରିବାକୁ ଫାରୁକ୍ ନିବେଦନ କରିଛନ୍ତି।

# ଅନ୍ୟ ଜିଲ୍ଲାକୁ ବ୍ୟାପିଲା ୱାକ୍‌ଫ ହିଂସା

**କୋଲକାତା,୧୪।୪**

ୱାକ୍‌ଫ ସଂଶୋଧନ ଆଇନକୁ ବିରୋଧ କରି ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲାରେ ହିଂସାକାଣ୍ଡରେ ୩ ଜଣଙ୍କ ଜୀବନ ଯିବା ସହ ଅନେକେ ଆହତ ହୋଇଥିଲେ। ଏବେ ଏହି ହିଂସା ଦକ୍ଷିଣ ୨୪ ପ୍ରଗଣା ଜିଲାକୁ ବ୍ୟାପିଛି। ସୋମବାର ସାନ ହିଂସାରେ ୮ ଜଣ ପୋଲିସ କର୍ମଚାରୀ ଆହତ ହେବା ସହ ଗୋଟିଏ ପୋଲିସ ଭ୍ୟାନ୍ ଓ କେତେକ ମୋଟରସାଇକେଲ୍ ଭାଙ୍ଗିରୁଜି ଯାଇଛି। ବିକ୍ଷୋଭକାରୀ କେତେକ ଗାଡ଼ିରେ ନିଆଁ ଲଗାଇଦେଇଛନ୍ତି। ହିଂସାରେ ସମ୍ପୃକ୍ତି ନେଇ ୨ ଜଣଙ୍କୁ ଗିରଫ କରାଯାଇଛି।

ହିଂସାକୁ ନେଇ କୋଲକାତା ପୋଲିସ ଅଧୀନ ଏକ ଥାନାରେ ମାମଲା ରୁଜୁ କରାଯିବା ସହ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରହିଛି। ଭଙ୍ଗାର ବିଧାୟକ ସୌଶାଦ ସିଦ୍ଦିକି ଭାଷଣ ଦେବାକୁ ଥିବା ଏକ ୱାକ୍‌ଫ ଆଇନ ବିରୋଧୀ ରାଲିରେ ଯୋଗଦେବାକୁ ଯାଉଥିବା

### ୮ ପୋଲିସ ଆହତ, ଗାଡ଼ି ଭଙ୍ଗାରୁଜା


ବିକ୍ଷୋଭକାରୀ ପୋଲିସ ଭ୍ୟାନ୍ ଭାଙ୍ଗିବା ସହ ଗାଡ଼ି ଜାଳି ଦେଇଛନ୍ତି।

ଆଇଏସ୍‌ଏଫ୍ (ଇଣ୍ଡିଆନ୍ ସେକ୍ୟୁଲାର ଫ୍ରଣ୍ଟ) ସମର୍ଥକମାନଙ୍କୁ ପୋଲିସ ଅଟକାଇବାରୁ ସେମାନଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ବିକ୍ଷୋଭକାରୀଙ୍କୁ ବାସନ୍ତୀ ହାଇୱେରେ ଭୋଜେରହାଟ ନିକଟରେ ଅଟକାଯାଇଥିଲା। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲାଠିଚାଳନା କରିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ରାମଲୀଳା ମଇଦାନରେ ରାଲି ପାଇଁ ଅନୁମତି ନ ଥିବାବେଳେ ପୋଲିସ ବିକ୍ଷୋଭକାରୀଙ୍କୁ ଅଟକାଇବାରୁ ହିଂସା ସୃଷ୍ଟି ହୋଇଥିଲା। ସଂଘର୍ଷରେ ଆଇଏସ୍‌ଏଫ୍‌ର ଜଣେ କର୍ମୀଙ୍କ ମୁଣ୍ଡ ଫାଟିଥିବା ଜଣାପଡ଼ିଛି। ପଶ୍ଚିମବଙ୍ଗରେ ନୂଆ ୱାକ୍‌ଫ ଆଇନ ଲାଗୁ ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରତିଶ୍ରୁତି ଦେଇଥିଲାବେଳେ ବିକ୍ଷୋଭକୁ ବନ୍ଦ କରାଯାଉଛି କାହିଁକି ବୋଲି ଆଇଏସ୍‌ଏଫ୍ ପ୍ରଶ୍ନ କରିଛି।

ମୁସଲମାନ ବହୁଳ ମୁର୍ଶିଦାବାଦରେ ଶୁକ୍ରବାର ନୂଆ ୱାକ୍‌ଫ ଆଇନ ବିରୋଧୀ ବିକ୍ଷୋଭ ବେଳେ ହିଂସାକାଣ୍ଡ ଘଟି ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଏପର୍ଯ୍ୟନ୍ତ ୨୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରାଗଲାଣି। ଉକ୍ତ ଅଞ୍ଚଳ ଉତ୍ତେଜନାପୂର୍ଣ୍ଣ ରହିଥିବାରୁ କେନ୍ଦ୍ରୀୟ ସଶସ୍ତ୍ର ବାହିନୀକୁ ମୁତୟନ କରାଯାଇଛି। ହିଂସାର ଏସ୍‌ଆଇଟି ତଦନ୍ତ ଅଦାଲତଙ୍କ ତତ୍ତ୍ୱାବଧାନରେ କରାଯିବା ପାଇଁ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଛି।

## ଫୁର୍‌ସତ

କରୀନା କପୁର



### କରୀନାଙ୍କ ଆଗାମୀ ପ୍ରୋଜେକ୍ଟ 'ଦାୟରା'

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କରୀନା କପୁର ତାଙ୍କ ନୂତନ ପ୍ରୋଜେକ୍ଟ ସମ୍ପର୍କରେ ସୋମବାର ଇନ୍‌ଷ୍ଟାଗ୍ରାମରେ ଘୋଷଣା କରିଛନ୍ତି। ଆଗାମୀ ଦିନରେ ସେ ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶିକା ମେଘନା ଗୁଲଜାରଙ୍କ 'ଦାୟରା' ଫିଲ୍ମରେ ନଜରକୁ ଆସିବେ ବୋଲି କରୀନା ନିଜ ପ୍ରଶଂସକଙ୍କୁ ଜଣାଇଛନ୍ତି। ଫିଲ୍ମରେ କରୀନାଙ୍କ ବିପକ୍ଷରେ ଅଭିନେତା ପୃଥ୍ୱୀରାଜ ସୁକୁମାରନଙ୍କୁ ଦେଖିବାକୁ ମିଳିବ। 'ଦାୟରା' ଏକ ଏଣ୍ଟରଟେନ୍‌ମେଣ୍ଟ କ୍ରାଇମ୍ ଡ୍ରାମା ଫିଲ୍ମ ହୋଇଥିବାବେଳେ ଏହା ଅପରାଧ, ଏହାର ଦଣ୍ଡ ଏବଂ ନ୍ୟାୟ ମଧ୍ୟରେ ସଂଘର୍ଷକୁ ଆଲୋକିତ କରୁଛି। ସେହିପରି ଏହି ଫିଲ୍ମ ସାମ୍ପ୍ରତିକ ସମୟରେ ସମାଜରେ ଦେଖାଯାଉଥିବା ବିଭିନ୍ନ ସମସ୍ୟାକୁ ମଧ୍ୟ ଉପସ୍ଥାପନ କରିବ ବୋଲି କରୀନା ତାଙ୍କ ପୋଷ୍ଟରେ ଲେଖିଛନ୍ତି। କରୀନା ଆହୁରି ଲେଖିଛନ୍ତି, ଚଳିତ ବର୍ଷ ସେ ହିନ୍ଦୀ ସିନେମା ଇଣ୍ଡଷ୍ଟ୍ରିରେ ୨୫ ବର୍ଷ ପୂରଣ କରିଛନ୍ତି। ଏହି ଅବସରରେ ସେ ତାଙ୍କ ଆଗାମୀ ଫିଲ୍ମ 'ଦାୟରା'କୁ ନେଇ ଖୁବ୍ ଉତ୍ସାହିତ ଅଛନ୍ତି। ସେହିପରି ନିର୍ଦ୍ଦେଶିକା ମେଘନା ଗୁଲଜାରଙ୍କର ସେ ଜଣେ ବଡ଼ ପ୍ରଶଂସକ ହୋଇଥିବା କରୀନା କହିଛନ୍ତି। ତେବେ 'ଦାୟରା' ଫିଲ୍ମର ଶୁଟିଂ କେବେ ଆରମ୍ଭ ହେଉଛି ଏବଂ ଏହି ଫିଲ୍ମ କେବେ ରିଲିଜ୍ ହେବ ସେନେଇ ବର୍ତ୍ତମାନ ସୁଦ୍ଧା ଫିଲ୍ମ ନିର୍ମାତାଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।

### ପ୍ରଥମ ୩ଡି-ପ୍ରିଣ୍ଟେଡ୍ ରେଳଷ୍ଟେଶନ

**ଟୋକିଓ:** ବିଶ୍ୱରେ ପ୍ରଥମ ଥର ପାଇଁ ୩ଡି-ପ୍ରିଣ୍ଟେଡ୍ ଉପାଦାନର ବ୍ୟବହାର କରାଯାଇ ୬ ଘଣ୍ଟାରୁ କମ୍ ସମୟ ମଧ୍ୟରେ ଏକ ରେଳଷ୍ଟେଶନର ନିର୍ମାଣ କରାଯାଇଛି। ନ୍ୟୁୟର୍କ ଟାଇମ୍ସ ରିପୋର୍ଟ ଅନୁଯାୟୀ, ଜାପାନର ନିର୍ମାଣକାରୀ ସଂସ୍ଥା ସେରେଣ୍ଡିକ୍ସ ଦ୍ୱାରା ରାତିର ଶେଷ ଟ୍ରେନ୍ ଛାଡିବା ଏବଂ ସକାଳର ପ୍ରଥମ ଟ୍ରେନ୍‌ର ଆଗମନ ମଧ୍ୟରେ ସ୍ଥାନୀୟ ହତ୍ସୁସୀମା ରେଳ ଷ୍ଟେଶନକୁ ବିଶ୍ୱର ପ୍ରଥମ ୩ଡି-ପ୍ରିଣ୍ଟେଡ୍ ରେଳଷ୍ଟେଶନ ଭାବେ ପ୍ରସ୍ତୁତ କରାଯାଇଛି।

ୱାକାୟାମା ରାଜ୍ୟ ଅରିଦା ସହରସ୍ଥିତ ହତ୍ସୁସୀମା ହେଉଛି ଏକ ସମୁଦ୍ର କୂଳିଆ ଶାନ୍ତ ଅଞ୍ଚଳ। ଏଠାରେ ୨୫ ହଜାର ଲୋକ ବସବାସ କରନ୍ତି। ଏହି ନୂତନ ରେଳଷ୍ଟେଶନ ୧୦୦ ବର୍ଗଫୁଟରୁ ଅଧିକ ଭୂମିରେ ପରିବ୍ୟାପ୍ତ ରହିଛି। ପଶ୍ଚିମ ଜାପାନ ରେଳ କମ୍ପାନୀ (ଜେଆର ୱେଷ୍ଟ) ଅନୁଯାୟୀ, ପାରମ୍ପରିକ ପଦ୍ଧତିର ବ୍ୟବହାର କରି ଉକ୍ତ ରେଳଷ୍ଟେଶନକୁ ନିର୍ମାଣ କରାଯାଇଥିଲେ, ୨ ମାସରୁ ଅଧିକ ସମୟ ଲାଗିବା ସହ




୨ ଗୁଣ ଅଧିକ ଖର୍ଚ୍ଚ ହୋଇଥାନ୍ତା।

ଏହି ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ଜେଆର୍ ୱେଷ୍ଟ ପକ୍ଷରୁ ନିର୍ମାଣକାରୀ ସଂସ୍ଥା ସେରେଣ୍ଡିକ୍ସକୁ ନିୟୋଜିତ କରାଯାଇଥିଲା। ହତ୍ସୁସୀମାଠାରୁ ପ୍ରାୟ ୫୦୦ ମାଇଲ ଦୂରରେ ଅବସ୍ଥିତ କୁମାମୋଟୋ ରାଜ୍ୟର ଏକ କାରଖାନାରେ ଏହି ରେଳ ଷ୍ଟେଶନର ବ୍ୟବହୃତ ଅଂଶଗୁଡ଼ିକୁ ମୁଦ୍ରିତ କରାଯାଇଥିଲା। ମୁଦ୍ରଣ ଏବଂ କଂକ୍ରିଟ୍ ସୁଦୃଢ଼ୀକରଣ ପାଇଁ ୭ ଦିନ ସମୟ ଲାଗିଥିଲା। ପରେ ଉପାଦାନଗୁଡ଼ିକୁ ସଡ଼କ ମାଧ୍ୟମରେ ପରିବହନ କରାଯାଇ ଷ୍ଟେଶନ ନିର୍ମାଣ ସ୍ଥାନକୁ ନିଆଯାଇଥିଲା।

ସ୍ଥାନୀୟ ସମୟ ରବିବାର ରାତି ୧୧.୫୭ରେ ହତ୍ସୁସୀମା ରେଳଷ୍ଟେଶନରୁ ଶେଷ ଟ୍ରେନ୍ ଛାଡ଼ିଥିଲା। ପରେ ସଙ୍ଗେସଙ୍ଗେ ଶ୍ରମିକମାନେ ୩ଡି-ମୁଦ୍ରିତ ଖଣ୍ଡଗୁଡ଼ିକୁ ଏକାଠି କରିବା ଆରମ୍ଭ କରିଥିଲେ। ପ୍ରତ୍ୟେକ ୩ଡି ବ୍ଲକ୍‌କୁ ଉଠାଇ ପୁରୁଣା ଷ୍ଟେଶନ ନିକଟରେ ରଖିବା ପାଇଁ କ୍ରେନ୍‌ର ବ୍ୟବହାର କରାଯାଇଥିଲା। ସୋମବାର ପ୍ରଥମ ଟ୍ରେନ୍ ସ୍ଥାନୀୟ ସମୟ ଭୋର୍ ୫ଟା ୪୫ରେ ପହଞ୍ଚିବା ପୂର୍ବରୁ ଏହି ନୂତନ ୩ଡି-ପ୍ରିଣ୍ଟେଡ୍ ରେଳଷ୍ଟେଶନର ଢାଞ୍ଚା ପ୍ରସ୍ତୁତ ହୋଇସାରିଥିଲା।

ବିଶ୍ୱର ପ୍ରଥମ ୩ଡି-ପ୍ରିଣ୍ଟେଡ୍ ରେଳଷ୍ଟେଶନ ବିଲ୍ଡିଂର ନିର୍ମାଣ ଶେଷ ହୋଇଥିବା ବେଳେ ଏବେ ମଧ୍ୟ ଏହି ଷ୍ଟେଶନରେ ଟିକେଟ ମେଶିନ ଏବଂ ଟ୍ରାନ୍ସପୋର୍ଟେଶନ କାର୍ଡ ରିଡର୍ ପରି ମେଶିନର ଆବଶ୍ୟକତା ରହିଛି। ଖୁବ୍‌ଶୀଘ୍ର ହତ୍ସୁସୀମା ରେଳଷ୍ଟେଶନରେ ଏହି ମେଶିନଗୁଡ଼ିକୁ ଉପଲବ୍ଧ କରାଯିବ ବୋଲି ସେରେଣ୍ଡିକ୍ସ କହିଛି। ସେହିପରି ଆସନ୍ତା ଜୁଲାଇରେ ଏହି ନୂତନ ରେଳଷ୍ଟେଶନ ବିଲ୍ଡିଂକୁ ଜନସାଧାରଣଙ୍କ ପାଇଁ ଖୋଲାଯିବ ବୋଲି ରିପୋର୍ଟ ପ୍ରକାଶ ପାଇଛି।




# ୮ ମାସ ପରେ ବି ମିଳୁନି ରାଜ୍ୟ ସ୍ୱତନ୍ତ୍ର କାର୍ଯ୍ୟ ଖସଡ଼ା

## ସମନ୍ୱୟ ରକ୍ଷା କରୁଛି କିଏ: ଅନୁ


**ଭୁବନେଶ୍ୱର,୧୪।୪ (ରବିନାରାୟଣ ଜେନା)**

ସମନ୍ୱୟ ରକ୍ଷା କରୁଛି କିଏ? ବିଭାଗୀୟ ଅଧିକାରୀଙ୍କ ଅବହେଳାକୁ ନେଇ ଏହିଭଳି ମନ୍ତବ୍ୟ ଦେଇଛନ୍ତି ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ତଥା ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ। ୮ ମାସ ପରେ ବି ଜଳସମ୍ପଦ ବିଭାଗ ପକ୍ଷରୁ ରାଜ୍ୟ ସ୍ୱତନ୍ତ୍ର କାର୍ଯ୍ୟ ଖସଡ଼ା(ଏସ୍‌ଏସ୍‌ଏପି) ସମ୍ପର୍କିତ କୌଣସି ପ୍ରସ୍ତାବ ନ ମିଳିବାରୁ ଚଳିତମାସ ୩ରେ ଉତ୍ତର-ପୂର୍ବାଞ୍ଚଳ ଆଞ୍ଚଳିକ ଜଳ ଓ ଭୂପରିଚାଳନା ଅନୁଷ୍ଠାନ (ଏନ୍‌ଇଆର୍‌ଆଇଡବ୍ଲ୍ୟୁଏଲ୍‌ଏମ୍)ଙ୍କ ପତ୍ର ପାଇବା ପରେ ଉନ୍ନୟନ ଆୟୁକ୍ତ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଏଭଳି ଟିପ୍ପଣୀ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଏନ୍‌ଇଆର୍‌ଆଇଡବ୍ଲ୍ୟୁଏଲ୍‌ଏମ୍ ପକ୍ଷରୁ ଜୁଲାଇ ୨୪ରେ ସବୁ ରାଜ୍ୟର ଜଳସମ୍ପଦ ବିଭାଗ ସହିତ ଏକ ସମୀକ୍ଷା ବୈଠକ କରାଯାଇଥିଲା। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜଳ ପରିଚାଳନା ନେଇ ସ୍ୱତନ୍ତ୍ର କାର୍ଯ୍ୟ ଖସଡ଼ା ନିର୍ଦ୍ଧାରିତ ସମୟ ଭିତରେ ଦେବାକୁ କୁହାଯାଇଥିଲା। ହେଲେ ଇତିମଧ୍ୟରେ ସାଢ଼େ ୮ମାସ ବିତି ଯାଇଥିଲେ ହେଁ ଜଳସମ୍ପଦ ବିଭାଗ ପକ୍ଷରୁ କୌଣସି ଉତ୍ତର ଏପର୍ଯ୍ୟନ୍ତ ଏନ୍‌ଇଆର୍‌ଆଇଡବ୍ଲ୍ୟୁଏଲ୍‌ଏମ୍‌କୁ ପ୍ରଦାନକରାଯାଇନାହିଁ।ଏହାକୁନେଇ ଏନ୍‌ଇଆର୍‌ଆଇଡବ୍ଲ୍ୟୁଏଲ୍‌ଏମ୍‌ର ନିର୍ଦ୍ଦେଶକ ପ୍ରଦୀପ କୁମାର ବୋରା ଚଳିତମାସ ୩ରେ ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବଙ୍କୁ ପତ୍ର ଲେଖି ଏଭଳି ଅବହେଳା କ'ଣ ପାଇଁ ବିଭାଗ ପକ୍ଷରୁ କରାଯାଇଛି ବୋଲି ପ୍ରଶ୍ନ କରିଛନ୍ତି। ଏହି ପତ୍ରର ଅବିକଳ ନକଲ ଏଠାରେ ଛପାଯାଇଛି।

ବୋରା ଦର୍ଶାଇଛନ୍ତି, ଜାତୀୟ ଜଳ ଆୟୋଗଙ୍କ ପକ୍ଷରୁ ଜୁଲାଇ ୨୪ରେ ହୋଇଥିବା ସମୀକ୍ଷା ବେଳେ ରାଜ୍ୟ ସରକାର ଏସଂକ୍ରାନ୍ତରେ ସ୍ୱତନ୍ତ୍ର ପ୍ରସ୍ତାବ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ଅନୁଯାୟୀ, ୨୦୨୪ ନଭେମ୍ବର ୧୦ ସୁଦ୍ଧା ଓଡ଼ିଶା ପକ୍ଷରୁ ଡିଏସ୍‌ଆର୍ ପ୍ରସ୍ତାବ ମିଳିବା କଥା। ସେହିପରି ମାର୍ଚ୍ଚ ସୁଦ୍ଧା ମଧ୍ୟବର୍ତ୍ତୀ ରିପୋର୍ଟ ପ୍ରଦାନ କରାଯିବା କଥା। ସେହିପରି ଜୁଲାଇ ୨୦୨୫ ସୁଦ୍ଧା ଏସ୍‌ଏସ୍‌ଏପି ପୂର୍ଣ୍ଣାଙ୍ଗ ତଥ୍ୟ ପ୍ରଦାନ କରାଯିବା କଥା। ହେଲେ ଏପର୍ଯ୍ୟନ୍ତ କୌଣସି ପ୍ରସ୍ତାବ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିନାହିଁ। ଜଳସମ୍ପଦ ବିଭାଗ ପକ୍ଷରୁ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା ନିରର୍ଥକ ହୋଇଛି। ତେଣୁ ତୁରନ୍ତ ଏସ୍‌ଏସ୍‌ଏପି ପଠାଇବାକୁ ବୋରା ପତ୍ରରେ ଉଲ୍ଲେଖ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୨୪ ଜୁଲାଇ ୨୭ରେ ଏନ୍‌ଇଆର୍‌ଆଇଡବ୍ଲ୍ୟୁଏଲ୍‌ଏମ୍ ଅତିରିକ୍ତ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ୧୩ଟି ରାଜ୍ୟ ଓ ୬ଟି କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ ଜଳ ପରିଚାଳନା ସଂକ୍ରାନ୍ତରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ରାଜ୍ୟ ପକ୍ଷରୁ କେବେସୁଦ୍ଧା ଡିଏସ୍‌ଆର୍ ରିପୋର୍ଟ ଓ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରାଯିବ ସେ ନେଇ ନିଷ୍ପତ୍ତି ହୋଇଥିଲା। ହେଲେ ୮ମାସ ପରେ ବି ଏନ୍‌ଇଆର୍‌ଆଇଡବ୍ଲ୍ୟୁଏଲ୍‌ଏମ୍ ନିକଟରେ ରାଜ୍ୟର ଏସ୍‌ଏସ୍‌ଏପି ରିପୋର୍ଟ ପହଞ୍ଚି ପାରି ନାହିଁ। ଏହାକୁ ନେଇ ଏନ୍‌ଇଆର୍‌ଆଇଡବ୍ଲ୍ୟୁଏଲ୍‌ଏମ୍ ରାଜ୍ୟ ଜଳସମ୍ପଦ ବିଭାଗକୁ ପତ୍ର ଲେଖି ତାଗିଦ କରିଥିବା ବେଳେ ବିଭାଗୀୟ ଅତିରିକ୍ତ ସଚିବ ଅନୁ ଗର୍ଗ ଏଭଳି ଅସନ୍ତୋଷ ବ୍ୟକ୍ତ କରିବା ସହିତ ସେଚସଦନସ୍ଥିତ ସର୍ବୋଚ୍ଚ ଯନ୍ତ୍ରୀଙ୍କଠାରୁ ରିପୋର୍ଟ ଲୋଡ଼ିଛନ୍ତି। ରୁର୍‌କୀ ଆଇଆଇଟି ସହିତ ପରାମର୍ଶ କରି ଯଥାଶୀଘ୍ର ରିପୋର୍ଟ ଦେବାକୁ ପତ୍ରରେ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ କୁହାଯାଇଛି।



NRWM/WRE/13/Part-VIII/86/2023-24

Downloaded from wrsec.or@nic.in

Website: www.neriwalm.gov.in
E-mail: director.neriwalm@gmail.com
Ph No.03712-291069

दोलाबारी, कालियाभोमोरा
Dolabari, P.O. Kaliabhomora
तेजपुर-784027, असम (भारत)
Tezpur-784027, Assam (India)

पूर्वोत्तर क्षेत्रीय जल और भूमि प्रबंधन संस्थान
NORTH EASTERN REGIONAL INSITITUTE OF WATER AND LAND MANAGEMENT
जलसंसाधन, नदीविकास और गंगा कायाकल्प विभाग, जल शक्ति मंत्रालय, भारत सरकार के अधीन एक संस्थान
An Institute under the Department of Water Resources, River Development and Ganga Rejuvenation, Ministry of Jal Shakti, Govt. of India, Registered under Societies Registration Act, 1860

No. NRWM/WRE/13/Part-VIII/86/2023-24/ Dated:

To,
Principal Secretary,
Water Resources Department,
Govt. of Odisha,
Odisha State Secretariat, Sachivalaya Marg, Unit-2, ... Nagar
Bhubaneswar, Odisha 75100
Email: wrsec@ori.nic.in

Sub: Preparation of State Specific Action Plan (SSAP) for Water Sector for the state of Odisha-action regarding fulfilling the commitments given in the review meeting held on 24.07.2024.

Ref: Minutes of review meeting dated 24.07.2024 vide No. M-93011/11/2024-O/o Adv (NWM-TECH)-MOWR/2491-2495 dated 30.07.2024.

Sir,
Kindly refer to the Minutes of the Review Meeting held on 24.07.2024, as communicated through the letter cited above from the National Water Mission, Department of Water Resources, River Development & Ganga Rejuvenation, Ministry of Jal Shakti, Government of India given as reference.

As per the deliberations of the said meeting, the following commitments were made by the State of Odisha with respect to the preparation of the State Specific Action Plan (SSAP) for the Water Sector:

| Sl. No. | Name of the state | Commitment given by the state |
|---|---|---|
| 1. | Odisha | a) Submission of DSR: 10th November, 2024<br>b) Submsiion of Interim Report: March, 2025<br>c) Submission of Final Report: July, 2025 |

However, it has been observed with concern that none of the above commitments have been fulfilled to date.

It is therefore requested to kindly take immediate necessary action to expedite the preparation and submission of the SSAP for the state of Odisha as per the agreed timelines.

With kind regards.

Yours faithfully

Digitally signed by Pradip Kumar Bora
Date: 28-03-2025 16:26:53
(Pradip Kumar Bora)
Director

Enclosed: as above

Copy for information to:
1. Additional Secretary and Mission Director, National Water Mission, Department of Water Resources, RD & GR, Ministry of Jal Shakti, Govt. of India, 2nd Floor, Block No. 3, CGO Complex, Lodhi Road, New Delhi - 110 003. Email: md.nwm@gov.in.
2. Engineer in Chief, Water Resources Department, Bhubaneswar – 751001. Email: eic-wr.od@nic.in.

ଏନ୍‌ଇଆର୍‌ଆଇଡବ୍ଲ୍ୟୁଏଲ୍‌ଏମର ନିର୍ଦ୍ଦେଶକ ପ୍ରଦୀପ କୁମାର ବୋରାଙ୍କ ଚିଠି।

# ଆହୁରି ସପ୍ତାହେ କାଳବୈଶାଖୀ ବର୍ଷା

**ଭୁବନେଶ୍ୱର, ୧୪।୪ (ଅନୁରାଧା ମହାରଣା)**

ରାଜ୍ୟରେ ଗତ କିଛିଦିନ ଧରି କାଳବୈଶାଖୀ ଜାରି ରହିଛି। ବିଭିନ୍ନ ଜିଲାରେ ବିଜୁଳି ଘଡ଼ଘଡ଼ି ସହ କୁଆପଥର ବର୍ଷା ଦେଖିବାକୁ ମିଳୁଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ କାଳବୈଶାଖୀଜନିତ ଝଡ଼ବର୍ଷା ଲାଗିରହିବ। ସୋମବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ଗଜପତି ଏବଂ ଗଞ୍ଜାମ ଜିଲାରେ ବର୍ଷା ହୋଇଛି। ମଙ୍ଗଳବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଆଦି ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହ ଘଣ୍ଟାପ୍ରତି ୪୦ରୁ ୫୦ କି.ମି. ବେଗରେ ପବନ ବହିବା ସମ୍ଭାବନା ଥିବାରୁ ଏସବୁ ଜିଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟର ପ୍ରାୟ ୫ ସ୍ଥାନରେ ଦିନ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଉପରେ ରହିଥିଲା। ଆସନ୍ତା ୪ରୁ ୫ ଦିନ ପର୍ଯ୍ୟନ୍ତ ରାଜ୍ୟ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# ନିଆଁରେ ଚାଲୁଥିବା ମାନସିକଧାରୀଙ୍କ ମୃତ୍ୟୁ

## ଝାମୁଯାତ୍ରାରେ ଅଘଟଣ



ସୁରେଶ ବେହେରା

**ବାଙ୍କୀ,୧୪।୪(ଶୁଭେନ୍ଦୁ ମହାପାତ୍ର)**

କଟକ ଜିଲା ବାଙ୍କୀ ଥାନା ସୁବର୍ଣ୍ଣପୁର ବିଟ୍ ହାଉସ ଅନ୍ତର୍ଗତ କଦଳୀବାଡି ପଞ୍ଚାୟତସ୍ଥିତ ରାମଚନ୍ଦ୍ରପୁର ଗ୍ରାମରେ ଝାମୁଯାତ୍ରା ବେଳେ ସୋମବାର ଅଘଟଣ ଘଟିଛି। ଏହି ଯାତ୍ରାବେଳେ ଜଣେ ମାନସିକଧାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ସୁରେଶ ବେହେରା (୫୯)। ସେ ପୂର୍ବରୁ ହୃଦ୍‌ରୋଗରେ ଆକ୍ରାନ୍ତ ଥିଲେ। ଝାମୁଅଗ୍ନିରେ ଚାଲିଲେ ରୋଗ ଦୂର ହୋଇଯିବ ବୋଲି ଆସ୍ଥା ଓ ବିଶ୍ୱାସ ରଖି ମାନସିକ କରିଥିଲେ। ସୋମବାର ଝାମୁ ଯାତ୍ରାରେ କାଳିଶିଙ୍କ ସହ ଅଗ୍ନିରେ ଚାଲୁଥିବାବେଳେ ସୁରେଶ ହଠାତ୍ ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ସୁରେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୁରେଶଙ୍କ ମୃତ୍ୟୁ ଖବରପାଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ୧୦ ବର୍ଷ ପରେ ମା' କୋଳକୁ ଫେରିବ ପୁଅ

## ଦିଲ୍ଲୀରୁ ଗିରଫ ହେଲେ ଅଭିଯୁକ୍ତ ବାପା

**ବାଲେଶ୍ୱର,୧୪।୪ (ବାଞ୍ଛାନିଧି ଦେ)**

ଦୀର୍ଘ ୧୦ ବର୍ଷ ପରେ ମା' କୋଳକୁ ଫେରିବ ପୁଅ। ଶିଶୁପୁତ୍ରକୁ ନେଇ ଫେରାର ଥିବା ବାପାଙ୍କୁ ପୋଲିସ ଦିଲ୍ଲୀରୁ ଗିରଫ କରିବା ପରେ ନାବାଳକ ପୁଅଙ୍କୁ ଉଦ୍ଧାର କରାଯାଇଛି। ଏନେଇ ସୋମବାର ପୂର୍ବାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଆଇଜି ଡା. ସତ୍ୟଜିତ୍ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜପ୍ରସାଦ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ଗୋପାଳପୁର ଥାନା ଅଧୀନ ପଣ୍ଡାଶୁଣୀ ଗ୍ରାମର କମଳାକାନ୍ତ ମିଶ୍ର ମୋତିଗଞ୍ଜ ମେଣ୍ଢାଶୂଳ ଅଞ୍ଚଳର ଶରତ କୁମାର ଶତପଥୀଙ୍କ କନ୍ୟା ସୀମାଙ୍କୁ ୨୦୦୮ରେ ବୈଦିକ ରୀତିରେ ବିବାହ କରିଥିଲେ। ସେମାନଙ୍କର ଏକ ପୁତ୍ର ସନ୍ତାନ ଥିଲା। ଯୌତୁକଜନିତ ନିର୍ଯାତନା ଦିଆଯାଉଥିବା ନେଇ ୨୦୧୬ରେ ଖନ୍ତାପଡ଼ା ଥାନାରେ ସ୍ୱାମୀଙ୍କ ବିରୋଧରେ ସୀମା ଅଭିଯୋଗ ଆଣିଥିଲେ। ଅଭିଯୋଗକୁ ଭିତ୍ତିକରି ଏକ ମାମଲା (ନଂ.୧୫/୧୬) ରୁଜୁ ହୋଇଥିଲା। ଏହାପରେ ସୀମା ଶିଶୁପୁତ୍ର ସହ ନିଜ ବାପଘରକୁ ପଳାଇ ଆସିଥିଲେ। ସ୍ୱାମୀ କମଳାକାନ୍ତ କୌଶଳକ୍ରମେ ତାଙ୍କ ୪ ବର୍ଷର ପୁଅକୁ ମା'ଠାରୁ ଲୁଚାଇ ନେଇ ଫେରାର ହୋଇଯାଇଥିଲେ। ଏପରିକି କମଳାକାନ୍ତ ସ୍ତ୍ରୀଙ୍କ ସହ ସମସ୍ତ ପ୍ରକାର ସମ୍ପର୍କ ବିଚ୍ଛିନ୍ନ କରିଦେଇଥିଲେ। ସୀମା ପୁଅକୁ ଫେରିପାଇବା ପାଇଁ ବାଲେଶ୍ୱର ପରିବାର ଅଦାଲତର ଆଶ୍ରୟ ନେଇଥିଲେ। ଏ ସମ୍ପର୍କରେ ଅଦାଲତରେ ଏକ ମିସ୍ କେସ୍ (ନଂ.୯୬/୧୬) ରୁଜୁ ହୋଇଥିଲା। ବାପା କମଳାକାନ୍ତଙ୍କଠାରୁ ଶିଶୁପୁତ୍ରକୁ ଆଣି ମା' ସୀମାଙ୍କୁ ଜିମା ଦେବା ପାଇଁ କୋର୍ଟ ପକ୍ଷରୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ପୋଲିସ ଶିଶୁପୁତ୍ରକୁ ଉଦ୍ଧାର କରିବା ଦିଗରେ ବହୁ ପଦକ୍ଷେପ ଗ୍ରହଣ କରିଥିଲେ ହେଁ ତାହା ସଫଳ ହୋଇ ନ ଥିଲା। କମଳାକାନ୍ତ ବାରମ୍ବାର ତାଙ୍କ ଠିକଣା ବଦଳାଉଥିଲେ। ଏହାପରେ ଅଭିଯୁକ୍ତ କମଳାକାନ୍ତଙ୍କ ନାମରେ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଥିଲା। ଡିଆଇଜି ଡା. ନାୟକଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ପି ରାଜପ୍ରସାଦଙ୍କ ନେତୃତ୍ୱରେ ଅତିରିକ୍ତ ଏସ୍‌ପି ଆଲୋକ ରଞ୍ଜନ ରାୟଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଇତିମଧ୍ୟରେ ହ୍ୟୁମାନ ଟ୍ରାଫିକିଂ ଉପରେ କାର୍ଯ୍ୟ କରୁଥିବା ୟା ଟୁ ସେଲ୍ ଏବଂ ସାଇବର ୟୁନିଟ୍ ପକ୍ଷରୁ କମଳାକାନ୍ତ ଦିଲ୍ଲୀରେ ଲୁଚିଥିବା ନେଇ ଖବର ମିଳିଥିଲା। ଏସ୍‌ଆଇ ଲୋକନାଥ ସୋରେନ, ଏସ୍‌ଆଇ ଧନେଶ୍ୱର ନନ୍ଦ ଏବଂ କନଷ୍ଟେବଲ ବିକାଶ କୁମାର ମହାପାତ୍ର ପ୍ରମୁଖ ଦିଲ୍ଲୀରେ ଚଢ଼ାଉ କରି ଅଭିଯୁକ୍ତ କମଳାକାନ୍ତଙ୍କୁ ଗିରଫ କରିବା ସହ ୧୪ ବର୍ଷର ନାବାଳକ ପୁତ୍ରକୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ଗିରଫ ବାପାଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଉଦ୍ଧାର ନାବାଳକ ପୁଅକୁ ସିଡବ୍ଲ୍ୟୁସି ହେପାଜତ୍‌ରେ ରଖାଯାଇଛି।

# ଓବିସିଙ୍କ ପାଇଁ ୨୭% ସଂରକ୍ଷଣ ନେଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର



**ଭୁବନେଶ୍ୱର, ୧୪।୪ (ବନ୍ଦନା ସେଠୀ)**

ଦେଶର ବିଭିନ୍ନ ରାଜ୍ୟରେ ଅନ୍ୟାନ୍ୟ ପଛୁଆବର୍ଗ (ଓବିସି)ଙ୍କ ପାଇଁ ସଂରକ୍ଷଣ ସ୍ଥିତି ଉତ୍ସାହଜନକ ଥିବାବେଳେ ଓଡ଼ିଶାରେ ସେମାନଙ୍କୁ ଅଣଦେଖା କରାଯାଉଛି। ୧୯୯୦ର ନିଯୁକ୍ତି କ୍ଷେତ୍ରରେ କେନ୍ଦ୍ର ସରକାର ପଛୁଆବର୍ଗଙ୍କୁ ୨୭ ଭାଗ ସଂରକ୍ଷଣ ଦେଉଥିଲାବେଳେ ଓଡ଼ିଶାରେ ବର୍ତ୍ତମାନ ଏହା ୧୧.୨୫%ରେ ପହଞ୍ଚିଛି। ଫଳରେ ରାଜ୍ୟର ୫୪ ଭାଗ ପଛୁଆବର୍ଗ ସେମାନଙ୍କ ସାମ୍ବିଧାନିକ ସଂରକ୍ଷଣରୁ ବଞ୍ଚିତ ହେଉଛନ୍ତି ବୋଲି ଓବିସି ଫୋରମ୍ ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିସହ ରାଜ୍ୟରେ ସରକାରୀ ଚାକିରି କ୍ଷେତ୍ରରେ ୨୭% ଓବିସିଙ୍କ ପାଇଁ ସଂରକ୍ଷଣ ରଖିବାକୁ ଦାବି କରି ଫୋରମ୍ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସୋମବାର ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ମଧ୍ୟପ୍ରଦେଶରେ ସମୁଦାୟ ସଂରକ୍ଷଣ ୭୩% ଥିବାବେଳେ ଓବିସିଙ୍କ ପାଇଁ ୨୭% ରହିଛି। ସେହିପରି କର୍ଣ୍ଣାଟକ ସରକାର ୫୧ ଭାଗ ଓବିସି ସଂରକ୍ଷଣ କରିବାକୁ ସୁପାରିଶ୍ କରିଛି। ତେଲଙ୍ଗାନା ସରକାର ୪୨ ଭାଗ ପଛୁଆବର୍ଗ ସଂରକ୍ଷଣ ଲାଗୁ କରିବାକୁ ଘୋଷଣା କରିଥିବାବେଳେ ଓଡ଼ିଶା ସରକାର ଏକ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି। ଅପରପକ୍ଷେ ରାଜ୍ୟ ସରକାର ଖାଲି ପଡ଼ିଥିବା ୧ଲକ୍ଷ ୩୪ହଜାର ପଦବୀ ମଧ୍ୟରୁ ୯୩ହଜାର ପଦବୀରେ ନିଯୁକ୍ତି ଦେବାପାଇଁ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ୨୭ ଭାଗ ସଂରକ୍ଷଣ ଲାଗୁ କରା ନ ଗଲେ ଏହି ପଦବୀରୁ ଓବିସି ବର୍ଗ ମାତ୍ର ୧୦୫୨୧ଟି ପଦବୀରେ ନିଯୁକ୍ତି ପାଇବେ। ଫଳରେ ରାଜ୍ୟର ପଛୁଆ ବର୍ଗର ବେକାର ଯୁବତୀଯୁବକ ୧୪ହଜାର ୭୩୦ଟି ସରକାରୀ ଚାକିରିରୁ ବଞ୍ଚିତ ହେବେ ବୋଲି ଓବିସି ଫୋରମ୍‌ର ରାଜ୍ୟ ଅଧ୍ୟକ୍ଷ ରବି ବେହେରା କହିଛନ୍ତି। ଏଥିସହ ସରକାର ରାଜ୍ୟର ୫୪ଭାଗ ଲୋକଙ୍କ ସାମ୍ବିଧାନିକ ଅଧିକାରକୁ ବିଚାରକୁ ନେଇ ତୁରନ୍ତ ସରକାରୀ ଓ ବେସରକାରୀ କ୍ଷେତ୍ରରେ ଏବଂ ଆଗାମୀ ପଞ୍ଚାୟତ ନିର୍ବାଚନରେ ଓବିସି ବର୍ଗଙ୍କ ପାଇଁ ୨୭ ଭାଗ ସ୍ଥାନ ସଂରକ୍ଷଣ ନିଶ୍ଚିତ କରିବାକୁ ସ୍ମାରପତ୍ରରେ ଦାବି କରାଯାଇଛି। ଫୋରମ୍ ଅଧ୍ୟକ୍ଷଙ୍କ ସହ କିଶୋର ସୂତାର, ନାରାୟଣ ଡାଳୁଆ, ଦେଶପ୍ରିୟ ଦାସ, ପୂର୍ବତନ କର୍ପୋରେଟର ନବକିଶୋର ବେହେରା, ଜିତେନ୍ଦ୍ର ନାଥ ସ୍ୱାଇଁ, ବିଚିତ୍ରାନନ୍ଦ ଖୁଣ୍ଟିଆ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ମହୁମାଛି ଆକ୍ରମଣରେ ୩ ଗୁରୁତର,୨୦ରୁ ଊର୍ଦ୍ଧ୍ୱ ଆହତ



ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣେ ଆହତ।

**ମୋହନା,୧୪।୪ (ମନ୍ମଥ ମିଶ୍ର)**

ପବିତ୍ର ମହାବିଷ୍ଣୁବ ସଂକ୍ରାନ୍ତି ଉପଲକ୍ଷେ ବିଭିନ୍ନ ଶୈବପୀଠ ଓ ଅନ୍ୟାନ୍ୟ ମନ୍ଦିର ଉତ୍ସବମୁଖର ହୋଇଥିବା ବେଳେ ଗଜପତି ଜିଲାର ଏକ ଶିବ ମନ୍ଦିରରେ ମହୁମାଛି ଆକ୍ରମଣରେ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ଏଭଳି ଅଭାବନୀୟ ଘଟଣା ମୋହନା ଥାନା ଅନ୍ତର୍ଗତ ଚନ୍ଦ୍ରଗିରି ଶିବ ମନ୍ଦିରରେ ଘଟିଛି। ସୋମବାର ସକାଳ ପ୍ରାୟ ୯ଟାରେ ଶ୍ରଦ୍ଧାଳୁ ଭକ୍ତମାନେ ଶିବ ମନ୍ଦିରକୁ ଯାଇ ଦର୍ଶନ କରୁଥିବା ବେଳେ ହଠାତ୍ ବାଘୁଆ ମହୁମାଛି ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଭକ୍ତ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କେତେଜଣ ଛୋଟପିଲା ମଧ୍ୟ ଅଛନ୍ତି। ଆହତମାନଙ୍କୁ ସ୍ଥାନୀୟ ବାସିନ୍ଦା ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସେମାନଙ୍କ ମଧ୍ୟରୁ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ (୪୦), କାମେଶ୍ୱର ଦାସ (୪୭) ଓ ଅମ୍ରିତା ଦାସ (୧୫)ଙ୍କ ଅବସ୍ଥା ଗୁରୁତର ଥିବା ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଜୟ ପ୍ରକାଶ ପଣ୍ଡା କହିଛନ୍ତି।

ଚାରିଧାମ ଯାତ୍ରା ଏବଂ ଶ୍ରୀ ହେମକୁଣ୍ଡ ସାହିବ ଯାତ୍ରା
Uttarakhand Simply Heaven!
ପଞ୍ଜୀକରଣ ଆରମ୍ଭ!
ଉତ୍ତରାଖଣ୍ଡ ସରକାର ଆପଣଙ୍କ ଯାତ୍ରାକୁ "ସୁଗମ, ସୁଖଦ ଏବଂ ସୁରକ୍ଷିତ" କରିବା ଲାଗି ସଂକଳ୍ପବଦ୍ଧ।
ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ
ଯାତ୍ରା ପୂର୍ବରୁ ଆଧାର ପ୍ରମାଣିତ ପଞ୍ଜୀକରଣ ବାଧ୍ୟତାମୂଳକ ଅଟେ।
ଦର୍ଶନ କେବଳ ପଞ୍ଜୀକୃତ ତାରିଖରେ ହିଁ ମାନ୍ୟ ହେବ
ଅନଲାଇନ ପଞ୍ଜୀକରଣ registrationandtouristcare.uk.gov.inରେ ଉପଲବ୍ଧ
ଅନଲାଇନ ପଞ୍ଜୀକରଣ କରିପାରିନାହାନ୍ତି...?
ଆପଣ ଏସବୁ କେନ୍ଦ୍ରରେ ପଞ୍ଜୀକରଣ କରିପାରିବେ:
ଋଷିକେଶ | ହରିଦ୍ୱାର | ବିକାଶନଗର (ହର୍ବର୍ଟପୁର, ନୟାଗାଁଓ)
28 ଏପ୍ରିଲ, 2025 ଠାରୁ
ଧାମରେ ଦର୍ଶନର 48 ଘଣ୍ଟା ପୂର୍ବରୁ ଅନ-ସ୍ପଟ୍ ପଞ୍ଜିକରଣ ଉପଲବ୍ଧ ହେବ।
ସାମୂହିକ ପଞ୍ଜୀକରଣ 25 କିମ୍ବା ଅଧିକ ଯାତ୍ରୀଙ୍କ ପାଇଁ...
1364 ରେ କଲ୍ କରନ୍ତୁ: ଆମ ଦଳ ଆପଣଙ୍କର ହୋଟେଲ କିମ୍ବା ଆଶ୍ରମକୁ ଆସି ପଞ୍ଜୀକରଣ ସୁବିଧା ଯୋଗାଇ ଦେବେ।
ଧାମରେ ଉପସ୍ଥିତ ତୀର୍ଥଯାତ୍ରୀଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି, ସେମାନଙ୍କ ସୁରକ୍ଷା ଏବଂ ସୁବିଧା ଅନୁସାରେ ସେହିଠାରେ ପଞ୍ଜୀକରଣ କରାଯିବ।
uttarakhandtourism.gov.in | /UttarakhandTourismOfficialPage | /uttarakhand_tourismofficial | /UTDBofficial | Uttarakhand Tourism
ଉତ୍ତରାଖଣ୍ଡ ପର୍ଯ୍ୟଟନ ବିକାଶ ପରିଷଦ
ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପର୍ଯ୍ୟଟନ ଭବନ, ଓଏନଜିସି ହେଲିପ୍ୟାଡ ନିକଟ, ଗଢ଼ୀ କ୍ୟାଣ୍ଟ, ଡେରାଡୁନ

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ନ୍ୟାସନାଲ ସମିଟ୍, ସ୍ଥାନ: ଲାଇଫ୍ ହୋଟେଲ, ସମୟ: ଅପରାହ୍ନ ୪ଟା ୩୦।
- ବିଶ୍ୱ ମିଳନ ଓ କବିତା ସନ୍ଧ୍ୟା, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୫ଟା।
- ୪୮ତମ ବୈଶାଖୀ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦।

### କଟକ
- ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ମେଳା, ସ୍ଥାନ: ଓଟିଏମ୍ କଲୋନୀ ୧୧ ନଂ. ୱାର୍ଡସ୍ଥିତ ଗୋପବନ୍ଧୁ ପଡ଼ିଆ, ଚୌଦ୍ୱାର ସମୟ: ପୂର୍ବାହ୍ନ ୧୦ଟା।

### ବାଲେଶ୍ୱର
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ସୋରୋ, ସମୟ: ସକାଳ ୭ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ଷଷ୍ଠ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ଆଧାତ୍ମିକ ସମାବେଶ, ସ୍ଥାନ: ମା' ବାଘମଙ୍ଗଳା ପୀଠ ପରିସର, ସାନଖୁଣ୍ଟି, ବସ୍ତା, ସମୟ: ଅପରାହ୍ନ ୪ଟା।
- ମଶାଲ ଶୋଭାଯାତ୍ରା, ସ୍ଥାନ: ପୋଲିସ ଲାଇନ୍ ଛକ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

### ଭଦ୍ରକ
- ୧୭ତମ ଲବଣ ସ୍ମାରକୀ ଦିବସ, ସ୍ଥାନ: ଲବଣ ସ୍ମୃତି ସ୍ତମ୍ଭ ପାଖ, ଚୁଡ଼ାମଣି, ବାସୁଦେବପୁର, ସମୟ: ସକାଳ ୮ଟା।
- ତାରିଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରଘୁପୁର, ଲକ୍ଷ୍ମୀଦାସପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ମଶାଲ ଶୋଭାଯାତ୍ରା, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ନବରାତ୍ର ଯଜ୍ଞ, ଶୁଭାଧିବାସ, ସ୍ଥାନ: ଭେଡ଼ା ନାୟକାଣୀ ପୀଠ, ବାଲିମେଡ଼, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।
- କଂଗ୍ରେସର ମଶାଲ ଶୋଭାଯାତ୍ରା, ସ୍ଥାନ: ବନ୍ତ ଛକ, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।
- ପାଲୁଆ ସମ୍ମିଳନୀ, ସ୍ଥାନ: ଆଲୁଡ଼େଶ୍ୱରୀ ପୀଠ, ବିନାୟକପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା ୩୦।

### କେନ୍ଦୁଝର
- ଶ୍ରୀ ବଟମ ନାରାୟଣଙ୍କ ବାର୍ଷିକ ପାଲା ଉତ୍ସବ, ସ୍ଥାନ: ଚମ୍ପାଖେଲ, ହାଟଡିହି, ସମୟ: ରାତି ୮ଟା।
- ଭାଜପାର କର୍ମୀ ସମ୍ମିଳନୀ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ହାଟଡିହି, ସମୟ: ଅପରାହ୍ନ ୪ଟା।
- ହନୁମାନ ଜୟନ୍ତୀ ଉପଲକ୍ଷେ ଭଜନ ସମାରୋହ, ସ୍ଥାନ: ଡାବଲେଶ୍ୱର, ହାଟଡିହି, ସମୟ : ସନ୍ଧ୍ୟା ୬ଟା।

### ମୟୂରଭଞ୍ଜ
- ବିଏମ୍ ଟ୍ରଫି-୨୦୨୫ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଖେଲୋଇ କ୍ଲବ ଓ ଯୁଗଳ ଉତ୍ସବ ରଘୁନାଥ ଏମ୍ଗରିକିଙ୍କ ମ୍ୟାଚ୍, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- ନିଲାମ ପ୍ରକ୍ରିୟା, ସ୍ଥାନ: ଚିତ୍ରଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ମୋରଡ଼ା ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ଚିତ୍ରଡ଼ା ବ୍ଲକ ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- କୃଷି ରଥ ଉଦ୍‌ଘାଟନ, ସ୍ଥାନ: ବ୍ଲକ କୃଷି କାର୍ଯ୍ୟାଳୟ, ଚିତ୍ରଡ଼ା, ମୋରଡ଼ା,ସମୟ: ସକାଳ ୯ଟା ୩୦।
- ମା' ଡଙ୍କେଇଙ୍କ ବାର୍ଷିକ ଉତ୍ସବ ଓ ପ୍ରସାଦ ସେବନ, ସ୍ଥାନ:ମା' ଡଙ୍କେଇ ମନ୍ଦିର ପ୍ରାଙ୍ଗଣ, ଚିତ୍ରଡ଼ା, ମୋରଡ଼ା, ସମୟ: ଅପରାହ୍ନ ୧ଟା।
- ସିଏମ୍ ଟ୍ରଫି-୨୦୨୫ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଜଗନ୍ନାଥ ବାରିପଦାର ସହିତ ଆରପିଏଫେରେ କ୍ଲବର ମ୍ୟାଚ, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୪ଟା।
- ବ୍ଲକ୍ କଂଗ୍ରେସ ତରଫରୁ ଶୋଭାଯାତ୍ରା, ସ୍ଥାନ: ଚିତ୍ରଡ଼ା ବ୍ଲକ ଛକ, ମୋରଡ଼ା, ସମୟ: ଅପରାହ୍ନ ୫ଟା।
- ବଳାଙ୍ଗୀ ମହୋତ୍ସବ, ସ୍ଥାନ: ବୁଢ଼ାରାଉଳ ମଠ ସନିକଟ, ବାରିପଦା,ସମୟ: ସନ୍ଧ୍ୟା ୬ଟା।
- ଚଇତି ପର୍ବର ଦ୍ୱିତୀୟ ଦିବସ ଏବଂ ମାନସିକ ପୂଜା, ସ୍ଥାନ: ମାଣ୍ଡିଦା ଦେବୀ ପୀଠ, ରାଉଟୋଳିଡିଙ୍ଗରୁ, ସମୟ: ସନ୍ଧ୍ୟା ୭ଟା।
- ଚୈତ୍ର ପର୍ବ ଓ ପଞ୍ଜିଶ୍ରୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ସନ୍ଧ୍ୟା ୭ଟା।

### ବ୍ରହ୍ମପୁର
- ବିଏଏମ୍‌ଏସ ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ବୈଠକ, ସ୍ଥାନ: ମାନସ ଭବନ, ସମୟ: ଅପରାହ୍ନ ୪.୩୦।
- ଜିଲ୍ଲା କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା, ସ୍ଥାନ: କଂଗ୍ରେସ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।

### ଜଗତ୍‌ସିଂହପୁର
- ନଗର କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା, ସ୍ଥାନ: ବନ୍ଧଡ଼ିହାପୁର ପୌର ପରିଷଦ ଅଫିସ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

### କେନ୍ଦ୍ରାପଡ଼ା
- ଜମ୍ବୁଦ୍ୱୀପ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା, ସ୍ଥାନ: ରାମଚଣ୍ଡୀ ମନ୍ଦିର ପରିସର, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।
- ବ୍ରହ୍ମସେବା ଫାଉଣ୍ଡେସନ ପକ୍ଷରୁ ଭାଗବତ ଓ ଗୀତା ପାଠ, ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବିମଳେଇ କ୍ଷେତ୍ର ତାରିଣୀ ପୀଠ, ଖର୍ଣ୍ଣପୁର, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ହନୁମତ ପୂଜା କମିଟି ପକ୍ଷରୁ ଶ୍ରୀ ହନୁମାନ ଦେବଙ୍କ ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମହିଷାଗୋଲା, ରାଜନଗର, ସମୟ: ସକାଳ ୮ଟା।
- ମା' ନଉଲଙ୍ଗୁଳାଙ୍କ ଜନ୍ମ ବାର୍ଷିକ ଉତ୍ସବ ଓ ଗୀତାଯଜ୍ଞ, ସ୍ଥାନ: ନଲପୋଡି, ରାଜନଗର, ସମୟ: ସକାଳ ୮ଟା।
- ନାରୀ ସୁରକ୍ଷା ଦାବିରେ ଜିଲ୍ଲା କଂଗ୍ରେସର ମଶାଲ ଶୋଭାଯାତ୍ରା, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ଜୟଦୁର୍ଗା ଭକ୍ତ ସଂଘ ପକ୍ଷରୁ ରାମାୟଣ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ମା' ଦୁର୍ଗା ମନ୍ଦିର, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ମହାବୀର ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଚବଳସାହି, ଚଉଦକୁଲାଟ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୬ଟା

### ଯାଜପୁର
- ମା' ତାରିଣୀ ଦେବୀଙ୍କ ତୃତୀୟ ବାର୍ଷିକ ଉତ୍ସବ, ସ୍ଥାନ: ବ୍ୟାସନଗର ଚୋରଦା ବାଇପାସ, ସମୟ: ସନ୍ଧ୍ୟା ୫ଟା।
- ରାଜ୍ୟସ୍ତରୀୟ ଡିଫା କପ୍‌ର ଫାଇନାଲ ମ୍ୟାଚ୍, ସ୍ଥାନ: ଧର୍ମଶାଳା ବାଣୀପୀଠ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।
- ମହାବିଷୁବ ପଣା ସଂକ୍ରାନ୍ତି ଅବସରରେ ଗୀତାଯଜ୍ଞ ଓ ପ୍ରବଚନ, ସ୍ଥାନ: ଧର୍ମଶାଳା ବ୍ଲକ୍ ଉତ୍ତରଶାସନସ୍ଥିତ ମା' ଅମରେଶ୍ୱରୀ ଦେବୀ ପୀଠ, ସମୟ: ସନ୍ଧ୍ୟା ୬ଟା।

### ନୟାଗଡ଼
- ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ଦଶମ ଦିବସରେ ବେଢ଼ା ପରିକ୍ରମା, ପଞ୍ଚବଟୀ ପ୍ରବେଶ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ସନ୍ଧ୍ୟା ୬ଟା।
- ପଣାସଂକ୍ରାନ୍ତି ଯାତ୍ରାର ୨ୟ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ମା'ଦକ୍ଷିଣକାଳୀଙ୍କ ପୀଠ, ସମୟ ; ଅପରାହ୍ନ ୫ଟା।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କର ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବର ଦଶମ ଦିବସରେ ଯୁଦ୍ଧଯାତ୍ରା ବେଶ, ସ୍ଥାନ:ଓଡ଼ଗାଁ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଚଇତି ପର୍ବର ୪ର୍ଥ ଦିବସ, ସ୍ଥାନ:କଣ୍ଟିଲୋ ଅତିବୁଦ୍ଧିପାଟଣା, ସମୟ:ମଧ୍ୟାହ୍ନ ୧୨ଟା।
- ସିଦ୍ଧ ବାସେଳୀଙ୍କ ଚଇତି ପର୍ବର ୪ର୍ଥ ଦିବସ, ସ୍ଥାନ:କଣ୍ଟିଲୋ ଫକିର ଅତବୁଦ୍ଧିପାଟଣା, ସମୟ:ମଧ୍ୟାହ୍ନ ୧୨ଟା।
- ଚଇତି ପର୍ବର ୪ର୍ଥ ଦିବସ, ସ୍ଥାନ:କଣ୍ଟିଲୋ କଂସାରିସାହି ପାଟଣା, ସମୟ:ମଧ୍ୟାହ୍ନ ୧୨ଟା
- ଚଇତି ପର୍ବର ୪ର୍ଥ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ସିଦ୍ଧମୂଳା ନୀଳକଣ୍ଠେଶ୍ୱର ମନ୍ଦିର, ସମୟ:ମଧ୍ୟାହ୍ନ ୧୨ଟା।
- ହନୁମାନ ଜୟନ୍ତୀର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବଡ ବାଣପୁର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କର ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବରେ ୨୫ତମ ରାବଣ ପୋଡ଼ି ଉତ୍ସବରେ ଭଜନ ସମାରୋହ, ସ୍ଥାନ:ଓଡ଼ଗାଁ ମହୋତ୍ସବ ପଡିଆ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କର ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବରେ ୨୫ତମ ରାବଣ ପୋଡ଼ି ଉତ୍ସବରେ ସଭା ଓ ସମ୍ବର୍ଦ୍ଧନା ପର୍ବ, ସ୍ଥାନ:ଓଡ଼ଗାଁ ମହୋତ୍ସବ ପଡିଆ, ସମୟ: ରାତ୍ର ୯ଟା।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କର ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବରେ ୨୫ତମ ରାବଣ ପୋଡି ଉତ୍ସବ ଓ ଆତସବାଜି କାର୍ଯ୍ୟକ୍ରମ, ସ୍ଥାନ:ଓଡ଼ଗାଁ ମହୋତ୍ସବ ପଡିଆ, ସମୟ: ରାତ୍ର ୧୧ଟା।
- ଗଣିଆ ଲଙ୍କାପୋଡି ମହୋତ୍ସବରେ ସୀତା ବିବାହ ଓ ପର୍ଶୁରାମ ଭେଟ, ସ୍ଥାନ: ଗଣିଆ ଯାତ୍ରା ପଡିଆ, ସମୟ: ସନ୍ଧ୍ୟା ୬ଟା।

### ରାୟଗଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଗୁଡାରି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୭ ଟା।
- ନାରୀ ନିର୍ଯ୍ୟାତନାକୁ ନେଇ ମଶାଲ ସଭାଯାତ୍ରା ମାଧ୍ୟମରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ, ସ୍ଥାନ: ମୁନିଗୁଡ଼ା ରେଳ ଷ୍ଟେସନ ଛକ, ସମୟ: ଅପରାହ୍ନ ୫ଟା ୩୦।
- ବୀଣାପାଣି ଭିନ୍ନକ୍ଷମ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ମୁନିଗୁଡ଼ା ଜଗନ୍ନାଥ ମନ୍ଦିର ନିକଟ ସିଂହଦ୍ୱାର ସମ୍ମୁଖ, ସମୟ: ସନ୍ଧ୍ୟା ୬ଟା।
- ଗୁଡାରି ବ୍ଲକ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା, ସ୍ଥାନ: ଗୁଡ଼ାରି ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

### ନବରଙ୍ଗପୁର
- ଠାକୁରାଣୀ ଯାତ୍ରା ଆରମ୍ଭ, ସ୍ଥାନ: ଝରିଗାଁ, ସମୟ: ରାତି ୮ଟା।

### କୋରାପୁଟ
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ବାଡେଲ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: କୁନ୍ଦୁଲି ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକ୍, ସମୟ:ସକାଳ ୮ଟା।
- ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମନ୍ଦିର ପରିସର, ହାଲ ସୁନାବେଡା, ସମୟ: ରାତି ୮ଟା ୩୦।

### ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ : ସକାଳ ୫ଟା ୩୦।
- ଧନକଉଡା ଆଦର୍ଶ ବିଦ୍ୟାଳୟରେ ଯୋଗ ଶିବିର, ସ୍ଥାନ: ସାନସିଂହାରୀ ସ୍ଥିତ ଆଦର୍ଶ ବିଦ୍ୟାଳୟ . ସମୟ: ସକାଳ ୭ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଭଣ୍ଡାରୀମାଲ ଗ୍ରାମ, ସମୟ: ସକାଳ ୯ଟା।
- ରାମଲୀଳା ମହୋତ୍ସବ, ସ୍ଥାନ: ବିଶାଳଖିଣ୍ଡା ଗ୍ରାମ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀରାମ ନବମୀ ମହୋତ୍ସବ, ସ୍ଥାନ: କବରାପାଲି ଗ୍ରାମ, ସମୟ: ରାତି ୯ଟା।

### ବରଗଡ଼
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି ସଭାକକ୍ଷ, ପଦ୍ମପୁର, ସମୟ:ସକାଳ ୭ଟା।
- ବୈଶାଖ ମେଳା ପ୍ରସ୍ତୁତି ବୈଠକ, ସ୍ଥାନ: ନୃସିଂହନାଥ ମନ୍ଦିର ମିଟିଂ ହଲ୍, ପାଇକମାଲ, ସମୟ: ପୂର୍ବାହ୍ନ ୧୧ଟା।
- ସି.ଏମ୍ ଟ୍ରଫି ଫୁଟବଲର ଫାଇନାଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟେଡ଼ିୟମ, ବରଗଡ଼, ସମୟ: ଅପରାହ୍ନ ୪ଟା।

### କଳାହାଣ୍ଡି
- ଅନ୍ତର୍ଜାତୀୟ ଶିଶୁ ଓ ଯୁବ ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ବିକାଶ ଇନଷ୍ଟିଚ୍ୟୁଶନ, ସମୟ: ସନ୍ଧ୍ୟା ୬ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

### ବୌଦ୍ଧ
- ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଦଶମ ଦିନ ନାଟକ ନାଗଫାଶ ବନ୍ଧନ, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ରାତି ୯ଟା।
- ବହିରା ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଦଶମ ଦିବସ ନାଟକ କୁମ୍ଭକର୍ଣ୍ଣ ବଧ, ସ୍ଥାନ: ବହିରା ରାମଲୀଳା ମଣ୍ଡପ, ସମୟ: ରାତି ୯ଟା।

### ଦେବଗଡ଼
- ଶ୍ରୀ ରାମ ନବମୀ ମହୋତ୍ସବ ପୂଜା ପୂର୍ଣ୍ଣାହୁତି, ସ୍ଥାନ: ଗୋପାଳଜୀ ମନ୍ଦିର, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ହନୁମାନ ଜୟନ୍ତୀ ଅବସରରେ ଭଜନ ସନ୍ଧ୍ୟା, କଟକ, ସ୍ଥାନ: ଓଲଟ ବର ବଜରଙ୍ଗୀ କମିଟି ପୂଜା ମଣ୍ଡପ, ପୁରୁଣାଗଡ଼, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଜମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା।
- ମେଣ୍ଡାକୁ ନୂତନ ବ୍ଲକ ଘୋଷଣା ଦାବିରେ ରାଲି ଓ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ ଅନ୍ତଃକ୍ଲବ ଫୁଟବଲ୍ ଚାମ୍ପିୟନଶିପ୍‌ର ଫାଇନାଲ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

### ନୂଆପଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୋଡ଼େନ, ସମୟ: ପୂର୍ବାହ୍ନ ୧୦ଟା।
- ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ନୂତନ ପାଞ୍ଜି ଶୁଭାରମ୍ଭ, ସ୍ଥାନ: କୋମନା ବ୍ଲକ ବୃଦ୍ଧି କୋମନା ପଞ୍ଚାୟତ ଡଙ୍ଗରିପାଲି ଗାଁ, ସମୟ: ସକାଳ ୭ଟା।
- ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପନ, ସ୍ଥାନ: ସ୍ଥାନୀୟ ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୩ଟା ୩୦।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ, ସ୍ଥାନ: ଖଡିଆଳ ବ୍ଲକ ଢକସର ଗାଁ, ସମୟ: ପ୍ରାତଃ ୪ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ତରବୋଡ ପଞ୍ଚାୟତ ଧରମପୁର ଗାଁ, ସମୟ: ପୂର୍ବାହ୍ନ ୧୦ଟା।

### ଝାରସୁଗୁଡ଼ା
- ଯୁଗ୍ମ ଜନଶୁଣାଣି ଶିବିର କାର୍ଯ୍ୟକ୍ରମ, ସ୍ଥାନ: ଲଇକେରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ତିଳେଇ ନାମ ମଣ୍ଡପ, ସମୟ: ସକାଳ ୮ଟା। ଚଣ୍ଡୀ ପାଠ, ସ୍ଥାନ: ସୁନାରୀମୁଣ୍ଡା ସମୟ: ପୂର୍ବାହ୍ନ ୧୦ଟା।
- ୧୬ ପ୍ରହର ନାମଯଜ୍ଞ ଉଦ୍‌ଯାପନୀ, ସ୍ଥାନ: ଦୁଆନମୁଣ୍ଡା ଗ୍ରାମ୍ୟ ଯଜ୍ଞ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## କଂଗ୍ରେସ ପକ୍ଷରୁ ଆମ୍ବେଡକର ଜୟନ୍ତୀ | ସବୁ ଧର୍ମର ଦିଗ ଗୋଟିଏ

**ଭୁବନେଶ୍ୱର,୧୪।୪(ରବିନାରାୟଣ ଜେନା)**

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭାରତର ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ବି.ଆର. ଆମ୍ବେଡକରଙ୍କ ଜୟନ୍ତୀ ଉତ୍ସବ କଂଗ୍ରେସ ଭବନରେ ମହା ସମାରୋହରେ ପାଳିତ ହୋଇଯାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ଭୁବନେଶ୍ୱର ଏଜି ଛକ ସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ପିସିସି କାର୍ଯ୍ୟାଳୟରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

ଏହି ଅବସରରେ ପିସିସି ସଭାପତିଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନଠାରେ ସ୍ୱର୍ଗତ ଆମ୍ବେଡକରଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସେ କହିଲେ ଯେ, ସବୁ ଧର୍ମର ଦିଗ ଗୋଟିଏ। ମାତ୍ର ଗୈରିକ ସଂଗଠନମାନେ ଧର୍ମ ନାମରେ ଭାରତକୁ ଭାଗ ଭାଗ କରିବାପାଇଁ ଷଡ଼ଯନ୍ତ୍ର କରୁଛନ୍ତି, ଧର୍ମ ନାମରେ ଶୋଷଣ କରୁଛନ୍ତି। ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକୁ ନିରପେକ୍ଷ ରହିବାକୁ ଦିଆଯାଉ ନାହିଁ। ଆମ୍ବେଡକରଙ୍କ ରଚିତ ସମ୍ବିଧାନ ଭାରତୀୟମାନଙ୍କୁ ସ୍ୱାଧୀନଭାବେ ଏବଂ ନିର୍ଭୟରେ ବଞ୍ଚିବାପାଇଁ ଅଧିକାର ଦେଇଛି। ଆମ୍ବେଡକର ପେଟକୁ ପାଣି ଓ କ୍ଷେତକୁ ପାଣିର ବ୍ୟବସ୍ଥା ପାଇଁ ଓଡ଼ିଶାରେ ହୀରାକୁଦ ଡ୍ୟାମ୍ ଓ ଭାରତରେ ଅନେକ ନଦୀବନ୍ଧ ଯୋଜନାର ରୂପରେଖ କରିଥିଲେ। ଦେଶର ଅର୍ଥନୀତି, ଶିକ୍ଷାବ୍ୟବସ୍ଥା, କୃଷି, ବ୍ୟାଙ୍କ ଓ ଇନ୍‌ସ୍ୟୁରାନ୍ସ ପ୍ରଭୃତି ବ୍ୟବସ୍ଥା ସମ୍ପର୍କରେ ସେ ନିର୍ଦ୍ଦିଷ୍ଟ ଦିଗ୍‌ଦର୍ଶନ ଦେଇଥିଲେ।

ଭାରତୀୟ ସମ୍ବିଧାନର ରଚୟିତା ଡ. ଭୀମରାଓ ଆମ୍ବେଡକରଙ୍କର ସଂଘର୍ଷମୟ ଜୀବନ କଥା ଓ ଜୀବନ ଦର୍ଶନ ରାଜନୀତି ଓ ସମାଜସେବା କ୍ଷେତ୍ରରେ କାର୍ଯ୍ୟକରୁଥିବା ସମସ୍ତଙ୍କ ପାଇଁ ପାଥେୟ। ମହିଳାମାନଙ୍କର ଶିକ୍ଷା, ସୁରକ୍ଷା, ସ୍ୱାବଲମ୍ବନ ଏବଂ ଅର୍ଥନୈତିକ ଉନ୍ନତି ପାଇଁ ଆମ୍ବେଡକର ଅଧିକ ଗୁରୁତ୍ୱ ଦେଉଥିଲେ। ଆଜି ଓଡ଼ିଶାରେ ମହିଳା ଉପେକ୍ଷିତା, ଅତ୍ୟାଚାରିତା ଓ ବଳାତ୍କାରପୀଡ଼ିତା। ୬୪ ହଜାର ମହିଳା ନିଖୋଜ। ପ୍ରଦେଶ କଂଗ୍ରେସର ନାରୀ ନ୍ୟାୟ ଆନ୍ଦୋଳନ ଆମ୍ବେଡକରଙ୍କ ଦିଗ୍‌ଦର୍ଶନ, ଉପଦେଶ ଏବଂ ନୀତିର ପ୍ରେରଣାରେ ଜାରି ରହିଛି ଏବଂ ଏହା ଜନ ଆନ୍ଦୋଳନରେ ପରିଣତ ହେବ। ସେ କହିଥିଲେ, ସମ୍ବିଧାନକୁ ସୁରକ୍ଷିତ ଓ ସଶକ୍ତ କରିବା ଦାୟିତ୍ୱ ହିଁ ଆମର। ଏଥିପାଇଁ ହୃଦୟ ଭିତରେ ଆମ୍ବେଡକରଙ୍କ ପ୍ରତି ସମର୍ପଣ ଭାବ ଆସିବା ଦରକାର। ଓଡ଼ିଶାରେ ଆମ୍ବେଡକରଙ୍କ ବିଚାରଧାରାକୁ ନେଇ ବିପ୍ଳବ ହେବ, ଯାହା କି ଜନନାୟକ ରାହୁଲ ଗାନ୍ଧୀଙ୍କର ସଂକଳ୍ପ ଓ ଦିଗ୍‌ଦର୍ଶନ ବୋଲି ଭକ୍ତ କହିଥିଲେ।

ପିସିସି ଅନୁସୂଚିତ ଜାତିବିଭାଗର ବାଙ୍କନିଧି ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ ପ୍ରମୁଖ ଯୋଗଦେଇ ଡ. ଭୀମରାଓ ଆମ୍ବେଡକରଙ୍କ ବିଶେଷ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ସରକାରୀ ନୋଟିସ...

ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର କହିଛନ୍ତି, ଦେଶାନ୍ତର ନୋଟିସ ପାଇଥିବା ଅନୁପ୍ରବେଶକାରୀଙ୍କ ମାମଲା କୋର୍ଟରେ ବିଚାରାଧୀନ ରହିଛି। ଏପର୍ଯ୍ୟନ୍ତ କୋର୍ଟ ପକ୍ଷରୁ ଏନେଇ କୌଣସି ନିର୍ଦ୍ଦେଶନାମା ଆସିନାହିଁ। ଅପରପକ୍ଷେ ଏଠାରେ ରହୁଥିବା ବାଂଲାଦେଶୀ ଜାତି ପ୍ରମାଣପତ୍ରରେ ମଧ୍ୟ ଜାଲିଆତି କରୁଥିବା ମହାକାଳପଡ଼ାର ଅମିତାଭ ଚାନ୍ଦ କହିଛନ୍ତି। ସେ ଜିଲା ପ୍ରଶାସନକୁ ଅଭିଯୋଗ କରି ଅନୁପ୍ରବେଶକାରୀଙ୍କ ଜାଲିଆତିକୁ ପଦାରେ ପକାଇଛି। ମାର୍ଚ୍ଚ ୧୨ରେ ଏସ୍‌ସି ଏସ୍‌ଟିର ଷ୍ଟେଟ ଲେଭଲ ସ୍କ୍ରୁଟିନି କମିଟିରେ ତାଙ୍କ ଅଭିଯୋଗ ଫଇସଲା ସଂକ୍ରାନ୍ତ ତଥ୍ୟ ବାହାରିଛି। ଏହି ଫଇସଲାରେ ବାଂଲାଦେଶରୁ ୧୯୭୨ ମସିହାରେ ମହାକାଳପଡ଼ା ରାମନଗରକୁ ଆସିଥିବା ବିଜୟକୃଷ୍ଣ ଦେବନାଥଙ୍କ ପରିବାର ସଦସ୍ୟ ମିଥ୍ୟା ଜାତି ପ୍ରମାଣପତ୍ରରେ ଚାକିରି କରିଥିବା ପ୍ରମାଣିତ ହୋଇଛି। ଆର୍‌ଡିସି ତଥା କମିଟି ସଦସ୍ୟ ବି. ପରମେଶ୍ୱରନ, ଏସ୍‌ସି ଏସ୍‌ଟି ଆର୍‌ଟିଆଇ ସହକାରୀ ନିର୍ଦ୍ଦେଶକ ମୌସୁମୀ ନାୟକ, କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ଓ କମିଟି ଯୁଗ୍ମ ନିର୍ଦ୍ଦେଶକ ପଦ୍ମଚରଣ ନାୟକ ଏହି ଅଭିଯୋଗ (କେସ୍ ନଂ. ଏକ୍ସଭିଆଇ ୩/୨୦୧୮) ଶୁଣାଣି କରି ପରିବାର ସଦସ୍ୟ ନୀଳିମା ଦେବନାଥ ଓ ଶୁଭ୍ରାଂଶୁ ଶେଖର ଦେବନାଥଙ୍କ ବିରୋଧରେ ଚାକିରି କରିଥିବା ଭୁବନେଶ୍ୱରସ୍ଥିତ ଓଡ଼ିଶା ହାଇଡ୍ରୋପାୱାର କର୍ପୋରେଶନ ଲିମିଟେଡ୍‌ର ନିର୍ଦ୍ଦେଶକ ମହାନଦୀ କୋଲ ଫିଲ୍ଡ ଲିମିଟେଡ୍‌ର ପରିଚାଳକଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପରିବାରର ଅନ୍ୟ ୫ ସଦସ୍ୟଙ୍କ ମିଥ୍ୟା ଜାତି ପ୍ରମାଣପତ୍ର ଥିବାରୁ ଆଗାମୀ ସମୟରେ ଏହାର ଦୁରୁପଯୋଗ ରୋକିବାକୁ ଜିଲାପାଳଙ୍କୁ ଚିଠି କରିଛନ୍ତି। ସେହିପରି ଏସ୍‌ପିଙ୍କ ଚିଠିରେ ଆପରାଧିକ କାର୍ଯ୍ୟ ପାଇଁ ପରିବାର ସଦସ୍ୟଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଉଲ୍ଲେଖ ଅଛି।

ଓଡ଼ିଶା ସୂଚନା ଅଧିକାର ଅଭିଯାନ(ଓସା)ର ଜିଲା ଆବାହକ ପ୍ରତାପ କୁମାର ମହାନ୍ତି କହିଛନ୍ତି, ବାଂଲାଦେଶୀଙ୍କ ଅନୁପ୍ରବେଶର ପ୍ରକୃଷ୍ଟ ଉଦାହରଣ ହେଉଛନ୍ତି ମହାକାଳପଡ଼ା ବ୍ଲକ୍ ବରକୋଳିଖଳା ଗ୍ରାମର ଅମିତ ରାୟ। ତାଙ୍କର ବାଂଲାଦେଶୀ ସାର୍ଟିଫିକେଟ ଓ ଏଠାରେ ଜାଲିଆତି କରି ପାଇଥିବା ରାଶନ କାର୍ଡ, ଶିକ୍ଷା ପ୍ରମାଣପତ୍ର, ପାସ୍‌ପୋର୍ଟ ଆଦିକୁ ଜିଲା ପ୍ରଶାସନ ପକ୍ଷରୁ ଜବତ ସତ୍ତ୍ୱେ ଏବେ ମଧ୍ୟ ସେ ରହୁଛନ୍ତି। ସେହିପରି ୨୦୨୪ ନିର୍ବାଚନରେ ୧୩୭ ଜଣଙ୍କ ଜାଲ ଭୋଟର ପରିଚୟପତ୍ରକୁ ଜିଲା ପ୍ରଶାସନ ଖାରଜ କରିଥିଲା। ପରିଚୟ ପତ୍ର ଖାରଜ ପରେ ସେମାନଙ୍କ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତାହା ମଧ୍ୟ ଜଣାପଡ଼ିନାହିଁ। କେନ୍ଦ୍ରପଡ଼ା ଜିଲାର ରାଜକନିକା, ରାଜନଗର, ମହାକାଳପଡ଼ା ସହ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ମଧ୍ୟ ଅନୁପ୍ରବେଶକାରୀଙ୍କୁ ଦେଖିବାକୁ ମିଳୁଛି। ସେମାନେ ବିଭିନ୍ନ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଛନ୍ତି। ଏମାନଙ୍କ ଚିହ୍ନଟ ପାଇଁ ୧୯୫୧ ପ୍ରଜାସ୍ୱତ୍ୱ, ୧୯୭୪ର ଭୋଟର ପରିଚୟ ପତ୍ର କାର୍ଯ୍ୟକାରୀ ହେଉ। ଚିହ୍ନଟ ପରେ ସେମାନଙ୍କୁ ଦେଶାନ୍ତର କରାଯାଉ ବୋଲି ପ୍ରତାପ ମତବ୍ୟକ୍ତ କରିଛନ୍ତି। ଜିଲାକୁ ଅନୁପ୍ରବେଶ ସମ୍ପର୍କରେ ଏସ୍‌ଡିପିଓ ଜ୍ୟୋତିଶଙ୍କର ଗୌଡ଼ଙ୍କୁ ପଚାରିବାରେ ସାମୁଦ୍ରିକ ଥାନା ସହ ଜିଲାର ଅନ୍ୟ ଥାନାଗୁଡ଼ିକରେ ଏ ନେଇ ସତର୍କଦୃଷ୍ଟି ଦିଆଯାଉଛି। ଅଚିହ୍ନା ଲୋକ ସ୍ଥାନୀୟ ଅଞ୍ଚଳରେ ରହିଲେ କିମ୍ବା ବୁଲାଚଲା କରୁଥିଲେ ନିକଟସ୍ଥ ଥାନାକୁ ସୂଚନା ଦେବାକୁ ସଚେତନତା କାର୍ଯ୍ୟକ୍ରମ ହେଉଛି ବୋଲି ସେ କହିଛନ୍ତି।

## ମା' ତାରିଣୀଙ୍କ ମନ୍ଦିର...

ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ମୁଖ୍ୟମନ୍ତ୍ରୀ ମନ୍ଦିରର ଉନ୍ନତି ପାଇଁ ବଡ଼ ଘୋଷଣା କରିଛନ୍ତି। ଏହି ସମୟରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ଭାଜପା ଜିଲା ସଭାପତି ଶୁକଦେବ ମହାନ୍ତଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ମା'ଙ୍କ ପୀଠରେ ୮୯ତମ ଚଇତି ପର୍ବ ପାଳନ ହେଉଛି। ମା'ଙ୍କର ଏହି ପର୍ବ ଆଡ଼ମ୍ବର ସହ ୭ ଦିନ ଧରି ପାଳନ ହେଉଥିବା ବେଳେ ମହାବିଷୁବ ପଣାସଂକ୍ରାନ୍ତି ଦିନଟି ଚଇତି ପର୍ବର ମୁଖ୍ୟ ଦିନ ଭାବେ ପାଳନ କରାଯାଉଛି। ଏହି ଅବସରରେ ମା'ଭକ୍ତଙ୍କୁ ସୁନାବେଶରେ ଦର୍ଶନ ଦେଇଥିଲେ। ବିଶ୍ୱାସ ରହିଛି ପଣାସଂକ୍ରାନ୍ତିରେ ମା'ଙ୍କ ଦର୍ଶନ ଲାଭକଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ଏଥିପାଇଁ ଘଟଗାଁ ପୀଠରେ ମା'ଙ୍କୁ ଦର୍ଶନକରିବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭକ୍ତ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସ୍ଥାନୀୟ ବିଭିନ୍ନ ସାମାଜିକ ଓ ଧାର୍ମିକ ସଙ୍ଗଠନ ପକ୍ଷରୁ ଭକ୍ତଙ୍କ ସୁରକ୍ଷିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ମେହୁଲ ଚୋକ୍‌ସି...

ଲଢ଼େଇ ଜାରି ରଖିଛନ୍ତି। ଚୋକ୍‌ସିଙ୍କ ବିରୋଧରେ ଇଣ୍ଟରପୋଲ୍ ରେଡ୍‌କର୍ନର ନୋଟିସ ଜାରି କରିଥିଲେ ମଧ୍ୟ ପରେ ଏହାକୁ ହଟାଇଦେଇଥିଲା। ଆନୁଷ୍ଠାନିକ ପ୍ରତ୍ୟର୍ପଣ ପ୍ରକ୍ରିୟା ଜାରି ରହିଥିବାବେଳେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଚୋକ୍‌ସି ଜାମିନ ଆବେଦନ କରିପାରନ୍ତି ବୋଲି କୁହାଯାଉଛି। ତେବେ ଜାମିନ ନୁହେଁ ଅପିଲ୍ କରାଯିବ ବୋଲି ଚୋକ୍‌ସିଙ୍କ ଓକିଲ ବିଜୟ ଅଗ୍ରୱାଲ କହିଛନ୍ତି। ତାଙ୍କୁ ବେଲ୍‌ଜିୟମରେ ଅଟକ ରଖି ଭାରତର ପ୍ରତ୍ୟର୍ପଣ ନିବେଦନ ବିରୋଧରେ ଲଢ଼ିବା ପାଇଁ ଅନୁମତି ଦେବାକୁ ଅପିଲ୍ କରାଯିବ। ଭାରତୀୟ ଜେଲର ସ୍ଥିତି ସମ୍ପର୍କରେ ଅବଗତ କରାଯିବା ସହ ମାମଲା ରାଜନୈତିକ ଭାବେ ପ୍ରେରିତ ବୋଲି ଅଦାଲତଙ୍କୁ ଜଣାଇ ଦିଆଯିବ ବୋଲି ଅଗ୍ରୱାଲ କହିଛନ୍ତି।

ପିଏନ୍‌ବିର ମୁମ୍ବାଇ ବ୍ରାଡି ହାଉସ୍ ଶାଖାରୁ ଋଣ ଜାଲିଆତି ମାମଲାରେ ସିବିଆଇ ଏବଂ ଇଡି ୨୦୧୮ରେ ଚୋକ୍‌ସି, ତାଙ୍କ କମ୍ପାନୀ ଗୀତାଞ୍ଜଳି ଜେମ୍ସ, ନୀରବ ମୋଦି, ସେମାନଙ୍କ ସହଯୋଗୀ ଏବଂ ପିଏନ୍‌ବିର କେତେଜଣ ଅଫିସରଙ୍କ ନାଁରେ ମାମଲା ରୁଜୁ କରିଥିଲେ। ଏହି ଦୁର୍ନୀତି ସହ ଜାଲିଆତି କରାଯାଇ ଜାରି ହୋଇଥିବା ଲେଟର୍ସ ଅଫ୍ ଅଣ୍ଡରଷ୍ଟାଣ୍ଡିଂ (ଏଲ୍‌ଓୟୁ) ଏବଂ ଫରେନ୍ ଲେଟର୍ସ ଅଫ୍ କ୍ରେଡିଟ୍ (ଏଫ୍‌ଏଲ୍‌ସି) ଜଡ଼ିତ, ଯେଉଁଥିପାଇଁ ଏତେବଡ଼ ଆର୍ଥିକ କ୍ଷତି ଘଟିଥିଲା। ଏହି ମାମଲାରେ ଚୋକ୍‌ସିଙ୍କ ବିରୋଧରେ ସିବିଆଇ ୨ଟି ଏବଂ ଇଡି ୩ଟି ଚାର୍ଜସିଟ୍ ଦାଖଲ କରିଛି। ତାଙ୍କୁ ଗିରଫ କରାଯିବା ଭାରତ ପାଇଁ ଏକ ବଡ଼ ସଫଳତା ବୋଲି କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନରାମ ମେଘୱାଲ କହିଛନ୍ତି।

## ଇସ୍ପାତ ସହରରେ...

ଛେଣ୍ଡ ଥାନା ଅଞ୍ଚଳରେ ଚାଲିଥିବା ଆଖଡ଼ା ଶୋଭାଯାତ୍ରାରେ ଅଂଶଗ୍ରହଣ କରିବାକୁ ଆସିଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁର୍ବୃତ୍ତମାନେ ଜଣେ ଯୁବକଙ୍କୁ ବିଟ୍ ବଜାରରେ ଗୋଡ଼ାଇ ଗୋଡ଼ାଇ ହାଣି ଦେଇଥିଲେ। ଉକ୍ତ ଘଟଣାରେ ପୋଲିସ ୭ଜଣଙ୍କୁ ଗିରଫ କରିଥିଲା। ଗତ ଶୁକ୍ରବାର ସନ୍ଧ୍ୟାରେ ଉଦିତ୍‌ନଗର ଥାନା ଅନ୍ତର୍ଗତ ମାଲ୍‌ଗୋଦାମ ଅଞ୍ଚଳରେ ଜଣେ ଶ୍ରମିକଙ୍କ ପେଟ୍‌କସ ଆକ୍ରମଣରେ ଅନ୍ୟଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ସାମାନ୍ୟ କଥାକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ବଚସାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ସେହିପରି ରଘୁନାଥପାଲି ଥାନା ଅଧୀନ ଏସ୍‌ଟିଆଇ ରେଳଲାଇନ୍‌ର କିଛିଦୂରରେ ରବିବାର ସକାଳ ପ୍ରାୟ ୭ଟା ସମୟରେ ଅମୃତ ମହାକୁଡ(୪୨)ଙ୍କୁ ଗଳାକାଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ଏସ୍‌ଟିଆଇ ଗଜପତିପାଲିରେ ରହୁଥିବା ବିକାଶ ଗୋଛାୟତ(୨୪)ଙ୍କୁ ଗିରଫ କରି ହତ୍ୟାରେ ବ୍ୟବହୃତ ଛୁରି ଜବତ କରିଥିଲା।

## ୧୪ ବର୍ଷ ହେଲା...

କମ୍ ଦରମା, ଜବ୍ ସିକ୍ୟୁରିଟି ନ ରହିବା ଆଦି ବିଭିନ୍ନ କାରଣ ଯୋଗୁ ଦେଶର ଯୁବପିଢ଼ି ବିବାହ କରିବାକୁ ପସନ୍ଦ କରୁନାହାନ୍ତି କିମ୍ବା ବିଳମ୍ବରେ ବିବାହ କରୁଛନ୍ତି ବୋଲି ସେ କହିଛନ୍ତି। ତେଣୁ ଏହିସବୁ ସମସ୍ୟାର ସମାଧାନ ପାଇଁ ଜାପାନ ସରକାର ବିଭିନ୍ନ ପଦକ୍ଷେପକୁ କାର୍ଯ୍ୟକାରୀ କରିବା ଆରମ୍ଭ କରିଛନ୍ତି। ସରକାର ପିଲାଙ୍କ ଲାଳନପାଳନ ପାଇଁ ଆର୍ଥିକ ସହାୟତା ବଢ଼ାଇବା, ଯୁବପିଢ଼ିଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ ସହ ସେମାନଙ୍କର ଦରମା ବୃଦ୍ଧି କରିବା, ସେମାନଙ୍କୁ ବିବାହ ସୁଯୋଗ ଦେବା ଆଦି ଉପରେ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରୁଥିବା ନେଇ ସେ କହିଛନ୍ତି। ସେହିପରି ଜାପାନର ଯେଉଁ ଯୁବ ଦମ୍ପତି ପିଲା ଜନ୍ମ କରିବା ସହ ଖୁସିରେ ପିଲାର ଲାଳନପାଳନ କରିବାକୁ ଚାହୁଁଛନ୍ତି, ସେ ଦିଗରେ ଜାପାନ ସରକାର ବିଭିନ୍ନ ପ୍ରତିଯୋଗିତାମୂଳକ ନୀତିକୁ ପ୍ରୋତ୍ସାହିତ କରିବା ଜାରି ରଖିବେ ବୋଲି ଯୋଶିମାସା କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ମନ ଅନୁଯାୟୀ କାମ ସମ୍ପନ୍ନ ହେବ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ହିଁ ପାଇବେ। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, ତର୍କ, ଆଲୋଚନା, ଆନୁଷ୍ଠାନିକ କାମରେ ସଫଳତା ଅବଶ୍ୟ ପାଇବେ। କେତେକ କ୍ଷେତ୍ରରେ ଆପଣଙ୍କ କଠୋର ସତ୍ୟ ବ୍ୟବହାରରେ ବନ୍ଧୁ ଅଭିମାନ କରିପାରନ୍ତି।

**ବୃଷ** ପରିବାରର କୌଣସି ବ୍ୟତିକ୍ରମଜନିତ ସମସ୍ୟାକୁ ସୁଧାରି ନେବା ପାଇଁ ପ୍ରଯତ୍ନ କରିବେ। ଗୃହୋପକରଣ ସାମଗ୍ରୀ କ୍ରୟ କରିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ କାର୍ଯ୍ୟଶୈଳୀକୁ ନାପସନ୍ଦ କରି ସମାଲୋଚିତ ହେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ।

**ମିଥୁନ** ପ୍ରତ୍ୟେକ କାମରେ ପ୍ରତିବନ୍ଧକ ଲାଗି ରହିବାରୁ ନିରୁତ୍ସାହତା ସୃଷ୍ଟି ହେବ। ବକେୟା ପାଇବା ପାଇଁ ଅନ୍ୟ ମାନଙ୍କର ସାହାଯ୍ୟ ନେବାକୁ ବାଧ୍ୟ ହେବେ। ବାକ୍ ଚାତୁରି ଦ୍ୱାରା ଆପ୍ୟାୟିତ କରି ବନ୍ଧୁଙ୍କଠାରୁ କାର୍ଯ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ନୀତିଗତ କାମରୁ ପ୍ରଶଂସା ପାଇବେ କିନ୍ତୁ ପୂର୍ବପ୍ରସ୍ତୁତିରେ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ।

**କର୍କଟ** ଖର୍ଚ୍ଚ ବୃଦ୍ଧି ପାଇବା ସାଙ୍ଗକୁ ଭୁଲ୍ ବୁଝାମଣାଜନିତ ପାରିବାରିକ ସମସ୍ୟା ଚିନ୍ତାର କାରଣ ହେବ। ନିର୍ମାଣ, ଜମିଜମା, ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କ ହେବ। ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରଭୃତିରେ ଦୀର୍ଘଦିନର ଆଶା ଫଳବତୀ ହେବ। ମନ ପସନ୍ଦର କୌଣସି ଜିନିଷ ପାଇ ସାୟାହ୍ନେ ମନ ଖୁସି ହୋଇଯିବ।

**ସିଂହ** ପରିବାରରେ ତର୍କବିତର୍କ କାରଣରୁ ଭାଇ, ଭଉଣୀଙ୍କ ସହ ମତାନ୍ତର ଘଟିପାରେ। ଏହା ସାଙ୍ଗକୁ କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡ଼ିବେ। କାର୍ଯ୍ୟବ୍ୟସ୍ତ କାରଣରୁ କୌଣସି କଥା ଠିକ୍ ରହିବ ନାହିଁ। ଅପେକ୍ଷା କରିଥିବା ଲୋକଟିର ଦେଖା ନ ପାଇବାରୁ ବିରକ୍ତି ଅନୁଭବ କରିପାରନ୍ତି।

**କନ୍ୟା** ଅଟକିଥିବା କାମ, ପାଇବାକୁ ଥିବା ଅର୍ଥ, ବନ୍ଧୁବର୍ଗଙ୍କ ସାହାଯ୍ୟ ପାଇବାରେ ଅସୁବିଧା ହେବ ନାହିଁ। ସମସ୍ୟା ସୁଧାରିବାରେ ଜଣେ ନିମ୍ନ ବର୍ଗର ଲୋକ ସାହାଯ୍ୟ କରିବ। ଘରେ ବନ୍ଧୁ ମିଳନ ସଙ୍ଗକୁ କୌଣସି ଆଲୋଚନା ସନ୍ତୋଷଜନକ ହୋଇପାରିବ। ଆକସ୍ମିକ ଆବଶ୍ୟକତା ପୂରଣ କରିବା ପାଇଁ ଧାର ସୂତ୍ରରେ ଅର୍ଥ ଆଣିପାରନ୍ତି।

**ତୁଳା** ଅତୀତ ସ୍ମୃତି ରୋମନ୍ଥନ କରି ଭାବପ୍ରବଣ ହୋଇ ପାରନ୍ତି। ଖୋଜୁଥିବା ଜିନିଷ ସୁବିଧାରେ ପାଇଯିବେ କିନ୍ତୁ ଏଥିପାଇଁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ନିର୍ମାଣାଧୀନ ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପଡ଼ୋଶୀଙ୍କ ଅବଦାନ ଅଭୁଲା ରହିବ।

**ବିଛା** ସାଧାରଣ ସମସ୍ୟାକୁ ଗୁରୁତ୍ୱର ସହ ବିଚାରକୁ ନେଇ ଉତ୍ତେଜିତ ହୋଇପାରନ୍ତି। ଅନ୍ୟମାନଙ୍କ ସହ ମତାନ୍ତର କାରଣରୁ ମାନସିକ ଅବସ୍ଥା ଠିକ୍ ରହିବ ନାହିଁ ଆଜି ହିଁ ସମ୍ପନ୍ନ କରିବାକୁ ଚିନ୍ତା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ। ଶିଳ୍ପ, ବାଣିଜ୍ୟ, କଳା ସାହିତ୍ୟ ଓ ରାଜନୈତିକ ସ୍ତରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ଆଜି ଆପଣ ଯେଉଁ କାମ କରନ୍ତୁନା କାହିଁକି,ସେଥିରେ ନିଶ୍ଚିତ ସଫଳତା ପାଇବେ। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ ଓ କୌଣସି କାମ ମଧ୍ୟ ଅଟକିବ ନାହିଁ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ନୂତନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି।

**ମକର** ଆବଶ୍ୟକୀୟ ଅର୍ଥ ଯୋଗାଡ଼ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବେ। ପାରିବାରିକ ଅସ୍ଥିରତା ଦୂରେଇବାରେ ଆତ୍ମୀୟଙ୍କ ସହଯୋଗ ଜରୁରୀ ହୋଇପଡ଼ିବ। ଆନୁଷ୍ଠାନିକ କାମ, ସଭାସମିତି, ନୂତନ ଉଦ୍ୟୋଗ ଏବଂ ସାଂସ୍କୃତିକ କାମରେ ସହଭାଗୀ ହେବାକୁ ପଡ଼ିପାରେ। ଆନୁଷଙ୍ଗିକ କାମକୁ ହାସଲ ପାଇଁ ସାହାଯ୍ୟର ଦରକାର ପଡ଼ିବ ନାହିଁ।

**କୁମ୍ଭ** ଅନ୍ୟମନସ୍କତା ହେତୁକ ଅଭାବନୀୟ ପରିସ୍ଥିତିକୁ ସାମ୍ନା କରିବେ। ଯାତ୍ରାରେ ହଇରାଣ, ବିବାଦରେ ପରାଜୟ, ଗୃହାରମ୍ଭେ କ୍ଷତି, ଔଷଧ ସେବନରେ ହାନି ପଶୁ କ୍ରୟରେ କ୍ଷତିରେ ପଡ଼ିବେ। ଯୋଜନା କାର୍ଯ୍ୟକାରୀ କରିବାରେ ଉପକରଣର ଅଭାବ ପରିଲକ୍ଷିତ ହେବ। ସମ୍ପର୍କୀୟଙ୍କ ସାହାଯ୍ୟରେ ମାଙ୍ଗଳିକ ଉତ୍ସବ ପ୍ରସ୍ତୁତି ଆରମ୍ଭ କରିପାରନ୍ତି।

**ମୀନ** କେତେକ କ୍ଷେତ୍ରରେ ହାତରୁ ଖାଇ ପର ପାଇଁ ଲଢ଼େଇ କରିବେ, କିନ୍ତୁ ବାହାବା ନେବ ଅନ୍ୟ ଜଣେ। ଯେ କୌଣସି କାମ ହେଉନା କାହିଁକି, ତରବରିଆ ପଦକ୍ଷେପ ନେଲେ ହଇରାଣ ହେବେ। ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରିପାରିଲେ ଅବଶ୍ୟ ସଫଳତା ନିଶ୍ଚିତ ମିଳିବ। ମାତ୍ରାଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବଜନିତ ସ୍ୱାସ୍ଥ୍ୟହାନି ଘଟିପାରେ।

ଆଜି ଏପ୍ରିଲ ୧୫ ତାରିଖ ବୈଶାଖ କୃଷ୍ଣ ଦ୍ୱିତୀୟାଯୁକ୍ତ ତୃତୀୟା ମଙ୍ଗଳବାର, ଶ୍ରୀମନ୍ଦିରରେ ରାବଣ ବଧ ପ୍ରସ୍ତାବ, ବଙ୍ଗଳା ପହିଲା ବୈଶାଖ, ବଙ୍ଗୀୟ ସନ ୧୪୩୨ ଆରମ୍ଭ, ରାଶି ନକ୍ଷତ୍ର ବିଶାଖା/ତୁଳା, ତୃତୀୟାର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮.୩୯ମି. ଗତେ ଘ.୧୦.୩୧ମି. ମଧ୍ୟେ, ଘ.୦୧.୦୧ମି. ଗତେ ଘ.୦୧.୨୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଦିବା ଘ.୦୨.୫୩ମି. ଗତେ ଘ. ୦୪.୨୭ମି. ମଧ୍ୟେ ରାହୁକାଳ।

# +୩ ନାମଲେଖା ପାଇଁ ୧୬ରୁ ଆବେଦନ

ଭୁବନେଶ୍ୱର,୧୪।୪
(ସୁଚିସ୍ମିତା ସାହୁ)

ଆସନ୍ତା ୧୬ ତାରିଖରୁ +୩ ନାମଲେଖା ପାଇଁ ଆବେଦନ ହେବ। ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ୨୦୨୫-୨୬ ପାଇଁ ନାମଲେଖା ପ୍ରକ୍ରିୟା ଚାଲିବ। ଛାତ୍ରୀଛାତ୍ର ଏକାଡେମିକ ମ୍ୟାନେଜମେଣ୍ଟ ସିଷ୍ଟମ ପୋର୍ଟାଲ ମାଧ୍ୟମରେ ଆବେଦନ କରି ନିଜ ପସନ୍ଦର ବିଷୟ ଚୟନ କରିପାରିବେ। ଦୁଇଟି ଅପ୍‌ଶନାଲ ସହିତ ଗୋଟିଏ ମେଜର, ଗୋଟିଏ ଡବଲ ମେଜର କିମ୍ବା ତିନୋଟି ଅପ୍‌ଶନାଲ ବାଛିପାରିବେ। ଜୁଲାଇ ୧୦ ସୁଦ୍ଧା ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ସରକାର ବିଭିନ୍ନ ଉଚ୍ଚଶିକ୍ଷା ପାଠ୍ୟକ୍ରମ ଯଥା ସ୍ନାତକୋତ୍ତର ଓ ଦୁଇବର୍ଷିଆ ବି.ଏଡ୍, ଏମ୍.ଏଡ୍ ଏବଂ ବି.ଏଚ୍.ଏଡ୍ ପାଇଁ ନାମଲେଖା ପ୍ରକ୍ରିୟାକୁ ସୁଗମ କରିବା ଲାଗି ବ୍ୟାପକ ପଦକ୍ଷେପ ନେଉଛନ୍ତି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଧ୍ୟାନରେ ରଖି ତଥା ଶିକ୍ଷାଗତ କ୍ୟାଲେଣ୍ଡର କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ୧୦ ଜୁଲାଇ ସୁଦ୍ଧା ସ୍ନାତକୋତ୍ତର ପାଠପଢ଼ା ଆରମ୍ଭ କରିବାକୁ ଯୋଜନା କରିଛନ୍ତି। ଶିକ୍ଷାବର୍ଷର ସମୟସୀମା ଆରମ୍ଭ, ପରୀକ୍ଷାକୁ ସୁରୁଖୁରୁରେ ପରିଚାଳନା ଏବଂ ଫଳାଫଳ ଶୀଘ୍ର ଘୋଷଣା ସୁନିଶ୍ଚିତ କରିବା ପାଇଁ ଏହି ସମୟସୀମା ସ୍ଥିର କରାଯାଇଛି। ଏହା ଛାତ୍ରୀଛାତ୍ରଙ୍କ ପାଇଁ ଲାଭଦାୟକ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ନଅ ଛଅ ତେର,**
**ଯେବେ ଯିବୁ ଘର**
**ତେବେ ହେବ ଜର।**

ସାଧାରଣତଃ ଛଅ, ନଅ ଓ ତେର ଦିନରେ ଘରକୁ ଫେରିବାରେ ବାରଣ କରାଯାଇଥାଏ। କାରଣ ଏହି ଦିନଗୁଡ଼ିକରେ ଘରକୁ ଫେରିଲେ ଦେହ ଖରାପ ହେବାର ସମ୍ଭାବନା ରହିଥାଏ। ଏହା ଏକ ଅନ୍ଧବିଶ୍ୱାସ ହୋଇଥିଲେ ମଧ୍ୟ ଆଜିବି ଆମ ସମାଜରେ ପ୍ରଚଳିତ ହୋଇ ଆସୁଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନାଳିଆ ଟୋକେଇ ପୁଞ୍ଜି ପୁଞ୍ଜିକା ଲୋ**
**ଶୋଲ ଶାଗ ତୋଳିବାକୁ**
**ବାପ ଦେଇଛନ୍ତି ବୁଢ଼ା ବରକୁ ଲୋ**
**ଚାଳ ଧରି କାନ୍ଦିବାକୁ।**

ସାଧାରଣତଃ ଭଲ ଘର ଓ ଭଲ ବର ଦେଖି ଝିଅଟିକୁ ବିଭା ଦିଆଯାଇଥାଏ। ତେବେ ଦରିଦ୍ର ଘର ଓ ବୁଢ଼ା ବର ମିଳିଥିବା କନ୍ୟାଟି ଭାଗ୍ୟରେ କାନ୍ଦିବା ହିଁ କେବଳ ସାର ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।


# ଓଡ଼ିଆ ଅନର୍ସ ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅଧ୍ୟକ୍ଷଙ୍କ ଚିଠି

## ପାଣ୍ଠି ବ୍ୟବସ୍ଥା ନ ହେବାରୁ ହେଉଛି ଅସୁବିଧା

### ରାୟଗଡା ମଡେଲ ଡିଗ୍ରୀ କଲେଜ

ରାୟଗଡ଼ା,୧୪।୪
(ଆଶିଷ ରଞ୍ଜନ ପଣ୍ଡା)

ରାଜ୍ୟ ସରକାର ଓଡ଼ିଆ ଅସ୍ମିତା କଥା କହୁଛନ୍ତି। ହେଲେ ସେହି ଭାଷା ଆଜି ବିପଦରେ। ସରକାରଙ୍କ ନିର୍ଦ୍ଦେଶକୁ ମାନୁନି ବିଶ୍ୱବିଦ୍ୟାଳୟ। ଫଳରେ କଲେଜରୁ ଓଡ଼ିଆ ଅନର୍ସ ପାଠ୍ୟକ୍ରମ ବିଷୟ ବନ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଗତ ୫ ତାରିଖରେ ରାୟଗଡ଼ା ମଡେଲ ଡିଗ୍ରୀ କଲେଜ ଅଧ୍ୟକ୍ଷ ଚିଠି ଲେଖିଛନ୍ତି। ଅଧ୍ୟକ୍ଷଙ୍କ କହିବାନୁସାରେ ଓଡ଼ିଆ ଅନର୍ସ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷରେ ୯୬ ଛାତ୍ରୀଛାତ୍ର ପଢୁଥିବା ବେଳେ ପ୍ରତିବର୍ଷ ପରୀକ୍ଷା ଫି ବାବଦକୁ ୯୬ ହଜାର ଟଙ୍କା ବିଶ୍ୱବିଦ୍ୟାଳୟକୁ ଦେବାକୁ ପଡୁଛି। ଯାହାକି ଅନ୍ୟ ବିଭାଗ ଛାତ୍ରୀଛାତ୍ରଙ୍କ ଅର୍ଥରୁ ଦେଉଛନ୍ତି, ତେଣୁ ଏହା ପ୍ରତିବର୍ଷ ଦେବା ସମ୍ଭବ ନୁହେଁ। ତେଣୁ ମଡେଲ ଡିଗ୍ରୀ କଲେଜ ଅଧ୍ୟକ୍ଷ ବିପ୍ର ନାରାୟଣ ମଲ୍ଲିକ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ରାଜ୍ୟପାଳ, ଉଚ୍ଚଶିକ୍ଷା ବିଭାଗ ସଚିବ ଓ ବିଭାଗୀୟ ଅଧିକାରୀଙ୍କୁ ଚିଠି ଲେଖିଛନ୍ତି। ପାଣ୍ଠି ବ୍ୟବସ୍ଥା କରାଯାଉ ନ ହେଲ ମଡେଲ ଡିଗ୍ରୀ କଲେଜରୁ ଓଡ଼ିଆ ଅନର୍ସ ବିଷୟକୁ ବାଦ ଦିଆଯାଉ ବୋଲି ଉଲ୍ଲେଖ କରିଛନ୍ତି।


Office of the Principal, Model Degree College, Rayagada
AT- Amlabhatta, Po- Penta, Dist- Rayagada (Odisha) Pin- 765017
Contact No: 7008779251, E-mail – mdcrayagada@gmail.com
Website: www. mdcr.ac.in

Office Letter No. 371 /MDC-R Date 05/04/2025

To
The Joint Secretary,
Department of Higher Education, (PTC-Section, SAMS),
Bhubaneswar.

Sub: Withdrawal of Odia Honours Subject from Model Degree College, Rayagada.

Ref: Your Office Letter No. 1829, Dtd. 19.01.2018

Madam,

In inviting a reference to the subject and letter cited above, I would like to request you to kindly withdraw the Odia Honours subject from this college, as the College have no funds available for payment of different fees of Odia students. Although, I have requested several times to higher authorities about this problem, no action has been taken either for collecting fees from the students or exempting fees by the Universities or providing the fees by the Government to run the Odia subject at UG level of Government Colleges. As the college has no funds for payment to the University regarding the form fill up the students, they will neither be able to appear the examinations or the result will be published.

Hence, keeping in view of the better of students the subject as honours may be withdrawn from this college.

Thanking You.

Yours faithfully,

Principal
Model Degree College
PRINCIPAL
MODEL DEGREE COLLEGE
RAYAGADA

କଲେଜ ଅଧ୍ୟକ୍ଷ ଲେଖିଥିବା ଚିଠି।

ସୂଚନାଯୋଗ୍ୟ, ଆଦିବାସୀ ଛାତ୍ରୀଛାତ୍ର ପଢ଼ିବା ପାଇଁ ସରକାର ଓଡିଆ ଅନର୍ସ ପାଠ୍ୟକ୍ରମ ଆରମ୍ଭ କରିଥିଲେ। ଓଡିଆ ଅନର୍ସ ରଖି ଯିଏ ପଢ଼ିବ ସେମାନଙ୍କ ସମସ୍ତ ଫି ଛାଡ ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହା ମାନିବାକୁ ନାରାଜ। ଫି ନ ଦେବାରୁ ପିଲାଙ୍କ ପରୀକ୍ଷାଫଳ ପ୍ରକାଶ କଲେନାହିଁ। ଗରିବ ଆଦିବାସୀ ଛାତ୍ରୀଛାତ୍ର ଫି ଛାଡ ପାଇଁ ପାଠ ପଢୁଥିବା ବେଳେ ବର୍ତ୍ତମାନ ଦେବା ସମ୍ଭବ ନୁହେଁ। ତେବେ ଅନ୍ୟ ବିଭାଗର ଛାତ୍ରୀଛାତ୍ରଙ୍କ ଅର୍ଥରୁ କିଛି ବାହାର କରି ପ୍ରତିବର୍ଷ କଲେଜ କର୍ତ୍ତୃପକ୍ଷଙ୍କୁ ବିଶ୍ୱବିଦ୍ୟାଳୟକୁ ଦେବାକୁ ପଡୁଛି। ଫଳରେ ଅନ୍ୟ ବିଭାଗରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପାଇଁ ଅସୁବିଧା ହେଉଛି। ତେଣୁ ରାଜ୍ୟ ସରକାର ଓଡ଼ିଆ ଅନର୍ସ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ଅନୁଦାନର ବ୍ୟବସ୍ଥା କରନ୍ତୁ ନ ହେଲ ଏ ବିଷୟକୁ ବିଷୟକୁ ବନ୍ଦ କରିଦିଅନ୍ତୁ ବୋଲି ଅନୁରୋଧ କରି ଚିଠି ଲେଖିଛନ୍ତି। ମଡେଲ ଡିଗ୍ରୀ କଲେଜରେ ବିଜ୍ଞାନ, କଳା ଓ ବାଣିଜ୍ୟ ବିଭାଗର ବିଭିନ୍ନ ବିଷୟ ନେଇ ଆଦିବାସୀ ଛାତ୍ରୀଛାତ୍ର ପଢୁଛନ୍ତି। ଏହି ସମସ୍ତ ବିଭାଗରେ ସ୍ୱତନ୍ତ୍ର ପାଣ୍ଠିଥିବା ବେଳେ ଓଡ଼ିଆ ଅନର୍ସରେ ଭିନ୍ନ ପାଣ୍ଠିର ବ୍ୟବସ୍ଥା ନାହିଁ। ଫଳରେ ଅନ୍ୟ ବିଭାଗ ଭଳି ଓଡିଆ ଅନର୍ସ ଛାତ୍ରୀଛାତ୍ର ସେମିନାର କିମ୍ବା ଷ୍ଟଡିଟୁର ଯାଇପାରୁ ନାହାନ୍ତି। ଏହାଦ୍ୱାରା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପିଲାଙ୍କୁ ଓଡିଆ ବିଷୟ ପ୍ରତି ଆକୃଷ୍ଟ କରିବା ପାଇଁ ତତ୍କାଳୀନ ସରକାର ସମସ୍ତ ସରକାରୀ ମହାବିଦ୍ୟାଳୟକୁ ୧୯।୧।୧୮ ରେ ପତ୍ର ସଂଖ୍ୟା ୦୦୧/୨୦୧୮ ରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ସମସ୍ତ ସରକାରୀ ମହାବିଦ୍ୟାଳୟରେ ସ୍ନାତକ ଓଡିଆ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ କୌଣସି ଅର୍ଥ ଦେବାକୁ ପଡ଼ିବ ନାହିଁ, ଯାହାକି ୨୦୧୮-୧୯ ଶିକ୍ଷା ବର୍ଷରୁ ଲାଗୁ ହେବ ବୋଲି କୁହାଯାଇଥିଲା। ହେଲେ ଏହି ନିର୍ଦ୍ଦେଶକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମାନିବାକୁ ନାରାଜ। ତେଣୁ ରାଜ୍ୟ ରାଜ୍ୟ ସରକାର ଏହାକୁ ଗୁରୁତର ସହ ନେଇ ସମସ୍ୟା ସମାଧାନ ନ କଲେ ଆଗାମୀ ଦିନରେ ଓଡ଼ିଆ ପାଠ୍ୟକ୍ରମ ଇତିହାସ ହୋଇ ରହିଯିବ।

# ଧନ୍ଦାମୂଳକ ଶିକ୍ଷାକୁ ଅଣଦେଖା

ଭୁବନେଶ୍ୱର,୧୪।୪
(ସୁଚିସ୍ମିତା ସାହୁ)

**ଚୁକ୍ତି ସରିଯାଇଥିବାରୁ ପଢ଼ାଇବାକୁ ଆସୁନାହାନ୍ତି ଟ୍ରେନର**
- ୧,୭୨,୮୦୦ ଛାତ୍ରୀଛାତ୍ର ଚିନ୍ତାରେ
- ୪ ମାସ ହେଲା ଟ୍ରେନରଙ୍କୁ ମିଳିନି ଦରମା

ଭୋକେଶନାଲ ଏଜୁକେଶନ ବା ଧନ୍ଦାମୂଳକ ଶିକ୍ଷା ପ୍ରତି ରାଜ୍ୟ ସରକାର ଅଣଦେଖା କରୁଥିବା ଅଭିଯୋଗ ଉଠିଛି। ଚୁକ୍ତି ଟ୍ରେନରଙ୍କୁ ନେଇ ପାଠ୍ୟକ୍ରମ ଚାଲିଥିବାବେଳେ ପାଠପଢ଼ାରେ ସେମାନେ ମଧ୍ୟ ଅବହେଳା କରୁଛନ୍ତି। ଫଳରେ ଏହାକୁ ତୃତୀୟ ଅପ୍ସନାଲ ରଖି ପାଠପଢୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଛି। ନୂଆ ଶିକ୍ଷା ବର୍ଷ ଆରମ୍ଭ ହୋଇ ୧୪ ଦିନ ଅତିକ୍ରମ କରିଥିଲେ ମଧ୍ୟ ପାଠପଢା ଆରମ୍ଭ ହୋଇନାହିଁ। କୌଣସି ଭୋକେଶନାଲ ଟ୍ରେନର ବିଦ୍ୟାଳୟ ଆସୁ ନ ଥିବାରୁ ପିଲାମାନେ ଶ୍ରେଣୀଗୃହରେ ବସି ବସି ଘରକୁ ଫେରୁଛନ୍ତି। ଟ୍ରେନରଙ୍କ ଅଭିଯୋଗ ହେଉଛି, କମ୍ପାନୀ ସହ ସେମାନଙ୍କ ଚୁକ୍ତି ସରିଯାଇଥିବାବେଳେ ୪ ମାସ ହେବ ଦରମା ପାଇନାହାନ୍ତି। ତେଣୁ ପାଠ ପଢ଼ାଇପାରିବେ ନାହିଁ ବୋଲି ସେମାନେ କହିଛନ୍ତି। ଫଳରେ ରାଜ୍ୟର ପ୍ରାୟ ୧,୭୨,୮୦୦ ଛାତ୍ରୀଛାତ୍ର ପାଠ ପଢ଼ାରୁ ବଞ୍ଚିତ ହୋଇ ଚିନ୍ତାରେ ଥିବା ଜଣାପଡିଛି। କେନ୍ଦ୍ର ସରକାର ନୂତନ ଶିକ୍ଷା ନୀତି-୨୦୨୦ରେ ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ଦେଇଛନ୍ତି। ଓଡ଼ିଶାରେ କାହିଁକି ଧନ୍ଦାମୂଳକ ଶିକ୍ଷାକୁ ଏତେ ଅବହେଳା କରାଯାଉଛି ବୋଲି ଏନ.ପି.ଏସ୍. ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ପ୍ରଶ୍ନ କରିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ ନ ହେଲେ ସଂଘ ଅଭିଭାବକଙ୍କ ସହ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ୨୦୧୬ ମସିହାରୁ ଓଡ଼ିଶାର ପ୍ରାୟ ୧୦୮୦ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମ ଚାଲିଛି। ଗୋଟିଏ ସ୍କୁଲରେ ନବମ ଓ ଦଶମ ଦୁଇଟି ଶ୍ରେଣୀ ପାଇଁ ଦୁଇଟି ଟ୍ରେଡ୍‌ରେ ପ୍ରାୟ ୮୦ ଜଣ ହିସାବରେ ୧୬୦ ଜଣ ଛାତ୍ରୀଛାତ୍ର ଉପକୃତ ହେଉଛନ୍ତି। ସରକାର ଏହି ପାଠ୍ୟକ୍ରମ ପରିଚାଳନା କରିବା ପାଇଁ କେତୋଟି ଭୋକେଶନାଲ ଟ୍ରେନିଂ ପାର୍ଟନର(ଯାହାକି ଏକ ଘରୋଇ କମ୍ପାନୀ)ଙ୍କୁ ଦାୟିତ୍ୱ ଦେଇଥିଲେ। ଗତ ମାର୍ଚ୍ଚ ୩୧ ତାରିଖରେ ସେହି କମ୍ପାନୀଗୁଡ଼ିକର ଚୁକ୍ତି ଓସେପା ସହ ଶେଷ ହୋଇଯାଇଛି। ତେଣୁ ଭୋକେଶନାଲ ଟ୍ରେନରମାନେ ସ୍କୁଲ ଯିବେ କି ନାହିଁ ଦ୍ୱନ୍ଦ୍ୱରେ ପଡିଛନ୍ତି। ସେମାନଙ୍କ ଚାକିରି ଅଛି କି ନାହିଁ ସେ ନେଇ ମଧ୍ୟ ଚିନ୍ତାରେ ପଡିଛନ୍ତି। ଏହାର ପ୍ରଭାବ ସିଧାସଳଖ ତୃତୀୟ ଅପ୍‌ଶନାଲ ଭୋକେଶନାଲ ପାଠ ପଢୁଥିବା ପିଲାଙ୍କ ଉପରେ ପଡିଛି। କମ୍ପାନୀମାନେ ସେମାନଙ୍କ ମନମାନି କରୁଥିବା ଦେଖିବାକୁ ମିଳିଛି। ପ୍ରାୟ ୪ରୁ ୫ ମାସ ଦରମା ନ ଦେଇ କମ୍ପାନୀମାନେ ଚୁପ୍ ବସିଛନ୍ତି। ଓସେପା ଏସବୁ ଜାଣି କାହିଁକି ଚୁପ୍ ବସିଛନ୍ତି ବୋଲି ସଂଘ ପ୍ରଶ୍ନ କରିଛି।

# ବିଷୁବ ସଂକ୍ରାନ୍ତିରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି

## ଓଡ଼ିଶାରେ ପ୍ରଚଳନ ହେଲା ନୂତନ ପଞ୍ଜିକା

ପୁରୀ,୧୪।୪(ଅଜିତ୍ କୁମାର ମହାନ୍ତି): ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ସୋମବାର ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହେବା ସହ ସାରା ଓଡ଼ିଶାରେ ନୂତନ ଓଡ଼ିଆ ପଞ୍ଜିକା ପ୍ରଚଳନ ହୋଇଛି। ଏହି ଅବସରରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପୁରୀ ସହରର ବିଭିନ୍ନ ମହାବୀର ମନ୍ଦିରକୁ ବିଜେ କରାଯିବା ସହ ଶ୍ରୀମନ୍ଦିରରୁ ମହାବୀରଙ୍କ ଚଳନ୍ତି ପ୍ରତିମା ଜଗନ୍ନାଥବଲ୍ଲଭକୁ ବିଜେ ପରେ ସ୍ୱତନ୍ତ୍ର ନୀତିକାନ୍ତି ସମ୍ପନ୍ନ କରାଯାଇଛି।

ଶ୍ରୀବିଗ୍ରହମାନଙ୍କ ସକାଳଧୂପ ସମ୍ପନ୍ନ ହେବା ପରେ ମହାଜନ ସେବକମାନେ ଭଣ୍ଡାର ମହାବୀରଙ୍କ ଚଳନ୍ତି ପ୍ରତିମାଙ୍କୁ ଭିତରକୁ ବିଜେ କରାଇଥିଲେ। ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ମହାବୀର ପାଲିଙ୍କିକୁ ବିଜେ ହୋଇଥିଲେ। ପରେ ଶ୍ରୀମନ୍ଦିର ପରିସରସ୍ଥ ମହାବୀର ଏବଂ ଶ୍ରୀମନ୍ଦିର ସହ ଜଡ଼ିତ ଥିବା ମହାବୀରଙ୍କୁ ଲାଗି ହେବା ପାଇଁ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣିଥିଲେ। ଘଣ୍ଟ, ଛତା, କାହାଳୀ ସହ ଶ୍ରୀମନ୍ଦିର ଭିତରବେଢାରେ ଥିବା ମହାବୀର, ଉପବନସ୍ଥିତ ମହାବୀର, ଉତ୍ତରଦ୍ୱାର ମହାବୀର, ଦକ୍ଷିଣଦ୍ୱାର ମହାବୀର, ବାରବାହୀ ହନୁମାନ, ସିଂହଦ୍ୱାର ମହାବୀରଙ୍କୁ ଆଜ୍ଞାମାଳ ପ୍ରଦାନ ସହ ପନ୍ତିଭୋଗ ଭୋଗ ଲାଗି କରାଯାଇଥିଲା। ପରେ ଆଜ୍ଞାମାଳ ଜଗନ୍ନାଥବଲ୍ଲଭ ମଠ ପରିସରସ୍ଥ ବଡ଼ ମହାବୀର ନାମରେ ପ୍ରସିଦ୍ଧ ସୁଗ୍ରୀବ ମହାରାଜଙ୍କ ନିକଟରେ ପହଞ୍ଚିଥିଲା। ଶ୍ରୀମନ୍ଦିର ପୂଜାପଣ୍ଡା ସୁଗ୍ରୀବ ମହାରାଜାଙ୍କୁ କାନ୍ତି ଓ ଶିରୁପା ସମର୍ପଣ କରିବା ପରେ ଆଜ୍ଞାମାଳ ଲାଗି କରିଥିଲେ। ମଠ ପରିସରରେ ଥିବା ଗୁମ୍ଫା ମହାବୀର (ଜାମ୍ବବାନ)ଙ୍କ ପାଖକୁ ଆଜ୍ଞାମାଳ ଯାଇଥିଲା। ସେଠାରେ ନୀତି ସରିବା ପରେ ମହାପ୍ରଭୁଙ୍କ ଆଜ୍ଞାମାଳର କିଛି ଅଂଶ ଗୁମ୍ଫା ମହାବୀରଙ୍କୁ ଲାଗି କରାଯାଇଥିଲା। ପରେ ଆଜ୍ଞାମାଳ ମଠ ପରିସରସ୍ଥ ଗୁଆବାରୀ ମହାବୀର ରୂପେ ପ୍ରସିଦ୍ଧି ଲାଭ କରିଥିବା ଶ୍ରୀହନୁମାନଙ୍କ ପାଖକୁ ଯାଇଥିଲା। ଏଠାରେ ପୂଜାନୀତି ସରିବା ପରେ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳର କିଛି ଅଂଶ ଶ୍ରୀହନୁମାନଙ୍କୁ ଲାଗି କରିଥିଲେ। ପରେ ଆଜ୍ଞାମାଳ ପୋଖରୀଆସ୍ଥିତ ମହାବୀରଙ୍କ ପାଖକୁ ନିଆଯାଇଥିଲା। ଏଠାରେ ନୀତି ପରେ ଆଜ୍ଞାମାଳର କିଛି ଅଂଶ ଲାଗିକରାଯାଇଥିଲା। ଅବଶିଷ୍ଟ ଆଜ୍ଞାମାଳ ସହ ପୂଜାପଣ୍ଡା ସାମନ୍ତ ଏବଂ ଅନ୍ୟ ସେବାୟତମାନେ ଚକ୍ରତୀର୍ଥ ଅଞ୍ଚଳର ବେଢ଼ି ହନୁମାନଙ୍କୁ ଲାଗି କରାଯିବା ସହ ଭୋଗ କରାଯାଇଥିଲା। ଅପରପକ୍ଷରେ ଶ୍ରୀମନ୍ଦିର ଭଣ୍ଡାର ମହାବୀର ପାଲିଙ୍କିରେ ଆସି ଶ୍ରୀଜଗନ୍ନାଥବଲ୍ଲଭରେ ବିଜେ କରିଥିଲେ। ମହାପ୍ରଭୁଙ୍କ ଆଜ୍ଞାମାଳ ପଟୁଆର ମଠକୁ ଫେରିବା ବେଳକୁ ଭଣ୍ଡାର ମହାବୀର ଅପେକ୍ଷା କରିଥିଲେ। ପୂଜାପଣ୍ଡା ସେବକ ମହାବୀରଙ୍କ ଚଳନ୍ତି ପ୍ରତିମାଙ୍କୁ ପ୍ରସାଦ ଲାଗି ସହ ଭୋଗ ଓ ବନ୍ଦାପନା କରିବା ପରେ ଭଣ୍ଡାର ମହାବୀର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା।

# ୨୦ ଫୁଟ୍ ତଳକୁ ଖସିଲା ରେସିଂ ବାଇକ୍, ଚାଳକ ମୃତ

ବାଲେଶ୍ୱର, ୧୪।୪(ବାଞ୍ଛାନିଧି ଦେ)

ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ସଦର ବ୍ଲକ ଅଧୀନ ରୂପସା ଥାନା ନିକଟରେ ରବିବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ପୁରୀରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ଏକ ରେସିଂ ବାଇକ୍ ଭାରସାମ୍ୟ ହରାଇ ଏକ ପୋଲ ପାର୍ଶ୍ୱରେ ୨୦ ଫୁଟ୍ ତଳକୁ ଖସିପଡ଼ିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ବାଇକ୍ ଚାଳକ ହେଲେ ପଶ୍ଚିମବଙ୍ଗ ଦକ୍ଷିଣଚବିଶ ପ୍ରଗଣା ପାରଣାଶ୍ରୀ ଥାନା ଅଞ୍ଚଳର ସାୟନ ଦାସ (୨୮)। ଖବରପାଇ ସୋମବାର ରୂପସା ଥାନା ଓଆଇସି ମୌସୁମୀ ମହାନ୍ତି, ଏଏସ୍‌ଆଇ ପାମା ଦେଇ ଓ ଉତ୍ତମ ସିଂ ପ୍ରମୁଖ ରାଜପଥ ପାଟ୍ରୋଲିଂ ଭ୍ୟାନ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି। ମୃତ ଯୁବକଙ୍କ ବ୍ୟାଗ୍‌ରୁ ପୁରୀ ଭୋଗ ଓ ବଡ଼ଦେଉଳର ନେତ ମିଳିଥିବା ପୋଲିସ କହିଛି। ଏ ସମ୍ପର୍କରେ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ସାୟନ ୪/୫ଜଣ ସାଙ୍ଗଙ୍କ ସହ ନିଜ ନିଜର ରେସିଂ ବାଇକ୍ ଯୋଗେ ପୁରୀ ବୁଲିବାକୁ ଯାଇଥିଲେ। ରବିବାର ରାତିରେ ଫେରିବା ବେଳେ ସେ ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁବରଣ କରିଥିଲେ। ସୋମବାର ଛେଳି ଚରାଇବାକୁ ଆସିଥିବା ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରୁଛି।

# ସୀମାନ୍ତରେ ଆଇଇଡି ଠାବ

ମାଲକାନଗିରି,୧୪।୪
(ନୃସିଂହ ଚରଣ ମହାନ୍ତି)

ଛତିଶଗଡ଼ ସୀମାନ୍ତ ବିଜାପୁର ଜିଲାରେ ଆଇଇଡି ଠାବ ହୋଇଛି। ସୁରକ୍ଷା କର୍ମୀଙ୍କୁ ଟାର୍ଗେଟକରି ମାଓବାଦୀମାନେ ଗୋର୍ନା-ମାନକେଲି ରାସ୍ତାରେ ଲଗାଇ ଥିବା ପାଞ୍ଚଟି ଆଇଇଡି ଜବତକରି ଏହାକୁ ଯବାନମାନେ ନିଷ୍କ୍ରିୟ କରିଛନ୍ତି। ଜୈତାଲୁର କ୍ୟାମ୍ପ ୧୩ ବାଟାଲିୟନର ଯବାନମାନେ ଏରିଆ ଡୋମିନେସନ୍ କରିବା ଲାଗି ଗୋର୍ନା ମାନକେଲି ରାସ୍ତାକୁ ଯାଇଥିଲେ। ମାନକେଲି ଗାଁ ନିକଟସ୍ଥ କଚ୍ଚା ରାସ୍ତାରେ ମାଓବାଦୀମାନେ ଲଗାଇ ଥିବା ୫ ଆଇଇଡି ଚିହ୍ନଟ କରିଥିଲେ। ଏହି ରାସ୍ତାରେ ୨ କି.ଗ୍ରା.ଓଜନର ୩ ବିୟର ବୋତଲ ବୋମା ଓ ୩ କିଲୋଗ୍ରାମ ଓଜନର ୨ଟି ଟିଫିନ୍ ବୋମା ସିରିଜରେ ରଖିଥିଲେ। ଯାହା ଏକ କମାଣ୍ଡ ସୁଇଚ୍ ସହିତ ସଂଯୋଗ ହୋଇଥିଲା। ଯାହାକୁ ସୁରକ୍ଷା କର୍ମୀ ସୁରକ୍ଷିତ ଭାବେ ନଷ୍ଟ କରିଛନ୍ତି।

# କଶ୍ମୀର ଉପତ୍ୟକାକୁ ରେଳ ସଂଯୋଗ: ଆହ୍ୱାନ, ସଫଳତା



ଭୁବନେଶ୍ୱର,୧୪।୪
(ଅନୁରାଧା ମହାରଣା)

ପ୍ରାୟ ୧୦୦ ବର୍ଷ ପୂର୍ବେ କଶ୍ମୀର ଉପତ୍ୟକାକୁ ଏକ ନ୍ୟାରୋଗଜ ରେଳ ସଂଯୋଗ ନିର୍ମାଣ ପାଇଁ ଯୋଜନା କରାଯାଇଥିଲା। ୧୮୯୨ ମାର୍ଚ୍ଚ ୧ରେ ମହାରାଜା ପ୍ରତାପ ସିଂହଙ୍କ ଦ୍ୱାରା ଜମ୍ମୁ-ଶ୍ରୀନଗର ରେଳ ସଂଯୋଗ ପାଇଁ ପ୍ରଥମେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ପରେ ଅର୍ଥାତ୍ ୧୮୯୮ରେ ମହାରାଜା ରଣବୀର ସିଂହ ଏଥିପାଇଁ ପୁଣି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଶ୍ରୀନଗର ଏବଂ କଶ୍ମୀର ଉପତ୍ୟକା ସହିତ ପଞ୍ଜାବକୁ ସଂଯୋଗ କରିବା ପାଇଁ ୪ଟି ସମ୍ଭବ ରାସ୍ତା ମିଳିଥିଲା। ଜମ୍ମୁରୁ ବାନିହାଲ ମାର୍ଗ, ଝେଲମ ଉପତ୍ୟକା ଦେଇ ପୁଞ୍ଛ ମାର୍ଗ, ରାୱଲପିଣ୍ଡିରୁ ଝେଲମ ଉପତ୍ୟକା ଦେଇ ପଞ୍ଜାଲ ମାର୍ଗ ଏବଂ ଉପର ଝେଲମ ଉପତ୍ୟକାର ହଜାରା ଦେଇ କାଲାକୋ ସେରାଇରୁ ଆବୋଟାବାଦ ମାର୍ଗ ପାଇଁ ମିଟର ଏବଂ ବ୍ରଡ୍‌ଗଜ ଟ୍ରାକର ମିଶ୍ରଣ ପାଇଁ ବିସ୍ତୃତ ସର୍ଭେ କରାଯାଇଥିଲା। ମାତ୍ର ପ୍ରତିକୂଳ ଜଳବାୟୁ, କଷ୍ଟକର ଭୂଖଣ୍ଡ, ସୀମିତ ସମ୍ବଳ ଓ ଇତିହାସ ଏହି ଐତିହାସିକ ରେଳପଥ ନିର୍ମାଣ କାର୍ଯ୍ୟକୁ କେବଳ ସର୍ଭେ ରିପୋର୍ଟ ଓ ଡ୍ରଇଂ ବୋର୍ଡରେ ସୀମିତ ରଖିଥିଲା। ୧୯୦୫ରେ ବ୍ରିଟିଶମାନେ ମଧ୍ୟ ଏହାର ପୁନଃ ବିଚାର କଲେ ଏବଂ ମହାରାଜା ପ୍ରତାପ ସିଂହ ମୋଗଲ ରାସ୍ତା ଅନୁସରଣ କରି ରିଆସି ଦେଇ ଜମ୍ମୁ ଓ ଶ୍ରୀନଗର ମଧ୍ୟରେ ରେଳ ଲାଇନ ପାଇଁ ରାଜି ହେଲେ। ଏହି ଯୋଜନାରେ ପିର ପଞ୍ଜାଲ ରେଞ୍ଜ୍ ପାର ହେବା ପାଇଁ ଏକ ନ୍ୟାରୋଗଜ ଟ୍ରାକ୍ କଳ୍ପନା କରାଯାଇଥିଲେ ମଧ୍ୟ ତାହା ସଫଳ ହୋଇପାରି ନ ଥିଲା। ସ୍ୱାଧୀନତା ପରେ ମଧ୍ୟ ଏହି ପ୍ରକଳ୍ପ ବିଷୟରେ ଅନେକଥର ବିଚାର କରାଯାଇଥିଲା। ମାତ୍ର ୧୯୮୧ରେ କେବଳ ଜମ୍ମୁ-ଉଧମପୁର ରେଳ ସଂଯୋଗ ପ୍ରକଳ୍ପ ପାଇଁ ମଞ୍ଜୁରୀ ଦିଆଯାଇଥିଲା। ୧୯୯୪-୯୫ରେ ଉଧମପୁର-ଶ୍ରୀନଗର-ବାରାମୁଲ୍ଲା ମଧ୍ୟରେ ଶେଷ ରେଳ ସଂଯୋଗକୁ ମଞ୍ଜୁରୀ ଦିଆଯାଇଥିଲା ଏବଂ ୨୦୦୨ ମସିହାରେ କେନ୍ଦ୍ର ସରକାର ଏହି ରେଳ ଲାଇନକୁ ଏକ ଜାତୀୟ ପ୍ରକଳ୍ପ ଭାବେ ଘୋଷଣା କରିଥିଲେ। କଶ୍ମୀର ଉପତ୍ୟକାକୁ ଭାରତୀୟ ରେଳ ନେଟ୍‌ୱର୍କ ସହିତ ସଂଯୋଗ କରିବା ପାଇଁ ୧୯୮୧ରେ ଜମ୍ମୁ-ଉଧମପୁର ରେଳ ସଂଯୋଗକୁ ମଞ୍ଜୁରୀ ମିଳିଥିବାବେଳେ ୧୯୯୪ରେ ଶ୍ରୀନଗରକୁ ରେଳ ସଂଯୋଗର ସମ୍ପ୍ରସାରଣ ଘୋଷଣା କରାଯାଇଥିଲା। ୧୯୯୫ରେ ଉଧମପୁର - କଟରା ରେଳ ଲିଙ୍କ୍ କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୯୯୯ରେ କାଜିଗୁଣ୍ଡ - ବାରାମୁଲ୍ଲା ରେଳ ଲିଙ୍କ୍ ଓ ୨୦୦୨ରେ କଟରା - କାଜିଗୁଣ୍ଡ ରେଳ ଲିଙ୍କ୍ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ୨୦୦୫ରେ ଜମ୍ମୁ - ଉଧମପୁର ସେକ୍ସନ କାର୍ଯ୍ୟକ୍ଷମ ହୋଇଥିଲା। ସେହିପରି ୨୦୦୮ରେ ମାଜୋମ - ଅନନ୍ତନାଗ ସେକ୍ସନ, ୨୦୦୯ରେ ବାରାମୁଲ୍ଲା - ମାଜୋମ ସେକ୍ସନ ଓ ଅନନ୍ତନାଗ - କାଜିଗୁଣ୍ଡ ସେକ୍ସନ, ୨୦୧୩ରେ ବାନିହାଲ-କାଜିଗୁଣ୍ଡ ସେକ୍ସନ, ୨୦୧୪ରେ ଉଧମପୁର-କଟରା ସେକ୍ସନ ଏବଂ ୨୦୨୪ରେ ବାନିହାଲ-ସଙ୍ଗଲଦାନ ସେକ୍ସନ କାର୍ଯ୍ୟକ୍ଷମ ହୋଇଥିଲା। ଏସବୁ ପ୍ରକଳ୍ପ ଦ୍ୱାରା ଜମ୍ମୁ ଓ କଶ୍ମୀରର ସାମାଜିକ ଓ ଅର୍ଥନୈତିକ ବିକାଶ ହୋଇଥିବା ଭାରତୀୟ ରେଳପଥ କହିଛି। ଏଥିସହ ଏହି ରେଳପ୍ରକଳ୍ପ ପାଇଁ ସରକାର ଭୂମି ହରାଇଥିବା ଲୋକଙ୍କ ପରିବାରବର୍ଗଙ୍କ ନିଯୁକ୍ତି ପାଇଁ ଏକ ନୀତି ଜାରି କରିଛନ୍ତି। ୭୫%ରୁ ଅଧିକ ଜମି ଅଧିଗ୍ରହଣ କରାଯାଇଥିବାବେଳେ ଜମି ହରାଇଥିବା ୮୦୪ଜଣ ଯୋଗ୍ୟ ହିତାଧିକାରୀଙ୍କୁ ରେଳପଥ ପକ୍ଷରୁ ସରକାରୀ ଚାକିରି ଦିଆଯାଇଥିଲା। ଏଥିସହ ନିର୍ମାଣ ଅବଧି ମଧ୍ୟରେ ପ୍ରକଳ୍ପ କାର୍ଯ୍ୟକାରୀ ଏଜେନ୍ସି ଦ୍ୱାରା ୧୪୦୬୯ଜଣ ନିଯୁକ୍ତି ଦିଆଯାଇଥିଲା। ଏଥିମଧ୍ୟରୁ ଜମ୍ମୁ-କଶ୍ମୀରର ସ୍ଥାନୀୟ ଲୋକଙ୍କୁ ୬୫% ନିଯୁକ୍ତି ଦିଆଯାଇଥିଲା। ଏହି ପ୍ରକଳ୍ପରେ ୫୨୫ ଲକ୍ଷରୁ ଅଧିକ ମାନବ ଦିବସ ସୃଷ୍ଟି ହୋଇଛି। ପ୍ରକଳ୍ପର ସମସ୍ତ କାର୍ଯ୍ୟ ଯଥା ଟନେଲ, ସେତୁ କାର୍ଯ୍ୟ, ବିଦ୍ୟୁତୀକରଣ, ଟ୍ରାକ୍ ବିଛାଇବା, ଇଲେକ୍ଟ୍ରୋ-ଯାନ୍ତ୍ରିକ କାର୍ଯ୍ୟ ଆଦି ଦକ୍ଷ ବିଶେଷଜ୍ଞ, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଓ ପଦ୍ଧତି ମାଧ୍ୟମରେ କାର୍ଯ୍ୟକାରୀ କରାଯାଇଛି। ଇତିମଧ୍ୟରେ ୧.୫ ଲକ୍ଷ ଜନସଂଖ୍ୟାବିଶିଷ୍ଟ ପ୍ରାୟ ୭୦ଟି ଗ୍ରାମକୁ ରେଳ ସଂଯୋଗୀକରଣ ସୁନିଶ୍ଚିତ ହୋଇଛି। ରେଳଲାଇନ ଅମରନାଥ ଗୁମ୍ଫା ମନ୍ଦିର, ହଜରତବାଲ୍ ମନ୍ଦିର, ଚରାର-ଏ-ଶରିଫ ଆଦି ପ୍ରମୁଖ ତୀର୍ଥସ୍ଥଳ ଏବଂ ସୁନ୍ଦର ମନୋରମ କଶ୍ମୀର ଉପତ୍ୟକାକୁ ସଂଯୋଗ କରିଛି। ରେଳ ନେଟ୍‌ୱର୍କ ଦ୍ୱାରା କଶ୍ମୀରର କୃଷି ଉତ୍ପାଦ ଯେପରିକି କେଶର, ସେଓ ଏବଂ ହସ୍ତଶିଳ୍ପକୁ ଅନ୍ୟ ଅଞ୍ଚଳକୁ ସୁଗମ ପରିବହନରେ ସାହାଯ୍ୟ କରିବା ସହ କୃଷି ଉତ୍ପାଦର ବାଣିଜ୍ୟ ଓ ରପ୍ତାନିକୁ ବୃଦ୍ଧି କରିବ ବୋଲି ଭାରତୀୟ ରେଳ ପକ୍ଷରୁ କୁହାଯାଇଛି।



ଯେଉଁ ସମାଜରେ ଦାରିଦ୍ର୍ୟ ରହିଛି- ତଦ୍ଦ୍ୱାରା ପ୍ରମାଣିତ ହୁଏ ଯେ, ସେ ସମାଜରେ ଅନ୍ୟାୟ ଓ ଅବ୍ୟବସ୍ଥା ପୂରି ରହିଛି। ଆମର ଦାନ ଖଇରାତ ପାଇଁ ଯେଉଁସବୁ ସାଧାରଣ ପ୍ରତିଷ୍ଠାନ ରହିଛି- ସେ ସବୁ ଯେପରି ଚୋରଙ୍କ ମନରେ ଅବଶେଷରେ ବିବେକର ସର୍ବପ୍ରଥମ ଜାଗରଣ !! -ଶ୍ରୀଅରବିନ୍ଦ



# ପିଲା ଚୋରି ଓ ପୋଲିସ

ଭୁବନେଶ୍ୱର ରାମମନ୍ଦିର ନିକଟରେ ଭିକ୍ଷା ମାଗି ଚଳୁଥିବା ଜୟନ୍ତୀ ମଲ୍ଲିକ ନାମ୍ନୀ ଦୃଷ୍ଟିବାଧିତ ମହିଳାଙ୍କ ଦେଢ଼ବର୍ଷର ଶିଶୁପୁତ୍ର ଚୋରି ହେବା ରାଜଧାନୀରେ ପିଲା ଚୋର ର୍ୟାକେଟ୍‌ର ସକ୍ରିୟତାକୁ ଦର୍ଶାଇଛି। ଏପ୍ରିଲ ୧୨ ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିଲା । ଜୟନ୍ତୀ ଖାରବେଳନଗର ଥାନାରେ ଏ ସଂକ୍ରାନ୍ତରେ ଏଫ୍‌ଆଇଆର୍ ଦାଏର କରିଥିଲେ। ବର୍ତ୍ତମାନ ଏହି ଘଟଣାରେ ପୋଲିସ ଜଣକୁ ଅଟକରଖିଛି। ଜୟନ୍ତୀ ନୀଳାଦ୍ରିବିହାର ସ୍ଥିତ କନ୍ୟାଶ୍ରମରେ ରହି ଭିକ ମାଗି ଚଳୁଥିଲେ ଏବଂ ତାଙ୍କର ଆଉ ଜଣେ ୭ ବର୍ଷର ଝିଅ ଅଛି। ଉଲ୍ଲେଖନୀୟ ଯେ, ଜୟନ୍ତୀଙ୍କ ସ୍ୱାମୀ ମଧ୍ୟ ଜଣେ ଦୃଷ୍ଟିବାଧିତ ଏବଂ ସେ ସତ୍ୟନଗର ବସ୍ତିରେ ରହି ଭିକ୍ଷା ମାଗି ଚଳନ୍ତି, ଅବଶ୍ୟ ଉଭୟେ ଅଲଗା ରହୁଛନ୍ତି। ଜୟନ୍ତୀଙ୍କ ଶିଶୁପୁତ୍ର ଚୋରି ଘଟଣା ପ୍ରଥମ ନୁହେଁ, ଏଭଳି ପିଲା ଚୋରି ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟରେ ବାରମ୍ବାର ଘଟୁଛି। ଏମିତିକି ସୁରକ୍ଷା କୋହଳ ଥିବା ହସ୍ପିଟାଲଗୁଡ଼ିକରୁ ପିଲା ଚୋରିହେବା ଖବର ବହୁ ସମୟରେ ପ୍ରକାଶ ପାଉଥିବା ଦେଖିବାକୁ ମିଳୁଛି। ଓଡ଼ିଶାରେ ପିଲା ନିଖୋଜ ହେବା ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଚଳିତ ବର୍ଷ ଫେବୃଆରୀ ୧୭ରେ ରାଜ୍ୟ ବିଧାନସଭାରେ ପ୍ରଦତ୍ତ ତଥ୍ୟ ଅନୁଯାୟୀ ଗତ ୫ ବର୍ଷରେ ୧,୮୫୭ ପିଲା ଉଦ୍ଧାର କରାଯାଇଥିବାବେଳେ ୮,୪୦୩ ନିଖୋଜ ଅଛନ୍ତି। ପିଲାଙ୍କର ଏହି ସଂଖ୍ୟା ବ୍ୟତୀତ ମହିଳା ଏବଂ ସାବାଳିକା ସଂଖ୍ୟା ମିଶିଲେ ତାହା ଯଥେଷ୍ଟ ଅଧିକ ହେବ। ଚୋରି କରିନିଆଯାଉଥିବା ନାବାଳିକା କିମ୍ବା ନାବାଳକଙ୍କୁ ଦଲାଲମାନେ ଚଢ଼ା ଦରରେ ବିକ୍ରି କରିଦେଇଥାନ୍ତି। ସେମାନଙ୍କ ଜାଲ ସାରା ଭାରତରେ ଖେଳାଇ ହୋଇରହିଛି। ଯେଉଁ ବ୍ୟକ୍ତି ନିର୍ଦ୍ଦିଷ୍ଟ ସ୍ଥାନରୁ ପିଲାଙ୍କୁ କିମ୍ବା ମହିଳାଙ୍କୁ ନେଇଥାଏ ତାହାର ଭୂମିକା ମାତ୍ର ଘଣ୍ଟେ କିମ୍ବା ୨ଘଣ୍ଟାରେ ଶେଷ ହୋଇଯାଏ। ଅପହୃତ ପିଲାକୁ ଦିନକ ମଧ୍ୟରେ ୧୦ରୁ ୧୨ ହାତ ଦେଇ ସହର କିମ୍ବା ଜିଲା ବାହାରକୁ ପଠାଇଦିଆଯାଏ। ସାଧାରଣତଃ ରେଳ ଏବଂ ଟ୍ୟାକ୍ସି ବ୍ୟବହାରକରି ଅପହୃତମାନଙ୍କୁ ସ୍ଥାନାନ୍ତରିତ କରାଯାଏ। ଯେଉଁ ଘଟଣାରେ ଅଧିକ ଗଣମାଧ୍ୟମ କିମ୍ବା ସାମାଜିକ ଦୃଷ୍ଟି ପଡ଼ିଥାଏ ସେହି କ୍ଷେତ୍ରରେ ଅପହୃତଙ୍କୁ ସମ୍ପୃକ୍ତ ସହର ବା ଜିଲାର ଏକ ନିଛାଟିଆ ଜାଗାରେ ବନ୍ଦ ଘରେ କିଛିଦିନ ପାଇଁ ରଖାଯାଏ। ପରିସ୍ଥିତି ଶାନ୍ତ ପଡ଼ିଲା ପରେ ସେହି ପିଲାକୁ ପୁନର୍ବାର ସ୍ଥାନାନ୍ତରିତ କରାଯାଏ ଏବଂ ଶେଷରେ ସାଧାରଣତଃ ସେହି ରାଜ୍ୟ ବାହାରେ ପୋଷ୍ୟ ସନ୍ତାନ ଖୋଜୁଥିବା ଦମ୍ପତିଙ୍କୁ ପିଲା ବିକ୍ରି ହୋଇଥାଏ। ସାବାଳିକା କିମ୍ବା ମହିଳା ହୋଇଥିଲେ ବେଶ୍ୟାବୃତ୍ତି ପାଇଁ ବଡ଼ ସହରକୁ ପଠାଇ ଦିଆଯିବା ପରେ ତାଙ୍କର କୌଣସି ନାମଗନ୍ଧ ମିଳିବା ସମ୍ଭବପର ହୁଏ ନାହିଁ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ସେହି ଅଞ୍ଚଳର ପୋଲିସ ଆଶୀର୍ବାଦ ଓ ସକ୍ରିୟ ସହଯୋଗ ଦ୍ୱାରା ହୋଇଥାଏ।

> **ଦେଖାଯାଇଥାଏ ଯେ, ପୋଲିସ ଅନେକ ସମୟରେ ଚାପ ଓ ପରିସ୍ଥିତିକୁ ନେଇ ପିଲା ଖୋଜିଆଣି ଫେରାଇପାରନ୍ତି। ଏହା ସ୍ପଷ୍ଟ ଯେ, ପୋଲିସ ଏଥିରେ ଜଡ଼ିତ ଓ ଏହା ସେମାନଙ୍କ ଜ୍ଞାତରେ ଘଟୁଛି। ତେବେ ଅପରାଧ ରୋକିବାରେ ପୋଲିସର ସ୍ୱଚ୍ଛତା ରହିଲେ ହୁଏତ ଏ କ୍ଷେତ୍ରରେ କିଛି ସୁଧାର ଆସିପାରିବ।**

ପିଲା ଚୋରି କିମ୍ବା ନିଖୋଜ ହେବା ପଛରେ ଅନେକ କାରଣ ଅଛି। ପ୍ରଥମରେ ମାତାପିତାଙ୍କ ଦାରିଦ୍ର୍ୟ ସେମାନଙ୍କ ନିଜ ସନ୍ତାନଙ୍କୁ ଅଣଦେଖା କରିବା ପରିଲକ୍ଷିତ ହୋଇଥିଲେ ଏଭଳି ଚୋରି ହୁଏ। ଏହା ବ୍ୟତୀତ ପୋଷ୍ୟ ସନ୍ତାନ ଗ୍ରହଣରେ ବିଳମ୍ବ ଘଟିଲେ ସେହି ଦମ୍ପତିଙ୍କ ଦ୍ୱାରା ଦଲାଲ ଉତ୍ସାହିତ ହୋଇଥାଏ। ଦେଖାଯାଏ ନିଃସନ୍ତାନମାନେ ଆଇନଗତ ଉପାୟରେ ପୋଷ୍ୟ ଭାବେ ୨ ବର୍ଷରୁ କମ୍ ବୟସର ପିଲାଟିଏ ପାଇବାକୁ ୨ରୁ ୪ ବର୍ଷ ଅପେକ୍ଷା କରୁଛନ୍ତି। ଜୁଭେନାଇଲ ଜଷ୍ଟିସ୍ ଆକ୍ଟ(୨୦୧୫) ଅନୁଯାୟୀ ଏହା ହୋଇଥାଏ। ପୋଷ୍ୟ ପିଲା ଭଲଭାବେ ରହିପାରିବ କି ନାହିଁ ତା' ଉପରେ ଯାଞ୍ଚ କରାଯାଏ। ଏହା ସହ ପୋଷ୍ୟ ପିଲା ପାଇଁ ଯେତେଜଣ ଆବେଦନ କରୁଛନ୍ତି ସେମାନଙ୍କ ସଂଖ୍ୟା ଅନୁସାରେ ପିଲା ମିଳୁନାହାନ୍ତି। ଏଣୁ ଅପେକ୍ଷାରତ ମହିଳା କିମ୍ବା ପୁରୁଷ କୌଣସି ଉପାୟରେ ପିଲାଟିଏ ପାଇବାର ଲାଳସା ର୍ୟାକେଟ ପାଇଁ ସୁଯୋଗ ହୋଇଯାଉଛି। ଏହା ମଧ୍ୟ କୁହାଯାଇପାରେ, ଭାରତର ବିଭିନ୍ନ ରାଜ୍ୟ ସମେତ ଓଡ଼ିଶାରେ ହେଉଥିବା ପିଲା ଚୋରି ଘଟଣା ପୋଲିସର ଅଜାଣତରେ ହେବା କଷ୍ଟକର। ଦେଖାଯାଇଥାଏ ଯେ, ପୋଲିସ ଅନେକ ସମୟରେ ଚାପ ଓ ପରିସ୍ଥିତିକୁ ନେଇ ପିଲା ଖୋଜିଆଣି ଫେରାଇପାରନ୍ତି। ଏହା ସ୍ପଷ୍ଟ ଯେ, ପୋଲିସ ଏଥିରେ ଜଡ଼ିତ ଓ ଏହା ସେମାନଙ୍କ ଜ୍ଞାତରେ ଘଟୁଛି। ତେବେ ଅପରାଧ ରୋକିବାରେ ପୋଲିସର ସ୍ୱଚ୍ଛତା ରହିଲେ ହୁଏତ ଏ କ୍ଷେତ୍ରରେ କିଛି ସୁଧାର ଆସିପାରିବ। ଏହା ସହ ପୋଷ୍ୟ ସନ୍ତାନ ଗ୍ରହଣ କରିବାରେ ଥିବା ଆଇନଗତ ଜଟିଳତା ତଥା ପ୍ରଶାସନିକ ବାଧା ଦୂରହେଲେ ପିଲା ଚୋରି ହୁଏତ ଅନେକାଂଶରେ କମିପାରିବ। କିନ୍ତୁ ଅନ୍ୟପଟେ ଏକ ବିରାଟ ଭୟ ମଧ୍ୟ ରହୁଛି। ପୋଷ୍ୟ ସନ୍ତାନ ଭାବେ ହେଉଥିବା ମାତାପିତାଙ୍କର ଚରିତ୍ର ସମ୍ପର୍କରେ ଜାଣିବା ଅତ୍ୟନ୍ତ କଷ୍ଟକର। ସେଥିପାଇଁ ପୋଷ୍ୟ ପିଲାକୁ କିଭଳି ଭାବେ ବ୍ୟବହାର କରାଯାଉଛି ତାହା ପରବର୍ତ୍ତୀ ସମୟରେ ଯାଞ୍ଚ କରିବା ଏକ ପ୍ରକାର ଅସମ୍ଭବ। ଏହା ବ୍ୟତୀତ ପୋଷ୍ୟ ସନ୍ତାନ ଗ୍ରହଣ ନେଇ ସଚେତନତା ସୃଷ୍ଟିକରିବା ଉପରେ ଗୁରୁତ୍ୱ ଦେବା ଦରକାର। ତେବେ ଯଦି ପିଲାଚୋରି ପୋଲିସ ଜାଣତରେ ଘଟିବ ତେବେ ଏହାକୁ ନିୟନ୍ତ୍ରଣକରିବା କାଠିକର ପାଠ ହୋଇଯିବ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | 9 | | | | | 5 | |
| | | | 1 | 8 | 5 | | | |
| | 2 | | | | | 6 | | |
| | | | | | | | | |
| 2 | | | 5 | | | 1 | | |
| | 1 | 6 | 3 | | | | 2 | |
| | | | 2 | | | | | |
| | 6 | | | 3 | | | 4 | 5 |
| | 3 | 2 | 9 | 1 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 3 | 7 | 9 | 8 | 4 | 1 | 6 |
| 7 | 8 | 9 | 1 | 6 | 4 | 2 | 3 | 5 |
| 4 | 6 | 1 | 5 | 2 | 3 | 7 | 9 | 8 |
| 5 | 7 | 6 | 9 | 3 | 1 | 8 | 2 | 4 |
| 1 | 9 | 8 | 4 | 7 | 2 | 5 | 6 | 3 |
| 3 | 2 | 4 | 8 | 5 | 6 | 1 | 7 | 9 |
| 6 | 3 | 5 | 2 | 8 | 7 | 9 | 4 | 1 |
| 9 | 1 | 2 | 3 | 4 | 5 | 6 | 8 | 7 |
| 8 | 4 | 7 | 6 | 1 | 9 | 3 | 5 | 2 |

ଗତକାଲିର ଉତ୍ତର

# ରିଲ୍ସ ଯନ୍ତାରେ ଯୁବପିଢ଼ି



ନିରଞ୍ଜନ ସାହୁ

ଯନ୍ତାରେ ପଡ଼ିବା ପୂର୍ବରୁ କେହି କେବେ ବି ଆଶଙ୍କା କରି ନ ଥାଏ ଯେ ଏଇ ଭବ୍ୟ ସମ୍ଭାବନା ପଛରେ ଏକ ଷଡ଼ଯନ୍ତ୍ର ଲୁଚି ରହିଥାଏ ବୋଲି। ସେ ହୋଇଥାଉ ଯନ୍ତାରେ ପଶିବା ପୂର୍ବର ମୂଷାଟିଏ କିମ୍ବା ବନ୍ଧନ ମୁଦ୍ରାରେ ଥାଇ ଆହାର ହେବାପାଇଁ ସଜବାଜ ହୋଇ ଅପେକ୍ଷା କରିଥିବା ଛେଳିଟାଏ, ଯିଏ କି ଆମନ୍ତ୍ରଣ କରୁଥାଏ ଶିକାରୀ ବାଘଟିକୁ। ଥରେ ଯନ୍ତାରେ ପଡ଼ିଲେ ସେଥିରୁ ମୁକ୍ତି ନ ଥାଏ- ମୁକୁଳିବାର ସବୁ ରାସ୍ତା ବନ୍ଦ କରା ହୋଇଥାଏ କୌଶଳରେ, ସବୁ ସମ୍ଭାବନା ଯେମିତି ଶୂନ ସହିତ ସମାନ।

ଆଜିର ଦିନରେ ଭାରତୀୟ ତରୁଣ ଓ ଯୁବପିଢ଼ି ହୁଏତ ସେଇମିତି ଇନ୍‌ଷ୍ଟାଗ୍ରାମ ରିଲ୍‌ସର ଅକ୍ଟୋପସ୍ ପଞ୍ଝା ଭିତରେ ପେଷି ହୋଇଯାଇଛି। ରିଲ୍‌ସଗୁଡ଼ିକରେ ଥାଏ ଏମିତି କିଛି ସମ୍ମୋହନି ଆକର୍ଷଣ ଯେ ତାହା ଖୁବ୍ ସହଜରେ ଆକୃଷ୍ଟ କରେ ତରୁଣର ମନକୁ- ସେ ହୋଇପାରେ ଏକ ସୁମଧୁର ସଂଗୀତର କାକଳି, ହୋଇପାରେ କିଛି ମନଖୁସି କରିବା ଭଳି ହସ କୌତୁକର ସଂଳାପ। କେବେ ପୁଣି କାମୋଦ୍ଦୀପକ ଉତ୍ତେଜକ ଦ୍ରବ୍ୟରେ ଭରପୂର ମସଲା। ଏତିକିବେଳେ ତା' ନଜର ପଡ଼ିବ ଅମୁକ ବାବୁଙ୍କର ଏଇ ଚିଜଟିକୁ ଦେଖିଲେଣି ଦଶଲକ୍ଷରୁ ଅଧିକ ଲୋକ- କେବେ ପୁଣି କିଏ ଜଣେ ଗୁରୁ ଗମ୍ଭୀର ସ୍ୱରରେ କାନରେ କହିଦେବେ- ଇନ୍‌ଷ୍ଟାଗ୍ରାମ ରିଲ୍‌ସ ତିଆରି କରୁଥିବା ଲୋକଙ୍କର ଦରକାର କିଛି ବୁଦ୍ଧି ଆଉ କୌଶଳ ଖାଲି ବେଳକାଳ ଠିକ୍ ହେଲେ ସେଥିରୁ ବି କମେଇ ହେବ ଲକ୍ଷ ଲକ୍ଷ ଟଙ୍କା ଆଉ ରାତାରାତି ମିଳିଯିବ ପ୍ରଶସ୍ତି ଓ ପୁରସ୍କାର।

ଆଗରୁ କିଛି ଲୋକ ବିଭିନ୍ନ ବିଷୟରେ ଛୋଟଛୋଟ ଭିଡିଓ ପ୍ରସ୍ତୁତ କରି ଗଣମାଧ୍ୟମରେ ଛାଡୁଥିଲେ- ସେଗୁଡ଼ିକର ଥିଲା ଭାରି ଆଦର- କେତେବେଳେ ତାହା ଇତିହାସର ପୃଷ୍ଠା ଉନ୍ମୋଚନ କରୁଥିଲା କେବେ ବୈଦେଶିକ ନୀତିର ବ୍ୟାଖ୍ୟାନ ବି। କେବେ ପୁଣି ମାଛଧରାଠାରୁ ଉଦ୍ୟାନ କର୍ମ ଏମିତି ବହୁବିଧ ଜ୍ଞାନ ବିଜ୍ଞାନର କଥାରେ ପରିବ୍ୟାପ୍ତ ଥିଲା- ମାତ୍ର ଏବେ ଯେଉଁ କ୍ଷୁଦ୍ର ଭିଡିଓମାନ ନିର୍ମିତ ହେଉଛି ଯାହାକୁ କୁହାଯାଉଛି ରିଲ୍‌ସ- ସେଗୁଡ଼ିକ ଭିଡିଓର ସଂକ୍ଷିପ୍ତ ରୂପାନ୍ତରଣ ଏବେକାର ରିଲ୍‌ସଗୁଡ଼ିକ କିଛି ସେକେଣ୍ଡରୁ ଅତିବେଶିରେ ଅଧାମିନିଟ୍ ଭିତରେ ସୀମିତ। ସେଗୁଡ଼ିକର ପରିବେଷଣ ମୂଲ୍ୟବୋଧ ପଛରେ ନିହିତ ରହିଛି ତ୍ୱରିତ ଆକର୍ଷଣ କଳା ଭଳି ସଂଳାପ ଏବଂ ତା'ପରେ ମନକୁ ସାମୟିକ ପ୍ରଭାବିତ କଲାଭଳି କଥାବସ୍ତୁ। ତରୁଣ ମନକୁ ଛୁଇଁବା ପରି ସାମଗ୍ରୀରେ ଭରପୂର ସେସବୁ। କଥାରେ ଯାହା କହନ୍ତି- 'ସୁନ୍ଦର ତୃପ୍ତିର ଅବସାଦ ନାହିଁ, ଯେତେ ଦେଖୁଥିଲେ ନୂଆ ଦିଶୁଥାଇ।' ଗୋଟିଏ ସରିବାପରେ ତା' ପଛକୁ ପଛ ସଜାହୋଇ ଅପେକ୍ଷା କରିଥାଏ ଆଉ ଗୋଟିଏ- ଆଉ ତା'ପଛକୁ ତା'



ଠାରୁ ଆହୁରି ମଜାଦାର ଆହୁରି ଆକର୍ଷଣୀୟ।

ଆମ ଦେଶର ଲୋକସଂଖ୍ୟାର ଦୁଇତୃତୀୟାଂଶ ପଇଁତିରିଶ ବର୍ଷ ବା ତା'ଠାରୁ କମ ବୟସର ବୋଲି ଆମେ ଗର୍ବ କରୁଛନ୍ତି ସେ ଏକ ଯୁବକ ଦେଶ । ଆଉ ଯୁବକ ଯୁବତୀମାନଙ୍କ ଭିତରୁ ଅଧିକାଂଶ ଲାଗିଛନ୍ତି ଏଇ କାମରେ ମାନେ ରିଲ୍‌ସ ତିଆରି କରିବା ବା ରିଲ୍‌ସ ଦେଖିବା ଗାଁ ଗହଳିର ଅଧାପଢ଼ା ଦରପଢ଼ା ଝିଅ ବୋହୂ ବି ନିଜକୁ ପଛରେ ପକେଇବାକୁ ଚାହୁଁ ନାହାନ୍ତି, ଯେମିତି ଆଉ ଯେ ସବୁଗୁଡ଼ିକ ସାମୟିକ ଖୁସି ଦେଉ ବା ନ ଦେଉ, ସମୟତକ ଯତ୍ନରେ ଚୋରି କରି ନେବ ସେଥିରେ ସନ୍ଦେହ ନାହିଁ।

କଥାରେ କୁହାଯାଏ- ଜୀବନର ଅବଧି ସଂକ୍ଷିପ୍ତ ଏହା କେବେ ଅନନ୍ତ ବା ଅପରିସୀମ ନୁହେଁ, ଆଉ ଯୁବାବସ୍ଥା ତା'ର ଏକ କ୍ଷୁଦ୍ର କାଳଖଣ୍ଡ ମାତ୍ର। ତାକୁ ଯଦି ଫୁର୍ତ୍ତିରେ ଉଡ଼େଇ ଦେବାକୁ ଯୁବ ସଂପ୍ରଦାୟ ଚାହିଁବେ ତା'ହେଲେ କିଏ ବା ଯେ ଦେଶକୁ ରକ୍ଷା କରିପାରିବ ?

ଆମ ଦେଶର ଶାସକମାନେ ବହୁ ଲୋଭନୀୟ ଭବିଷ୍ୟତର ଆକଳନ କରି ସେଇ ସ୍ୱପ୍ନରେ ବିଭୋର କରନ୍ତି ଦେଶବାସୀଙ୍କୁ। କେବେ ଆମେ ଅର୍ଥନୀତିରେ ଅନ୍ୟମାନଙ୍କୁ ଅତିକ୍ରମ କରିବାକୁ ଯାଉଛୁ, କେମିତି ଆମେ ଶିଳ୍ପାୟନରେ ଦ୍ରୁତ ଅଗ୍ରଗତି ପଛରେ ଅଗ୍ରସର ହେଲେ। ଆମର ଯୁବ ଶକ୍ତି ଯଦି ନିଜକୁ ସଂପୂର୍ଣ୍ଣ ବିନିଯୋଗ ନ କରି ଏଇଭଳି ଆଳସ୍ୟ ପରାୟଣ କାର୍ଯ୍ୟରେ ନିୟୋଜିତ ହେବେ, ସେତେବେଳେ କ'ଣ ହେବ ଦେଶର ଭବିଷ୍ୟତ। କୁହାଯାଉଛି ଆମଦେଶରେ ଶିକ୍ଷାନୁଷ୍ଠାନମାନଙ୍କର ସଂଖ୍ୟା ଆଖି ଖୋସି ହେଲାପରି, ହେଲେ ବି ସେଠାରୁ ଭିତରୁ ଥିବା ପିଲାମାନେ କୁଆଡ଼େ ନିଯୁକ୍ତିକ୍ଷମ ନୁହନ୍ତି। ଆମ ପିଲାଙ୍କର ଦକ୍ଷତା ନାହିଁ। ସେମାନଙ୍କ ଭିତରେ କଳ୍ପନା ଶକ୍ତିର ଅଭାବ, ସେମାନଙ୍କ ଭିତରେ ସୃଜନଶକ୍ତି ନୈରାଶ୍ୟଜନକ ଯଦି ଏହା ସତହୁଏ ତା'ହେଲେ ଏକ ଭୟଙ୍କର ଭବିଷ୍ୟତ ଆମକୁ ଅପେକ୍ଷା କରିଛି ବୋଲି ଭାବିବାକୁ ହେବ।

ବିଜୁଳିବତିର ଜନକ ଭାବରେ ଖ୍ୟାତ ଟମାସ ଆଲଭା ଏଡିସନ କହୁଥିଲେ- 'ସଫଳତା କହିଲେ ବୁଝାଯାଏ ଶତକଡ଼ା ଅନେଶତ ପ୍ରତିଶତ କଠିନ ପରିଶ୍ରମ ଆଉ ବାକି ଏକ ଶତାଂଶ ହେଲା ଅନ୍ୟମାନଙ୍କର ପ୍ରେରଣା।' ହେଲେ ଆଜି ଯଦି ଏଇକଥା ଯୁବପିଢ଼ିଙ୍କ କାନରେ ପଡ଼ିବ ସେମାନେ ଆପଣଙ୍କୁ ଆହ୍ୱାନ କରିବେ ଏବଂ ଏକ ବହୁଳ ପ୍ରଚାରିତ ହ୍ୱାଟ୍‌ସଆପ ଭିଡିଓଟିଏ ଦେଖାଇଦେବେ। ଭିଡିଓରେ ଅଛି ଦୁଇଟି ଚିତ୍ର-ପ୍ରଥମଟିରେ ଗୋଟିଏ ମଇଁଷିକୁ ନିର୍ଦ୍ଦିଷ୍ଟ ସ୍ଥାନକୁ ନେବାପାଇଁ ଗଳଦଘର୍ମ ହେଉଛନ୍ତି ଚାରିଜଣ ଯୁବକ- ମାତ୍ର ପଣ କରିଛନ୍ତି ମହୀଷ ମହାରାଜ ଯେମିତି- ଟିକିଏ ବି ହଲିବେନି ନିଜ ଜାଗାରୁ ସବାଶେଷରେ ନିଜର ଅସଫଳତା ବଖାଣୁଛି ସେଇ ଯୁବକମାନଙ୍କର ମିଳିତ ଉଦ୍ୟୋଗ। ଆଉ ଦ୍ୱିତୀୟ ବୃତ୍ତ ଚିତ୍ରଟିରେ ମଇଁଷି ଉପରେ ବସିଛି ଲୋକଟିଏ, ବେଶ ଆତ୍ମବିଶ୍ୱାସ ତା' ଆଖିରେ, ବେଫିକର ଭାବରେ ଧରିଛି ଗୋଟିଏ ଲମ୍ବା ବାଡ଼ିଟିଏ ଯାହାର ଶେଷ ଭାଗରେ ଝୁଲାଇ ଧରାଇ ଦିଆଯାଇଛି କିଛି ସବୁଜ ଘାସ ଆଉ ତାକୁ ଖାଇବା ଆଶାରେ ମଇଁଷି ଆଗେଇ ଯାଉଛି ତା'ର ଚାଳକର ଇଚ୍ଛାମତେ, ଲକ୍ଷ୍ୟସ୍ଥଳରେ ପହଞ୍ଚି ଯାଉଛି ଅବିଳମ୍ବେ ଅର୍ଥାତ୍ ବୁଦ୍ଧି ନିକଟରେ ନତମସ୍ତକ ହେଉଛି କଠିନ ପରିଶ୍ରମଜନିତ ସକଳ ପ୍ରଚେଷ୍ଟା । ନବ୍ୟ ପରିଭାଷାରେ କୁହାଯାଉଛି କଠିନ ପରିଶ୍ରମ ନୁହେଁ ବରଂ 'ସ୍ମାର୍ଟକାମ' ହିଁ ଅଭିଳଷିତ ଲକ୍ଷ୍ୟରେ ପହଞ୍ଚେଇ ଦେଇପାରିବ।

ଆମ ପଡ଼ୋଶୀ ଚାଇନାର ଲୋକମାନେ ଏତେ ଉନ୍ନତି କରିବା ପଛରେ ରହିଛି ସେମାନଙ୍କର ଯୁବଶକ୍ତିଙ୍କର ଦକ୍ଷତା। ଦକ୍ଷତା ବିକାଶର ସବୁ ପ୍ରାନ୍ତରେ ସେମାନେ ତାଙ୍କର ଉତ୍କର୍ଷର ଜୟଯାତ୍ରା ବଜାୟ ରଖିଛନ୍ତି। ବିଭିନ୍ନ ଖେଳନାଠାରୁ ଆରମ୍ଭ କରି ହରେକ ରକମର ଆବଶ୍ୟକ ଘରକରଣା ସବୁ ସେଇମାନଙ୍କର ଯୋଜନା ଓ ପରିଶ୍ରମର ଫଳଶ୍ରୁତି। ସମଗ୍ର ବିଶ୍ୱରେ ନିର୍ମିତ ହେଉଥିବା ଉତ୍ପାଦର ଶତକଡ଼ା ୩୫ଭାଗ ଚାଇନାରେ ପ୍ରସ୍ତୁତ ହେଉଛି। ଏହି କ୍ଷେତ୍ରରେ ବହୁ ପଛରେ ପଡ଼ିଯାଇଛି ଆମର ଦେଶ। ଆମର ଅର୍ଥନୈତିକ ଦୃଶ୍ୟପଟ ମଧ୍ୟ ସେଇଧାରଣାରୁ ଅଲଗା ନୁହେଁ। ଆମ ବାଣିଜ୍ୟ ଚାଇନା ସହିତ ଯାହା ହେଉଛି ସେଥିରେ ଆମର ରପ୍ତାନି ତୁଳନାରେ ଚାଇନାର ରପ୍ତାନି ପ୍ରାୟ ଚାରିଗୁଣ ଏବଂ ଅର୍ଥନୀତିର ପ୍ରାୟ ଛଅଗୁଣ। ଯେ କଥାକୁ ନଜର କଲେ ଲାଗିବ ଆମର ଯୁବଶକ୍ତି କଠିନ ପରିଶ୍ରମ କରିବା ବଦଳରେ ଫୁର୍ତ୍ତିରେ ରିଲସ୍ ତିଆରି କରୁଛନ୍ତି ଅଥବା ଆଳସ୍ୟ ପରାୟଣ ହୋଇ ସେଇ ରିଲସ୍ ଦେଖିବାରେ ବ୍ୟସ୍ତ ରହୁଛନ୍ତି। ଜୀବନର କେତେ ମୂଲ୍ୟବାନ ସମୟ ଅଜାଣତରେ ଅବା ଅୟସରେ କଟେଇ ଦେଉଛନ୍ତି ଆମର ଯୁବପିଢ଼ି। ଖାଲି ଯୁବପିଢ଼ି ନୁହେଁ, ଏଇ ବେମାରି ଅନ୍ୟମାନଙ୍କୁ ବ୍ୟାପିଲାଣି। ସରକାରୀ କାମରେ ଥିଲା ବେଳେ ବାବୁମାନେ ୟୁଟ୍ୟୁବ ଭିଡିଓ ଦେଖୁଛନ୍ତି କିମ୍ବା ହ୍ୱାଟସଆପ ଚାଟରେ ବ୍ୟକ୍ତିଗତ ଆଳାପ କରୁଛନ୍ତି। ସମୟ କେତେ ମୂଲ୍ୟବାନ ତାକୁ ଅପଚୟ କଲେ ସେ କ'ଣ ଫେରି ଆସିବ, ଏକଥା ନିଜକୁ ପଚାରିବାର ସମୟ ଆସିଛି।

**ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ**
**ମୋ:୯୪୩୮୪୮୨୯୧୧**

# ତୁଣ୍ଡସଙ୍ଗାତ



ଡ. ଦ୍ୱିତୀଚନ୍ଦ୍ର ସାହୁ

ମୂଲଚାଲ ତୁଟିଲା। ଦର ନିର୍ଦ୍ଧାରିତ ହେଲା। କଥା ରହିଲା ଆର ସପ୍ତାହରେ ଅର୍ଥ ଦିଆଯିବ। ଘର ପାଇଁ ଜାଗା ରେଜିଷ୍ଟ୍ରେଶନ ହେବ। ଖୁସିରେ ଫେରିଲେ ଚନ୍ଦ୍ରଚୂଡ଼ବାବୁ। ଘରକୁ ଆସି କହିଲେ, ଏଣିକି ଭୟ ନାହିଁ। ସହରରେ ଘରଟିଏ ହେବ। ଦୀର୍ଘଦିନ ଧରି ସ୍ତ୍ରୀ ସମେତ ପରିବାର ଲୋକଙ୍କ ସ୍ୱପ୍ନ ସାକାର ହେବାକୁ ଯାଉଛି। ଚନ୍ଦ୍ରଚୂଡ଼ବାବୁ ଜମି ପାଇଁ ଟଙ୍କା ବନ୍ଦୋବସ୍ତ ପରେ ଜମି ବିକ୍ରେତାଙ୍କ ନିକଟରେ ପହଞ୍ଚିଲେ। ଦେଖୁ ଦେଖୁ ମାଲିକ କହିଲା- ଆଜ୍ଞା ! ଆପଣ ତ ଦର ସ୍ଥିର କରିଗଲେ। ଯଦି ତୁରନ୍ତ କିଣି ଦେଇଥାନ୍ତେ କିଛି ଗୋଟେ ହୁଅନ୍ତା। ପରେ ଜଣେ ଆସିଲେ ଆପଣ ତୁଟେଇ ଥିବା ଦରଠାରୁ ଆହୁରି ଅଧିକା ଦର ଦେବାକୁ ରାଜିହେଲା ତ ତାକୁ ମୁଁ ବିକିଦେଲି। ଚନ୍ଦ୍ରଚୂଡ଼ବାବୁ କହିଲେ- ଆପଣ କଥା ଦେଇଥିଲେ। କେମିତି ଆପଣ ଏମିତି କଲେ। ଆପଣଙ୍କ କଥାର କିଛି ମୂଲ୍ୟ ନାହିଁ। ମାଲିକ ହସି ହସି କହିଲେ- ଆଜ୍ଞା ! କଥାର ମୂଲ୍ୟ ପରା ଅଛି ଆଜ୍ଞା। ସେ ଅଧିକା ଦେବାକୁ କହିଲେ ବୋଲି ତ ତାକୁ ବିକିଲି ଜମି। ଚନ୍ଦ୍ରଚୂଡ଼ବାବୁ ବୁଝିଗଲେ ତା'ର ଉଦ୍ଦେଶ୍ୟ। ଅଧିକା କିଛି ନ କହି ନିରାଶାରେ ଫେରିଲେ।

ଏମିତି ଆପଣମାନେ ଭୋଗିଥିବେ। ଆମେ ଜାଣୁ ମଣିଷର କଥାର ଗୋଟେ ଓଜନ ଅଛି। ତୁଣ୍ଡ ଫିଟିଲେ ମୁଣ୍ଡ କଟେ। ତୁଣ୍ଡ ଖୋଲିଲେ ଘମାଘୋଟ ହୋଇଯାଏ। ତୁଣ୍ଡର ଶବ୍ଦରେ ଶାନ୍ତ ବି ପଡ଼ିଯାଏ ପରିବେଶ। ତୁଣ୍ଡରୁ ବାହାରୁଥିବା ବଚନ ପବନରେ ସିନା ନିମିଷକରେ ମିଳେଇଯାଏ, ହେଲେ ତା'ର ପ୍ରଭାବ ଓ ଗୁରୁତ୍ୱ ଢେର ବେଶି। ଧନୁରୁ ବାହାରିଥିବା ତୀର ଓ ତୁଣ୍ଡରୁ ଖସିଥିବା ପଦ କାଳେ ଆଉ ଫେରାଇ ହୁଏନା ବୋଲି କୁହାଯାଏ। ସେଥିପାଇଁ କଥା କହିଲାବେଳେ ଭାରି ସର୍ତ୍ତକତା ଅବଲମ୍ବନ କରିବା ଉଚିତ ବୋଲି ଗୁରୁଜନମାନେ ଜ୍ଞାନବାଣୀ ଦେଇଥାନ୍ତି। ଏସବୁ ସତ୍ତ୍ୱେ ଖସି ଯାଇଥିବା କଥାକୁ ନେଇ ତୁମ୍ଭିତୋଫାନ ହୁଏ। ଆଜିକାଲି ଏଇ କଥାକୁ ନେଇ କେତେ ତୁମୁଳକାଣ୍ଡ। ସରକାର ଭାଙ୍ଗି ଯାଏ। ପଦବୀ ଚାଲିଯାଏ। ଜୀବନର ମୋଡ଼ ବଦଳିଯାଏ। ବର୍ଷ ବର୍ଷ ଧରି କଥାର ଗୁଞ୍ଜରଣ ଶୁଭୁଥାଏ। ତେଣୁ କଥା କହି କଥା ନ ରଖିବା ଅର୍ଥ ଛେପ ପକାଇ ଢୋକିବା ସଙ୍ଗେ ସମାନ। ପ୍ରତିଶ୍ରୁତି ଦେଲାବେଳେ ଭାବିଚନ୍ତି ଦେବାକୁ ପଡ଼େ। ଅବଶ୍ୟ ଆଜିକାଲି ଯେଉଁ ପ୍ରତିଶ୍ରୁତି ଦିଆଯାଏ ସେସବୁ ପୂରଣ ପାଇଁ ନୁହେଁ। ବରଂ ପ୍ରତିଶ୍ରୁତି ହୋଇ ରହିବା ପାଇଁ ଦିଆଯାଏ। ବାସ୍ତବ କାମ ବେଳେ କିଛି ଅଲଗା କରାଯାଏ। ଯେଉଁଠି ସ୍ୱାର୍ଥ ସେଇଠି ବ୍ୟବସ୍ଥା ଓ ବେପାର ସବୁକିଛି ଚାଲେ ସହଜରେ। କଥାର ଓଜନ ଯାରି ଭିତରେ କମିଯାଇଛି। ପବନ ଭଳି କଥା ଫୁସୁକି ଯାଉଛି। ମଣିଷ-ମଣିଷ ଭିତରେ ବିଶ୍ୱାସ ନାହିଁ ବୋଲି କଥାର ମଧ୍ୟ ଆଉ ଗୁରୁତ୍ୱ ନାହିଁ। କଥା ଓଲଟି ଯିବାର ସମ୍ଭାବନା ଅଧିକ ବୋଲି ସମସ୍ତେ ବୁଝିଗଲେଣି। ଏହି କାରଣରୁ ମଣିଷ ଅପେକ୍ଷା ଏବେ ଆଉ ଜଣେ ମଣିଷ କାଗଜ ଉପରେ ଅଧିକ ବିଶ୍ୱାସ। କଥା କାଗଜରେ ଲିପିବଦ୍ଧ ହୋଇଗଲେ ମୁକୁଳିବାର ସମ୍ଭାବନା କମ ଥାଏ ବୋଲି ଭାବନ୍ତି ସମସ୍ତେ। ଚୁକ୍ତି, ପ୍ରତିଶ୍ରୁତି, ଜବାବ ସବୁକୁ ଦ୍ୱିପାକ୍ଷିକ ଚୁକ୍ତିନାମାରେ ଷ୍ଟାମ୍ପ ପେପରରେ ଲେଖାଗଲେ ତାହା ପ୍ରତିଟି ମଣିଷ ଭିତରେ ଆଶ୍ୱସ୍ତି ଆଣୁଛି। ନଚେତ ଅବିଶ୍ୱାସ, ସନ୍ଦେହ ଓ ଆଶଙ୍କା



ଭିତରେ ମଣିଷ ଦହଗଞ୍ଜ ହୋଇ ରହୁଛି। ଅବିଶ୍ୱାସର ବାତାବରଣ ମଣିଷର ସ୍ୱରୂପକୁ ବଦଳେଇ ଦେଇଛି। ଜଣେ ବନ୍ଧୁ ଆଉଜଣେ ବନ୍ଧୁଙ୍କ କଥା ଉପରେ ଭରସା କରିପାରୁନି। ସେମିତି ପିତା ପୁତ୍ର ଉପରେ ପୁତ୍ର ପିତା ଉପରେ ଆସ୍ଥା ନାହିଁ। ଝିଅ ଉପରେ ମାଆର ସନ୍ଦେହ। ମାଆ ଉପରେ ଝିଅର ପ୍ରଭାବ। ସମ୍ପର୍କ ଏବେ କଥାରେ ଆଉ ନାହିଁ। ମିଠା ବଚନରେ ମନ ଭରୁନି। ଆସ୍ଥାର କଳ୍ପବଟରେ ଆସୁରିକ ଶକ୍ତିର ରାଜୁତି ଯେମିତି ।

ଅଳେଇଚ ଖାଇ ବସୁଥିଲା ମିତ। ସଂଗାତ ଭିତରେ ଗଢ଼ି ଉଠୁଥିଲା ଦୃଢ଼ ସମ୍ପର୍କ। ଜାତି ଧର୍ମବର୍ଣ୍ଣଠାରୁ ଊର୍ଦ୍ଧ୍ୱରେ ଥିଲା ସମ୍ପର୍କ। ଭାଇଚାରାରେ ବଞ୍ଚୁଥିଲା ମଣିଷ। କାହାକୁ କିଛି କହିବାକୁ ପଡୁ ନ ଥିଲା। ଆପେ ଆପେ ସହାୟତାର ହାତ ଲମ୍ବି ଯାଉଥିଲା। ମଲା ଘର କି ବିଭାଘରେ କର୍ତ୍ତାର ଅଜାଣତରେ ସବୁକିଛି ସୁରୁଖୁରୁରେ ସାରୁଥିଲେ ଗାଁ କୁଟୁମ୍ବ। ଗାଁରେ କଥାର ଗୋଟେ ଓଜନ ଥିଲା। ମୁରବି କହିଦେଲେ କଥା ସେଇଠି ଶେଷ। ପଞ୍ଚ ନିଷ୍ପତ୍ତି ଶୁଣେଇଲେ ସବୁ କଜିଆର ସେଠି ଅନ୍ତ। ବିଶ୍ୱାସର ପବନରେ ବଞ୍ଚୁଥିଲେ ଗାଁଲୋକ। ଆସ୍ଥାର ଛାଇରେ ବଢୁଥିଲେ। ଭାବର ମଳୟରେ ବତରୁ ଥିଲେ। ପ୍ରୀତିର ବାସ୍ନାରେ ବିଭୋର ହେଉଥିଲେ। ତୁଣ୍ଡସଙ୍ଗାତ ଥିଲା। କଥା ଦେଲ ତ ସବ ହିସାବ ଛିଡ଼ିଲା। କଥାର ଓଲଟପାଲଟ ହେବା ଅର୍ଥ ନିଜର ମାନ ସମ୍ମାନକୁ ନିଜ ପାଦରେ ଦଳିଦେବା। କଥା ଦେଇ କଥା ନ ରଖିବା ଏକ ଅପରାଧ ଓ ଦୋଷାବହ ବୋଲି ମନେ କରୁଥିଲେ ମଣିଷ। ଗୋଡ଼ତଳେ ପଡ଼ି କ୍ଷମା ମାଗୁଥିଲେ ବୟୋଜ୍ୟେଷ୍ଠ। ଏମିତି କି କଥା କଥାରେ ତୁଟି ଯାଉଥିଲା ବାହାଘର ନିଷ୍ପତ୍ତି। ଗାଁର ଗୁରୁଜନ କହିଲେ ଲଘୁଜନଙ୍କ ପାଟି ବନ୍ଦ। ସାମାଜିକ ଶୃଙ୍ଖଳାର ବଡ଼ବିଭବ ଥିଲା ତୁଣ୍ଡର କଥା। ଜଣେ କଥା ଦେଇଛି ମାନେ ଆର ଜଣକ ଭିତରେ ପ୍ରତ୍ୟୟ ଜାଗ୍ରତ ହେଉଥିଲା। ବର୍ଷ ବର୍ଷ ବିତିଗଲେ ବି କିଛି ଅସୁବିଧା ନାହିଁ। ଲୋକଟି ଦୃଢ଼ ନିଶ୍ଚିତ ଥିଲା କଥା ମୁତାବକ କାମହେବ। ଏଇ ବିଶ୍ୱାସ ଓ ଭରସା ଗାଁ ଜୀବନକୁ ସରସ, ସୁନ୍ଦର ଓ ବ୍ୟବସ୍ଥିତ କରି ରଖି ପାରିଥିଲା।

କ'ଣ ଏମିତି ଘଟିଗଲା ଯେ ମଣିଷର କଥା ଯେମିତି ମାମୁଲି ଲାଗିଲା। କଥାରେ ଦମ୍ଭ ନାହିଁ। ହଜିଗଲା ଦୃଢ଼ୋକ୍ତି। ମଣିଷର ଟାଣପଣ ଭାଙ୍ଗି ଗଲା। ଜଣଙ୍କର କଥା ପାଇଁ ଗଣଙ୍କ ମୁଣ୍ଡବିନ୍ଧା ହେଉଛି ଏଠି। ଜଣଙ୍କର କଥାକୁ ଆଉ ଜଣେ ଗ୍ରହଣ କରିବାର ସ୍ଥିତି ନାହିଁ। କଥା କଥାରେ ତୁତୁନି ଆଉକିଛି। କଥା କଟାକଟି। ହାତାହାତି। କାତି କୁରାଢ଼ୀ କୋର୍ଟକଚେରି ଯାଏ କଥା ପହଞ୍ଚିଛି। ସେଠି ବି କଥାକୁ ନେଇ ଗୋଳମାଳ। ତଳସ୍ତରରୁ ଉପର ସ୍ତର ପର୍ଯ୍ୟନ୍ତ, ଘରଠାରୁ ଦରବାର ପର୍ଯ୍ୟନ୍ତ ସବୁଠି କଥାରେ କାରୁମାରୁ। ଅସ୍ପଷ୍ଟ ଓ ଅସମାହିତ। ଏମିତି ଭିତରେ ସେଦିନ ଚନ୍ଦ୍ରଚୂଡ଼କୁ ସହଜରେ କଥାର ମର୍ମକୁ ବୁଝେଇ ଦେଲା କୁମୁଟି ସାଉକାରୀ। କାନ୍ଦୁଲ ପାଇଁ ଦର ପଚାରିଲା ପରେ ଚନ୍ଦ୍ରଚୂଡ଼ କହିଲା - ସାଉକାରୀ ! କଥା ତୁଟିଲା। ରଖି ଦେଇଥିବ ପଚାଶ କେଜି। ମୁଁ ଆସି ନେଇଯିବି। ହସି ହସି ସେ କହିଲା - କିଇଚି କରାପ ବାବିବେନି ଆଜ୍ଞିଆ ! ଏ ତୁଣ୍ଡ ସଙ୍ଗାତ ବଡ଼ ଜାଟିକା! ତୁମେ କେତେ ହେଲେ ଦେଇଦେଲେ ମୁଇ ଜାଣିବି ତୁମେ ଆକାନେବ। ଆମେ ବେପାରୀ ଲୁକ ଆଜ୍ଞିଆ ! ନ ହେଲେ ଡିରୁକାସୁ ହୋଇଯିବ! ଚନ୍ଦ୍ରଚୂଡ଼ ହେଳା ନ କରି ପାଞ୍ଚଶହ ନୋଟ ବଢ଼େଇ ଦେଇ କଥାକୁ ଖାୟକଲେ।ସେଇଠୁ ବୁଝିଗଲେ ଯେ ଆଜିକାଲି ତୁଣ୍ଡ ସଙ୍ଗାତରେ ନାହିଁ ହିତ!

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା**
**ମୋ: ୯୪୩୭୯୦୯୬୭୧**

## ଏଇ ଭାରତରେ

ଜଣେ ବ୍ୟକ୍ତି ଜ୍ଞାନ ଅର୍ଜନ କରିବାକୁ ଚାହିଁଲେ ତାହା ପାଇଁ ବୟସ କେବେ ବି ବାଧକ ହୁଏ ନାହିଁ ବୋଲି ପ୍ରମାଣ କରିଛନ୍ତି ରାଜସ୍ଥାନର ୮୧ ବର୍ଷ ବୟସ୍କ ସତପାଲ ଆରୋରା। ସେ ଏବେ ପରିଣତ ବୟସରେ ପୁନର୍ବାର ପାଠ ପଢ଼ିବା ଆରମ୍ଭ କରିଛନ୍ତି । ଅର୍ଥାତ୍ କିଛିଦିନ ତଳେ ସେ ଏଲ୍‌ଏଲ୍‌ବି ଡିଗ୍ରୀ କରିବା ପାଇଁ ନାମ ଲେଖାଇଛନ୍ତି। ସେ ରହୁଛନ୍ତି ରାଜସ୍ଥାନ ଚିତ୍ତୋରଗଡର ପ୍ରତାପଗଡ ଗ୍ରାମରେ। ପ୍ରତିଦିନ ସତପାଲ କଲେଜ ଯାଉଛନ୍ତି ଏବଂ ଅନ୍ୟ ଛାତ୍ରୀଛାତ୍ରଙ୍କ ସହିତ ଏକାଠି ବସି ପଢୁଛନ୍ତି। ପାଠ ବିଷୟରେ ଅନ୍ୟ ଛାତ୍ରଙ୍କ ସହିତ ଆଲୋଚନା କରୁଛନ୍ତି। ନାତି କିମ୍ବା ଅଣନାତିଙ୍କ ବୟସର ପିଲାଙ୍କ ସହିତ ବସି ପାଠ ପଢ଼ିବା ତାଙ୍କୁ ନିଆରା ଅନୁଭବ ଦେଉଛି। ସେ ମଧ୍ୟ ଏଭଳି ପିଲାଙ୍କ ସହ ପଢ଼ିବାରେ ସଙ୍କୋଚ ପ୍ରକାଶ କରୁନାହାନ୍ତି। କଲେଜ ପାଠ ଛାଡ଼ି ୪୦ ବର୍ଷ ପରେ ପୁନର୍ବାର ପଢୁଥିବା ସତପାଲଙ୍କୁ କଲେଜର ଅନ୍ୟ ଛାତ୍ର ତଥା କର୍ମଚାରୀମାନେ ଉତ୍ସାହିତ କରୁଛନ୍ତି। ସତପାଲଙ୍କର ଜଣେ ବନ୍ଧୁ ଅଧ୍ୟାପକ । ତେବେ ନାମ ଲେଖାଇବା ପୂର୍ବରୁ ସେ ତାଙ୍କ ପରାମର୍ଶ ନେଇଥିଲେ। ସତପାଲଙ୍କ କହିବା ଅନୁସାରେ ବୟସ କେବେ ହେଲେ କୌଣସି କାମରେ ବାଧା ଦେଇପାରେ ନାହିଁ। ପ୍ରତ୍ୟେକ ମଣିଷ ପ୍ରତି ମୁହୂର୍ତ୍ତରେ କିଛି ଶିଖିବା ଆବଶ୍ୟକ।

## ୫୦ ବର୍ଷ ତଳର ଧରିତ୍ରୀ

**୧୫ ଏପ୍ରିଲ ୧୯୭୬**

- ପରିବାର ନିୟନ୍ତ୍ରଣ ଯୋଜନାକୁ ତ୍ୱରାନ୍ୱିତ କରିବା ନିମନ୍ତେ ରାଜସ୍ଥାନ ସରକାର ୩ଟିରୁ ଊର୍ଦ୍ଧ୍ୱ ସନ୍ତାନ ଥିବା ବ୍ୟକ୍ତିଙ୍କୁ ସରକାରୀ, ଅର୍ଦ୍ଧ ସରକାରୀ ଓ କର୍ପୋରେସନ ଆଦିରେ ନିଯୁକ୍ତି ନ ଦେବା ନେଇ ଦୃଢ଼ ବ୍ୟବସ୍ଥା ଗ୍ରହଣ କରିଛନ୍ତି।
- ଆମଦାନୀ ବାଣିଜ୍ୟର ଉନ୍ନତି ବିଧାନ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନୂତନ ସରକାରୀ ନୀତି ଘୋଷଣା।

## ଚିରନ୍ତନୀ

ଶରତ-ଧଳା ବଉଦ ସମ
ସକଳ ରୂପରାଶି
ମିଳାଇଗଲା ଚକିତେ ମୋର
ନୟନ ପଥେ ଭାସି।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କିଛି ଅବୁଝା ହୋଇ ରହିନାହିଁ

ମହାଶୟ,

ସଂସଦରେ ୱାକ୍‌ଫ ସଂଶୋଧନ ବିଲ୍ ପାରିତ ହେବାପରେ ପ୍ରଥମେ ବିହାର ଜେଡିୟୁର ଦୁଇଜଣ ନେତା, ମହମ୍ମଦ କାସିମ ଅନ୍‌ସାରୀ ଓ ମହମ୍ମଦ ନୱାଜ ମଲ୍ଲିକ ଦଳରୁ ଇସ୍ତଫା ଦେଇଛନ୍ତି, କାରଣ ସେମାନଙ୍କ ଦଳ ପାର୍ଲାମେଣ୍ଟରେ ବର୍ତ୍ତମାନର ୱାକ୍‌ଫ ସଂଶୋଧନ ବିଲକୁ ସମର୍ଥନ କରିଛି । ଲୋକ ସଭା ଓ ରାଜ୍ୟ ସଭାରେ ସମସ୍ତ ତଥ୍ୟ ସହିତ ଓ ଚିକିନିଖି ଦୀର୍ଘ ଆଲୋଚନା ହେଲାପରେ ୱାକ୍‌ଫ ଉପରେ ବର୍ତ୍ତମାନ ଆଉ କିଛି ବି ଅବୁଝା ହୋଇ ରହିନାହିଁ । ଉପରୋକ୍ତ ଜେଡିୟୁ ନେତାମାନେ ସେମାନଙ୍କ ଦଳର ନିଷ୍ପତ୍ତିକୁ ବିରୋଧକରି ଇସ୍ତଫା ଦେଇଛନ୍ତି ; କାରଣ ସେମାନଙ୍କର ପ୍ରତ୍ୟେକଟି ପଦକ୍ଷେପ ପାଇଁ ସେମାନଙ୍କୁ ତୁରନ୍ତ ସେମାନଙ୍କ ସମାଜ କାଠଗଡ଼ାରେ ଠିଆ କରାଇବ । ଓଡ଼ିଶାର ଜଣେ ବିଜେଡି ରାଜ୍ୟ ସଭା ସଦସ୍ୟ, ୱାକ୍‌ଫ ବିଲ୍ ସପକ୍ଷରେ ବିବେକାନୁମୋଦିତ ଭୋଟ ଦେଇଥିବାରୁ ତାକୁ ଯେପରି ରଙ୍ଗ ଦିଆଗଲାଣି, ତାହା ସମସ୍ତଙ୍କୁ ଚକିତ କରିଛି ।

**-ଶ୍ରୀନିବାସ ମାନସିଂହ, ଖଣ୍ଡଗିରି ବାରି, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ବଜରଙ୍ଗ ଦଳ ପକ୍ଷରୁ ପଣା ବଣ୍ଟନ**

ଚନ୍ଦାହାଣ୍ଡି ,(ଦିଲୀପ ଦାସ)-ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସ୍ଥାନୀୟ ହନୁମାନ ମନ୍ଦିରରେ ମହାବିଷୁବ ସଂକ୍ରାନ୍ତି ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ପାଳିତ ହୋଇଛି। ମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗିଥିଲା। ବଜରଙ୍ଗ ଦଳ ପକ୍ଷରୁ ମନ୍ଦିର ସମ୍ମୁଖ ମୁଖ୍ୟରାସ୍ତା କଡ଼ରେ ସୋମବାର ପଣା ବଣ୍ଟନ କରାଯାଇଛି।

## ଓଡ଼ିଆ ପକ୍ଷ ପାଳନର ଶେଷ ଦିନରେ ନବବର୍ଷ ପାଳିତ

# ପରମ୍ପରା ବଞ୍ଚାଇ ରଖିବାରେ ଯୋଗାଇଛି ପ୍ରେରଣା

ମାଲକାନଗିରି,୧୪।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ସୋମବାର ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ସଂସ୍କୃତି ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବେଦବର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ପୌର ପରିଷଦ ଉପାଧ୍ୟକ୍ଷା କବିତା ମହନ୍ତ, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ ଓ ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଦୁରୁକ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ଓଡ଼ିଆ ପକ୍ଷ ପାଳନର ଉଦ୍‌ଯାପନୀ ଦିବସରେ ଦିବସରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡ଼ିଆ ନବବର୍ଷ ଆମ ସଂସ୍କୃତି, ପରମ୍ପରାର ଅନନ୍ୟ ବିଭବ। ସ୍ୱାଭିମାନୀ ଓଡ଼ିଆ ଭାବେ ଓଡ଼ିଆ ନବବର୍ଷକୁ ସମସ୍ତେ ମହା ଆଡମ୍ବର ସହକାରେ ପାଳନ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଆମ ଓଡ଼ିଆ ଘରର ପରମ୍ପରାକୁ ବଞ୍ଚାଇରଖିବାରେ ସମସ୍ତଙ୍କୁ ପ୍ରେରଣା ଯୋଗାଇଛି ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। ପୌର ପରିଷଦ ଉପାଧ୍ୟକ୍ଷା କହିଛନ୍ତି, ମହିଳା ସଶକ୍ତୀକରଣ ଅନନ୍ୟ ପ୍ରଦର୍ଶନ ହେଉଛି ଏହି କାର୍ଯ୍ୟକ୍ରମ, ଯେଉଁଥିରେ ମା' ମାନେ ନିଜ ଭିତରେ ଲୁଚି ରହିଥିବା ପ୍ରତିଭା ପ୍ରଦର୍ଶନ କରିବା ପାଇଁ ସୁଯୋଗ ପାଇଛନ୍ତି। ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଅଶୋକ ଚକ୍ରବର୍ତ୍ତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଲିଙ୍ଗରାଜ ପାଳ ପରିଚାଳନା କରିଥିଲେ। ମହିଳାଙ୍କ ମଧ୍ୟରେ ପାରମ୍ପରିକ ଓଡ଼ିଆ ଝୋଟି ଚିତା, ମୁରୁଜ, ହୁଳହୁଳି ଓ ପିଠାପଣା ପ୍ରତିଯୋଗିତା ଆୟୋଜନ କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ପୌର ପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହଯୋଗ କରିଥିଲେ ।


ଅତିଥିଙ୍କ ସହ ପୁରସ୍କୃତ ପ୍ରତିଯୋଗୀ ।

# ଏନ୍ଏସି ପକ୍ଷରୁ ପାରମ୍ପରିକ ଖାଦ୍ୟ ଦିବସ ପାଳିତ


ଏନ୍ଏସି ପକ୍ଷରୁ ପିଠାପଣା ପ୍ରଦର୍ଶନ କରାଯାଉଛି।

## ପ୍ରଦର୍ଶିତ ହୋଇଥିଲା ବିଭିନ୍ନ ପ୍ରକାର ଝୋଟି

କୋରୁକୋଣ୍ଡା,୧୪।୪(ଶିବଦତ୍ତ ସାହୁ)

ଓଡ଼ିଶା ପକ୍ଷ ପାଳନର ୧୪ଶ ଦିବସକୁ ବାଲିମେଳା ଏନ୍ଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ନେତୃତ୍ୱରେ ସୋମବାର ଟାଉନ ହଲରେ ପାରମ୍ପରିକ ଖାଦ୍ୟ ଦିବସ ପାଳନ କରାଯାଇଛି। ଏହି ଅବସରରେ ସେଠାରେ ମହିଳା କର୍ମଚାରୀଙ୍କ ପକ୍ଷରୁ ଓଡ଼ିଆ ନବବର୍ଷ ପାଳନ ଉପଲକ୍ଷେ ବିଭିନ୍ନ ରଙ୍ଗବେରଙ୍ଗ ଝୋଟି ପକାଯାଇଥିବା ଦେଖିବାକୁ ମିଳିଥିଲା। ମହିଳା କର୍ମଚାରୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଦହିବରା, କାକରା ଓ ଗୁଲୁଗୁଲା ଭଳି ବିଭିନ୍ନ ପ୍ରକାର ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରାଯାଇ ଏହି ଦିବସକୁ ପାଳନ କରାଯାଇଛି। ଏହି ଅବସରରେ ନଗରପାଳ ନାୟକ କହିଛନ୍ତି, ଓଡ଼ିଆ ଘରର ଖାଦ୍ୟ ତଥା ଅଞ୍ଚଳର ପାରମ୍ପରିକ ଖାଦ୍ୟ ଯେ କେବଳ ସ୍ୱାଦ ଦୃଷ୍ଟିରୁ ଉନ୍ନତ ତାହା ନୁହେଁ, ବରଂ ସ୍ୱାସ୍ଥ୍ୟ ଓ ଶରୀର ପାଇଁ ଆବଶ୍ୟକ ଥିବା ସମସ୍ତ ପ୍ରକାର ପୋଷକତତ୍ତ୍ୱରେ ଭରପୂର ହୋଇ ରହିଛି। ଏଣୁ ସମୟକ୍ରମେ ଆମ ଅଞ୍ଚଳରୁ ହଜି ଯାଉଥିବା ଓଡ଼ିଆ ଘରର ପିଠାପଣା ଭଳି ବିଭିନ୍ନ ପ୍ରକାର ବ୍ୟଞ୍ଜନଗୁଡ଼ିକୁ ଆଜିର ପିଢ଼ି ପୁନଃ ଆଦୃତ କରାଇବା ଏହି ପାରମ୍ପରିକ ଖାଦ୍ୟ ଦିବସ ପାଳନ କରିବାର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଏଥିରେ ବାଲିମେଳା ଏନ୍ଏସିର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ

ମାଲକାନଗିରି,୧୪।୪(ଦୁର୍ଯ୍ୟୋଧନ ପାତ୍ର)

ଭୀମରାଓ ରାମଜୀ ଆମ୍ବେଦକରଙ୍କ ଜିଲାସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ବସ୍ତ୍ରୋଷ୍ଟପରିସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ (ରାଜସ୍ୱ), ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ ଓ ଭାରପ୍ରାପ୍ତ ପୌର ପରିଷଦ ନିର୍ବାହୀ ଅଧିକାରୀ ଅଶୋକ ଚକ୍ରବର୍ତ୍ତୀ ଉପସ୍ଥିତ ରହି ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଏକ ସଭାରେ ସ୍ମୃତିଚାରଣ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ବଞ୍ଚିତ ଗୋଷ୍ଠୀଙ୍କୁ ମୁଖ୍ୟସ୍ରୋତକୁ ଆଣିବା ପାଇଁ ସମ୍ବିଧାନ ସଭାର ସଭ୍ୟ ହେବାକୁ ଆଗ୍ରହୀ ଥିଲେ। ଶେଷରେ ପଶ୍ଚିମବଙ୍ଗରୁ ସମ୍ବିଧାନ ସଭାର ସଭ୍ୟଭାବେ ମନୋନୀତ ହୋଇଥିଲେ ବୋଲି ପ୍ରକାଶ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ଅଭିଭାଷଣରେ କହିଥିଲେ, ଆମ୍ବେଦକର ଜଣେ ଦଳିତ, ନିଷ୍ପେଷିତ ଥିଲେ। ତାଙ୍କ ଜୀବନ ବହୁ ସଂଘର୍ଷମୟ ଥିଲା। ଅନେକ ଘାତ ପ୍ରତିଘାତରେ ସେ ପାଠପଢ଼ି ବହୁ ଶିକ୍ଷାଗତ ଯୋଗ୍ୟତାର ଅଧିକାରୀ ହୋଇପାରିଥିଲେ। ନାନା ବିଭିଧତା ମଧ୍ୟରେ ଏକ ସ୍ୱାଧୀନ ସଂପ୍ରଭୁତ୍ୱ ରାଷ୍ଟ୍ର ନିର୍ମାଣ କରିବାରେ ତାଙ୍କ ଲକ୍ଷ୍ୟ ଥିଲା। ସମସ୍ତ ନାଗରିକଙ୍କ ଆତ୍ମସମ୍ମାନ, ସାମାଜିକ ନ୍ୟାୟ, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ବିଚାରଶୀଳ ମାନବବାଦୀ ଅଭିମୁଖ୍ୟ ଦେଶ ପାଇଁ ପ୍ରେରଣାଦାୟୀ ଆଦର୍ଶ


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଗୁରୁଜୀ ଗୁରୁମା ଓ ଛାତ୍ରୀଛାତ୍ର ।

ଜିଲାପାଳ କହିଥିଲେ, ଆମ୍ବେଡକର ବହୁ ପ୍ରତିଭାର ଅଧିକାରୀ ହେଲେ ମଧ୍ୟ ତାଙ୍କ ଜୀବନ ଥିଲା ବହୁ ବିପର୍ଯ୍ୟୟ ଓ ନୈରାଶ୍ୟ । ସେ ଏକ ଦଳିତ ପରିବାରରେ ଜନ୍ମହୋଇ ବହୁ ଅଭାବ, ଅସୁବିଧା, ଅସମ୍ମାନ ଓ ଭେଦଭାବକୁ ସାମ୍ନା କରଥିଲେ। ଦଳିତମାନଙ୍କ ମାନବିକ ଅଧିକାର, ସାମାଜିକ ନ୍ୟାୟ ଓ ଏକ ଭେଦଭାବମୁକ୍ତ ସମାଜ ଗଠନ ପାଇଁ ସେ ଜୀବନ ସାରା ସଂଗ୍ରାମ ଜାରି ରଖିଥିଲେ। ସମାଜରୁ ଅସ୍ପୃଶ୍ୟତା ଦୂରକରିବା, ଦଳିତମାନଙ୍କ ଅଧିକାରକୁ ସମ୍ବିଧାନରେ ସାବ୍ୟସ୍ତ କରିବା ଓ ସମାଜରୁ ସକଳ ଭେଦଭାବ ବିଲୋପକରି ହୋଇପାରିବ ବୋଲି ସେ କହିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ମାଲ୍ୟର୍ପଣ କାର୍ଯ୍ୟକ୍ରମରେ ସତ୍ୟନାରାୟଣ କଲେଜର ଛାତ୍ରମାନେ ଉପସ୍ଥିତ ଥିଲେ। ସେହିପରି ସ୍ମୃତିଚାରଣ ସଭାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁମା, ଗୁରୁଜୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କର୍ମଚାରୀ ହରେକୃଷ୍ଣ କୀର୍ତ୍ତନିଆ ଓ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହଯୋଗ କରିଥିଲେ।

# ମାଲକାନଗିରି ଜିଲା ବିଜେଡି ସଭାପତି ହେଲେ ମାନସ


ମାଲକାନଗିରିରେ ମାନସଙ୍କୁ ଦଳୀୟ କର୍ମକର୍ତ୍ତା ସମ୍ବର୍ଦ୍ଧନା ଦେଉଛନ୍ତି।

ମାଲକାନଗିରି/ମାଥିଲି,୧୪।୪ (ନୃସିଂହ ଚରଣ ମହାନ୍ତି/ ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ବିଜୁ ଜନତା ଦଳର ସଭାପତି ଭାବେ ପୂର୍ବତନ ବିଧାୟକ ମାନସ ମାଡକାମୀ ନିଯୁକ୍ତି ପାଇଛନ୍ତି। ଯାହାକୁ ନେଇ ଦଳୀୟ ନେତା କର୍ମୀଙ୍କ ମଧ୍ୟରେ ମଧ୍ୟରେ ଖୁସି ପ୍ରକାଶ ପାଇଛି। ଦଳ ତରଫରୁ ନବ ନିଯୁକ୍ତ ସଭାପତି ମାଡକାମୀଙ୍କୁ ଗୋବିନ୍ଦପାଲ୍ଲୀ,ମାଥିଲି ପାଣ୍ଡ୍ରିପଣି ଓ ମାଲକାନଗିରି ଭୈରବୀ ମନ୍ଦିରଠାରେ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଭୈରବୀ ମନ୍ଦିରଠାରୁ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା ସହ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଆମ୍ବେଡ଼କରଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ଲାଠିଆଗୁଡାଠାରେ ଥିବା ଜିଲା ବିଜେଡି କାର୍ଯ୍ୟାଳୟରେ ଏକ ସାଧାରଣ ସଭାରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେବା ସହ ଆଗାମୀ ଦିନରେ ବିଜୁ ଜନତା ଦଳକୁ ତୃଣମୂଳସ୍ତରରେ ଦୃଢ଼ କରିବେ ଏବଂ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ହାତମୁଠା ଟାଣ କରିବା ପାଇଁ ଆଲୋଚନା କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଗୋପାଳକୃଷ୍ଣ ପଣ୍ଡା, ଜିଲା ପରିଷଦ ଅଧ୍ୟକ୍ଷ ସମାରି ଖାଲ୍ଲୁଲ, ବିଜେଡି ନିର୍ବାଚନ ଅଧିକାରୀ ଘନଶ୍ୟାମ ମାଡକାମୀ, ପୌର ପରିଷଦ ଅଧ୍ୟକ୍ଷ ମନୋଜ କୁମାର ବାରିକ, ପୌର ଉପାଧ୍ୟକ୍ଷା କବିତା ମହନ୍ତ, ବ୍ଲକ ଅଧ୍ୟକ୍ଷ ଗୌରୀ ପଡ଼ିଆମୀ, କରୁକୋଣ୍ଡା ବ୍ଲକ ଅଧ୍ୟକ୍ଷ ଜିତୁ କୁଦ୍ରୁଡ଼ି, ମାଥିଲି ସରପଞ୍ଚ କାନମ ରାଜୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମାଥିଲିରେ ଦଳୀୟ କର୍ମକର୍ତ୍ତା ଦେଲେ ସମ୍ବର୍ଦ୍ଧନା

ସେହିପରି ମାଥିଲିରେ ମାଡ଼କାମିଙ୍କୁ ଦଳୀୟ କର୍ମୀ ଓ ଜିଲା ପରିଷଦ ସଭ୍ୟା ସୁସ୍ମିତା ମାଝୀ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ନାଥ ମାଡ଼ୀଙ୍କ ସମେତ ଅନେକ କର୍ମୀ ଯୋଗଦେଇ ବିପୁଳ ସମ୍ବର୍ଦ୍ଧନା ଦେଇଥିଲେ। ପରେ ମାଡକାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ମେରୁଯାତ୍ରା ପାଳିତ, ଦଣ୍ଡଯାତ୍ରା ଉଦ୍‌ଯାପିତ

କୋରୁକୋଣ୍ଡା,୧୪।୪(ଶିବଦତ୍ତ ସାହୁ)

ବାଲିମେଳାରେ ମା' ଦଣ୍ଡକାଳୀ ମନ୍ଦିର ପରିଚାଳନା କମିଟି ସଭାପତି ଗଜେନ୍ଦ୍ର ମହାନ୍ତି, ଉପ ସଭାପତି ରାମ ବାରିକ, ସମ୍ପାଦକ ବାବୁଲା ଡାକୁଆ, ଯୁଗ୍ମ ସମ୍ପାଦକ ସୁଶାନ୍ତ କୁମାର ମହାରଣା ଓ ଅନ୍ୟ କର୍ମକର୍ତ୍ତାଙ୍କ ନେତୃତ୍ୱରେ ଏପ୍ରିଲ ୨ ରୁ ୧୩ ଦିନିଆ ଦଣ୍ଡଯାତ୍ରା ଆରମ୍ଭ ହୋଇଥିଲା। ସୋମବାର ମହା ବିଷୁବ ସଂକ୍ରାନ୍ତିରେ ଦଣ୍ଡଯାତ୍ରା ରୀତିନୀତି ଅନୁସାରେ ବାଲିମେଳା ସହରର ଦୈନିକ ବଜାର ନିକଟରେ ଥିବା ମା' କାଳୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ସେଠାରେ ମେରୁଯାତ୍ରା ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ମାନସିକଧାରୀ ଦଣ୍ଡୁଆମାନେ ଧୂଳିଦାଣ୍ଡ ପରିବେଷଣ କରିଥିଲେ। ପରେ ଚିତାପାରି ନଦୀରେ ପାଣିଦଣ୍ଡ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଦଣ୍ଡୁଆ ମନ୍ଦିର ସମ୍ମୁଖରେ ପ୍ରସ୍ତୁତ ହୋଇଥିବା ମେରୁରେ ଝୁଲିଥିଲେ। ଦଣ୍ଡ ନାଚର ବାଦ୍ୟ, ଘଣ୍ଟ ସାଙ୍ଗକୁ ଭକ୍ତଙ୍କ ହୁଳହୁଳିରେ କମ୍ପମାନ ହେଉଥିଲା ସହର। ଅନେକ ମାନସିକଧାରୀ ମନକାମନା ପୂରଣ ଏବଂ ପରିବାରରେ ଶାନ୍ତି ପ୍ରତିଷ୍ଠା ପାଇଁ ଦଣ୍ଡଯାତ୍ରାକୁ ଯାଇଥାନ୍ତି । ରାତିରେ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଭୋରୁ ଦଣ୍ଡଯାତ୍ରା ଉଦ୍‌ଯାପିତ ହୋଇଯାଇଛି।


ଜଣେ ମୁଖ୍ୟ ଦଣ୍ଡୁଆଙ୍କୁ ନିଆଁରେ ଝୁଲାଯାଇଛି ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବିଂଶତମ ବାର୍ଷିକ ଉତ୍ସବ

କୋରୁକୋଣ୍ଡା, ୧୪।୪(ଶିବଦତ୍ତ ସାହୁ)

ବାଲିମେଳା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ସଭାପତି ଦିଲ୍ଲିପ କୁମାର ଓଝାଙ୍କ ସଭାପତିତ୍ୱରେ ବିଂଶତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ସ୍ୱତନ୍ତ୍ର ଅତିଥି ବାଲିମେଳା ନଗରପାଳକ ପ୍ରଦୀପ କୁମାର ନାୟକ, ମୁଖ୍ୟବକ୍ତା ବିଜୟାନନ୍ଦ ଦାଶ, ସମ୍ମାନିତ ଅତିଥି ଓଏଚପିସି ପରିଚାଳକ ଜ୍ୟୋତିର୍ମୟ ଦାସ, କାଉନସିଲର ଦେବେନ୍ଦ୍ର କୁମାର ଦାସ, ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ସମ୍ପାଦକ ନିରଞ୍ଜନ ମଲ୍ଲ ଓ ଅଧ୍ୟକ୍ଷା ମମିତା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀଅରବିନ୍ଦଙ୍କ ଫଟୋରେ ଧୂପପୁଷ୍ପ ଅର୍ପଣ ପୂର୍ବକ ସଭା ଆରମ୍ଭ ହୋଇଥିଲା। ଅଧ୍ୟକ୍ଷା ମମିତା ଶତପଥୀ ଧନ୍ୟବାଦ ଦେଇଥିଲେ। ପ୍ରଭାତ ନଳିନୀ ବେହେରା ଓ ସଦସ୍ୟ ବସନ୍ତ କୁମାର ରଣା ପ୍ରମୁଖ କରିଥିଲେ।

# ଶହୀଦ ନରସିଙ୍ଗ ଡମ ସମାଜ ତରଫରୁ ଆମ୍ବେଡକରଙ୍କ ଜୟନ୍ତୀ


ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ନିକଟରେ ନରସିଙ୍ଗ ଡମ ସମାଜ କର୍ମକର୍ତ୍ତା ।

ମାଥିଲି, ୧୪।୪(ସୁବାଷ ଚନ୍ଦ୍ର ଖୁଡୁପିଆ)

ମାଥିଲି ପଞ୍ଚାୟତ କାର୍ଯ୍ୟାଳୟ ଡମ ସାମଜ ଗୃହଠାରେ ଏହି ଅବସରରେ ମାଲକାନଗିରି ଜିଲା ଶହୀଦ ବୀର ନରସିଙ୍ଗ ଡମ ସାମଜ ତରଫରୁ ସୋମବାର ଭାରତ ରତ୍ନ ବାବା ସାହେବ ଆମ୍ବଡ଼କରଙ୍କ ଜୟନ୍ତୀ ପାଳନ କରାଯାଇଥିଲା । ପୂର୍ବତନ ସରପଞ୍ଚ ଗୌରୀ ବଟେ ଓ ମାଥିଲି ସମିତି ସଭ୍ୟ ବାଲରାଜୁ କପେଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆମ୍ବେଡକର ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେବା ପରେ ଜୀବନୀ ସମ୍ପର୍କରେ ଆଲୋକପାତ କରାଯାଇଥିଲା । କାର୍ଯ୍ୟକ୍ରମରେ ମାଥିଲି ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ଶ୍ରୁତିରଞ୍ଜନ ପାଢ଼ୀ, ଏମ୍‌ଡି ଆକବର ଉଦଲିବେଡା ସମିତି ସଭ୍ୟ ପି. ରାମେଶ୍ୱର ରାଓ. ପୂର୍ଣ୍ଣଚନ୍ଦ୍ର ମହାରଣା,ଡମ ସମାଜ ସଭାପତି ପୂର୍ଣ୍ଣଚନ୍ଦ୍ର ଦୁରିଆ,ପୋଲିସ ରାମ ମାଣ୍ଡି, କର୍ଣ୍ଣ ଦୁରିଆ, ଦଶରଥ ସାଗରିଆ, ଭୀମ ସେନ ଖୁଡୁପିଆ ଓ ଗୁରୁନାଥ ଚିନାମଙ୍କ ସମେତ ବୁହୁମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ମାଥିଲି ସହର ପରିକ୍ରମା କରିଥିଲେ ।

# ରନ୍ଧନ ଗ୍ୟାସ୍ ଦର ପ୍ରତ୍ୟାହାର ଦାବିରେ ସିପିଆଇର ବିକ୍ଷୋଭ

ଜୟପୁର,୧୪।୪(ପବନ ପାଣିଗ୍ରାହୀ)

ଜୟପୁରରେ ଡ. ଭି.ଆର.ଆମ୍ବେଡକରଙ୍କ ଜୟନ୍ତି ପାଳନ ପରେ ସିପିଆଇ ପକ୍ଷରୁ ୨୬ ନଂ.ଏନ୍ଏଚ୍ ପାର୍ଶ୍ୱରେ ରନ୍ଧନ ଗ୍ୟାସ୍ ଦର ୫୦ ଟଙ୍କା ବୃଦ୍ଧିକୁ ତୁରନ୍ତ ପ୍ରତ୍ୟାହାର କରିବା ଦାବିରେ ବିକ୍ଷୋଭ କରାଯାଇଛି। ପଚାଶ ଭାଗ ରିହାତି ଦରରେ ଯୋଗେଇ ଦେବା, ଡିଜେଲ୍, ପେଟ୍ରୋଲ୍ ଓ ନିତ୍ୟ ବ୍ୟବହାର୍ଯ୍ୟ ଖାଉଟି ଦ୍ରବ୍ୟର ଦରଦାମ୍ କମ୍ କରିବା ପାଇଁ କର୍ମୀମାନେ ଦାବି କରିଥିଲେ। ସମସ୍ତଙ୍କୁ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଇ ଦେବାକୁ ଭାଜପା ନିର୍ବାଚନରେ ପ୍ରତିଶ୍ରୁତି ଦେଇଥିଲା। ମହିଳା ଓ ଛାତ୍ରୀମାନଙ୍କ ଉପରେ ଯୌନ ଉତ୍ପୀଡନ ବଢ଼ୁଛି। ସିପିଆଇ ସାଧାରଣ ଜନତାଙ୍କ ଅଧିକାର ପାଇଁ ଲଢ଼ିବ। ପ୍ରତ୍ୟେକ ସିପିଆଇ ସଭ୍ୟ ଘରେ ହୁଣ୍ଡି ବସେଇ ପାଣ୍ଠି ସଂଗ୍ରହ ପାଇଁ ନିଷ୍ପତ୍ତି ନେଇଥିଲେ। ଏପ୍ରିଲ୍ ୨୫ରେ ଜୟପୁର ସହରରେ ଗଣ ପାଣ୍ଠି ସଂଗ୍ରହ ପାଇଁ ଅଭିଯାନ ଆରମ୍ଭ ହେବ। କାର୍ଯ୍ୟକ୍ରମରେ ପ୍ରମୋଦ କୁମାର ମହାନ୍ତି, ଯୁଧିଷ୍ଠିର ରାଉଳ, ରାମକୃଷ୍ଣ ଦାସ, ଅଜିତ ପଟ୍ଟନାୟକ,ତ୍ରିନାଥ ଟାଙ୍ଗୀ,ଦାମୋଦର ପାଙ୍ଗି,ଲକ୍ଷ୍ମଣ ପାଙ୍ଗି, ସୁକୁମାର ପରଜା ଓ ମନୋହର ହରିଜନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ସିପିଆଇ କର୍ମୀମାନେ ବ୍ୟାନର ଧରି ପ୍ରତିବାଦ କରୁଛନ୍ତି।

# ସମାଜ ସଂସ୍କାରକ, ଗଣତନ୍ତ୍ରର ମୁଖ୍ୟ ପୁରୋଧା ଥିଲେ ଆମ୍ବେଡକର

ନବରଙ୍ଗପୁର,୧୪।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ରାଜା ଚୈତନ୍ୟ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ ଗୃହରେ ଡ ଆମ୍ବେଡ଼କରଙ୍କ ୧୩୫ତମ ଜୟନ୍ତୀ କାର୍ଯ୍ୟକ୍ରମ କରାଯାଇଛି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ୍ ବର୍ମନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟସଭା ସଦସ୍ୟ ମୁନା ଖାଁ ମୁଖ୍ୟ ଅତିଥି, ଉପଜିଲାପାଳ ପ୍ରକାଶ ମିଶ୍ର, ପୌରାଧ୍ୟକ୍ଷ କୁନୁ ନାୟକ, ଡିଇଓ ଛତ୍ରପତି ସାହୁ ସମ୍ମାନିତ ଅତିଥି, ମୁଖ୍ୟ ବକ୍ତାଭାବେ ନିଖିଳ ଉତ୍କଳ ଆଇନଜୀବୀ ପରିଷଦ ଉପସଭାପତି ନରସିଂହନାଥ ତ୍ରିପାଠୀ ଯୋଗ ଦେଇଥିଲେ। ଡିଆଇପିଆର୍‌ଓ ମନୋଜ କୁମାର ବେହେରା ସଭା ଆୟୋଜନ ଓ ସଞ୍ଚାଳନ କରିଥିଲେ। ଆମ୍ବେଡ଼କର ବିଶିଷ୍ଟ ଜନନେତା, ସମାଜ ସଂସ୍କାରକ, ସମ୍ବିଧାନ ପ୍ରଣେତା , ଗଣତନ୍ତ୍ରର ମୁଖ୍ୟ ପୁରୋଧା ଥିଲେ ବୋଲି ଅତିଥିମାନେ କହିଥିଲେ। ସକାଳେ ଏକ ଶୋଭାଯାତ୍ରା ବାହାରିଥିଲା। ସଭାକାର୍ଯ୍ୟ ପରେ ଡ ଆମ୍ବେଦକରଙ୍କ ଜୀବନୀ ଓ ଦର୍ଶନ ଉପରେ ଏକ ମୁକ୍ତ ପ୍ରଶ୍ନ ମଞ୍ଚ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ପ୍ରଣବ ମିଶ୍ର ଏବଂ ସ୍ମରଣ ଜେନା ଏହାକୁ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ସଭାରେ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର, ଅନୁଷ୍ଠାନ କର୍ମକର୍ତ୍ତା, ସରକାରୀ ଅଧିକାରୀ ଉପସ୍ଥିତ ଥିଲେ। ଡିଆଇପିଆର୍‌ଓ ଧନ୍ୟବାଦ୍ ଅର୍ପଣ କରିଥିଲେ।


ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ, ଅଧିକାରୀ, ଛାତ୍ରୀଛାତ୍ର ଓ ଅନ୍ୟମାନେ ।

**IN THE COURT OF THE JOINT REGISTRAR OF COOPERATIVE SOCIETIES, (Credit-1)**
**OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR**

No. LL-
**DISPUTE CASE NO- 32 / 2024**
IN THE MATTER OF:-
Managing Director, Odisha State Coop. Bank, Ltd., Bhubaneswar. ...Plantiff
Vrs.
Kunaria Tudu and others ...Defendants
Notice No- 5875 Legal- 1(D) Date.27.03.2025
To,
1. Kunaria Tudu, S/o. Hari Tudu, At- QR. No. B/1, Sector-15, Rourkela, Dist.- Sundargarh, PIN- 769003. Permanent resident of At- Guhaldihipio / P.O.:- Suhagpur, Dist.- Mayurbhanj, PIN- 757026.
2. Subash Naik, S/o. Sardar Naik, At- Qr. No. B / 238, Sector-2, Basanti Colony, Near Kali Mandir, Rourkela, Dist.- Sundargarh, PIN- 769006, Permanent resident of At/ P.O.: Sorada, Dist.- Ganjam, PIN- 761108.
3. The Manager (PL), H.R.M., Rourkela Steel Plant, SAIL, At/P.O. Rourkela, Dist.- Sundargarh, PIN-769011.

Whereas the Odisha State Cooperative Bank Ltd. has preferred the dispute case u/s- 68 of the OCS Act- 1962 for passing an award for recovery of **Rs. 7,10,090/- (Rupees Seven Lakh Ten Thousand and Ninety) only as on 09.07.2024 with Interest @ 10.25% per Annum and 2% penal charges pendentlite and future** with further interest and other cost.

Whereas notice issued you by RP with A/D, returned un- served.

Now therefore, take notice through this publication to appear before the Court of Joint. RCS (Credit-1), Office of the RCS, Odisha, Bhubaneswar at 7th Floor, Heads of Department Building, Bhubaneswar - 1 on **09.05.2025 at 11 A.M.** to defend the case failing which the matter shall be decided on merit as per law.

BY ORDER OF THE COURT
SARCS (Legal)

**IN THE COURT OF THE JOINT REGISTRAR OF COOPERATIVE SOCIETIES, (Credit-1)**
**OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR**

**DISPUTE CASE NO - 28 / 2024**
IN THE MATTER OF:-
Managing Director, Odisha State Coop. Bank, Ltd., Bhubaneswar. ...Plantiff
Vrs.
Bibastsha Kumar Mohanty and others ...Defendants
Notice No- 5877 Legal- 1(D) Date.27.03.2025
To,
1. Bibatsha Kumar Mohanty, S/o. Bichitranand Mohanty, At- QR. No.A/178, Sector-4, Rourkela, Dist- Sundargarh, PIN - 769004. Permanent resident of At- Marua (Mahajana Sahi), P.O.: Charirakaba, Via- Salipur, Dist.- Cuttack, PIN-754202.
2. Ananda Kishan, S/o. Jhakru Kishan, At- Farsatoli, Jhartarang, TCI Chowk, P.O.: Rourkela, Dist.- Sundargarh, PIN- 769004.
3. The Manager (Administration), Blast Furnace, Rourkela Steel Plant, SAIL, At/P.O.: Rourkela, Dist.- Sundargarh, PIN-769011.

Whereas the Odisha State Cooperative Bank Ltd. has preferred the dispute case u/s- 68 of the OCS Act- 1962 for passing an award for recovery of **Rs. 6,61,063/- (Rupees Six Lakh Sixty One Thousand and Sixty Three) only as on 09.07.2024 with Interest @ 11.50% per Annum and 2% penal charges pendentlite and future** with further interest and other cost.

Whereas notice issued you by RP with A/D, returned un- served.

Now therefore, take notice through this publication to appear before the Court of Joint.RCS (Credit-1), Office of the RCS, Odisha, Bhubaneswar at 7th Floor, Heads of Department Building, Bhubaneswar - 1 **on 09.05.2025 at 11 A.M.** to defend the case failing which the matter shall be decided on merit as per law

OIPR-39012/11/0017/2526
BY ORDER OF THE COURT
SARCS (Legal)


**ଏନ୍‌ଟିପିସି NTPC ଏନ୍‌ଟିପିସି ଲିମିଟେଡ୍**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)

**ସଡ଼କ ପ୍ରକଳ୍ପ, ଖଣି ବ୍ୟାକ୍‌ଫିଲିଂ, ଖଣି ଓବି ମିକ୍ସ, ଉପକୂଳ ସୁରକ୍ଷା ଡାଞ୍ଚା, ବନ୍ଧ ନିର୍ମାଣ ଇତ୍ୟାଦି ଯୋଗ୍ୟ ପ୍ରକଳ୍ପଗୁଡ଼ିକ ପାଇଁ ଏନ୍‌ଟିପିସି ଦର୍ଲିପାଳିରୁ ପଣ୍ଡ୍ ଆଶ୍ ଜାରି କରିବା ନିମନ୍ତେ**
**ଆଗ୍ରହର ଅଭିବ୍ୟକ୍ତି ଆହ୍ୱାନ**

ଇଓଆଇ ନଂ. ଏଏମ୍-ଦର୍ଲିପାଲି/ପଣ୍ଡ୍ ଆଶ୍/୨୦୨୫/୦୧ ତାରିଖ: ୧୫।୦୪।୨୦୨୫

ଏନ୍‌ଟିପିସି ଲିମିଟେଡ୍‌ର ଦର୍ଲିପାଲି ସୁପର ଥର୍ମାଲ୍ ପାୱାର୍ ପ୍ରୋଜେକ୍ଟ, ଯାହା ସୁନ୍ଦରଗଡ଼/ଝାରସୁଗୁଡ଼ାଠାରୁ ପାଖାପାଖି ୩୨ କିଲୋମିଟର ଦୂରରେ ଅବସ୍ଥିତ, ଉପରୋକ୍ତ ଯୋଗ୍ୟ ପ୍ରକଳ୍ପଗୁଡ଼ିକୁ ଏବଂ ପ୍ରଚଳିତ ଏମ୍‌ଓଇଏଫ୍ ଆଣ୍ଡ ସିସି ଅଧିସୂଚନା ଏବଂ ନୀତି ଅନୁଯାୟୀ ଏହି ପ୍ରକାଶନ ତାରିଖରୁ ୧ ବର୍ଷ ଅବଧି ପାଇଁ **'ନିଃଶୁଳ୍କ ଭିତ୍ତିରେ'** ଏବଂ **'ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ'** ଏନ୍‌ଟିପିସି ଦର୍ଲିପାଲି ଆଶ୍ ପଣ୍ଡ୍‌ରୁ **୧୧୭** ଲକ୍ଷ ସିୟୁଏମ୍ ପଣ୍ଡ୍ ଆଶ୍ ଜାରି କରିବା ନିମନ୍ତେ ଆଗ୍ରହୀ ଆଶ୍ ଉପଭୋକ୍ତାଙ୍କଠାରୁ ଆଗ୍ରହର ଅଭିବ୍ୟକ୍ତି ଆହ୍ୱାନ କରୁଛି । ପରିବହନ ଖର୍ଚ୍ଚ ବିଡରଙ୍କ ଦ୍ୱାରା ବହନ କରାଯିବ ।

ଆଗ୍ରହୀ ପାର୍ଟିମାନଙ୍କୁ ସେମାନଙ୍କର ଆବଶ୍ୟକତାକୁ emgdarlipali@ntpc.co.in ରେ ଦାଖଲ କରିବା ପାଇଁ ଅନୁରୋଧ କରାଯାଉଛି । ବିବରଣୀ ନିମ୍ନପ୍ରଦତ୍ତ ଠିକଣାରୁ ହାସଲ କରାଯାଇପାରିବ:

**ଠିକଣା: ଏଜିଏମ୍ (ଇଏମ୍‌ଜି-ଏୟୁ), ଦର୍ଲିପାଲି ସୁପର ଥର୍ମାଲ୍ ପାୱାର ପ୍ରୋଜେକ୍ଟ, ଏନ୍‌ଟିପିସି ଲିମିଟେଡ୍, ପୋଷ୍ଟ- ଦର୍ଲିପାଲି, ଜିଲ୍ଲା- ସୁନ୍ଦରଗଡ଼, ଓଡ଼ିଶା- ୭୭୦୦୨୫ । ମୋ.: ୯୪୩୭୫୭୮୨୯୩, ୯୪୨୪୧୪୧୬୭୪, ୯୬୫୦୯୯୯୫୪୭, ୯୪୩୭୦୧୮୪୫୩ । ପଞ୍ଜୀକୃତ କାର୍ଯ୍ୟାଳୟ: ଏନ୍‌ଟିପିସି ଭବନ, ସ୍କୋପ୍ କମ୍ପ୍ଲେକ୍ସ, ୭, ଇନ୍‌ଷ୍ଟିଚ୍ୟୁସନାଲ୍ ଏରିଆ, ଲୋଦି ରୋଡ୍, ନୂଆଦିଲ୍ଲୀ - ୧୧୦୦୦୩ । www.ntpc.co.in**

*ଆଗେଇ ନେଉଛୁ ଶକ୍ତି କ୍ଷେତ୍ରକୁ*


**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୪୮ **ବିଜ୍ଞାପନ** ତା:୨୬।୦୩।୨୫

No. CAD-110: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ନାମ: ⁄ଲକ୍ଷ୍ମୀ ନାରାୟଣ ସାହୁ<br>ପିତା: ⁄ନୀଳମଣି ସାହୁ<br>ସା/ପୋ.: ଦିଗପୁର<br>ଥାନା: ବୈପାରିଗୁଡ଼ା<br>ଜିଲ୍ଲା: କୋରାପୁଟ | ଏସ୍.ସି.ଆର୍.–ସି–୪୩, (SCR-C-43)<br>ସହୀଦ ନଗର,<br>ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା | ୧. ନୃସିଂହ ସରଣ ସାହୁ (ପୁତ୍ର)<br>୨. ସୁଚିତ୍ରା କୁମାରୀ ସାହୁ (ବି. କନ୍ୟା)<br>୩. ସବିତା ପଣ୍ଡା (ବି. କନ୍ୟା) |

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0537/2526

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୫୦ **ବିଜ୍ଞାପନ** ତା:୨୧।୦୩।୨୫

No. CAD-117: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏମ୍.ଆଇ.ଜି.–୨–୨୭୩ (MIG-II-273), ଛେଣ୍ଡ, ଫେଜ୍–୩, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଜନାର୍ଦ୍ଦନ ପଣ୍ଡା, ପିତା: ⁄ନାରାୟଣ ପଣ୍ଡା, ଗ୍ରା: କୋଇଲେଖା, ପୋ.: ଆରଡ଼ି, ଥାନା: ଧୂସୁରି, ଜିଲ୍ଲା: ଭଦ୍ରକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଜନାର୍ଦ୍ଦନ ପଣ୍ଡା ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ସୁରେଶ କୁମାର ଲେଙ୍କା, ପିତା: ⁄ରବୀନ୍ଦ୍ର ନାଥ ଲେଙ୍କା, ଗ୍ରା/ପୋ.: ଯଦୁପୁର, ଥାନା: ମାର୍ଶାଘାଇ, ଜିଲ୍ଲା: କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତେବେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0547/2526

# ପଦ୍ମପୁର ପଞ୍ଚାୟତ ସମିତି ପକ୍ଷରୁ ଝୋଟି, ପିଠାପଣା ପ୍ରତିଯୋଗିତା

ପଦ୍ମପୁର/ରାୟଗଡ଼ା,୧୪।୪
(ପ୍ରଶାନ୍ତ କର/ଆଶିଷ ରଞ୍ଜନ ପଣ୍ଡା)


ଅତିଥିଙ୍କ ସହ ପୁରସ୍କୃତ ପ୍ରତିଭା ।

ପଦ୍ମପୁର ପଞ୍ଚାୟତ ସମିତି ତରଫରୁ ମହା ବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବ ବର୍ଷକୁ ସମ୍ମାନ ଜଣାଇ କାର୍ଯ୍ୟସୂଚୀ ପ୍ରକାରେ ଅଞ୍ଚଳର ଆଗ୍ରହୀ ଓଡ଼ିଆ ଝିଅ ବୋହୂଙ୍କୁ ଆମନ୍ତ୍ରଣ କରାଇ, ସେମାନଙ୍କ ଦ୍ୱାରା ଓଡ଼ିଆ ପରମ୍ପରା ବଜାୟ ରଖିବା ନିମନ୍ତେ,ଝୋଟି ଓ ପିଠାପଣା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ପଦ୍ମପୁର ଅଞ୍ଚଳର ପ୍ରାୟ ଶତାଧିକ ଓଡ଼ିଆ ଝିଅ ଓ ବୋହୂ ସ୍ୱତଃ ପ୍ରବୃତ୍ତ ଭାବେ ଭାଗନେଇ ସୁନ୍ଦର ଝୋଟିମାନ ଚାଉଳ ଗୁଣ୍ଡ ଓ ମୁରୁଜ (ଖଡ଼ି ପଥର ଗୁଣ୍ଡ) ଦ୍ୱାରା ବ୍ଲକ କାର୍ଯ୍ୟାଳୟ ପରିସରରେ ଆଙ୍କିଥିଲେ। ଝୋଟି ସମୟରେ ସେମାନେ ମାଣବସା ଗୁରୁବାର ପର୍ବକୁ ମନେ ପକେଇ ହୁଳହୁଳି ଦେଇ ଆଗ୍ରହର ସହ ଝୋଟି ଦେଇଥିଲେ। ସେମାନଙ୍କ ଆଗ୍ରହ ଦେଖି ପଦ୍ମପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ମଣିମାଳା ଶବର ମଧ୍ୟ ସେମାନଙ୍କ ସହ ନିଜେ ଜଗନ୍ନାଥଙ୍କ ପବିତ୍ର ନୀଳଚକ୍ରର ଝୋଟି ଅଙ୍କନ କରି ପ୍ରତିଯୋଗିଙ୍କ ଆଗ୍ରହକୁ ଦ୍ୱିଗୁଣିତ କରିଥିଲେ। ଝୋଟି ପ୍ରତିଯୋଗିତା ପରେ, ପଞ୍ଚାୟତ ସମିତି ସଭାଗୃହରେ ଓଡ଼ିଆ ପିଠାପଣାକୁ ନେଇ ଏକ ସୁନ୍ଦର ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏଥିରେ ଝିଅ ବୋହୂମାନେ ପୂର୍ବରୁ ମାଣ୍ଡିଆ, ଚାଉଳ ଓ ବିରିକୁ ନେଇ ଓଡ଼ିଆ ପାରମ୍ପରାର ବିଭିନ୍ନ ପିଠା କରି ଆଣିଥିଲେ। ସେମାନଙ୍କ ପିଠା ଗଠନ ଶୈଳୀ ଓ ସ୍ୱାଦକୁ ନେଇ ବିଚାରକ ମଣ୍ଡଳୀ ପ୍ରଥମ, ୨ୟ ଓ ୩ୟ ଭାବେ ୩ ଜଣଙ୍କୁ ଚୟନ କରିଥିଲେ। ପ୍ରତିଯୋଗିତାର ବିଚାରକ ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରକାରୀ ପ୍ରାଥମିକ ବିଦ୍ୟାଳୟ ଉପର ଜୁମୁରୁଗୁଡ଼ାର ଶିକ୍ଷକ ତଥା ଓଡ଼ିଆ ଭାଷାବିତ ଦିଲୀପ କୁମାର କର ଏବଂ ପଦ୍ମପୁର ବାଳକ

### ଓଡ଼ିଆ ପକ୍ଷ ପାଳନ

ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଅପରାଜିତା ହୋତା ଯୋଗଦେଇଥିଲେ। ଏଥିସହ ପଦ୍ମପୁର ଗୋଷ୍ଠୀ ମିଶନ ଶକ୍ତି ସଂଯୋଜକ କ୍ରାନ୍ତି କୁମାର ପାଢ଼ୀ ଓ ପଦ୍ମପୁର ସମିତି ଅଧ୍ୟକ୍ଷା ମଣିମାଳା ଶବର ମଞ୍ଚାସୀନ ଥାଇ ପ୍ରତିଯୋଗିଙ୍କୁ କାର୍ଯ୍ୟକ୍ରମ ଓ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ଅବଗତ କରାଇ ଉତ୍ସାହିତ କରିଥିଲେ। ଝୋଟି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ପାଇଥିବା ସୁମତି ସାହୁ, ୨ୟ ସନ୍ତୋଷୀ ବେହେରା ଓ ୩ୟ ସ୍ଥାନରେ ଥିବା ଗୀତାଞ୍ଜଳି ପାଢ଼ୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଇ ଉତ୍ସାହିତ କରାଯାଇଥିଲା। ସେହିପରି ପିଠାପଣା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦେବହୂତୀ ଷଡ଼ଙ୍ଗୀ , ୨ୟ ପ୍ରଭାସିନୀ ପଣ୍ଡା ଓ ୩ୟ ସ୍ଥାନ ଅଧିକାର ଓ ଗୋଲାପୀ ସାହୁଙ୍କୁ ମଧ୍ୟ ପ୍ରମାଣପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା ।

# ଓଡ଼ିଆ ନାମଫଳକ ନଥିବାରୁ ୩୬ ବ୍ୟବସାୟିକ ପ୍ରତିଷ୍ଠାନକୁ ନୋଟିସ୍

ରାୟଗଡ଼ା,୧୪।୪(ଆଶିଷ ରଞ୍ଜନ ପଣ୍ଡା)

ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲା ଶ୍ରମ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଓଡ଼ିଆ ନାମଫଳକ ସଚେତନତା ଅଭିଯାନ ମାଧ୍ୟମରେ ଜିଲା ଶ୍ରମ ଅଧିକାରୀ ରବିନ୍ଦ୍ରନାଥ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ରାୟଗଡ଼ା, ଗୁଣପୁର ପୌରାଞ୍ଚଳ ସମେତ ଗୁଡ଼ାରୀ ବିଜ୍ଞାପିତ ଅଞ୍ଚଳ ପରିଷଦରେ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକର ଓଡ଼ିଆରେ ନାମଫଳକ ଲେଖୁ ନଥିବା, ଓଡ଼ିଆ ଅକ୍ଷରକୁ କଦର୍ଯ୍ୟ କରି ଲେଖୁଥିବା କାରଣରୁ ନୋଟିସ ଜାରି କରାଯାଇଛି। ରାୟଗଡ଼ା ସହରର ପ୍ରାୟ ୭୦ ବ୍ୟବସାୟିକ ପ୍ରତିଷ୍ଠାନକୁ ଗସ୍ତ କରିଥିବା ବେଳେ ୨୨ ଦୋକାନକୁ ନୋଟିସ ହୋଇଛି। ଗୁଣପୁରରେ ୬ଟି ବ୍ୟବସାୟିକ ପ୍ରତିଷ୍ଠାନକୁ ଯାଇ ୩ ଓ ଗୁଡ଼ାରୀ ସହରର ୪୭ଟି ବ୍ୟବସାୟିକ ପ୍ରତିଷ୍ଠାନକୁ ଯାଇ ୧୧ ଦୋକାନ ମାଲିକଙ୍କୁ ଶ୍ରମ ବିଭାଗ ଅଧିକାରୀ ନୋଟିସ ଜାରି କରିଛନ୍ତି। ୭ ଦିନ ମଧ୍ୟରେ ଓଡ଼ିଆ ନାମଫଳକ ନ ଲଗାଇଲେ ନିୟମାନୁଯାୟୀ ୫ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରାଯିବ ବୋଲି ଜିଲା ଶ୍ରମ ଅଧିକାରୀ ତ୍ରିପାଠୀ କହିଛନ୍ତି।

### ୭ ଦିନରେ ଓଡ଼ିଆ ନାମଫଳକ ନ ଲଗାଇଲେ ୫ ହଜାର ଲେଖାଏ ଜରିମାନା ନିର୍ଦ୍ଦେଶ

# ମନ୍ଦିରରେ ପ୍ରତିଷ୍ଠା ହେଲେ ହନୁମାନ ବିଗ୍ରହ

ଚନ୍ଦ୍ରପୁର, ୧୪।୪
(ବିଜୟ ପ୍ରସାଦ ଉଲାକା)


ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ନୀତି ଚାଲିଛି।

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ଗ୍ରାମର ଇନ୍ଦିରା ନଗରରେ ନୂତନ ହନୁମାନ ମୂର୍ତ୍ତି ସ୍ଥାପନ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଛି। ରବିବାରଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ କଳସ ଯାତ୍ରା ଓ ଭଜନ କୀର୍ତ୍ତନ ଆଦି କରାଯାଇଛି। ମନ୍ଦିର ପରିସରକୁ ଆଲୋକରେ ସଜ୍ଜିତ କରାଯାଇଛି। ସୋମବାର ଦିନ ୧୦ଟାରୁ ମନ୍ଦିର ପରିସରରେ ହୋମଯଜ୍ଞ କରାଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଡାଙ୍ଗସୋରଡ଼ା, ବାଙ୍ଗରୋଡ଼ା, ପାଣ୍ଡ୍ରାଖାଲ, ହନୁମନ୍ତପୁର ଆଦି ଗ୍ରାମରୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ମୁନିଗୁଡ଼ାର ପଣ୍ଡିତ ବିଶ୍ୱନାଥ ଆଚାର୍ଯ୍ୟ, ଗ୍ରାମର ପୁରୋହିତ ଦଇତାରୀ ବ୍ରହ୍ମା, ରବି ପଣ୍ଡା ପ୍ରମୁଖ ହନୁମାନ ମୂର୍ତ୍ତିଙ୍କୁ ଯଥା ରୀତି ଅନୁଯାୟୀ ସ୍ଥାପନ କରାଇଥିଲେ। ମୁଖିଆ ଭାବେ ଚନ୍ଦ୍ରପୁର ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଏସ୍. ଈଶ୍ୱର ରାଓ, ଗିରିଜା ଶଙ୍କର ତ୍ରିପାଠୀ, କୈଳାସ ଗୌଡ଼, ବିଯି ଦାସ, ରବୀନ୍ଦ୍ର ପ୍ରଧାନ, ରାମ ଚନ୍ଦ୍ର ବେଡ୍ରେକା, ଉର୍ମିଳା ପିପୋଲି, ନବୀନ ପୀପୋଲି, ରତିରଞ୍ଜନ ପାତ୍ର, ସୁଧୀର ପୂଜାରୀଙ୍କ ସମେତ ବହୁ ଗ୍ରାମବାସୀ ସହଯୋଗ କରିଥିଲେ।

# ଦେବାଳୟରେ ସ୍ୱତନ୍ତ୍ର ପୂଜାନୀତି


ସଙ୍କୀର୍ତ୍ତନ ମଣ୍ଡଳୀ ସହର ପରିକ୍ରମା କରୁଛନ୍ତି।

ପଦ୍ମପୁର, ୧୪।୪(ପ୍ରଶାନ୍ତ କୁମାର କର)

ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି ଅବସରରେ ପଦ୍ମପୁରର ବିଭିନ୍ନ ଦେବାଳୟରେ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶ୍ରୀରାମ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ଥାନୀୟ ପଞ୍ଚମୁଖୀ ହନୁମାନ ମନ୍ଦିରରୁ ଏକ ପଦଯାତ୍ରା ନଗର ପରିକ୍ରମା କରି ରାମ ମନ୍ଦିରରେ ପହଞ୍ଚିଥିଲା। ଏଥିରେ ମହନ୍ତ ମଦନ ମହାରାଜା, ଶ୍ୟାମାନନ୍ଦ ଦାସ ମହାରାଜଙ୍କ ସହ ବିଭିନ୍ନ ସ୍ଥାନରୁ ଆସିଥିବା ସାଧୁସନ୍ଥ, ସଙ୍କୀର୍ତ୍ତନ ମଣ୍ଡଳୀ ଓ ବହୁ ସଂଖ୍ୟାରେ ଭକ୍ତ ଯୋଗ ଦେଇଥିଲେ। ପଦ୍ମପୁର ହିନ୍ଦୁ ସମାଜ ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା କରାଯାଇଥିଲା। ପଦ୍ମପୁର ଭାଗବତ ଟୁଙ୍ଗି ଦ୍ୱାରା ମହାବିଷୁବ ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ଅବସରରେ ସୁନ୍ଦରାକାଣ୍ଡ ପାରାୟଣ କରାଯାଇଥିଲା। ଏଥିରେ ବହୁ ସଂଖ୍ୟକ ଭକ୍ତ ଯୋଗ ଦେଇଥିଲେ। ଐତିହାସିକ ଶୈବପୀଠ ନୀଳକଣ୍ଠେଶ୍ୱର, ଧବଳେଶ୍ୱର,ମଲ୍ଲିକେଶ୍ୱର ଓ ପୁଡୁକେଶ୍ୱର ଶୈବପୀଠରେ ବିଭିନ୍ନ ରୀତିନୀତିରେ ପୂଜା ପାଠ ସହ ଅଭିଷେକ ଆଦି କରାଯାଇଥିଲା। ପଦ୍ମପୁର ଆରାଧ୍ୟା ଦେବୀ ମାଁ ଖିଲାମଣ୍ଡା ଠାକୁରାଣୀ ପୀଠରେ ଭକ୍ତଙ୍କ ସମାଗମ ହୋଇଥିଲା।

# ୧୦୮ ହନୁମାନ ଚାଳିଶା ସହ ସୁନ୍ଦରାକାଣ୍ଡ ପାଠ

ମୁନିଗୁଡା,୧୪।୪
(ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡା ଜିଲା ମୁନିଗୁଡ଼ା ସହରର ବିଭିନ୍ନ ହନୁମାନ ମନ୍ଦିରରେ ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଳିତ ହୋଇଛି। ଜଗନ୍ନାଥ ମନ୍ଦିର ପରିସରରେ ଥିବା ହନୁମାନ ମନ୍ଦିରରେ ମୁଖ୍ୟ ପୂଜାରୀ ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ। ପରେ ମନ୍ଦିର ପରିସରରେ ପଣ୍ଡିତ ବିଶ୍ୱନାଥ ଆଚାର୍ଯ୍ୟଙ୍କ ପୌରହିତ୍ୟରେ ହୋମଯଜ୍ଞ କରାଯାଇଥିଲା। କର୍ତ୍ତା ଭାବେ ରାଜୀବ ଲୋଚନ ଦାସ ଓ ସଂଯୁକ୍ତା ଦାସ ପୂଜାରେ ବସିଥିଲେ। ପୁରୋହିତ ସନ୍ତୋଷ ସାହୁ ସହାୟତା କରିଥିଲେ। ଭକ୍ତମାନେ ମନ୍ଦିର ପରିସରରେ ୧୦୮ ହନୁମାନ ଚାଳିଶା ପାଠ କରିଥିଲେ। ବରିଷ୍ଠ ନାଗରିକ ସୁଧାକର ପାତ୍ର ସୁନ୍ଦରାକାଣ୍ଡ ପଠନ କରିଥିଲେ। ହନୁମାନ ମନ୍ଦିର ପରିଚାଳନା କମିଟିର ନନ୍ଦ କିଶୋର ପଟ୍ଟନାୟକ, ରମାକାନ୍ତ ମାର୍ଥା, ସତ୍ୟାନନ୍ଦ ବେହେରା, ବିନିତ କିଶୋର ପଟ୍ଟନାୟକ, ଶ୍ରେୟାସ ବେହେରା, ସ୍ୱରୂପ ବେହେରା, ପ୍ରିନ୍ସ ନେମାଲପୁରୀ, ରୋସନ ନାୟକ, ଅଭିଷେକ ଆଚାରୀ ପ୍ରମୁଖ ଦହି ପଣା ସହ ଭୋଗ ବଣ୍ଟନ କରିଥିଲେ। ସହରର ବିଭିନ୍ନ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଛି। ମୁନିଗୁଡ଼ାର ମାଆ ଠାକୁରାଣୀ ଖରୁଡ଼ା ସମାଜ, ବାଲୁଙ୍କେଶ୍ୱର ଟ୍ରାକ୍ଟର ମାଲିକ ସଂଘ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପଣା ବଣ୍ଟନ କରାଯାଇଛି।


ଜଗନ୍ନାଥ ମନ୍ଦିର ପରିସରରେ ଥିବା ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଉଛି।

# ମହାବିଷୁବ ସଂକ୍ରାନ୍ତି କମିଟି ପକ୍ଷରୁ ବନ୍ଧୁମିଳନ

ରାୟଗଡ଼ା, ୧୪।୪(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଅଶୋକ କଲ୍ୟାଣ ମଣ୍ଡପରେ ମହାବିଷୁବ ସଂକ୍ରାନ୍ତି କମିଟି ଓ ବିଷୁବ ମିଳନ ଉତ୍ସବ କମିଟି ପକ୍ଷରୁ ସୋମବାର ବନ୍ଧୁମିଳନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ୨ ଦିନ ଧରି ଚାଲିବ। ସକାଳୁ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇ ଅଶୋକ କଲ୍ୟାଣ ମଣ୍ଡପ ନିକଟରେ ପହଞ୍ଚି ଥିଲା। ସେଠାରେ ସନ୍ଧ୍ୟାରେ ପୂଜା ଓ ନୂତନ ପଞ୍ଜିକା ପଠନ ପଣ୍ଡିତମାନଙ୍କ ଦ୍ୱାରା କରାଯାଇଥିଲା। କମିଟି ପକ୍ଷରୁ ଉପସ୍ଥିତ ଦର୍ଶକଙ୍କୁ ପଣା ଓ କାକରା ବଣ୍ଟନ କରାଯାଇଛି। ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ରବିନ୍ଦ ମହାପାତ୍ର, ଗୀତାଞ୍ଜଳି ଷଡଙ୍ଗୀ ଓ ସାଥୀ କଳାକାରମାନେ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ଓଡ଼ିଆ ଭଉଣୀ ଭାଇ ମାନେ ଏକାଠି ହୋଇ ହୋଇ ଓଡିଆ ନବବର୍ଷ,ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀର ପରସ୍ପରକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।


କଣ୍ଠଶିଳ୍ପୀ ରବୀନ୍ଦ୍ର ମହାପାତ୍ର ଭଜନ ପରିବେଷଣ କରୁଛନ୍ତି।

# ସ୍ୱାସ୍ଥ୍ୟକର୍ମୀଙ୍କ ପଦୋନ୍ନତିରେ ଅବ୍ୟବସ୍ଥା

ବିଷମକଟକ, ୧୪।୪
(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲାରେ ଦୀର୍ଘଦିନ ଧରି କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀଙ୍କ ପଦୋନ୍ନତିରେ ଅବହେଳା ହୋଇଥିବା ଦେଖିବାକୁ ମିଳିଛି। ନୂତନ କ୍ୟାଡରକୁ ନେଇ ସମସ୍ତେ ଆଶାବାଦୀ ଥିବାବେଳେ ସିଡିଏମଓଙ୍କ କାର୍ଯ୍ୟାଳୟର କୌଣସି ପ୍ରକାର ଅବହେଳା ହେତୁ ବହୁ ଯୋଗ୍ୟ ସ୍ୱାସ୍ଥ୍ୟକର୍ମୀ ପଦୋନ୍ନତିରୁ ବଞ୍ଚିତ ହୋଇଛନ୍ତି। ଡିପିସି ବିଷୟରେ କୌଣସି ତଥ୍ୟ ପ୍ରଦାନ ନ କରି ଲୁକ୍କାୟିତ ଭାବରେ କରୁଥିବାର ଖବର ପାଇ ତତ୍କାଳୀନ ସିଡିଏମ୍‌ଓ ଲାଲ୍ ମୋହନ ରାଉତରାୟଙ୍କୁ ସ୍ୱାସ୍ଥ୍ୟକର୍ମୀ ମହାସଂଘ ତରଫରୁ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳୁନଥିବା ଅଭିଯୋଗ କରିଛନ୍ତି ସ୍ୱାସ୍ଥ୍ୟ କର୍ମୀମାନେ। ପରବର୍ତ୍ତୀ ସମୟରେ ଲିଖିତ ଭାବେ ସହଯୋଗ ପାଇଁ ନିବେଦନ କରାଯାଇଥିଲେ ମଧ୍ୟ କୌଣସି ପ୍ରକାର ସୁଫଳ ମିଳିନଥିବାରୁ ସ୍ୱାସ୍ଥ୍ୟ କର୍ମୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଏହା ପରବର୍ତୀ ସମୟରେ ଜିଲାପାଳଙ୍କ ନିକଟରେ ଲିଖିତ ନିବେଦନ କରାଯାଇଥିବା ସ୍ୱାସ୍ଥ୍ୟକର୍ମୀ ଅଭିଯୋଗ କରିଛନ୍ତି। ଫଳରେ ସ୍ୱାସ୍ଥ୍ୟକର୍ମୀମାନେ ଆଇନର ଆଶ୍ରୟ ନେଇ ରହିତାଦେଶ ଆଣିବା ପରେ ମଧ୍ୟ ଆଇନକୁ ବେଖାତିର କରି ତରବରିଆ ଭାବରେ ଡିପିସି ପଛିଲା ଭାବରେ ଦସ୍ତଖତ କରି ପଛ ତାରିଖରେ ରାତିଅଧିଆ ଚୟନ କରାଯାଇଛି ବୋଲି ସ୍ୱାସ୍ଥ୍ୟ କର୍ମୀମାନେ ଅଭିଯୋଗ କରିଛନ୍ତି। ଏ ବାବଦରେ ତତ୍କାଳୀନ ସିଡିଏମଓ ଲାଲ୍ ମୋହନ ରାଉତରାୟଙ୍କ ଫୋନ ନମ୍ବର ୯୪୩୭୩୮୧୪୨୪ରେ ଯୋଗାଯୋଗ କରିବାରୁ ତାଙ୍କ ଫୋନ ବନ୍ଦ ରହିଥିଲା। ଏହି ସମ୍ପର୍କରେ ଭିଜିଲାନ୍ସ ତଦନ୍ତ କଲେ ସମସ୍ତ ତଥ୍ୟ ଲୋକଲୋଚନକୁ ଆସିବ ବୋଲି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ମା' ତାରିଣୀଙ୍କ ପୀଠରେ ଭକ୍ତଙ୍କ ଭିଡ଼


ମା'ଙ୍କ ପୂଜାର୍ଚ୍ଚନା ଚାଲିଛି।

ବିଷମକଟକ, ୧୪।୪
(ପ୍ରସନ୍ନ କୁମାର ପଣ୍ଡା)

ବିଷମକଟକ ବ୍ଲକସ୍ଥିତ ମାଁ ମାର୍କମା, ହନୁମାନ ମନ୍ଦିର, ଘଟଗାଁ ତାରିଣୀ ପୀଠରେ ପଣା ସଂକ୍ରାନ୍ତି ପାଳନ କରାଯାଇଛି। ମାଁ ତାରିଣୀ ପିଠିରେ ମନ୍ଦାର ଫୁଲରେ ସଜେଇ ହୋଇଛନ୍ତି ମା। ତାଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଲାଗିଛି। ସେମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସେହିପରି ହାଟ ମୁନିଗୁଡ଼ା ଶ୍ରୀ ରାମ ମନ୍ଦିର, ଯୁବକ ସଂଘ ହାଟ ମୁନିଗୁଡା, ବଜରଙ୍ଗ ଦଳର କର୍ମୀମାନେ ବିଭିନ୍ନ ସ୍ଥାନରେ ପଣା ବଣ୍ଟନ ସହ ଏବଂ ପ୍ରସାଦ ସେବନ ବ୍ୟବସ୍ଥା କରିଥିଲେ।

# ଗୁଣପୁର ଗଣେଶ ମନ୍ଦିର ବାର୍ଷିକ ଉତ୍ସବ

ଗୁଣପୁର,୧୪।୪(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର କଲେଜ ନିକଟ ସିଦ୍ଧ ବିନାୟକ ମନ୍ଦିରର ୧୫ ତମ ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ମନ୍ଦିରରେ ସ୍ୱତନ୍ତ୍ର ପୂଜା ନୀତି ଏଂ ହୋମ ଯଜ୍ଞ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମନ୍ଦିର ପ୍ରବେଶ ଦ୍ୱାର ଉପରେ ଗଣେଶଙ୍କ ବିଗ୍ରହ ସହ କୁଣ୍ଡ ଧୋର ଏଂ ଲମ୍ବଧୋର ଦ୍ୱାରପାଳ ମଧ୍ୟ ପ୍ରତିଷ୍ଠା କରାଯାଇଥିଲା। ପୂଜକ ଶିବରାମ ରଥ କର୍ତ୍ତାଭାବେ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ନବୀନ ରଥ, ପ୍ରକାଶ ରଥ, ସୂର୍ଯ୍ୟ ନାରାୟଣ ରଥ, ଗୁପ୍ତେଶ୍ୱର ଆଚାର୍ଯ୍ୟ ପ୍ରମୁଖ ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ଜିଆଇଇଟି ସମ୍ପାଦକ ଡ. ଚନ୍ଦ୍ରଧ୍ୱଜ ପଣ୍ଡା ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

# କବିତା ସଙ୍କଳନ କାବ୍ୟାୟନ ଲୋକାର୍ପିତ, ସାଂସ୍କୃତିକ କାର୍ଯ୍ୟକ୍ରମ

ଗୁଣପୁର,୧୪।୪(ପ୍ରଦୀପ କୁମାର ପାଢୀ)

### ଗୁଣପୁରରେ ବିଷୁବ ମିଳନ କାର୍ଯ୍ୟକ୍ରମ

ତ୍ରୟୋଦଶ ବିଷୁବ ମିଳନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ନବ ନିର୍ମାଣ ସମିତି ଓ ବଂଶଧାରା ସାହିତ୍ୟ ସମାଜ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଣା ବଣ୍ଟନ, ସାଂସ୍କୃତିକ କର୍ଯ୍ୟକ୍ରମ କରାଯାଇଛି। କବିତା ସଙ୍କଳନ କାବ୍ୟାୟନ ଲୋକାର୍ପିତ ହୋଇଛି। କୋରାପୁଟ ବିଧାୟକ ରଘୁରାମ ମାଛମୁଖ୍ୟ ଅତିଥି, ଓଡ଼ିଶା ଲେଖକ ମଞ୍ଚ ସମ୍ପାଦକ ଶିକ୍ଷାବିତ୍ ଡଃ ଲକ୍ଷ୍ମଣ ପଣ୍ଡା ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ସୀମାନ୍ତ ଅଞ୍ଚଳରେ ଓଡ଼ିଆ ସାହିତ୍ୟ ଓ ଭାଷା ସଙ୍ଗଠନ ପାଇଁ କାର୍ଯ୍ୟ କରୁଥିବା ଯୁବଗୋଷ୍ଠୀଙ୍କୁ ଅତିଥି ପ୍ରଶଂସା କରିଥିଲେ। ଭଲ ଓ ଜ୍ଞାନୀ ଲୋକେ ସମାଜରେ ନୀରବ ରହିବା ଖରାପ ଲୋକଙ୍କୁ ପ୍ରୋତ୍ସାହିତ କରୁଛି ବୋଲି ଅତିଥି କହିଥିଲେ। ସମ୍ମାନିତ ଅତିଥିଭାବେ ଗୁଣପୁର ପୌରାଧ୍ୟକ୍ଷା ମମତା ଗୌଡ଼ ଯୋଗ ଦେଇଥିଲେ। ବଂଶଧାରା ସାହିତ୍ୟ ସମାଜ ସଭାପତି ପ୍ରଭାତ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନବ ନିର୍ମାଣ ସମିତି ଉପସଭାପତି ଉମାଶଙ୍କର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଦୁର୍ଗା ପ୍ରସାଦ ଶତପଥୀ ଧନ୍ୟବାଦ ଦେଇଥିଲେ। ଜିଇସି ଭୁବନେଶ୍ୱର ଉପାଧ୍ୟକ୍ଷ ପ୍ରଫେସର ମାନସ ରଞ୍ଜନ ପଣ୍ଡାଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ଓ ଗୁଣପୁର ଅଞ୍ଚଳର କବି ତଥା ଅବସରପ୍ରାପ୍ତ ଶିକ୍ଷକ ସୀମାଞ୍ଚଳ କରଙ୍କୁ ଚଳିତ ବର୍ଷର ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ନବ ନିର୍ମାଣ ସମିତି ସମ୍ପାଦକ ରଞ୍ଜିତ ପାଢ଼ି, ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପଣ୍ଡିତ ପ୍ରକାଶ ରଥ ପଞ୍ଜିକା ପଠନ କରିଥିଲେ। ଶିକ୍ଷକ ଦିଲିପ ଚୌଧୁରୀଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଅନୁଷ୍ଠାନର ଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି।



ଅତିଥିମାନେ କବିତା ସଙ୍କଳନ କାବ୍ୟାୟନକୁ ଉନ୍ମୋଚନ କରୁଛନ୍ତି।

# ସମ୍ବିଧାନର ସୁରକ୍ଷା ନେଇ ସଂଗଠିତ ହେବାକୁ ଆହ୍ୱାନ




ଗୁଡାରି , ପଦ୍ମପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ ।

ମୁନିଗୁଡା/ପଦ୍ମପୁର/ଗୁଡ଼ାରି,୧୪।୪
(ନନ୍ଦ କିଶୋର ପଟ୍ଟନାୟକ/ ପ୍ରଶାନ୍ତ କର/ପ୍ରମୋଦ କୁମାର ପତି)

ରାୟଗଡା ଜିଲା ମୁନିଗୁଡାରେ ଆମ୍ବେଡକର ଜୟନ୍ତୀ କମିଟି ପକ୍ଷରୁ ସମ୍ବିଧାନ ପ୍ରଣେତା ଡ.ଭି.ଆର. ଅମ୍ବେଡକରଙ୍କ ୧୩୫ତମ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଆମ୍ବେଡକର ଜୟନ୍ତୀ କମିଟି ସଭାପତି ଧିମାନ କିଶୋର କୁମାର ପଲକିଆ ଓ ସମ୍ପାଦକ ଟୁନା କରକରିଆ ପ୍ରମୁକ ଉପସ୍ଥିତ ଥିଲେ। ଶତାଧିକ ଅନୁଗାମୀଙ୍କୁ ନେଇ ସ୍ଥାନୀୟ ଗୋବର୍ଦ୍ଧନସ୍ଥିତ ପାଟ୍ରୋଲ ପମ୍ପ ଛକରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜୟ ଭୀମ,ଜୟ ସମ୍ବିଧାନ ଓ ଜୟ ଭାରତ, ସମ୍ବିଧାନର ସୁରକ୍ଷା ପାଇଁ ଶିକ୍ଷିତ ହୁଅ,ସଂଗଠିତ ହୁଅ ଓ ସଂଘର୍ଷ କର ଆହ୍ୱାନ ଦେଇ ମୁନିଖୋଲ ପଡିଆରେ ପହଞ୍ଚି ସଭା କରାଯାଇଥିଲା। ଏଥିରେ ଅତିଥି ଅମ୍ବେଡକରଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଆମ୍ବେଡକର ଜୟନ୍ତୀ କମିଟିର ନରେନ୍ଦ୍ର ହିଆଲ,ଚିନାରୀ କୁସୁଲିଆ,ନାରାୟଣ ପଲକିଆ,ଆଲିବାନ ବାଗ,ଗରିବ ଗରଡିଆ,ଅନଙ୍ଗ ନାଗ, ରଘୁନାଥ ବାଗ,ପ୍ରଦୀପ ହିଆଲ୍ ଓ ଅନ୍ୟ ସଦସ୍ୟମାନେ ବ୍ୟାନର ଧରି ସ୍ଲୋଗାନ ଦେଇଥିଲେ। ସେହିପରି ମୁନିଗୁଡା ପ୍ରେସ୍ କ୍ଲବ,ପ୍ରଗତି ମଞ୍ଚ,ସାହିତ୍ୟ ସଂସଦ,ଭାଜପା ମଣ୍ଡଳ ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବାବା ସାହେବଙ୍କ ଜୟନ୍ତୀ ପାଳିତ ହୋଇଥିଲା। ପଦ୍ମପୁରସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ଓଡ଼ିଶା ଅନୁସୂଚୀତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦ, ପଦ୍ମପୁର ଶାଖା ପକ୍ଷରୁ ଡ. ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଛି। ଏଥିରେ ସଭାପତି କରୁଣାକର ମାଝୀ, ସାଧାରଣ ସମ୍ପାଦକ ପଟ୍ଟନାୟକ ବେବ୍ରିଆ, ମୋହନ ମାଝୀ,ମୋହନ ମିଶାଲ ଓ ଶ୍ରୀପତି ଗମାଙ୍ଗ ପ୍ରମୁଖ ଆମ୍ବେଡକରଙ୍କ ଜୀବନି ଉପରେ ଆଲୋକପାତ କରିଥିଲେ। ନାଥ ପାଲକା, ବିଶ୍ୱନାଥ ଶବର, କେଶବ ଶବର, ସୁମନ୍ତ ଶବର, କୈଳାସ ଲିମା, ଗଜେନ୍ଦ୍ର ବିଡିକା ଓ ପ୍ରଭାକର ପାଣି ପ୍ରମୁଖ ସହଯୋଗ କରିଥିଲେ। ଗୁଡ଼ାରି ଆମ୍ବେଡକର ସେବା ସମିତି ପକ୍ଷରୁ ଆମ୍ବେଡକରଙ୍କ ଜୟନ୍ତୀ ପାଳନ କରାଯାଇଛି। ସେବା ସମିତିର କର୍ମକର୍ତ୍ତା ଓ ଅଞ୍ଚଳବାସୀ ପ୍ରଥମେ ନୂଆ ବସଷ୍ଟାଣ୍ଡ ପରିସରରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଏକ ଶୋଭାଯାତ୍ରା ବାହାରି କର୍ମକର୍ତ୍ତା ସହର ପରିକ୍ରମା କରିଥିଲେ। ସ୍ଥାନୀୟ ଏନ୍‌ଏସି କଲ୍ୟାଣ ମଣ୍ଡପ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା।

### ଆମ୍ବେଡକର ଜୟନ୍ତୀ ପାଳିତ

# ଶୁକୁ ପୋଲ ନିର୍ମାଣରେ ଅନିୟମିତତା ଅଭିଯୋଗ

**ନନ୍ଦପୁର,୧୪।୪(ତୁଷାରକାନ୍ତ ମହାନ୍ତି)**



ନିର୍ମାଣାଧୀନ ଥିବା ଶୁକୁ ପୋଲ ।

ନନ୍ଦପୁର, ଲମତାପୁଟ ଓ କୋରାପୁଟ ବ୍ଲକ୍‌ର ୭୦ରୁ ଊର୍ଦ୍ଧ୍ୱ ଗ୍ରାମ ସହ ଜିଲା ସଦର ମହକୁମାକୁ ଯୋଡ଼ିବା ପାଇଁ କୋଲାବ ଜଳଭଣ୍ଡାର ଉପର ଦେଇ ୮୧ କୋଟି ୩୪ ଲକ୍ଷ ୭୭ ହଜାର ୫୦୦ ଟଙ୍କା ମୂଲ୍ୟର ଶୁକୁ ପୋଲ ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ପୋଲ ନିର୍ମାଣ କାର୍ଯ୍ୟରେ ବେଆଇନ ଭାବେ ପାର୍ଶ୍ୱ ପାହାଡ଼ର ମାଟି ଖୋଳି ବ୍ୟବହାର କରାଯାଉଛି। ପାହାଡ଼ରୁ ଖୋଳାଯାଇଥିବା ହଜାର ହଜାର ଟ୍ରକ୍ ମାଟିକୁ କୋଲାବ ଜଳଭଣ୍ଡାରରେ ପକାଯାଇ ଏହାକୁ ପୋତାଯାଉଛି। ପାହାଡ଼ ଖୋଳି ପୋଲ ନିର୍ମାଣରେ ବ୍ୟବହୃତ ମାଟି ପାଇଁ ଠିକା ସଂସ୍ଥା କୌଣସି ରୟାଲ୍‌ଟି ଜମା କରୁ ନ ଥିବା ଓ ଖଣି ରାଜସ୍ୱ ଓ ଜଳସେଚନ ବିଭାଗ(କୋଲାବ ଜଳଭଣ୍ଡାର) କର୍ତ୍ତୃପକ୍ଷ ଜାଣିଶୁଣି ଅଜଣା ରହୁଥିବା ନେଇ ସ୍ଥାନୀୟ ବୁଦ୍ଧିଜୀବୀ, ପରିବେଶବିତ୍ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ଏହି୩ ବ୍ଲକ୍‌ବାସୀଙ୍କ ନିକଟରେ ଥିବା ଜିଲା ସଦର ମହକୁମାକୁ ଯାତାୟାତ ପାଇଁ କୋଲାବ ଜଳଭଣ୍ଡାର ବାଧକ ସାଜିଥିଲା। ଗାଡ଼ି ମଟର ଧରି କୋରାପୁଟ ଯାତାୟାତ କରିବାକୁ ହେଲେ ଲୋକଙ୍କୁ ନନ୍ଦପୁର ଦେଇ ୭୦ କି.ମି. ଯାତ୍ରା କରିବାକୁ ପଡୁଥିଲା। ଲୋକେ କୋଲାବ ଜଳଭଣ୍ଡାର ଉପର ଦେଇ ଯାଇଥିବା ଶୁକୁ ରେଳ ବ୍ରିଜ୍‌ର ୨ ଫୁଟ ରେଳଧାରଣା କଡ଼େ କଡ଼େ ଯା’ଆସ କରୁଥିଲେ। ଏଥିପାଇଁ ଜିଲା ଓ ରାଜ୍ୟ ପ୍ରଶାସନ ଏହି ରେଳ ବ୍ରିଜ୍(୫୪୩) ପାର୍ଶ୍ୱରେ ଏକ ପୋଲ ନିର୍ମାଣ କରିବାକୁ ଚିନ୍ତାକରି ୨୦୨୨-୨୩ ଆର୍ଥିକ ବର୍ଷରେ ବିଜୁ ସେତୁ ଯୋଜନାରେ ୮୧ କୋଟି ୩୪ ଲକ୍ଷ ୭୭ ହଜାର ୫୦୦ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ କରିଥିଲେ। ନିର୍ମାଣକାରୀ ସଂସ୍ଥା କୋରାପୁଟ ଗ୍ରାମ୍ୟ ଉନ୍ନୟନ ବିଭାଗ ଟେଣ୍ଡର ଆହ୍ୱାନକରି ଠିକା ସଂସ୍ଥା ଶୈଳବାଳା କନ୍‌ଷ୍ଟ୍ରକ୍ସନ୍ କମ୍ପାନୀ ଦ୍ୱାରା କାର୍ଯ୍ୟ ଆରମ୍ଭ କରିଥିଲେ। କିନ୍ତୁ

### ପାହାଡ଼ ଖୋଳି ପୋତାଯାଉଛି କୋଲାବ ଜଳଭଣ୍ଡାର

ବିଭାଗୀୟ ଅନୁମୋଦନ ପତ୍ର କ୍ରମାଙ୍କ ୨୮୫୪୧୬୦୦୬୯୨୦୨୨/ଆର୍‌ଡି ୨୮।୯।୨୨ରେ ପୋଲ ନିର୍ମାଣ ବେଳେ ମାଟି ପକାଇ ଜଳଭଣ୍ଡାର ପୋତିବାକୁ ନିର୍ଦ୍ଦେଶ ନ ଥିଲା। ବର୍ତ୍ତମାନ ଠିକା ସଂସ୍ଥା ମନମାନିରେ କାର୍ଯ୍ୟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସଂସ୍ଥା ପକ୍ଷରୁ ବେଆଇନ ଭାବେ ସରକାରୀ ପାହାଡ଼ କାଟି ଏହାକୁ ନଷ୍ଟକରିବା ସହ କୋଲାବ ଜଳଭଣ୍ଡାରର ଦୁଇ ପାର୍ଶ୍ୱକୁ ମାଟି ପକାଇ ପୋତାଯାଉଥିବା ଅଭିଯୋଗ ହୋଇଛି। ପାହାଡ଼ କଟା ମାଟି ବାବଦକୁ ରାଜସ୍ୱ(ରୟାଲ୍ଟି) ଦିଆଯାଇ ନାହିଁ। କୋରାପୁଟ ନିର୍ମାଣକାରୀ ସଂସ୍ଥା, ଗ୍ରାମ୍ୟ ଉନ୍ନୟନ ବିଭାଗ, ଖଣି ବିଭାଗ, ରାଜସ୍ୱ ବିଭାଗ ଓ କୋଲାବ ଜଳଭଣ୍ଡାର(ଜଳସେଚନ) କର୍ତ୍ତୃପକ୍ଷ ଜାଣିଶୁଣି ନୀରବତା ଅବଲମ୍ବନ କରୁଥିବା ଗ୍ରାମବାସୀ କହିଛନ୍ତି।

ଏ ସମ୍ପର୍କରେ କୋରାପୁଟ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପଚାରିବାରୁ ମାଟି କାଟିବା କି ଜଳଭଣ୍ଡାର ପୋତିବା ତଦାରଖ ଦାୟିତ୍ୱ ଆମର ନାହିଁ। ବିଭାଗ ପକ୍ଷରୁ ପ୍ରସ୍ତୁତ ଡିପିଆର୍ ଅନୁସାରେ ପୋଲ କାର୍ଯ୍ୟ ହେବା ଦରକାର ବୋଲି କୁହାଯାଇଛି। ଖଣି ବିଭାଗ ଉପନିର୍ଦ୍ଦେଶକ ପ୍ରଦୀପ କୁମାର ନାୟକ ଏଭଳି କାର୍ଯ୍ୟ ବେଆଇନ ଓ ଦଣ୍ଡବିଧାନ ସହ ଜରିମାନା ଯୋଗ୍ୟ ବୋଲି କହିଛନ୍ତି। ଠିକା ସଂସ୍ଥା ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ନ ଥିବା ବେଳେ ପାହାଡ଼ର ମାଟି ଲଘୁ ଖଣିଜ ଦ୍ରବ୍ୟ ତାଲିକାଭୁକ୍ତ ଥିବାରୁ ଲୋକଙ୍କ ଅଭିଯୋଗ ସମ୍ପର୍କରେ ଜିଲା ମାଇନିଂ ଅଫିସର କୃଷ୍ଣଚନ୍ଦ୍ର ଖୁଣ୍ଟିଆଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବିଭାଗ ତରଫରୁ ସମ୍ପୃକ୍ତ ସଂସ୍ଥାକୁ ନୋଟିସ ପ୍ରଦାନ ସହ ଜରିମାନା ଆଦାୟ କରାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ସେ କହିଛନ୍ତି।

# କୋରାପୁଟ ଜିଲାରେ ଆମ୍ବେଦକର ଜୟନ୍ତୀ ପାଳିତ



କୁନ୍ଦୁରା ବ୍ଲକ୍ କାର୍ଯ୍ୟକ୍ରମରେ କୋଟପାଡ଼ ବିଧାୟକ ରୂପୁ ଭତ୍ରା ଓ ଅନ୍ୟମାନେ ।

**କୋରାପୁଟ/କୁନ୍ଦୁରା/ନନ୍ଦପୁର/ ସେମିଳିଗୁଡ଼ା/ ସୁନାବେଡ଼ା, ୧୪।୪ (ଅମିତାଭ ବେହେରା/ ସନ୍ତୋଷ ବେହେରା/ତୁଷାରକାନ୍ତ ମହାନ୍ତି/ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)**

କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳ ସହ ଗ୍ରାମୀୟ ସହର ମହକୁମାରେ ଭିଆର.ଆମ୍ବେଦକରଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାପିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ କୋରାପୁଟ ଜିଲାପାଳ ଭି.କୀର୍ତ୍ତି ଭାସନ, ଜିଲା ପରିଷଦ ସଭାପତି ସସ୍ମିତା ମେଲେକା,ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ପୂର୍ବତନ ବିଧାୟକ ମିମାଇଁ ସରକାର,ଭାଜପା ଜିଲା ସଭାପତି ଶିବ ମୁଣ୍ଡୁଲି, ଏମ୍ପିଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ, ସମାଜକର୍ମୀ ଗୁରୁକ ତୁରୁକ, କାମାକ୍ଷ୍ୟା ପ୍ରସାଦ ମାଝୀ ପ୍ରମୁଖ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗର ସନ୍ତୋଷ କୁମାର ସେଠୀ ଓ ଅଲିଭା କୁମାର ବେହେରା ପରିଚାଳନା କରିଥିଲେ। କୁନ୍ଦୁରା ବ୍ଲକ ଉପକଣ୍ଠ ସାଗରଗୁଡ଼ାସ୍ଥିତ ଆମ୍ବ ତୋଟାରେ ଡ଼ମ୍ବ ସମାଜ ପକ୍ଷରୁ ଡ. ଭୀମରାଓ ଆମ୍ବେଦକରଙ୍କ ୧୩୪ତମ ଜୟନ୍ତୀ ଏବଂ ଜାତି ମହାସଭା ପାଳନ କରାଯାଇଛି। କାର୍ଯ୍ୟକ୍ରମରେ କୋଟପାଡ଼ ବିଧାୟକ ରୂପୁ ଭତ୍ରା ସାଗରଗୁଡ଼ାରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ ଜିଲା ଡ଼ମ୍ବ ସମାଜ ସଭାପତି ଜଗନ୍ନାଥ ପାଙ୍ଗୀ, ବିଭିନ୍ନ ସମାଜର କର୍ମକର୍ତ୍ତା ଏବଂ ସରପଞ୍ଚ ସମିତି ସଭ୍ୟମାନେ ଆୟୋଜିତ ସଭାରେ ଯୋଗଦେଇଥିଲେ। ଜାତି ଜାତି ମଧ୍ୟରେ ସମନ୍ୱୟ ରକ୍ଷା କରିବା, ସମାଜରେ ରହିଥିବା ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ଦୂର କରିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଡ଼ମ୍ବ ସମାଜ ସମ୍ପାଦକ ତ୍ରିନାଥ ହରିଜନ କହିଛନ୍ତି। ପଞ୍ଚାୟତ ସମିତି ଅଧ୍ୟକ୍ଷ ରାଜେଶ୍ୱରୀ ପରଜା,ଉପାଧ୍ୟକ୍ଷ ଡଗୁଲାସେନ ବିଶୋୟୀ, ଜିଲା ପରିଷଦ ସଭ୍ୟା କନକଲତା ପେଣ୍ଡିଆ, ଡ଼ମ୍ବ ସମାଜ ସଭାପତି ଚନ୍ଦ୍ର ପେଣ୍ଡିଆ, ସମ୍ପାଦକ ତ୍ରିନାଥ ହରିଜନ, ଆଇନଜୀବୀ ବଳରାମ ଖରା, ମୂଳ ଅଧିବାସୀ ସଂଘ ସଭାପତି ମହେଶ୍ୱର ପେଣ୍ଡିଆ, ସମ୍ପାଦକ ତ୍ରିନାଥ ସମରଥ, ଏମ୍ପି ପ୍ରତିନିଧି ଅମୃ ପାତ୍ର,ଡେପୁଟି ରେଞ୍ଜର ଛନ୍ଦିତ୍ର ରଥ, ବୈପାରୀଗୁଡ଼ାର ଜିଲା ପରିଷଦ ସଭ୍ୟ ରାଜେଶ ମଝୁଆଁ,ଆସନା ସରପଞ୍ଚ ଜୟନ୍ତୀ ଖୁଶାପାଲ, ଜେରିମିଟି ସରପଞ୍ଚ ମଣିକ ସାନ୍ତା, ରାଣୀଗୁଡ଼ା ସରପଞ୍ଚ ଶିବ ପ୍ରଧାନୀ ଓ ଡ଼ଙ୍ଗର ପାଞ୍ଜି ସରପଞ୍ଚ ଘାସି ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଲବ ପରଜା, ବାମଦେବ ଗଣ୍ଡା ଓ ସୁରେନ୍ଦ୍ର ସରାଫ଼ି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନନ୍ଦପୁର ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଆମ୍ବେଦକର ଦଳିତ ସେବା ସମିତି ଆନୁକୂଲ୍ୟରେ ଡ. ଭିଆର ଆମ୍ବେଦକରଙ୍କ ୧୩୪ତମ ଜୟନ୍ତୀ ପାଳନ ହୋଇଯାଇଛି। ବୁଦ୍ଧିଜୀବୀ, ଯୁବଗୋଷ୍ଠୀ ନନ୍ଦପୁର ସର୍ବେଶ୍ୱର ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ କରି ବସ୍‌ଷ୍ଟାଣ୍ଡସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେଠାରୁ ନନ୍ଦପୁର ପୂର୍ତ୍ତବିଭାଗ ଡାକ ବଙ୍ଗଳା ନିକଟ ପହଞ୍ଚି ଆୟୋଜିତ ସଭାରେ ଆମ୍ବେଦକରଙ୍କ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଦଳିତ ସେବା ସମିତି ସଭାପତି ଜଗନ୍ନାଥ ପାଙ୍ଗି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁନାବେଡ଼ା ଓ ସେମିଳିଗୁଡ଼ା ସହରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉଭୟ ସହରରେ ଡ. ଆମ୍ବେଦକରଙ୍କ ୧୩୪ତମ ଜୟନ୍ତୀ ପାଳନ କରାଯାଇଛି। ସହରର ବିଭିନ୍ନ ଅଞ୍ଚଳରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମଧ୍ୟାହ୍ନରେ ସେମିଳିଗୁଡ଼ା ଦଳିତ ସୋସାଇଟି ପକ୍ଷରୁ ଦାମନଯୋଡ଼ି ଛକ ନିକଟରୁ ଏକ ଶୋଭାଯାତ୍ରା ବାହାରି ବସ୍‌ଷ୍ଟାଣ୍ଡ ପହଞ୍ଚି ଏକ ସମାବେଶ କରାଯାଇଥିଲା। ସହର ପ୍ରଦକ୍ଷିଣ କରି ଭେଣ୍ଟି ରୋଡରେ ଶୋଭାଯାତ୍ରା ଶେଷ ହୋଇଥିଲା।

# ଷ୍ଟେଶନରୁ ୨୦ କେଜି ଗଞ୍ଜେଇ ଜବତ,୨ ଗିରଫ

**କୋରାପୁଟ,୧୪।୪(ଅମିତାଭ ବେହେରା)**

କୋରାପୁଟ ରେଲୱେ ଷ୍ଟେଶନରୁ ଜିଆରପି ଏବଂ ଆରପିଏଫ୍ ପୋଲିସ ୨୦ କେଜି ଗଞ୍ଜେଇ ଜବତ କରାଯାଇ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଝାଡ଼ଖଣ୍ଡ ଗିରିଡି ଜିଲା କୋମଲଗଞ୍ଜ ଥାନା ଛାରଘର ଗ୍ରାମର ବିଶାଳ ଦୁବେ(୨୫) ଓ ଭରତ ଦୁବେ(୨୦)। ସୂଚନା ଅନୁଯାୟୀ, ୨ ଜଣ ଯୁବକ ବ୍ୟାଗରେ ଗଞ୍ଜେଇ ନେଇ କିରଣ୍ଡୁଲ ବିଶାଖାପାଟଣା ଟ୍ରେନରେ ଯିବାକୁ ଷ୍ଟେଶନରେ ଅପେକ୍ଷା କରିଥିବା ବେଳେ ଆରପିଏଫ୍ ଓ ଜିଆରପି ପୋଲିସ ସନ୍ଦେହ କରି ବ୍ୟାଗ ଯାଞ୍ଚ କରିଥିଲେ। ସେମାନଙ୍କୁ ଜିଆରପି ଥାନାକୁ ନେଇ ପଚରାଉଚରା କରିବା ପରେ ସେମାନେ ସେମିଳିଗୁଡା ଅଞ୍ଚଳରୁ ଗଞ୍ଜେଇ ନେଇ ଝାଡ଼ଖଣ୍ଡ ଯାଇଥାନ୍ତେ ବୋଲି ସ୍ୱୀକାର କରିଥିଲେ। ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ କାହ୍ନୁଚରଣ ପଟ୍ଟନାୟକଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯାଇଥିଲା। ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜିଆରପି ଥାନା ଓଆଇସି ସନ୍ତୋଷିନୀ ମହନ୍ତ କହିଛନ୍ତି। ଆରପିଏଫ୍ ଏଏସ୍ଆଇ ଲକ୍ଷ୍ମଣ ମହାନ୍ତି, ଜିଆରପି କନଷ୍ଟେବୁଲ୍ ଜ୍ୟୋତି ପ୍ରକାଶ ନାୟକ, ଏସ୍. ବାଙ୍ଗା ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ନବବର୍ଷ, ହନୁମାନ ଜୟନ୍ତୀ,ପଣାସଂକ୍ରାନ୍ତି ପାଳନ

**ସେମିଳିଗୁଡ଼ା/ସୁନାବେଡା/ନନ୍ଦପୁର/ କୋରାପୁଟ/ଦାମନଯୋଡ଼ି/ଜୟପୁର,୧୪।୪ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ/ ତୁଷାରକାନ୍ତ ମହାନ୍ତି/ଅମିତାଭ ବେହେରା/ ମାନସ ରଞ୍ଜନ କର/ପବନ ପାଣିଗ୍ରାହୀ)**



କାର୍ଯ୍ୟକ୍ରମରେ ଉପସ୍ଥିତ ପୂଜକ ଓ ଶ୍ରଦ୍ଧାଳୁମାନେ ।

ସୁନାବେଡା ଓ ସେମିଳିଗୁଡ଼ା ସହରରେ ହନୁମାନ ଜୟନ୍ତୀ,ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଏବଂ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସହରରେ ଥିବା ହନୁମାନ ମନ୍ଦିରଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପ୍ରମୁଖ ଛକଗୁଡ଼ିକରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପଥଚାରୀଙ୍କୁ ପଣା ବଣ୍ଟାଯାଇଥିଲା। ହିନ୍ଦୁ ସମାଜ ପକ୍ଷରୁ ଦାମନଯୋଡ଼ି ଛକ ନିକଟରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ଜୟ ହନୁମାନ ନାରା ସହ ସହର ପ୍ରଦକ୍ଷିଣା ପରେ ବସ୍‌ଷ୍ଟାଣ୍ଡରେ ଶେଷ ହୋଇଥିଲା। ନନ୍ଦପୁର ବ୍ଲକସ୍ଥିତ ହନୁମାନ ମନ୍ଦିର ଓ ରାମମନ୍ଦିରରେ ଓଡ଼ିଆ ନବବର୍ଷ, ହନୁମାନ ଜୟନ୍ତୀ ଓ ପଣାସଂକ୍ରାନ୍ତି ଅବସରରେ ସ୍ୱତନ୍ତ୍ର ପୂଜା ହୋଇଥିଲା। ସେହିପରି ପାଡୁଆ ବାଞ୍ଜାଲାପୁଟରେ କୁଲାବିର ପଞ୍ଚାୟତର ଶତାଧିକ ଭକ୍ତ ନାମ ସଂକୀର୍ତ୍ତନ କରି ଶୋଭାଯାତ୍ରାରେ ବାହାରି ପାତାଳୀ ନଦୀରୁ କଳସ ଜଳ ସଂଗ୍ରହ କରି ଷୁଣ୍ଡି ଦେବତାଙ୍କୁ ଅର୍ପଣ କରିଥିଲେ। ସମସ୍ତ ଦେବାଳୟରେ ପଣାଭୋଗ ନୀତି ସମ୍ପନ୍ନ କରାଯାଇଥିଲା। କୋରାପୁଟ ସହରର ବିଭିନ୍ନ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ଓ ମହାବିଷୁବ ସଂକ୍ରାନ୍ତି ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ, ହନୁମାନ ଚାଳିଶା ଓ ଅଷ୍ଟ ପ୍ରହରୀ ଅନୁଷ୍ଠିତ ହୋଇଯାଇଛି। ଡୁମୁରିପୁଟସ୍ଥିତ ରାମ ମନ୍ଦିର, ଗୌତମ ନଗର ପଞ୍ଚମୁଖୀ ହନୁମାନ ମନ୍ଦିର, ପ୍ରେସ୍‌କ୍ଲବ ନିକଟ ରାମ ମନ୍ଦିର ଆଦିରେ ପଣା ଦିଆଯାଇଥିଲା। ନାଲ୍‌କୋ ଟାଉନସିପସ୍ଥିତ ଅଭୟ ଆଞ୍ଜନେୟଙ୍କ ପୀଠରେ ହନୁମାନ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଖୋର୍ଦ୍ଧା ଓ ଗଞ୍ଜାମ ଜିଲାରୁ ଆସିଥିବା ପଣ୍ଡିତ ବିନୟ ମିଶ୍ର,ଅଜୟ କୁମାର ଦାଶ,ପୂଜକ ବଳରାମ ରଥ ଓ ପ୍ରଭାତ କୁମାର ପଣ୍ଡା ପୂଜାନୀତି ସମ୍ପନ୍ନ କରିଥିଲେ। ହନୁମାନ ମନ୍ଦିରଗୁଡ଼ିକରେ ମହାବିଷୁବ ସଂକ୍ରାନ୍ତି ପାଳନ କରାଯାଇଥିଲା। ମହାବୀର ଯୁବକ ସଂଘ ପକ୍ଷରୁ ମାଥାଲପୁଟ ହାଟପଦାରୁ ଟାଉନସିପ ହନୁମାନ ବାଟିକା ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜୟପୁରରେ ହନୁମାନ ଜୟନ୍ତି ପାଳିତ ହୋଇଛି। ସ୍ଥାନୀୟ ରାଜୁ ସାହିସ୍ଥିତ ହନୁମାନ ମନ୍ଦିର, ରଜାନହର ରଘୁନାଥ ମନ୍ଦିର,ପୁରୁଣାଗଡ ଛକ ହନୁମାନ ମନ୍ଦିରରେ ବିଭିନ୍ନ ସଂଗଠନ ପକ୍ଷରୁ ପଣା ବଣ୍ଟନ କରାଯାଇଥିଲା।

# ମହିଳାଙ୍କୁ ନିର୍ଯାତନା ଅଭିଯୋଗ

**ଜୟପୁର,୧୪।୪(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁର ମହିଳା ଥାନାରେ ଜଣେ ମହିଳାଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏ ନେଇ ସ୍ୱାମୀ, ଶାଶୁ ଓ ନଣନ୍ଦଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଜୟପୁର ସହରର ଇନ୍ଦିରା ଛକ ଅଞ୍ଚଳର ପି.ଇ.ଜି ଲିଲୀ ରାଜୁ ୨୦୦୬ରେ ସ୍ଥାନୀୟ ସିନେମା ସାହିର ପି.ଇ.ଜି ନରେଶ ରାଜୁଙ୍କୁ ପ୍ରେମ ବିବାହ କରିଥିଲେ। କିଛି ଦିନ ହେବ ସ୍ୱାମୀ, ଶାଶୁ ଓ ନଣନ୍ଦ ମିଳିତ ଭାବେ ପୀଡିତାଙ୍କୁ ଯୌତୁକ ଆଣିବା ନେଇ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିଲେ। ସ୍ୱାମୀ ଆନ୍ଧ୍ର ଚାଲିଯାଇଥିବା ବେଳେ ସେଠାରେ ଅନ୍ୟ ଜଣଙ୍କୁ ବିବାହ କରିଥିବା ମଧ୍ୟ ଲିଖିତ ଅଭିଯୋଗ ହୋଇଛି। ଏଏସ୍ଆଇ ବିକାଶ ଚନ୍ଦ୍ର ନାୟକ ତଦନ୍ତ କରୁଛନ୍ତି।

# ହୁଳହୁଳି, ଝୋଟି ସହ ପାରମ୍ପରିକ ପିଠା ପ୍ରତିଯୋଗିତା



ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

**ନବରଙ୍ଗପୁର,୧୪।୪(ସଦାଶିବ ପ୍ରହରାଜ)**

ଓଡ଼ିଆ ପକ୍ଷ ପାଳନର ଚତୁର୍ଦ୍ଦଶ ଦିବସ ଦିବସରେ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ଜିଲା ସଂସ୍କୃତ ଓ ଜିଲା ସମାଜ କଲ୍ୟାଣ ବିଭାଗର ସମନ୍ୱୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନ ଯୋଗଦେଇଥିଲେ। ଓଡ଼ିଆ ନବବର୍ଷ ପାଳନ, ଓଡ଼ିଆ ପରମ୍ପରାରେ ହୁଳହୁଳି, ଝୋଟି ଓ ପାରମ୍ପରିକ ପିଠାପଣାର ତାତ୍ପର୍ଯ୍ୟ ଉପରେ ସେ କହିଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପାତ୍ର ଏବଂ ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର ଉପସ୍ଥିତ ଥିଲେ। ଏହି ଅବସରରେ ମହିଳାଙ୍କ ମଧ୍ୟରେ ହୁଳହୁଳି, ଝୋଟି ଓ ପିଠା ପ୍ରତିଯୋଗିତା କରାଯାଇଛି। ହୁଳହୁଳି ଓ ପିଠା ପ୍ରତିଯୋଗିତାରେ ପ୍ରଭାତୀ ବିଶୋୟୀ ପ୍ରଥମ, ରେବତୀ ଶିରା, ହୀରାମଣି ଚୌଧୁରୀ ଓ ପ୍ରୀତି ବାଘ ଦ୍ୱିତୀୟ ଏବଂ ମଞ୍ଜୁଲତା ଦାଶ, ଅନ୍ୱେଷା ପାଢୀ, ହିମାନ ଗଉଡ ତୃତୀୟ ହୋଇଛନ୍ତି। ଓ ଝୋଟି ପ୍ରତିଯୋଗିତାରେ କୁମାରୀ ସସ୍ମିତା ରାୟ ପ୍ରଥମ ହୋଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ପରିଚାଳନା କରିଥିଲେ। ଜିଲା ସାମାଜ କଲ୍ୟାଣ ଓ ଜିଲ୍ଲା ସଂସ୍କୃତି ବିଭାଗ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହୋଯାଗ କରିଥିଲେ।

# ଦେଶୀ ମଦଭାଟି ଭାଙ୍ଗିଦେଲେ ଗ୍ରାମବାସୀ

**ପାପଡ଼ାହାଣ୍ଡି,୧୪।୪ (ସ୍ୱପ୍ନଜିତ ପଟ୍ଟନାୟକ)**

ଗାଁରେ ଦେଶୀ ମଦ ବିକ୍ରି କରୁଥିବା ଏକ ଭାଟିକୁ ପାପଡ଼ାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତ ଚାନ୍ଦିଲି ଗ୍ରାମବାସୀ ଭାଙ୍ଗି ଦେଇଛନ୍ତି। ଗତ ୭ ତାରିଖରେ ଏକ ବୈଠକ କରାଯାଇ ଦେଶୀ ମଦଭାଟି ମାଲିକଙ୍କୁ ଭାଟି ବନ୍ଦ କରିବାଙ୍କୁ କୁହାଯାଇଥିଲା। କିନ୍ତୁ ସେ ଏପରି ନ କରି ସେଠାରେ ମଦ ରାନ୍ଧିବାରୁ ଗ୍ରାମବାସୀ ପୋଲିସ ଉପସ୍ଥିତିରେ ଭାଟି ଭାଙ୍ଗିବା ସହ ପୋଚ ନଷ୍ଟ କରିଦେଇଛନ୍ତି। ପୋଲିସ ୨ଜଣଙ୍କୁ ଅଟକ ରଖିଛି। ୨୭ ଡ୍ରମ ଓ ୫୦ଲିଟର ମଦ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। କେସ୍ ନଂ.୭୫/୨୫ରେ ଏକ ମାମଲା ରୁଜୁ ହୋଇଛି।

### ବୈଠକରେ ମଦ ବିକ୍ରି ବନ୍ଦ ନିଷ୍ପତ୍ତି, ଶୁଣିଲେନି ମାଲିକ

ସୂଚନାନୁଯାୟୀ, ଚାନ୍ଦିଲି ଗ୍ରାମରେ ୪ ହଜାରରୁ ଊର୍ଦ୍ଧ୍ୱ ଲୋକ ରୁହନ୍ତି। ଗାଁରେ ଅବାଧ ମଦ ବିକ୍ରି ଯୋଗୁ ଲୋକେ ପିଇ ଅଶାନ୍ତି ସୃଷ୍ଟି କରନ୍ତି। ମଦ୍ୟପାନ କରି ପୁରୁଷମାନେ କାମ ନ କରିବାରୁ ଘର ଚଳାଇବାରେ ଅସୁବିଧା ହେଉଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଗାଁରେ କେହି ମଦ ବିକ୍ରି କରିବେ ନାହିଁ ବୋଲି ୭ ତାରିଖ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହା ସତ୍ତ୍ୱେ ମଦ ବିକ୍ରି ହେଉଥିଲା। ବନ୍ଦ କରିବାକୁ କହିଲେ ମାରିବାକୁ ଧମକ ଦିଆଯାଉଥିବା ପାପଡ଼ାହାଣ୍ଡି ଥାନାରେ ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିଲେ। ମହିଳାମାନେ ମଦଭାଟି ଭାଙ୍ଗିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମଦ ଜବତ ସହ ୨ ଜଣଙ୍କୁ ଅଟକ ରଖିଛି। ମଦ ବନ୍ଦ ନେଇ ଜିଲାପାଳ, ଉପଜିଲାପାଳ, ଜିଲା ଅବକାରୀ ବିଭାଗ, ପାପଡ଼ାହାଣ୍ଡି ଥାନା, ତହସିଲଦାର, ଅବକାରୀ ବିଭାଗକୁ ଲିଖିତଭାବେ ଜଣାଯିବ ବୋଲି ଗ୍ରାମବାସୀ କହିଛନ୍ତି ।



ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡିରେ ଡ. ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ଓ ଅନ୍ୟମାନେ ।

# ପାରମ୍ପରିକ ଖାଦ୍ୟ ଦିବସରେ ବିଭିନ୍ନ ପ୍ରତିଯୋଗିତା




ଅତିଥିଙ୍କ ସହ ପ୍ରତିଯୋଗୀମାନେ ।

**ଡାବୁଗାଁ, ୧୪।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ସମ୍ମିଳନୀ କକ୍ଷରେ ଓଡ଼ିଆ ପକ୍ଷ ପାଳନ ଅବସରରେ ପାରମ୍ପରିକ ଖାଦ୍ୟ ଦିବସ ଓ ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମେ ପାରମ୍ପରିକ ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। ପରେ ମହିଳାଙ୍କୁ ନେଇ ଝୋଟି ଓ ହୁଳହୁଳି ପ୍ରତିଯୋଗିତା କରାଯାଇଥିଲା। ଶେଷରେ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯାଇଛି। ବ୍ଲକ ଅଧକ୍ଷା ବୀଣା ମାଝି, ମୁଖ୍ୟ ଅତିଥି , ବିଡିଓ ଶରତ ମାଝି, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ ଓ ଅଙ୍ଗନୱାଡି ସୁପରଭାଇଜର ବିମଳା ନାୟକ, ଜୁନାପାଣି ସରପଞ୍ଚ ଦୟାନିଧି ଭତ୍ରା, ଅଞ୍ଚଳା ସରପଞ୍ଚ ରମେଶ ମାଝି, ଅଙ୍ଗନୱାଡି କର୍ମୀ, ଏମବିକେ ଓ ସିଆର୍‌ପିମାନେ ଯୋଗଦେଇଥିଲେ। ଅମୂଲ୍ୟ ଦଳାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶ୍ରୀହନୁମାନ ଜୟନ୍ତୀ ପାଳିତ

**ଡାବୁଗାଁ, ୧୪।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ଡାବୁଗାଁ ଜୟନ୍ତୀନଗରରେ ଶ୍ରୀ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ସକାଳୁ ଭକ୍ତମାନେ କଳସ ଶୋଭାଯାତ୍ରାରେ ମା’ ଠାକୁରାଣୀ ମନ୍ଦିରରୁ ପାଣି ଆଣିବା ପରେ ପୂଜା କରାଯାଇଥିଲା। ଅନୀଲ ବେହେରା ଓ ଅନିତା ବେହେରା, ହରେକୃଷ୍ଣ ନାୟକ ଓ ରଶ୍ମିତା ନାୟକ, ଦେବରାଜ ପାତ୍ର, ବିପ୍ଳବ ଜେନା, ପୁପୁନ ପଣ୍ଡା ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ପୂଜକ ଚୈତନ୍ୟ ଦାଶଙ୍କ ସମେତ ପୂଜକ ବ୍ରଜକିଶୋର ଦାଶ, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ବେଣୁଧର ମିଶ୍ର ଓ ପ୍ରଶାନ୍ତ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ମନ୍ଦିର କମିଟି ପକ୍ଷରୁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଛି।

# ପିଡିଏସ୍ ଚାଉଳ ପରିବହନ ଠପ୍

**ଉମରକୋଟ, ୧୪।୪(ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଉମରକୋଟରେ ପିଡିଏସ୍ ଚାଉଳ ପରିବହନକୁ ନେଇ ଷ୍ଟୋରେଜ୍ ଏଜେଣ୍ଟ ଓ ଟ୍ରକ ମାଲିକ ସଂଘ ମଧ୍ୟରେ ବିବାଦ ଦେଖାଯାଇଛି। ଫଳରେ ସୋମବାର କୌଣସି ପଞ୍ଚାୟତକୁ ଚାଉଳ ପରିବହନ ହୋଇନାହିଁ।

ମିଳିଥିବା ସୂଚନାନୁଯାୟୀ, ଦୀର୍ଘ ୮ ବର୍ଷ ହେଲା ଉମରକୋଟ ସହର ନିକଟ ବୁର୍ଜାଠାରେ ଥିବା ଗୋଦାମରୁ ବ୍ଲକର ବିଭିନ୍ନ ପଞ୍ଚାୟତକୁ ଚାଉଳ ପରିବହନ କରାଯାଉଛି। ଷ୍ଟୋରେଜ୍ ଏଜେଣ୍ଟମାନେ ସେମାନଙ୍କ ନିଜର ଟ୍ରକ ବ୍ୟବହାର କରି ପରିବହନ ବ୍ୟବସ୍ଥା କରାଉଥିଲେ। କିନ୍ତୁ ସୋମବାର ଉମରକୋଟର କେତେଜଣ ଟ୍ରକ୍ ମାଲିକ ସେମାନଙ୍କ ଗାଡ଼ିରେ ଚାଉଳ ପରିବହନ ବ୍ୟବସ୍ଥା କରିବା ଦାବିରେ ସକାଳୁ ଗୋଦାମ ବାହାରେ ଧାରଣାରେ ବସିଛନ୍ତି। ଟ୍ରକ୍ ମାଲିକଙ୍କ ବିରୋଧ ଯୋଗୁ ଟ୍ରକରେ ଚାଉଳ ଲୋଡ୍ ହୋଇ ରହିଥିଲେ ମଧ୍ୟ ତାହା ବିଭିନ୍ନ ପଞ୍ଚାୟତ ଅଭିମୁଖେ ଯାଇନାହିଁ। ଏହି ଗୋଦାମ ଏପ୍ରିଲ ୩୦ ସୁଦ୍ଧା ବିଭିନ୍ନ ପଞ୍ଚାୟତକୁ ୪୦ ହଜାର କୁଇଣ୍ଟାଲ ଚାଉଳ ପରିବହନ ଟାର୍ଗେଟ ରଖିଛି। ହେଲେ ବର୍ତ୍ତମାନ ସୁଦ୍ଧା ମାତ୍ର ୧ ହଜାର କୁଇଣ୍ଟାଲ ଚାଉଳ ପଠାଯାଇଥିବା ସୂଚନା ମିଳିଛି। ଟ୍ରକ ମାଲିକ ସଂଘ ନିଜ ଜିଦ୍‌ରେ ଅଟଳ। ଯେ ପର୍ଯ୍ୟନ୍ତ ଚାଉଳ ପରିବହନରେ ସେମାନଙ୍କ ଟ୍ରକ ଲାଗିବ ନାହିଁ, ସେ ପର୍ଯ୍ୟନ୍ତ କୌଣସି ଟ୍ରକ୍‌କୁ ଗୋଦାମରୁ ବାହାର କରି ଦିଆଯିବନି ବୋଲି ମାଲିକ ସଂଘ ସଦସ୍ୟମାନେ କହିଛନ୍ତି। ଉମରକୋଟ ଯୋଗାଣ ନିରୀକ୍ଷକ ସୁନୀଲ ଜେନାଙ୍କୁ ପଚାରିବାରୁ ଏବେ ବାହାରେ ଅଛି। ମଙ୍ଗଳବାର ଉମରକୋଟରେ ପହଞ୍ଚିବା ପରେ ଆଲୋଚନା କରି ସମାଧାନର ବାଟ ବାହାର କରାଯିବ ବୋଲି କହିଛନ୍ତି। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ପୋଲିସ ଘଟଣା ସ୍ଥଳରେ ଅଛି।

### ଷ୍ଟୋରେଜ ଏଜେଣ୍ଟ, ଟ୍ରକ୍ ମାଲିକ ସଂଘ ମଧ୍ୟରେ ବିବାଦ



ଗୋଦାମ ବାହାରେ ଧାରଣାରେ ବସିଥିବା ଟ୍ରକ୍ ମାଲିକ ସଂଘ ସଦସ୍ୟ ।

# ଜୟ ବଜରଙ୍ଗବାଲି ଧ୍ୱନିରେ କମ୍ପିଲା ସହର

### ହନୁମାନ ଜୟନ୍ତୀ ଅବସରରେ ଶୋଭାଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ

**ନବରଙ୍ଗପୁର/ ପାପଡ଼ାହାଣ୍ଡି,୧୪।୪ (ସଦାଶିବ ପ୍ରହରାଜ/ ସ୍ୱପ୍ନଜିତ ପଟ୍ଟନାୟକ)**



ନବରଙ୍ଗପୁରରେ ଆୟୋଜିତ ଶୋଭାଯାତ୍ରାରେ ବିଭିନ୍ନ ବେଶଧାରୀ ।



ପାପଡ଼ାହାଣ୍ଡିରେ ଶୋଭାଯାତ୍ରା ସହର ପରିକ୍ରମା କରୁଛି ।

ନବରଙ୍ଗପୁରର ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ, ପଣାସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି। ସହର ସାରା ଜୟ ଜୟ ବଜରଙ୍ଗବାଲି, ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇଛି।

ନବରଙ୍ଗପୁର ସହରରେ ହିନ୍ଦୁ ଏକତା ବାହିନୀ ପକ୍ଷରୁ ହନୁମାନ ଜୟନ୍ତୀ ଓ ପଣାସଂକ୍ରାନ୍ତି ପାଳନ କରାଯାଇଛି। ଏ ନେଇ ତୋରଣ ଓ ମେଢ଼ରେ ସଜେଇ ହୋଇଥିଲା ସହର। ଅପରାହ୍ନ ୫ଟାରେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ସାମାନ୍ୟ ବର୍ଷା ସତ୍ତ୍ୱେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଏହି ଶୋଭାଯାତ୍ରାରେ ମହାରାଷ୍ଟ୍ର ୱାର୍ଦ୍ଧାରୁ ଢୋଲତାସା, ବାରାଣସୀରୁ ଓଘରି ନୃତ୍ୟ, ଆନ୍ଧ୍ରପ୍ରଦେଶ ବିଜୟନଗରରୁ ୫ଟି ନୃତ୍ୟ ଗ୍ରୁପ, ଗୋଟିଏ ରଥ, ୩ ଡିଜେ, ୩ଟି ଆଖଡା, ନବରଙ୍ଗପୁର ଆଖପାଖ ଅଞ୍ଚଳରୁ ୨୫ରୁ ଅଧିକ ସଙ୍କୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ। ଜନ ଗହଳିପୂର୍ଣ୍ଣ ନବରଙ୍ଗପୁର ମୁଖ୍ୟ ରାସ୍ତାର ବିଭିନ୍ନ ସ୍ଥାନରେ ସାମାଜିକ କର୍ମୀମାନେ ପାଣି ଓ ପଣାର ବ୍ୟବସ୍ଥା କରିଥିଲେ। ଅନେକ ଛକରେ ବାଣ ଫୁଟାଇ ଆତସବାଜି ସହିତ ଖୁସି ବାଣ୍ଟିଥିଲେ। ଆଇନ ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ପାପଡ଼ାହାଣ୍ଡିରେ ପାଳିତ ହୋଇଯାଇଛି। ହନୁମାନ ମନ୍ଦିରଗୁଡ଼ିକରେ ଏହି ଅବସରରେ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ଏକ ବିଶାଳ ଶୋଭାଯାତ୍ରା ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ବାହାରିଥିଲା। ଶ୍ରୀରାମ ରଥ ଗ୍ରାମ ପରିକ୍ରମା କରିଥିଲା। ହାତରେ ଗୈରିକ ଧ୍ୱଜା ଧରି ହଜାର ହଜାର ହିନ୍ଦୁ ଧର୍ମାବଲମ୍ବୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶିଶୁମାନେ ରାମ, ହନୁମାନ ଆଦି ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ବୁଲିଥିଲେ। ବିଭିନ୍ନ ଅଞ୍ଚଳର ବାଦ୍ୟ, ମାଙ୍କଡ଼ ନୃତ୍ୟ, ବିରାଟ ହନୁମାନ ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ପାଲଟିଥିଲା। ସ୍ଥାନୀୟ ହିନ୍ଦୁ ଏକତା ବାହିନୀ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

# ରଣେନ୍ଦ୍ରଙ୍କ ଚିଠି: ବଢ଼ିଲା ଦଳୀୟ ରାଜନୀତି

ଭୁବନେଶ୍ୱର, ୧୪।୪(ସୁନିତ୍ ମିଶ୍ର)

## ଥମୁନି ବିଜେଡିରେ ୱକ୍ଫ ଦ୍ୱନ୍ଦ୍ୱ

- ଦଳକୁ ହାଇଜାକ୍ କରିବାକୁ କିଛି ଲୋକଙ୍କୁ ସୁଯୋଗ ନ ମିଳୁ: ରଣେନ୍ଦ୍ର
- ସେ ଯଦି ହାଇଜାକ୍ କଥା କିଛି ଜାଣିଥିବେ କହୁଥିବେ: ଦେବୀ ମିଶ୍ର

ବିଜେଡିରେ ବରିଷ୍ଠ ନେତାମାନଙ୍କ ମୁହଁରେ ତୁଣ୍ଡି ଲଗାଇବାରେ ଦଳର ସଭାପତି ନବୀନ ପଟ୍ଟନାୟକ ଏକ ପ୍ରକାର ବିଫଳ ହେଉଛନ୍ତି। ଅନ୍ୟପଟେ ବରିଷ୍ଠ ନେତାମାନେ ମଧ୍ୟ ଭିନ୍ନ ଭିନ୍ନ ପ୍ରସଙ୍ଗ ଉଠାଇ ସିଧାସଳଖ ନବୀନଙ୍କୁ କାଠଗଡ଼ାରେ ଛିଡ଼ାକରିବାରେ ଲାଗିଛନ୍ତି। ୱକ୍ଫ ବିଲ୍ ପ୍ରସଙ୍ଗରେ ଏ ପର୍ଯ୍ୟନ୍ତ ନବୀନ ତାଙ୍କ ଦଳର ନେତାଙ୍କୁ ବୁଝାଇପାରିନାହାନ୍ତି। ରବିବାର ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଦଳୀୟ ସଭାପତିଙ୍କୁ ଲେଖିଥିବା ଚିଠି ପୁଣି ନବୀନଙ୍କ ପାଇଁ ଆଉ ଏକ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏହାକୁ ନେଇ ବିଜେଡିରେ ପୁଣି ଥରେ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। ଦଳକୁ ହାଇଜାକ୍ କରିବା ଲାଗି କେତେଜଣ ଲୋକଙ୍କୁ ଦିଆ ନ ଯାଉ ବୋଲି ରଣେନ୍ଦ୍ର କହିବା ପରେ ରାଜନୀତି ଆହୁରି ଜୋର୍ ଧରିଛି।

ରଣେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ବିଜୁବାବୁଙ୍କ ରାଜନୀତିର ଆଧାର ଧର୍ମନିରପେକ୍ଷତା, ସାମାଜିକ ନ୍ୟାୟ ଓ ଆଞ୍ଚଳିକ ଅସ୍ମିତା ଥିଲା। ସମାଜରେ ଅବହେଳିତ ଲୋକମାନଙ୍କୁ ସମ୍ମାନର ସହ ସଶକ୍ତ କରାଇବା, ପ୍ରତିନିଧିତ୍ୱ ଦେବା ଓ ସୁଯୋଗ ଦେବା ପାଇଁ ବିଜୁବାବୁ ସ୍ୱପ୍ନ ଦେଖିଥିଲେ। ଏହା ଆପଣଙ୍କ ନେତୃତ୍ୱରେ ମଧ୍ୟ ପ୍ରତିଫଳିତ ହୋଇଥିଲା। ଏବେ ଏହା ଉପରେ ସ୍ପଷ୍ଟତା ଆଣିବା ଲାଗି ପରିସ୍ଥିତି ଆହ୍ୱାନ କରୁଛି। ଦଳର ଆଦର୍ଶ ଓ ସାମାଜିକ ନ୍ୟାୟ ଆଗରେ ରହୁ। ସାମାଜିକ ନ୍ୟାୟ ପାଇଁ ସଂରକ୍ଷଣ ଜରୁରୀ। କେବଳ ରାଜ୍ୟ ନୁହେଁ, ଜିଲା ଓ ବ୍ଲକ୍ ସ୍ତରରେ ମଧ୍ୟ ଏହା କାର୍ଯ୍ୟକାରୀ ହେଉ। ଅର୍ଥାତ୍ ଏସ୍‌ସି, ଏସ୍‌ଟି, ଓବିସି, ସଂଖ୍ୟାଲଘୁ ଓ ମହିଳାଙ୍କୁ ସେମାନଙ୍କ ସଂଖ୍ୟା ଅନୁପାତରେ ବିଜେଡିର ରାଜ୍ୟ, ଜିଲା ଓ ବ୍ଲକ୍ କମିଟିରେ ସ୍ଥାନ ମିଳୁ। କେତେଜଣ ଲୋକଙ୍କୁ ଦଳକୁ ହାଇଜାକ୍ କରିବାକୁ ଦିଆ ନ ଯାଉ। ୱକ୍ଫ ବିଲ୍ ବାବଦ ବିଜେଡିର ଧର୍ମନିରପେକ୍ଷତାରେ ପ୍ରଶ୍ନ ଲଗାଇଦେଇଛି। ୱକ୍ଫ ବିଲ୍‌କୁ ନେଇ ଦଳୀୟ କର୍ମୀମାନଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ଏହା ଧର୍ମନିରପେକ୍ଷ ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦଳ ସାମାଜିକ ନ୍ୟାୟ ଓ ଧର୍ମନିରପେକ୍ଷତାକୁ ପୁଞ୍ଜିକରି ଆଗକୁ ବଢୁ ବୋଲି ରଣେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି।

ରଣେନ୍ଦ୍ରଙ୍କ ଚିଠି ଉପରେ ପ୍ରତିକ୍ରିୟା ରଖି ବରିଷ୍ଠ ନେତା ଦେବୀ ମିଶ୍ର କହିଛନ୍ତି, ହାଇଜାକ୍ କଥା ବିଷୟରେ ରଣେନ୍ଦ୍ରବାବୁ ବୁଝାଇପାରିବେ, କାରଣ ସେ ବିଷୟରେ ବେଶି ଜାଣିଥିବେ। ସେ ଜଣେ ବରିଷ୍ଠ ନେତା, ତାଙ୍କର ଯଦି ହାଇଜାକ୍ ବିଷୟରେ ଅଧିକ ଉପଲବ୍ଧି ଥିବ କି ଏ ବିଷୟରେ କିଛି ଜାଣିଥିବେ ତେବେ ସେକଥା କହୁଥିବେ। ଆଗରୁ କ'ଣ ଦଳକୁ କିଏ ହାଇଜାକ୍ କରିଦେଇଛି କି? ନଈ ନ ଦେଖୁଣୁ ଲଙ୍ଗଳା ହେବା ଉଚିତ ନୁହେଁ। ସାମାଜିକ ନ୍ୟାୟ କଥା କହିଲେ ପ୍ରଥମ କଥା ହେଉଛି ଦଳିତ, ଆଦିବାସୀ କିମ୍ବା ପଛୁଆବର୍ଗଙ୍କ ଆର୍ଥିକ ସ୍ତରରେ ଅଭିବୃଦ୍ଧି ହେବା ଦରକାର। ସେମାନଙ୍କ ଅର୍ଥନୈତିକ ସମୃଦ୍ଧି ଦରକାର, ଯାହା ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ବ୍ୟାପକ ଭାବେ କରାଯାଇଛି।

# କଂଗ୍ରେସ ଏବେ ରାଜ୍ୟବାସୀଙ୍କ ବିକଳ୍ପ: ଭକ୍ତ

ଭୁବନେଶ୍ୱର/ଗୁଡ଼ାରି, ୧୪।୪
(ରବିନାରାୟଣ ଜେନା/ପ୍ରମୋଦ କୁମାର ପତି)

## ଗୁଣପୁରର ଶତାଧିକ ବିଜେଡି କର୍ମୀ ଧରିଲେ ହାତ


ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଅନ୍ୟମାନଙ୍କ ଗହଣରେ ଗୁଣୁପୁର ବିଜେଡିର ଶତାଧିକ ନେତା ଓ କର୍ମୀ।

ରାଜ୍ୟରେ ଦୁର୍ନୀତି, ନାରୀ ନିର୍ଯାତନା ଓ ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ରାଜ୍ୟର ପ୍ରମୁଖ ବିରୋଧୀଦଳ ବିଜେଡିର ସାଲିସ୍ ନୀତି ଯୋଗୁ ଏବେ କଂଗ୍ରେସ ଲୋକଙ୍କ ଆସ୍ଥାଭାଜନ ହେଉଛି। ଏହି କ୍ରମରେ ଗୁଣପୁର ଓ ରାୟଗଡ଼ାରେ ବିଜେଡି ଗଡ଼ ଭୁଶୁଡ଼ିପଡ଼ିଛି ବୋଲି ଭକ୍ତ କହିଛନ୍ତି। ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ ଗୁଡାରୀ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କଠାରୁ ଆରମ୍ଭ କରି ସରପଞ୍ଚ ଓ ୱାର୍ଡମେମ୍ବରଙ୍କ ପର୍ଯ୍ୟନ୍ତ ଅନେକ ବିଜେଡି କର୍ମୀ ଏବେ କଂଗ୍ରେସ ଉପରେ ଆସ୍ଥା ପ୍ରକଟ କରିଛନ୍ତି। କଂଗ୍ରେସର ଏହି ମିଶ୍ରଣ ଅଭିଯାନ ଜାରି ରହିବ। ଆଗାମୀ ଦିନରେ କଂଗ୍ରେସ ରାଜ୍ୟବାସୀଙ୍କ ବିକଳ୍ପ ହେବ ବୋଲି ଭକ୍ତ କହିଛନ୍ତି।

ସୋମବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଲକ୍ଷ୍ମୀଙ୍କ ସହିତ ତିନିଶହରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଆନୁଷ୍ଠାନିକ ଭାବେ କଂଗ୍ରେସରେ ଯୋଗଦେଇଛନ୍ତି। ଏହି ଅବସରରେ ଭକ୍ତ କହିଲେ, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ,ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଆଦର୍ଶ ଓ ସଂଗ୍ରାମ, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ତ୍ୟାଗରେ ଅନୁପ୍ରାଣିତ ହୋଇ ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୁଡ଼ାରି ବ୍ଲକ ଅଧ୍ୟକ୍ଷ, ଉପସଭାପତି, ଯୁବ ସଭାପତି, ଛାତ୍ର ସଭାପତି, ସମିତି ସଭ୍ୟ, ସରପଞ୍ଚ ଓ ତିନିଶହରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ କଂଗ୍ରେସ ଦଳରେ ଯୋଗଦେଇଛନ୍ତି। କୋରାପୁଟ ସାଂସଦ ସପ୍ତଗିରି ଉଲାକାଙ୍କର ଜନସେବା, ରାୟଗଡ଼ା ଏବଂ କୋରାପୁଟ ଜିଲାର ବିକାଶ ପାଇଁ ତାଙ୍କର ସଂକଳ୍ପ ଓ ନିର୍ଭର ପ୍ରତିଶ୍ରୁତି ହିଁ କଂଗ୍ରେସରେ ଯୋଗଦେବାକୁ ସେମାନଙ୍କୁ ଉତ୍ସାହିତ କରିଥିଲା।

ଏହି ଅବସରରେ ଗୁଡ଼ାରି ବ୍ଲକ ବିଜେଡି ସଭାପତି କାଶୀ ବଳିଆରସିଂ ପ୍ରମୁଖଙ୍କୁ ପିସିସି ସଭାପତି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଆନୁଷ୍ଠାନିକ ଭାବେ ଦଳରେ ସାମିଲ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବିଧାୟକ ସାଗର ଦାସ, ପୂର୍ବତନ ରାୟଗଡ଼ା ଜିଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡା, ପୂର୍ବତନ ସାଂସଦ ନକୁଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ଥର ଷଡ଼ଯନ୍ତ୍ରକରି ଆମ୍ବେଡକରଙ୍କୁ ନିର୍ବାଚନରେ ଜିତାଇଦେଇନି କଂଗ୍ରେସ: ଭାଜପା

ଭୁବନେଶ୍ୱର, ୧୪।୪(ସୁନିତ୍ ମିଶ୍ର)

## ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଲେ ମୁଖ୍ୟମନ୍ତ୍ରୀ


ଏଜି ଛକ ସ୍ଥିତ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ବାବା ସାହେବ ଭୀମରାଓ ଆମ୍ବେଡକରଙ୍କ ୧୩୫ତମ ଜୟନ୍ତୀ ପାଳନ ଅବସରରେ କଂଗ୍ରେସକୁ ଟାର୍ଗେଟ କରିଛି ଭାଜପା। ଭାଜପା ନେତାମାନେ ଏହି ଅବସରରେ ଅଭିଯୋଗ କରିଛନ୍ତି, ଆମ୍ବେଡକରଙ୍କୁ କଂଗ୍ରେସ ବହୁବାର ଅସମ୍ମାନିତ କରିଛି। ଏପରିକି ୩ ଥର ଜାଣିଶୁଣି କଂଗ୍ରେସ ଷଡ଼ଯନ୍ତ୍ରକରି ଆମ୍ବେଡ୍‌କରଙ୍କୁ ନିର୍ବାଚନ ମଧ୍ୟ ଜିତାଇଦେଇ ନ ଥିବା ଭାଜପା ଅଭିଯୋଗ କରିଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଆମ୍ବେଡକରଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ସମାଜକୁ ନୂଆ ଦିଗ୍‌ଦର୍ଶନ ଦେବାରେ ବାବା ସାହେବ ଅନ୍ୟ ନେତାମାନଙ୍କଠାରୁ ଆଗରେ ଥିଲେ। ହେଲେ ଆମ୍ବେଡକରଙ୍କୁ ବିଭିନ୍ନ ପରିସ୍ଥିତିରେ କଂଗ୍ରେସ ଓ ସେମାନଙ୍କ ନେତୃବୃନ୍ଦ ଯେଉଁଭଳି ବାରମ୍ବାର ଅପମାନିତ କରିଛନ୍ତି, ତାହା ଅକ୍ଷମଣୀୟ। କିନ୍ତୁ ଭାଜପା ସମ୍ବିଧାନର ମର୍ଯ୍ୟାଦାକୁ ଅତୁଟ ରଖିଛି ବୋଲି ମନମୋହନ କହିଛନ୍ତି। ଏହି ଅବସରରେ ଭାଜପା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି, ଦେଶର ସମ୍ବିଧାନ ପ୍ରଣୟନରେ ବାବା ସାହେବ ଅମୂଲ୍ୟ ରତ୍ନ ଥିଲେ। କଂଗ୍ରେସ ଏହି ସମ୍ବିଧାନକୁ ନଷ୍ଟକରିବା ପାଇଁ ବହୁ ଅପଚେଷ୍ଟା କରିଥିଲା, କିନ୍ତୁ ଏଥିରେ ସଫଳ ହୋଇପାରିଲାନାହିଁ। କଂଗ୍ରେସ ଆମ୍ବେଦକରଙ୍କୁ କେବଳ ଉପେକ୍ଷା କରିନାହିଁ ବରଂ ନିର୍ବାଚନରେ ୩ ଥର ବାଧା ସୃଷ୍ଟିକରି ହରାଇଛି ବୋଲି ସେ କହିଛନ୍ତି।

ଭୁବନେଶ୍ୱର ଏଜି ଛକ ସ୍ଥିତ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନମୋହନ ସାମଲଙ୍କ ସମେତ ରାଜ୍ୟ ମନ୍ତ୍ରିମଣ୍ଡଳର ଅନେକ ସଦସ୍ୟ, ସାଂସଦ, ବିଧାୟକ, ରାଜ୍ୟ ପଦାଧିକାରୀ, ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତାମାନେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।


ହନୁମାନ ଜୟନ୍ତୀ ଅବସରରେ ସୋମବାର ଗୋପ-ନିମାପଡ଼ା ରାସ୍ତାରେ ସହସ୍ରାଧିକ ସମର୍ଥକଙ୍କ ସହ ଶୋଭାଯାତ୍ରା ଆୟୋଜନ କରି ଭାଜପା ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ ପରୋକ୍ଷରେ ଶକ୍ତି ପ୍ରଦର୍ଶନ କରୁଛନ୍ତି। (ଫଟୋ-ଭାରତୀ ଭୂଷଣ ଉପାଧ୍ୟାୟ)

## Business

# ବେଦାନ୍ତ ଆଲୁମିନିୟମକୁ ଐତିହାସିକ ସଫଳତା

ଭୁବନେଶ୍ୱର,୧୪।୪



ବେଦାନ୍ତ ଆଲୁମିନିୟମକୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ଅଷ୍ଟ୍ରେଲିଆର ସର୍ବବୃହତ୍ ଏକ୍ସଟ୍ରୁଡର ଏବଂ ଆଲୁମିନିୟମ ଉତ୍ପାଦର ବିତରକ କାପ୍ରଲ୍ ଆଲୁମିନିୟମକୁ ବେଦାନ୍ତ ଆଲୁମିନିୟମ ପ୍ରଥମ ଥର ପାଇଁ ଆଲୁମିନିୟମ ଷ୍ଟିୱାର୍ଡଶିପ୍ ଇନିସିଏଟିଭ୍ (ଏଏସ୍‌ଆଇ) ଚେନ୍ ଅଫ୍ କଷ୍ଟୋଡି(ସିଓସି) ପ୍ରମାଣିତ ଆଲୁମିନିୟମ ପ୍ରଦାନକରି କମ୍ପାନୀ ଐତିହାସିକ ସଫଳତା ସହ ବିଶ୍ୱ ମାଇଲଖୁଣ୍ଟ ହାସଲ କରିଛି। ଅପରପକ୍ଷରେ ଏହି ଐତିହାସିକ ଯୋଗାଣ ବେଦାନ୍ତର ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି ଏବଂ ବିଶ୍ୱ ସ୍ଥାୟୀ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଚିହ୍ନିତ କରିଛି। ଏଏସ୍‌ଆଇର କଠୋର ମାନଦଣ୍ଡ ସହ ଏହାର ସ୍ଥାୟିତ୍ୱ ପଦକ୍ଷେପଗୁଡ଼ିକୁ ସମାନ କରିବା ପାଇଁ ୨ ବର୍ଷର ସକ୍ରିୟ କାର୍ଯ୍ୟ ପରେ ବେଦାନ୍ତ ଆଲୁମିନିୟମ ୨୦୨୪ ଶେଷ ଭାଗରେ ଏଏସ୍‌ଆଇ ସାର୍ଟିଫିକେଶନ ହାସଲ କରିଥିଲା। ଏଏସ୍‌ଆଇ ସାର୍ଟିଫିକେଶନ ନିଶ୍ଚିତକରେ ଯେ କଞ୍ଚାମାଲର ଦାୟିତ୍ୱପୂର୍ଣ୍ଣ ସୋର୍ସିଂଠାରୁ ଆରମ୍ଭକରି ନୈତିକ ଏବଂ ଶକ୍ତି-ଦକ୍ଷ ଉତ୍ପାଦନ ପର୍ଯ୍ୟନ୍ତ ଆଲୁମିନିୟମ ଉତ୍ପାଦନର ପ୍ରତ୍ୟେକ ପର୍ଯ୍ୟାୟ ସର୍ବୋଚ୍ଚ ପରିବେଶଗତ, ସାମାଜିକ ଏବଂ ଶାସନ (ଇଏସ୍‌ଜି) ମାନଦଣ୍ଡ ପାଳନ କରିଥାଏ। ବିଶ୍ୱବ୍ୟାପୀ ସ୍ଥାୟୀ ସାମଗ୍ରୀର ଚାହିଦା ବୃଦ୍ଧି ପାଉଥିବାରୁ ବେଦାନ୍ତ ଆଲୁମିନିୟମର ଏଏସ୍‌ଆଇ ପ୍ରମାଣିତ ଧାତୁ ଶିଳ୍ପଗୁଡ଼ିକୁ ପରିବେଶଗତ ଭାବେ ଦାୟିତ୍ୱପୂର୍ଣ୍ଣ ପସନ୍ଦ କରିବାକୁ ସକ୍ଷମ କରିବା ପାଇଁ ପ୍ରସ୍ତୁତ ରହିଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ ମାର୍କେଟିଂ ଅଧିକାରୀ(ସିଏମ୍‌ଓ) ଆଲୋକ ରଞ୍ଜନ କହିଛନ୍ତି, ସ୍ଥାୟିତ୍ୱ ବେଦାନ୍ତ ଆଲୁମିନିୟମର ବ୍ୟବସାୟ ଦର୍ଶନର କେନ୍ଦ୍ରରେ ଅଛି ଏବଂ ଏଏସ୍‌ଆଇ ସିଓସି ସାର୍ଟିଫିକେଶନ ହାସଲ କରିବା ଦାୟିତ୍ୱପୂର୍ଣ୍ଣ ଆଲୁମିନିୟମ ଉତ୍ପାଦନ ଦିଗରେ ଆମର ଯାତ୍ରାରେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତକୁ ପ୍ରତିନିଧିତ୍ୱ କରିଥାଏ। ଆମେ ଆମର ଏଏସ୍‌ଆଇ ପ୍ରମାଣିତ ସାମଗ୍ରୀ ସହ କାପ୍ରଲ ଆଲୁମିନିୟମ ଯୋଗାଣକରି ଗର୍ବିତ ଅଛୁ। ଏକ ସବୁଜ, ଅଧିକ ସ୍ୱଚ୍ଛ ଆଲୁମିନିୟମ ଶିଳ୍ପ ପାଇଁ ଆମର ସହଭାଗୀ ଦୃଷ୍ଟିକୋଣକୁ ମଜଭୁତ କରୁଛି। ଏହି ମାଇଲଖୁଣ୍ଟ ବିଶ୍ୱ ବଜାରର ବିକଶିତ ଇଏସ୍‌ଜି ପ୍ରାଥମିକତା ପୂରଣ କରିବାର ଆମର କ୍ଷମତାକୁ ଉଜ୍ଜ୍ୱଳ କରିଥାଏ ଏବଂ ଦାୟିତ୍ୱପୂର୍ଣ୍ଣ ଭାବେ ଉତ୍ପାଦିତ ଆଲୁମିନିୟମର ଏକ ପସନ୍ଦିତ ଯୋଗାଣକାରୀ ବେଦାନ୍ତ ଆଲୁମିନିୟମକୁ ସ୍ଥାନିତ କରିଥାଏ।

ସେହିଭଳି କାପ୍ରଲ ଆଲୁମିନିୟମର ଶିଳ୍ପ ଏବଂ ଯୋଗାଣ ଶୃଙ୍ଖଳାର ମହାପ୍ରବନ୍ଧକ ଲୁକ୍ ହକିନ୍ସ କହିଛନ୍ତି, ବେଦାନ୍ତ ଆଲୁମିନିୟମ ଏଏସ୍‌ଆଇ ସିଓସି ପ୍ରମାଣପତ୍ର ହାସଲକରି ସ୍ଥାୟିତ୍ୱ ପ୍ରତି ଏକ ଅଟଳ ପ୍ରତିବଦ୍ଧତା ପ୍ରଦର୍ଶନ କରିଛି।

# ବନ୍ଧନ ବ୍ୟାଙ୍କର ନୂତନ ଉତ୍ପାଦ

ଭୁବନେଶ୍ୱର,୧୪।୪

ବନ୍ଧନ ବ୍ୟାଙ୍କର ନୂତନ ଉତ୍ପାଦ ତଥା ବହୁ ପ୍ରତୀକ୍ଷିତ ଇଲାଇଟ୍ ପ୍ଲସ୍ ସଞ୍ଚୟ ଖାତାର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଯାହା ସ୍ୱଚ୍ଛଳ ବର୍ଗ ଗ୍ରାହକଙ୍କୁ ଉନ୍ନତ ବ୍ୟାଙ୍କିଙ୍ଗ୍ ଅନୁଭୂତି ପ୍ରଦାନ କରିବା ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ ଓ ପ୍ରସ୍ତୁତ କରାଯାଇଛି। ଏହି ସଞ୍ଚୟ ଖାତାରେ ପ୍ରିମିୟମ ଇଲାଇଟ୍ ପ୍ଲସ୍ ଡେବିଟ୍ କାର୍ଡ ଏବଂ ସ୍ୱତନ୍ତ୍ର ଜୀବନଶୈଳୀ ସୁବିଧା ସମେତ ଆକର୍ଷଣୀୟ ନୂଆ ସୁବିଧା ଉପଲବ୍ଧ କରାଯାଇଛି। ଏ ସମ୍ପର୍କରେ ବନ୍ଧନ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ପାର୍ଥ ପ୍ରତିମ ସେନ୍‌ଗୁପ୍ତା କହିଛନ୍ତି, ଆମେ ଆମର ନୂତନ ଉତ୍ପାଦକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ନୂତନ ଉତ୍ପାଦ ଆମ ପ୍ରିମିୟମ ଗ୍ରାହକଙ୍କ ବିକଶିତ ଆବଶ୍ୟକତାକୁ ପୂରଣ କରିବ ଏବଂ ସେମାନଙ୍କୁ ଅତୁଳନୀୟ ସୁବିଧା, ରିୱାର୍ଡ ଏବଂ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରିବ। ବିଳାସପୂର୍ଣ୍ଣ ଯାତ୍ରା ସୁବିଧାଠାରୁ ଆରମ୍ଭକରି ସ୍ୱତନ୍ତ୍ର ବୀମା ସୁରକ୍ଷା ପର୍ଯ୍ୟନ୍ତ ଇଲାଇଟ୍ ପ୍ଲସ୍ ସଞ୍ଚୟ ଖାତା ଗ୍ରାହକମାନଙ୍କୁ ଉନ୍ନତ ଅନୁଭୂତି ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛି।

# ପିଏନ୍‌ବିର ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସ ଅବସରରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୪।୪

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ୧୩୧ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପିଏନ୍‌ବିର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ବ୍ୟାଙ୍କର ୧୩୧ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ପିଏନ୍‌ବିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଭୁପ୍ରସାଦ ମହାପାତ୍ରଙ୍କ ସମେତ ବହୁ ଅବସରପ୍ରାପ୍ତ ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ, ଭୁବନେଶ୍ୱର ଅଞ୍ଚଳ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୧୮୯୫ ରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ଲାଲା ଲଜପତ ରାୟଙ୍କ ଦ୍ୱାରା ପିଏନ୍‌ବି ପ୍ରତିଷ୍ଠିତ ହୋଇଥିଲା। ବ୍ୟାଙ୍କର ଗୌରବମୟ ଇତିହାସ ଏବଂ ଏହାର ୧୩୧ ବର୍ଷର ଯାତ୍ରା ସମସ୍ତଙ୍କ ସମ୍ମୁଖରେ ପ୍ରଦର୍ଶିତ ହୋଇଥିଲା। ସେହିଭଳି ପ୍ରତିଷ୍ଠା ଦିବସରେ ବାଲେଶ୍ୱର ମଣ୍ଡଳ ଅନ୍ତର୍ଗତ ରେମୁଣାଠାରେ ଏକ ନୂତନ ଶାଖା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏହି ଶାଖା ସହ ରାଜ୍ୟରେ ବ୍ୟାଙ୍କର ମୋଟ ଶାଖା ସଂଖ୍ୟା ୩୪୭ରେ ପହଞ୍ଚିଛି। ସେହିପରି ବିବେକାନନ୍ଦ ହଲ୍‌ରେ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟାରେ ବ୍ୟାଙ୍କର କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅପରପକ୍ଷରେ ପିଏନ୍‌ବି ଭୁବନେଶ୍ୱର ଅଞ୍ଚଳ ମୁଖ୍ୟ ଭୂଷଣ ଶର୍ମା ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ ଏବଂ ଉପ ଅଞ୍ଚଳ ମୁଖ୍ୟ କ୍ଷେତ୍ରବାସୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଟିଭିଏସ୍‌ର ନୂଆ ମାଇଲଷ୍ଟୋନ୍

ଭୁବନେଶ୍ୱର,୧୪।୪

ଟିଭିଏସ୍ ମୋଟର କମ୍ପାନୀକୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ଟିଭିଏସ୍‌ର ପ୍ରିମିୟମ ମୋଟରସାଇକେଲ ବ୍ରାଣ୍ଡ୍ 'ଆପାଚି'କୁ ଦୁଇଟି ଉଲ୍ଲେଖନୀୟ ସଫଳତା ମିଳିଛି। ଫଳରେ ଟିଭିଏସ୍ ମୋଟର ନୂଆ ମାଇଲଷ୍ଟୋନ୍ ହାସଲ କରିଛି। ସେହିଭଳି ଟିଭିଏସ୍ ଆପାଚି ୬ ନିୟୁତ ବା ୬୦ ଲକ୍ଷରୁ ଅଧିକ ଗ୍ରାହକଙ୍କ ବିଶ୍ୱାସ ଏବଂ ୨୦ ବର୍ଷ ପୂର୍ତ୍ତି ଉତ୍ସବକୁ ସର୍ବଭାରତୀୟସ୍ତରରେ ପାଳନ କରୁଛି। ଏହି ଅତ୍ୟାଧୁନିକ ରେସିଂ ପ୍ରଯୁକ୍ତିରେ ପ୍ରସ୍ତୁତ ଟିଭିଏସ୍ ଆପାଚି ୬ ରୁ ଅଧିକ ଦେଶରେ ସବୁଠୁ ଦ୍ରୁତଗତିରେ ଆଗକୁ ବଢୁଥିବା ଅନ୍ୟତମ ସ୍ପୋର୍ଟସ ମୋଟରସାଇକେଲ ବ୍ରାଣ୍ଡ୍ ହୋଇଥିଲାବେଳେ ଯୁବପିଢ଼ି ଓ ମୋଟରସାଇକେଲପ୍ରେମୀଙ୍କୁ ଏହା ଉଭୟ ସଡ଼କ ଓ ଟ୍ରାକ୍‌ରେ ଶକ୍ତି ଓ ପ୍ରଦର୍ଶନ ପ୍ରଦାନ କରୁଛି। ଏ ସମ୍ପର୍କରେ ଟିଭିଏସ୍ ମୋଟର କମ୍ପାନୀର ଏମ୍‌ଡି ସୁଦର୍ଶନ ବେଣୁ କହିଛନ୍ତି, ୨୦୦୫ରେ ଟିଭିଏସ୍ ଆପାଚିର ଶୁଭାରମ୍ଭ ହୋଇଥିଲାବେଳେ ଯାହାର ପ୍ରଥମ ମଡେଲ ଆପାଚି-୧୫୦ ଥିଲା। ଭାରତର ପ୍ରଦର୍ଶନ କୈନ୍ଦ୍ରିକ ମୋଟରସାଇକେଲର ବର୍ଦ୍ଧିତ ଆବଶ୍ୟକତା ପୂରଣକରିବା ପାଇଁ ଏହି ମୋଟରସାଇକେଲକୁ ପ୍ରସ୍ତୁତ କରାଯାଇଛି। ଗତ ୨୦ ବର୍ଷ ମଧ୍ୟରେ ଟିଭିଏସ୍ ଆପାଚି ୬ ନିୟୁତରୁ ଅଧିକ ରାଇଡରଙ୍କ ଅତୁଟ ବିଶ୍ୱାସ ଓ ଉତ୍ସାହ ପାଇଁ ଆମେ ଅତ୍ୟନ୍ତ କୃତଜ୍ଞ ଅଛୁ। ପ୍ରଦର୍ଶନ ଏବଂ ଉତ୍ସାହ ପ୍ରତି ସେମାନଙ୍କ ଭଲ ପାଇବା ଟିଭିଏସ୍ ଆପାଚିକୁ ବିଶ୍ୱସ୍ତରରେ ପରିଚୟ କରାଇବା ସହ ଦ୍ରୁତଗତିରେ ବୃଦ୍ଧି ପାଉଥିବା ସ୍ପୋର୍ଟସ ମୋଟରସାଇକେଲ ବ୍ରାଣ୍ଡ୍‌ରେ ଏହାକୁ ପରିଣତ କରିଛି। ଏହି ମାଇଲଖୁଣ୍ଟ ଆମର ଇଞ୍ଜିନିୟର, ଡିଜାଇନର, କାରଖାନା ଟିମ୍, ଡିଲର, ଯୋଗାଣକାରୀ ଏବଂ ଅଂଶୀଦାରଙ୍କ ଭଳି ଟିଭିଏସ୍ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ଯୋଗୁ ସମ୍ଭବ ହୋଇଛି, ଯେଉଁମାନେ ପ୍ରତିଦିନ ନବସୃଜନ ସୀମାକୁ ଆଗକୁ ବଢ଼ାଉଛନ୍ତି। ଟିଭିଏସ୍ ଆପାଚିର ସ୍ଥାୟୀ ସଫଳତା ଅତ୍ୟାଧୁନିକ ରେସିଂ ପ୍ରଯୁକ୍ତି, ଉତ୍କୃଷ୍ଟ ଇଞ୍ଜିନିୟରିଂ ଏବଂ ଅତୁଳନୀୟ ପ୍ରଦର୍ଶନରୁ ଉତ୍ପନ୍ନ ହୋଇଛି।

# ବିଶୁଦ୍ଧ କ୍ଷୀର ଯୋଗାଣକୁ ପ୍ରାଥମିକତା

## କଟକ ବଜାରରେ 'କ୍ଷୀର ଗଙ୍ଗା'ର ଶୁଭାରମ୍ଭ

ଭୁବନେଶ୍ୱର,୧୪।୪ (ଅଭୟ ଦାଶ)


କଟକ ବଜାରରେ କ୍ଷୀର ଗଙ୍ଗାର ପ୍ରବେଶ ଉତ୍ସବରେ ବ୍ରାଣ୍ଡ୍‌ର ପିଆର୍ ହେଡ୍ ବିନି ବନିତା ଉପାଧ୍ୟାୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ବର୍ତ୍ତମାନ ସମୟରେ ଖାଉଟିଙ୍କୁ ଗୁଣାତ୍ମକ ଓ ବିଶୁଦ୍ଧ କ୍ଷୀର ମିଳିବା କଷ୍ଟକର ହେଉଥିଲାବେଳେ ଯୁବ ଉଦ୍ୟୋଗୀ ମାନସ ରଞ୍ଜନ ଉପାଧ୍ୟାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଘରୋଇ କ୍ଷୀର ବ୍ରାଣ୍ଡ 'କ୍ଷୀର ଗଙ୍ଗା' ସବୁ ବର୍ଗର ଗ୍ରାହକଙ୍କୁ ବିଶୁଦ୍ଧ କ୍ଷୀର ଯୋଗାଇବାକୁ ପ୍ରାଥମିକତା ଦେଉଛି। ଅପରପକ୍ଷରେ ଗ୍ରାହକଙ୍କ ଚାହିଦା ବୃଦ୍ଧି ପାଉଥିବାରୁ ବ୍ରାଣ୍ଡ ଅନ୍‌ଲାଇନରୁ ଅଫ୍‌ଲାଇନ ମାଧ୍ୟମରେ ସେବା ଯୋଗାଇବାକୁ ପ୍ରୟାସ ଆରମ୍ଭ କରିଛି। ଏପରିକି କ୍ଷୀର ଗଙ୍ଗା ବିଶୁଦ୍ଧ କ୍ଷୀର ସହ ଦହି, ପନିର, ଘିଅ ଓ ଲସି ଭଳି ଅନେକ ପ୍ରକାର ଦୁଗ୍ଧଜାତୀୟ ଉତ୍ପାଦ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଜରିଆରେ ବ୍ରାଣ୍ଡ ଉପଲବ୍ଧ କରାଉଛୁ। ଉଲ୍ଲେଖଯୋଗ୍ୟ, 'କ୍ଷୀର ଗଙ୍ଗା'ର ନୂତନ ୟୁନିଟ୍ ସୋମବାର କଟକରେ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର ଅନାବରଣ ସହ ବ୍ରାଣ୍ଡ୍‌ର ବଜାର ପ୍ରବେଶ ମଧ୍ୟ ହୋଇଯାଇଛି। ବର୍ତ୍ତମାନ ବ୍ରାଣ୍ଡ୍ ଝାରସୁଗୁଡ଼ା, ରାଉରକେଲା ଏବଂ ଭୁବନେଶ୍ୱର ବଜାରରେ ସେବା ଯୋଗାଉଛି।

ଏ ସମ୍ପର୍କରେ କ୍ଷୀର ଗଙ୍ଗାର ସ୍ୱତ୍ତ୍ୱାଧିକାରୀ ମାନସ ରଞ୍ଜନ ଉପାଧ୍ୟାୟ କହିଥିଲେ, ଆମେ ଆମର ସେବାକୁ କ୍ରମାଗତ ଭାବେ ସମ୍ପ୍ରସାରଣ ସହ ପ୍ରମୁଖ ବଜାରରେ ଆନୁଷ୍ଠାନିକ ଭାବେ ପ୍ରବେଶ କରୁଛୁ। ଏପରିକି ବ୍ରାଣ୍ଡ୍‌ର ଚାହିଦା ସବୁ ବର୍ଗର ଗ୍ରାହକଙ୍କ ନିକଟରେ ରହିଥିଲାବେଳେ ଆମେ କାଚ ଗ୍ଲାସ୍ ଓ ବୋତଲ ଜରିଆରେ ଆମର ଉତ୍ପାଦ ସମୂହକୁ ଗ୍ରାହକଙ୍କୁ ଯୋଗାଇ ଦେଇଆସୁଛୁ। ଫଳରେ ଆମେ ବିଶୁଦ୍ଧତା ଓ ପ୍ଲାଷ୍ଟିକ୍‌ମୁକ୍ତ ପରିବେଶ ଗଠନ ପାଇଁ ମଧ୍ୟ ପ୍ରୟାସ ଆରମ୍ଭ କରିଛୁ।

# 'ବିଓବି ସ୍କୋୟାର ଡ୍ରାଇଭ ଜମା ସ୍କିମ୍'

ଭୁବନେଶ୍ୱର,୧୪।୪

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ର ନୂତନ ଯୋଜନା ତଥା ରିଟେଲ ମିଆଦୀ ଜମା ସ୍କିମ୍ 'ବିଓବି ସ୍କୋୟାର ଡ୍ରାଇଭ ଡିପୋଜିଟ୍ ସ୍କିମ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହା ସାଧାରଣ ଲୋକଙ୍କ ପାଇଁ ବାର୍ଷିକ ୭.୧୫% ସୁଧ ହାର କରୁଥିଲାବେଳେ ବରିଷ୍ଠ ନାଗରିକମାନଙ୍କ ପାଇଁ ୭.୬୫% ଏବଂ ସୁପର ସିନିୟର ନାଗରିକ (୮୦ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସ୍କ) ଙ୍କ ପାଇଁ ୭.୭୫% ଏବଂ ନନ୍-କଲେବଲ୍ ଜମା ଉପରେ ୭.୮୦% ପର୍ଯ୍ୟନ୍ତ ସୁଧ ହାର ପ୍ରଦାନ କରୁଛି। ସେହିଭଳି ଏହି ଯୋଜନା ୨୦୨୫ ଏପ୍ରିଲ ୭ରୁ ଆରମ୍ଭ ହୋଇଛି। ଏପରିକି ଏହା ୩କୋଟି ଟଙ୍କାରୁ କମ୍ ଖୁଚୁରା ମିଆଦୀ ଜମା ଉପରେ ଲାଗୁହେବ ବୋଲି ବ୍ୟାଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଏ ସମ୍ପର୍କରେ ବିଓବିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ବୀଣା ୱାହିଦ କହିଛନ୍ତି, ସୁଧ ହାର ହ୍ରାସ ପାଉଥିବା ସମୟରେ 'ବିଓବି ସ୍କୋୟାର ଡ୍ରାଇଭ ଡିପୋଜିଟ୍ ସ୍କିମ' ଜମାକାରୀଙ୍କୁ ଅଧିକ ସୁଧ ହାରରେ ଲକ୍ କରିବା ଏବଂ ସେମାନଙ୍କ ସଞ୍ଚୟ ଉପରେ ସ୍ଥିର ଏବଂ ନିଶ୍ଚିତ ରିଟର୍ନ ପାଇବା ପାଇଁ ଏକ ଆକର୍ଷଣୀୟ ବିକଳ୍ପ ପ୍ରଦାନ କରୁଛି। ବ୍ୟାଙ୍କ ଜମା ଅଫର ଉପରେ ନୂତନତା ଜାରି ରଖିଛି, ଯାହା ଆମର ଗ୍ରାହକମାନଙ୍କ ବିକଶିତ ଏବଂ ବିବିଧ ଆର୍ଥିକ ଲକ୍ଷ୍ୟ ପୂରଣ କରୁଥିବା ସମାଧାନ ପ୍ରଦାନ କରିବ। ଗ୍ରାହକମାନେ ବ୍ୟାଙ୍କର ଡିଜିଟାଲ ଚ୍ୟାନେଲ ଯଥା ବିଓବି ୱାର୍ଲ୍ଡ ଆପ୍ ଏବଂ ବ୍ୟାଙ୍କର ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ପ୍ଲାଟ୍‌ଫର୍ମ ତଥା ଯେକୌଣସି ବ୍ୟାଙ୍କ ଅଫ୍ ବରୋଦା ଶାଖାରେ ଏହି ମିଆଦୀ ଜମା ଖୋଲିପାରିବେ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସିସିଟିଭି ଫୁଟେଜ ଆଧାରରେ ଚାଲିଛି ତଦନ୍ତ

**ମନୋଜ ନାଏକ ହତ୍ୟା ଘଟଣା**

- ଗାଁ ରାସ୍ତାରେ ଟାଙ୍ଗିଆ ଧରି ଯୁବକ ଚାଲୁଥିବା ଦୃଶ୍ୟ କଏଦ
- ଡଗ୍ ସ୍କ୍ୱାଡ୍ ଧରି ଛାନ୍‌ଭିନ୍ ଆରମ୍ଭ କଲା ପୋଲିସ

ବଲାଙ୍ଗୀର,୧୪।୪
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ବିଷ୍ଣୁମୁଣ୍ଡା ଗାଁରେ ପାନ ଓ ଗ୍ରୋସେରି ଦୋକାନ କରିଥିବା ମନୋଜ ନାଏକ(୪୦)ଙ୍କୁ ରବିବାର ରାତିରେ ହତ୍ୟା କରାଯାଇଥିଲା। ଇତିମଧ୍ୟରେ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ ହତ୍ୟାକାରୀଙ୍କୁ ଗିରଫ କରିପାରି ନାହିଁ। ସୋମବାର ପୋଲିସ ଟିମ୍, ଡଗ୍ ସ୍କ୍ୱାଡ୍, ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ଛାନଭିନ୍ ଆରମ୍ଭ କରିଛନ୍ତି। ରବିବାର ରାତି ପ୍ରାୟ ୮ଟା ସମୟରେ ଗାଁ ରାସ୍ତାରେ ଜଣେ ଯୁବକ ଟାଙ୍ଗିଆ ଧରି ଚାଲୁଥିବା ସିସିଟିଭି ଫୁଟେଜରୁ କଏଦ ହୋଇଛି। ସମ୍ପୃକ୍ତ ଯୁବକ ଜଣଙ୍କ ସ୍ଥାନୀୟ ଗ୍ରାମର ହୋଇଥିବାବେଳେ ସେ ଏହି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରି ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି। କିଛିଦିନ ପୂର୍ବରୁ ମନୋଜଙ୍କ ସହ ଗ୍ରାମର ଜଣେ ଯୁବକଙ୍କ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା ଏବଂ ସେହି କଥାକୁ କେନ୍ଦ୍ର କରି ହତ୍ୟାକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି। ଅପରପକ୍ଷରେ ଜମି କାରବାରକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ମଧ୍ୟ ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ସଦର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟଙ୍କୁ ପଚାରିବାରୁ, ହତ୍ୟାକାଣ୍ଡର ତଦନ୍ତ ଚାଲିଛି। ହତ୍ୟାକାରୀ ଫେରାର ହୋଇଯାଇଥିବାରୁ ତାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି ବୋଲି ଉପାଧ୍ୟାୟ ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ପରେ ମନୋଜଙ୍କ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।


ବିଷ୍ଣୁମୁଣ୍ଡା ଗାଁରେ ସିସିଟିଭି ଫୁଟେଜ୍‌ରେ ଜଣେ ଯୁବକ ଟାଙ୍ଗିଆ ଧରି ଯାଉଥିବା ଦୃଶ୍ୟ କଏଦ ହୋଇଛି।


ମନୋଜ ନାଏକ

ପ୍ରକାଶ ଯେ, ରବିବାର ରାତି ପ୍ରାୟ ୮ଟାରେ ବିଷ୍ଣୁମୁଣ୍ଡା ଛକର ଏକ ଦୋକାନ ସମ୍ମୁଖରେ ମନୋଜ ତାଙ୍କର କେତେଜଣ ସାଙ୍ଗଙ୍କ ସହିତ ବସିଥିଲେ। ଏତିକି ବେଳେ ବିଦ୍ୟୁତ୍ କାଟ ହୋଇଥିଲା। ଲାଇନ କଟିବାର କିଛି ସମୟ ମଧ୍ୟରେ କେହି ଜଣେ ଆସି ଏକ ଧାରୁଆ ଅସ୍ତ୍ରରେ ମନୋଜଙ୍କ ମୁଣ୍ଡକୁ ୪ରୁ ୫ ଚୋଟ ମାରିଥିଲେ। ଘଟଣାସ୍ଥଳରେ ମନୋଜ ପଡ଼ି ଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ମନୋଜ ହତ୍ୟାକାଣ୍ଡକୁ ନେଇ ବିଷ୍ଣୁମୁଣ୍ଡାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗତ ୩ଦିନ ମଧ୍ୟରେ ବଲାଙ୍ଗୀର ସହରରେ ବିଟ୍ ରାସ୍ତାରେ ଦୁଇଜଣଙ୍କୁ ବୀଭତ୍ସ ହତ୍ୟା କରାଗଲାଣି। ଗତ ୧୨ ତାରିଖରେ ଦିନ ଦ୍ୱିପ୍ରହରେ ଚିମିନିଭାଟି ପଡ଼ାରେ ରାମ ଦାସ (୪୦) ନାମକ ଜଣେ ଟ୍ରକ୍ ଡ୍ରାଇଭରଙ୍କୁ ହତ୍ୟା କରାଯାଇଥିଲା। ଉକ୍ତ ଘଟଣାକୁ ୩ଦିନ ବିତି ଯାଇଥିଲେ ସୁଦ୍ଧା ପୋଲିସ ହତ୍ୟାକାରୀଙ୍କୁ ଗିରଫ କରିପାରିନାହିଁ। ସେହିପରି ଗତ ୧୦ତାରିଖ ରାତିରେ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ସରଗାଡ଼ ଗାଁରେ ଜଣେ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ମୁରିବାହାଲ ଥାନା କର୍ଲାପିଟା ଗାଁରେ ଜଣେ ବୃଦ୍ଧଙ୍କୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଗତ ୫ ଦିନ ମଧ୍ୟରେ ୪ ଜଣଙ୍କୁ ହତ୍ୟା କରାଯାଇଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଋଣ ଭାର ସହି ନ ପାରି ମହିଳାଙ୍କ ଆତ୍ମହତ୍ୟା

କଟକ ସଦର,୧୪।୪
(ସୁଶାନ୍ତ କୁମାର ଜେନା)

କଟକ ଜିଲା ୪୨ ମୌଜା ଥାନା ଅଞ୍ଚଳର ଜଣେ ମହିଳା ଋଣ ଭାର ସହି ନ ପାରି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବରାଳ ଗ୍ରାମର ଝରଣା ବେଉରା (୪୬)। ପୋଲିସ ବଡ଼ ଡାକ୍ତରଖାନାରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଝରଣା ରବିବାର ସନ୍ଧ୍ୟା ୭ଟାରେ ଘରୁ ବାହାରକୁ ଯାଇ ଆଉ ଫେରି ନ ଥିଲେ। ରାତି ୯ଟା ବେଳକୁ ପରିବାର ଲୋକେ ଖୋଜାଖୋଜି କରିବା ପରେ ତାଙ୍କୁ ବାରିପଟ ଏକ ଗଛରେ ଶାଢ଼ୀରେ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଝରଣା ଗୃହ କାର୍ଯ୍ୟ ଓ ଚାଷ ନିମନ୍ତେ ପ୍ରାୟ ୬ ଲକ୍ଷ ଟଙ୍କା ସମବାୟ ସମିତି ଓ କିଛି ହାତ ଉଧାର କରି ଋଣ ଆଣିଥିଲେ। ସେ ଋଣ ଶୁଝି ନ ପାରିବାରୁ କିଛି ଦିନ ହେବ ଦୁଶ୍ଚିନ୍ତାରେ ରହୁଥିବା ତାଙ୍କ ସ୍ୱାମୀ ରମେଶ ବେଉରା କହିଛନ୍ତି। ତେବେ ସେ ଋଣ ବୋଝ ସହି ନ ପାରି ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ପକ୍ଷରୁ ଜଣାପଡ଼ିଛି।

# ୨ଦିନ ପରେ ଚୋରି ଶିଶୁପୁତ୍ରର ମିଳୁନି ପତ୍ତା

- ସ୍ୱତନ୍ତ୍ର ଟିମ୍ ଗଠନ କରି ଖୋଜୁଛି ପୋଲିସ
- ଜଣେ ସନ୍ଦିଗ୍ଧ ଅଟକ, ବାପାଙ୍କୁ ପଚରାଉଚରା

ଭୁବନେଶ୍ୱର,୧୪।୪
(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ରାମ ମନ୍ଦିର ସାମ୍ନାରେ ଭିକ୍ଷାବୃତ୍ତି କରୁଥିବା ଜଣେ ଦୃଷ୍ଟିବାଧିତ ମା'ଙ୍କ ପାଖରୁ ଦେଢ଼ବର୍ଷର ଶିଶୁପୁତ୍ରକୁ ଚୋରି ଘଟଣାକୁ ନେଇ ଚର୍ଚ୍ଚା ଲାଗିରହିଛି। ଇତିମଧ୍ୟରେ ଦୁଇଦିନ ବିତିଥିଲେ ସୁଦ୍ଧା ପୋଲିସ ଶିଶୁକୁ ଉଦ୍ଧାର କରିପାରି ନ ଥିବାରୁ ନାନା ଆଶଙ୍କା ପ୍ରକାଶ ପାଇଛି। ଏନେଇ ଗଠିତ ସ୍ୱତନ୍ତ୍ର ଟିମ୍ ତଦନ୍ତ ଓ ଖୋଜାଖୋଜି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ସହରର ବହୁ ସିସିଟିଭି ଫୁଟେଜ୍ ଯାଞ୍ଚ ସହ ବିଭିନ୍ନ ଲୋକଙ୍କଠାରୁ ତଥ୍ୟ ସଂଗ୍ରହ କରାଯାଉଛି। ତେବେ ଏହି ମାମଲାରେ ଜଣେ ସନ୍ଦିଗ୍ଧଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଥିବା ଭୁବନେଶ୍ୱର ଡିସିପି ଜଗମୋହନ ମୀନା ସୋମବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଡିସିପି ମୀନା କହିଛନ୍ତି, ଏହି ଘଟଣାକୁ ଅତି ସମ୍ବେଦନଶୀଳତାର ସହ ନିଆଯାଇ ତଦନ୍ତ କରାଯାଉଛି। ଟେକ୍ନିକାଲ ଡାଟା, ହ୍ୟୁମାନ ଇଣ୍ଟେଲିଜେନ୍ସ, ଗୁପ୍ତ ତଥ୍ୟ ଆଧାରରେ ପିଲାଟିକୁ ଉଦ୍ଧାର କରିବାକୁ ପୋଲିସ ପକ୍ଷରୁ ଚେଷ୍ଟା କରାଯାଉଛି। ଖୁବ୍‌ଶୀଘ୍ର ଉଦ୍ଧାର କରିବୁ ବୋଲି ଡିସିପି କହିଛନ୍ତି। ଅନ୍ୟପକ୍ଷରେ ପୋଲିସ ଏହି ଘଟଣାରେ ଅନ୍ୟଏକ ଲିଙ୍କ୍ ପାଇ ସେହି ଦିଗରେ ମଧ୍ୟ ତଦନ୍ତ ଚଳାଇଛି। ମା' ଜୟନ୍ତୀ ମଲ୍ଲିକଙ୍କ ସ୍ୱାମୀ କାହ୍ନୁଚରଣ ସାହୁ ମଧ୍ୟ ଦୃଷ୍ଟିବାଧିତ ହୋଇଥିବାବେଳେ ସେ ବର୍ଷେ ହେବ ଅଲଗା ହୋଇ ସତ୍ୟନଗରରେ ରହୁଥିବା ପୋଲିସ ଜାଣିବାକୁ ପାଇଛି। ପୋଲିସ ଟିମ୍ ତାଙ୍କୁ ମଧ୍ୟ ଏନେଇ ପଚରାଉଚରା କରି ଅଧିକ ଖୋଳତାଡ଼ କରୁଛି। ସୂଚନାଯୋଗ୍ୟ, ଜୟନ୍ତୀ ତାଙ୍କ ଦୁଇ ପିଲା(ଝିଅ-ପୁଅ)ଙ୍କ ସହ ନୀଳାଦ୍ରି ବିହାରସ୍ଥିତ ଏକ କନ୍ୟାଶ୍ରମରେ ରହି ରାମମନ୍ଦିର ସାମ୍ନାରେ ଭିକ୍ଷାବୃତ୍ତି କରନ୍ତି। ଶନିବାର ରାତିରେ ବର୍ଷା ହେବାରୁ ଜୟନ୍ତୀ ଆଶ୍ରମକୁ ଫେରିପାରି ନ ଥିଲେ। ସେ ରାତିରେ ରାମମନ୍ଦିର ସାମ୍ନାରେ ରହିଯିବା ସହ ଦୁଇପିଲା ମଧ୍ୟ ତାଙ୍କ ପାଖରେ ଥିଲେ। ଜଣେ ବ୍ୟକ୍ତି ସେଠାକୁ ଆସି ତାଙ୍କ ଦେଢ଼ବର୍ଷର ପୁଅକୁ ଖାଦ୍ୟ ଦେବା ସହ ଜୁସ୍ ପିଇବାକୁ ଦେଇ ଖେଳାଇଥିଲେ। ରାତି ପ୍ରାୟ ୨ଟାବେଳେ ସୁଯୋଗ ଦେଖି ପିଲାଟିକୁ ବ୍ୟକ୍ତି ଜଣକ ନେଇଯାଇଥିଲେ। ଏନେଇ ରବିବାର ଜୟନ୍ତୀ ଖାରବେଳନଗର ଥାନାରେ ଏତଲା ଦେଇଥିଲେ।




# ୮ ବର୍ଷ ପରେ ମୋଷ୍ଟ ୱାଣ୍ଟେଡ୍ ଜଟଣୀରୁ ଗିରଫ

**ବହୁ ଚର୍ଚ୍ଚିତ ଶାନ୍ତି ମିଶ୍ର ହତ୍ୟା ମାମଲା**

ବ୍ରହ୍ମପୁର,୧୪।୪(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଗୋଷାଣି ନୂଆଗାଁ ଅଞ୍ଚଳର ବହୁଚର୍ଚ୍ଚିତ ଶାନ୍ତି ମିଶ୍ର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ମଉଜ ମିଶ୍ର ଓରଫ ସତିଶ କୁମାର ମିଶ୍ର(୩୯)ଙ୍କୁ ପୋଲିସ ଜଟଣୀରୁ ଗିରଫ କରିଛି। ସେ ଜିଆର୍‌ପି ଓ ଗୋଷାଣି ନୂଆଗାଁ ଥାନା ଅଞ୍ଚଳର ୨ଟି ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ବେଳେ ବ୍ରହ୍ମପୁର ମହାନଗର ପୂର୍ବତନ ମେୟରଙ୍କ ଉପରକୁ ଗୁଳିମାଡ଼ ଘଟଣାର ମଧ୍ୟ ଅଭିଯୁକ୍ତ ଥିଲେ। କୋର୍ଟ ପକ୍ଷରୁ ତାଙ୍କ ନାମରେ ୪ ଥର ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା । ୮ବର୍ଷ ହେଲା ବ୍ରହ୍ମପୁର ପୋଲିସର ମୋଷ୍ଟ ୱାଣ୍ଟେଡ ତାଲିକାରେ ରହିଥିବା ମଉଜକୁ କାବୁ କରିବା ପାଇଁ ପୋଲିସକୁ ବହୁ କସରତ କରିବାକୁ ପଡିଛି ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି।

୨୦୧୩ରେ ଶାନ୍ତି ମିଶ୍ରଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଏହି ମାମଲାରେ ଅଭିଯୁକ୍ତ ମଉଜଙ୍କ ସମେତ ମୋଟ ୧୨ ଜଣଙ୍କୁ ଅଭିଯୁକ୍ତ ଦର୍ଶାଇ ପୋଲିସ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। ଜାମିନରେ ଆସିବା ପରେ ୨୦୧୬ ପରଠାରୁ ମଉଜ ଫେରାର ହୋଇଯାଇଥିଲେ। ୨୦୨୪ ନଭେମ୍ବର ୭ ତାରିଖରେ କୋର୍ଟ ଶାନ୍ତି ମିଶ୍ର ହତ୍ୟା ମାମଲାର ୧୧ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ ମଧ୍ୟ ମଉଜ ଫେରାର ରହିଥିବାରୁ ତାଙ୍କୁ ଦଣ୍ଡବିଧାନ ହୋଇପାରି ନ ଥିଲା । କୋର୍ଟ ପକ୍ଷରୁ ତାଙ୍କ ନାମରେ ୱାରେଣ୍ଟ ଜାରି କରାଯାଇଥିଲା। ସେହିପରି ୨୦୦୬ରେ ରେଳଷ୍ଟେଶନ ନିକଟରେ ଗଣେଶ ସୁନା ହତ୍ୟା ମାମଲାରେ ମଉଜ ଅଭିଯୁକ୍ତ ରହିଥିଲେ। ସେହିବର୍ଷ ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଏକ ବୋମାମାଡ ଘଟଣାରେ ମଧ୍ୟ ସେ ସମ୍ପୃକ୍ତ ଥିଲେ। ମଉଜଙ୍କ ଠିକଣା ଜାଣିବାକୁ ପୋଲିସ ଚେଷ୍ଟା ଜାରି ରଖିଥିବା ବେଳେ ସେ ଜଟଣୀରେ ସାଧାରଣ ଲୋକ ଭଳି ରହୁଥିବା ବିଶେଷସୂତ୍ରରୁ ସୂଚନା ମିଳିଥିଲା। ତାଙ୍କୁ ଧରିବାକୁ ବ୍ରହ୍ମପୁର ଏସ୍‌ପିଙ୍କ ନିର୍ଦ୍ଦେଶରେ ଗୋଷାଣିନୁଆଗାଁ ଥାନା ଅଧିକାରୀ ସ୍ମୃତିପ୍ରଭା ପ୍ରଧାନଙ୍କ ନେତୃତ୍ୱରେ ଏସ୍‌ଆଇ ଜ୍ଞାନରଞ୍ଜନ ବେହେରା, ଏଏସ୍‌ଆଇ ଗୌରବରଞ୍ଜନ ଓ ରଞ୍ଜିତ ରାଉଳ ସମେତ ଅନ୍ୟ ପୋଲିସ କର୍ମଚାରୀଙ୍କୁ ନେଇ ଟିମ ଗଠନ ହୋଇଥିଲା । ଏହି ଟିମ୍ ଜଟଣୀ ଯାଇ ସେଠାରେ ବିଭିନ୍ନ ଦୋକାନର କର୍ମଚାରୀ ଭାବେ କାମ କରୁଥିଲେ । ବେଶ ବଦଳାଇ କିଛି ଦିନ ହେଲା ମଉଜ ଉପରେ ନଜର ରଖିଥିବା ପୋଲିସ ଟିମ ଶେଷରେ ମଉଜଙ୍କୁ କାବୁ କରିଥିଲା। ସୋମବାର ତାଙ୍କୁ ଗିରଫ ପରେ ବ୍ରହ୍ମପୁର କୋର୍ଟରେ ହାଜର କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି ।



ମୁଖ୍ୟ ଅଭିଯୁକ୍ତ ସତିଶ କୁମାର ମିଶ୍ର

# ମାଙ୍ଗାନିଜ୍ ଚୋରାଚାଲାଣର ତଦନ୍ତ

**କୋଇଡା ଖଣିରେ ଏନଫୋର୍ସମେଣ୍ଟ ଟିମ୍**

ଟେନ୍‌ସା,୧୪।୪(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡା ଖଣି ଅଞ୍ଚଳରେ ସୋମବାର ୯ ଜଣିଆ ସ୍ପେଶାଲ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ପହଞ୍ଚି ତନାଘନା ଆରମ୍ଭ କରିଛନ୍ତି। କୋଇଡା ଖଣି ସର୍କଲର ମୁଟୁକୁଦର, ଗିଡେଇ, ଗଣୁଆ, ମାଲଦା, କଳମଙ୍ଗ, ପାନପୋଷିଆ, କେନାଭେଟା, ପାଟମୁଣ୍ଡା ଅଞ୍ଚଳରେ ବେଆଇନ ଖଣି, ଗଚ୍ଛିତ ଲୁହାପଥର କଞ୍ଚାମାଲ, ମାଙ୍ଗାନିଜର ତଦନ୍ତ, ଆକଳନ କରିଥିଲେ। ସଂରକ୍ଷିତ ଜଙ୍ଗଲ ଓ ବନ୍ଦ ଖଣିରୁ ବହୁମୂଲ୍ୟ ମାଙ୍ଗାନିଜ ଓ ଲୁହାପଥର ଚୋରା ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଏନେଇ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏହାର ତଦନ୍ତ ପାଇଁ ଚିଠି ମାଧ୍ୟମରେ ଜଣାଇଥିଲେ। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ପ୍ରଥମେ ତେଲେନଡିହି ଅଞ୍ଚଳରେ ତଦନ୍ତ କରିଥିଲା। ପରେ ସୋମବାର କୋଇଡା ଖଣି ଅଞ୍ଚଳରେ ପହଞ୍ଚିଥିଲା। ଟିମରେ କୋଇଡା ଖଣି ଉପନିର୍ଦ୍ଦେଶକ ଅସିତ କୁମାର ବେହେରା ଓ କୋଇଡା ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ପ୍ରଧାନ ସହଯୋଗ କରିଥିଲେ।


କୋଇଡା ଖଣି ଅଞ୍ଚଳରେ ଏନ୍‌ଫୋର୍ସମେଣ୍ଟ ଟିମ୍ ତଦନ୍ତ କରୁଛି।

**SRI GOWTHAMI EDUCATIONAL INSTITUTIONS**
Prakasam Dt,Andhra Pradesh-523247.
**WANTED TEACHERS / LECTURERS**

| School Level | +2 Level | +3 Level |
| --- | --- | --- |
| Highschool : Hindi English,Mathematics,Biology, Chemistry,Social Studies Physics,Computers Principals | Lecturers : Mathematics,Physics,Chemistry Commerce ,Economics,Civics, Botany,Zoology,Sanskrit,English Principals | Lecturers : Mathematics,English Commerce,Physics, Chemistry, Computer Science |

Experience Preferable,Qualification: PG in Concerned Subjects with 55% ( Negotiable Salary )
Interseted Candidates Send their Resumes to sgeidirector@gmail.com
Venue: Odisha Teacher's Education and Training (OTET) C-16,HIG BDA Duplex,Baramunda Bhubaneswar,Odisha-751003
8333905106/9494899848 7032285130/9885306573

**Classified Everyday**
0674-2580101, 9692975378


REAL ESTATE
SALE

Duplex sale with gated Society near Aiims Hospital, Bhubaneswar. 9777433701. D-76256

Gharabari plot with compoundwall 52x40 2080sft. at lowest price 7K.M. from NAKHARA, 12K.M. from BHUBANESWAR also instalment basis (middle of CTC & BBSR) no interest. 7809525452. D-76439

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258




1000sqft. Office on rent at Jayadev Vihar Square @35000/- one guest house room @15000/- marketing office not allowed, 2years lease only. +916371084018 Sohan. D-163




Newly open Jyoti SPA positively health benefits (Expert therapist). 8458067955. D-76908

Kerala Ayurveda massage therapy gents/ Ladies pain relief Bhubaneswar. 9337672475. D-141

Full body massage experience, good looking therapist @999 (Bhubaneswar). 9078484455. D-152

**AFFIDAVIT**

I, DEEPTIBALLAVA MAHAR, S/o- SARAT MAHAR, R/o- Dimiripali, P.O./P.S.- Baunsuni, Dist.- Boudh, Odisha-762015, declare that name of mine has been wrongly written as DIPTIBALLABHA MAHAR in my Aadhaar Card No.-xxxx xxxx 0748. The actual name of mine is DEEPTIBALLAVA MAHAR, which may be amended accordingly. D-164

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, M A Sakabat, S/o- Mir Abdul Gaffar, rersident of Raghunathpur, P.O.- Kalaspur, P.S.- Simulia, Dist.- Balasore, Odisha-756166, declare by this affidavit No.- 1273, dt-03.04.2025, that now onwards I shall be known as Mir Abdul Sakabat for all future purposes. D-165

By virtue of an affidavit sworn before Executive Magistrate, Kanika, dated 04.03.2025, I, Sukanta Kumar Sahoo, Address: Village- Balarampur, P.O.- Olaver, P.S.- Rajkanika, Dist.- Kendrapara, PIN- 754227, declare that I have changed my daughter's name from (Biswalaxmi Sahoo) to (Suchismita Sahoo). Henceforth, she shall be known as Suchismita Sahoo for all purposes.
Sukanta Kumar Sahoo D-167

I, Bishnu Charan Das, At- Jobra Majhi Sahi, P.O.- College Square, P.S.- Malgodown, Dist.- Cuttack- 753003, Odisha solemnly affirm by this affidavit dt. 01.04.25, that I have changed the name of my minor daughter Laxmipriya Das to Laxmi Priya Das. Henceforth, she will be known as Laxmi Priya Das for all purposes. D-168

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**LOST**

ମୁଁ ଆର୍ଯ୍ୟା ପଟ୍ଟନାୟକ, ପି- ସଚ୍ଚିଦାନନ୍ଦ ପଟ୍ଟନାୟକ, ମୌଜା- ପୂବାଶାସନ ଥିବା ଗୋଟିଏ Propertyକୁ ନୂତନ ପଟ୍ଟନାୟକଙ୍କଠାରୁ କିଣିଅଛି। ନୂତନ ପଟ୍ଟନାୟକ ଏହି propertyକୁ ଜନାର୍ଦ୍ଦନ ମହାନ୍ତିଙ୍କଠାରୁ ଦଲିଲ ନଂ.- ୧୪୦୨, ୧୯୯୨ରେ କିଣିଥିଲେ। ମୁଁ କିଣିବା ସମୟରେ ସେ ମୋତେ ୧୯୯୨ର ଏହି ଦଲିଲ ନଂ.- ୧୪୦୨ ଦେଇଥିଲେ। ମୁଁ ପୁରୀ ଯାଉଥିବା ସମୟରେ ପିପିଲି ପାଖରେ କୌଣସି ଜାଗାରେ ହଜାଇଦେଲି। ମୁଁ ଏହାକୁ କୌଣସି ବ୍ୟାଙ୍କ୍ କିମ୍ବା ଋଣ ଦେଉଥିବା ସଂସ୍ଥାରେ ବନ୍ଧକ ହିସାବରେ ଦେଇନାହିଁ। ମୁଁ କିଣିଥିବା ଏହି propertyକୁ ବିକିବାକୁ ଯାଉଛି। ଏଥିପାଇଁ ମୁଁ Pipili Police Stationରେ FIR ଦେଇଛି ଏବଂ Affidavit କରିଛି। ଯଦି ଉପରୋକ୍ତ documentଟି କାହାକୁ ମିଳେ SBI RACPCରେ ଦେବାକୁ ଅନୁରୋଧ। Contact No.- 9711176475. D-166

# ଗାଧୁଆଘରୁ ନବ ବିବାହିତାଙ୍କ ମୃତଦେହ ଜବତ

ସୋର, ୧୪।୪
(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ମହୁମୁହାଣ ପଞ୍ଚାୟତ ଯୋଡାମ୍ବ ଗ୍ରାମରେ ଗାଧୁଆ ଘର ମଧ୍ୟରୁ ସନ୍ଦେହଜନକ ଅବସ୍ଥାରେ ଜଣେ ନବବଧୂଙ୍କ ମୃତଦେହ ଜବତ କରାଯାଇଛି। ଏହି ଗ୍ରାମର କରୁଣାକର ମଳିକଙ୍କ ସ୍ତ୍ରୀ ନମିତା ମଳିକ (୨୪) ଗାଧୁଆ ଘରକୁ ଯାଇଥିଲେ। ସେଠାରେ କିଛି ଶବ୍ଦ ଶୁଣି ତାଙ୍କ ବଡ଼ ଯାଆ ସେଠାକୁ ଯାଇଥିଲେ। ଗାଧୁଆଘର କବାଟ ବନ୍ଦ ଥିବାରୁ ପଡୋଶୀଙ୍କ ସହାୟତାରେ କବାଟ ଭାଙ୍ଗି ଭିତରେ ନମିତା ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ଦେଖିପାରି ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ଏକ ମାମଲା(ନଂ. ୪୧/୨୫) ରୁଜୁ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଉଲ୍ଲେଖଯୋଗ୍ୟ କରୁଣାକର ଗତ ମାର୍ଚ୍ଚ ୧୨ ତାରିଖରେ ନମିତାଙ୍କୁ ବିବାହ କରିଥିଲେ। ବିବାହର ୧ବର୍ଷ ଦୁଇ ଦିନ ପରେ ନମିତାଙ୍କ ମୃତ୍ୟୁ ଖବର ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

ଫ୍ୟାଶନ

# ସ୍କିନ୍ କଲର ଅନୁଯାୟୀ ପିନ୍ଧନ୍ତୁ ଲେହେଙ୍ଗା

ସମସ୍ତେ ଚାହାନ୍ତି ନିଜକୁ ସମସ୍ତଙ୍କଠାରୁ ଅଲଗା ଲାଗିବା ସହିତ ସୁନ୍ଦର ଦେଖାଯିବେ । ନିଜ ବିବାହରେ ଷ୍ଟାଇଲିଶ୍ ଦେଖାଯିବାକୁ ଚାହୁଁଥିଲେ ଲେହେଙ୍ଗା କିଣିବା ସମୟରେ ନିଜ ବଡି କଲର ଅନୁଯାୟୀ ଲେହେଙ୍ଗା ଯାହା ଆପଣଙ୍କ ଚେହେରାକୁ ମ୍ୟାଚ୍ କରିବ ସେହି ରଙ୍ଗର ଲେହେଙ୍ଗା କିଣନ୍ତୁ, ଯାହା ଫଳରେ ଆପଣ ନିଜେ କନ୍ଫିଡେଣ୍ଟ ଏବଂ ଷ୍ଟାଇଲିଶ୍ ଦେଖାଯିବେ। ଜାଣନ୍ତୁ ଏ ସମ୍ପର୍କରେ କେତୋଟି ଟିପ୍ସ...



- ଯଦି ଆପଣଙ୍କ ରଙ୍ଗ ସଫା ତେବେ ରୁବି ରେଡ୍, ଟମାଟୋ ରେଡ୍ ମେରୁନ୍, ଡାର୍କ ପିଙ୍କ୍,ସିଲ୍‌ଭର, ଗୋଲଡେନ୍, ମେଟାଲିକ୍ ବ୍ଲୁ ଏବଂ ଲାଭେଣ୍ଡର କଲର ବହୁତ ଭଲ ମାନିବ ।
- ଯଦି ଆପଣଙ୍କ ବର୍ଣ୍ଣ ଶ୍ୱାମଳ ତେବେ ଆପଣ ଅରେଞ୍ଜ ବଦଳରେ ୟେଲୋ, ରେଡ୍, ପିଙ୍କ, ପିଚ୍ ପରି ରଙ୍ଗ ଚୟନ କରିପାରିବେ। ମିଡିୟମ୍ ଟୋନ୍‌ରେ ରୟାଲ ବ୍ଲୁ କିମ୍ବା ଡସ୍କି ପିଙ୍କ୍ କଲର ଭଲ ମାନିଥାଏ ।
- ଯଦି ଆପଣଙ୍କ ସ୍କିନ୍ ଟୋନ୍ ଡାର୍କ ତେବେ ଆପଣ ଡିପ୍ ରେଡ୍, ନାଭି ବ୍ଲୁ ଏବଂ ଡାର୍କ ପର୍ପଲ, ଯାହା ଫଳରେ ସ୍କିନ୍ କଲର ଆହୁରି ସୁନ୍ଦର ଲାଗିଥାଏ ।
- ସିଲ୍‌କ ଏବଂ ଭେଲଭେଟ୍ ଭଳି ରିଚ୍ ଫାବ୍ରିକ୍ ସବୁ ପ୍ରକାର ମହିଳାଙ୍କୁ ମାନିଥାଏ ।
- ଗୋଲଡେନ୍ ଏବଂ ସିଲ୍‌ଭର ଆସେସରିଜ୍ ନିଜ ସ୍କିନ୍ ଟୋନ୍ ଅନୁଯାୟୀ ଚୟନ କରନ୍ତୁ। ଫେୟାର ସ୍କିନ୍ ଟୋନ୍‌ରେ ସିଲ୍‌ଭର ଏବଂ କଲର କମ୍‌ଥିବା ବ୍ୟକ୍ତିଙ୍କୁ ଗୋଲଡେନ୍ କିମ୍ବା ରୋଜ୍ ଗୋଲ୍ଡ ଭଲ ମାନିଥାଏ ।

# ଆର୍ଥିକ ସମସ୍ୟା ଦୂର କରିବାକୁ ହେଲେ...



- ଘରର ଉତ୍ତର ଦିଗକୁ ଅପରିଷ୍କାର କରି ରଖନ୍ତୁ ନାହିଁ। କାହିଁକି ନା ଏହି ଦିଗ ଧନ ଏବଂ ସମୃଦ୍ଧି ଦ୍ୱାରା ଜଡ଼ିତ। ଏହି ଦିଗରେ ୨୪ ଘଣ୍ଟା ଆଲୋକ ପଡ଼ିବା ନିହାତି ଦରକାର । ଏହି ପରି ସକାରାତ୍ମକ ଉର୍ଜା ଆଣିବାକୁ ହେଲେ ଘରେ ଝରକା ସାମ୍ନାରେ ଏକ ଦର୍ପଣ ରଖନ୍ତୁ। ଧନକୁ ଆକର୍ଷିତ କରିବାକୁ ହେଲେ ଘରର ଉତ୍ତର ଦିଗରେ ଏକ ଛୋଟ ପାଣିର ପାତ୍ର କିମ୍ବା ଆକ୍ୱାରିୟମ୍ ରଖନ୍ତୁ।
- ଧନ ସମୃଦ୍ଧି ଆକର୍ଷିତ କରିବାକୁ ନିଜ ଘର କିମ୍ବା ଅଫିସ୍‌କୁ ସବୁଜ ରଙ୍ଗ ଲଗାନ୍ତୁ। ଘରେ ଆସୁଥିବା ସମସ୍ତ ବାଧାକୁ ଦୂର କରିବାକୁ ହେଲେ ଏବଂ ଧନ ବଢ଼ାଇବାକୁ ହେଲେ ଉତ୍ତର ଦିଗରେ ଘରେ କିମ୍ବା ଅଫିସ୍‌ର ଦ୍ୱାର ମୁହଁରେ ଭଗବାନ୍ ଗଣେଶଙ୍କ ମୂର୍ତ୍ତି କିମ୍ବା ଫଟୋ ଲଗାନ୍ତୁ।
- ଧନକୁ ଆକର୍ଷିତ କରିବାକୁ ହେଲେ ଉତ୍ତର ଦିଗରେ ମନି ପ୍ଲାଣ୍ଟ କିମ୍ବା ତୁଳସୀ ଭଳି ଛୋଟ ଗଛ ଲଗାନ୍ତୁ।
- ଉତ୍ତର ଦିଗରେ ଅଳିଆ ସାମଗ୍ରୀ ରଖିବାଠୁ ଦୂରେଇ ରୁହନ୍ତୁ। କାରଣ ଏହାଦ୍ୱାରା ଧନ ଏବଂ ସମୃଦ୍ଧିର ସ୍ରୋତ ସରିବାକୁ ଲାଗିବ । ନିଜ ଘର କିମ୍ବା କାର୍ଯ୍ୟାଳୟ ପାଇଁ ଲେଆଉଟ୍ ସହିତ ବାସ୍ତୁ ଡିଜାଇନ୍‌ର ଉପଯୋଗ କରନ୍ତୁ।
- ଧନକୁ ସଞ୍ଚିତ ରଖିବାକୁ ହେଲେ ଉତ୍ତର ଦିଗରେ କ୍ରିଷ୍ଟଲ କିମ୍ବା ମାଣିକ ପନ୍ନା ଭଳି ରତ୍ନ ରଖନ୍ତୁ। ନିଜ ଘର କିମ୍ବା ଅଫିସ୍‌କୁ ସଫା ସୁତୁରା ଏବଂ ବ୍ୟବସ୍ଥିତ ରଖନ୍ତୁ। କାହିଁକି ନା ଅବ୍ୟବସ୍ଥା ନକାରାତ୍ମକ ଉର୍ଜାକୁ ଆକର୍ଷିତ କରିଥାଏ ଏବଂ ଧନର ପ୍ରବହକୁ କମ୍ କରିଥାଏ ।

# କରନ୍ତୁ ନାହିଁ ଉପହାସ

ଅନ୍ୟମାନଙ୍କ ସାମ୍ନାରେ ପତ୍ନୀ-ପତି ଜଣେ ଅନ୍ୟଜଣଙ୍କର ଉପହାସ କରିବା ବେଳେବେଳେ କଳି ଝଗଡ଼ାର କାରଣ ହୋଇପାରେ । ପରସ୍ପର ପ୍ରତି ବିଶ୍ୱାସ, ସମ୍ମାନ ଏବଂ ଭାବନାତ୍ମକ ଆବେଗ ଦୁହିଁଙ୍କ ଭିତରେ ସମ୍ପର୍କକୁ ଆହୁରି ନିବିଡ଼ କରିଥାଏ। ସମ୍ପର୍କର ଏହି ଡୋରି ଉପହାସ ଦ୍ୱାରା ଦୁର୍ବଳ ହୋଇଯାଇପାରେ। ଏ ସମ୍ପର୍କରେ ସୂଚନା...



ଦିନେ ରାଘବ ଏବଂ ନିତୁ ଦୁଇଜଣ ବନ୍ଧୁଙ୍କ ଘରକୁ ଲଞ୍ଚରେ ଯାଇଥିଲେ । ବହୁତ ଦିନ ପରେ ଭେଟ ହୋଇଥିଲା ତାଙ୍କର, ତେବେ ଏହା ମଧ୍ୟରେ ଥଟ୍ଟା ମଜା ଆରମ୍ଭ ହୋଇଯାଇଥିଲା । ଯେତେବେଳେ ଲଞ୍ଚ ସମୟ ହେଲା- ସେ ସମୟରେ ରାଘବବାବୁ କହିଲେ- ଭାଉଜ ତ ଘର ସମ୍ଭାଳୁଛନ୍ତି, କିନ୍ତୁ ନିତୁକୁ ଦେଖ, ସେ କିଛି ଜାଣିନି, ମୋ ଦ୍ୱାରା ସବୁ କାମ କରାନ୍ତି । ସମସ୍ତେ ହସିବାକୁ ଲାଗିଲେ, କିନ୍ତୁ ନିତୁ ଚୁପ୍‌ଚାପ ବସି ରହିଥିଲା । କିନ୍ତୁ ତାଙ୍କୁ ଏହି ଟିପ୍ପଣୀ ମଜା ନୁହେଁ, ଗମ୍ଭୀର ଆରୋପ ପରି ତାଙ୍କୁ ମନେହେଲା । ଖୁସିର ମାହୋଲ ଭିତରେ ରହି ମଧ୍ୟ ତା' ଚେହେରାରେ ଉଦାସୀନତା ସ୍ପଷ୍ଟ ବାରିହୋଇ ପଡୁଥାଏ । ଅସଲ କଥା ହେଲା ନିଜ ଘରର ସମସ୍ତ କାମ ସେ ନିଜେ କରିଥାଏ । କିନ୍ତୁ ସ୍ୱାମୀଙ୍କର ଏଭଳି କଥା ଶୁଣି ସେ ଦୁଃଖରେ ଭାଙ୍ଗି ପଡ଼ିଥିଲା । ସବୁ କଥାରେ ଥଟ୍ଟାମଜା ଗ୍ରହଣୀୟ ନୁହେଁ। କେବଳ ନିତୁ ନୁହନ୍ତି ଏମିତି ଅନେକ ମହିଳା ଥଟ୍ଟାମଜାକୁ ବେଶ୍ ଗମ୍ଭୀରତା ସହ ନେଇଥାଆନ୍ତି । ତା'ସହ ସବୁକ୍ଷେତ୍ରରେ ଥଟ୍ଟାମଜା କେତେ ସମୀଚୀନ ତାହା ମଧ୍ୟ ଚିନ୍ତା କରାଯିବା ଦରକାର । ତେଣୁ କାହାକୁ ଉପହାସ କରିବା ପୂର୍ବରୁ ସେ ବିଷୟରେ ଟିକେ ଚିନ୍ତା କଲେ ଭଲ ।

**ପରିହାସ ଏବଂ ଉପହାସ ମଧ୍ୟରେ ଅନ୍ତର ରହିଛି :** ହସିବା ଜୀବନକୁ ସରଳ କରିବାକୁ ହେଲେ ମଜାକ୍ ବହୁତ ଜରୁରୀ । କିନ୍ତୁ ଏପରି ପରିହାସ ନୁହେଁ ଯେ କାହାକୁ ଆଘାତ ଦେବ । ଯାହା ସମ୍ପର୍କରେ ତିକ୍ତତା ଆଣିଥାଏ । କିନ୍ତୁ ବେଳେ ବେଳେ ଜୀବନସାଥୀ ଜଣେ ଅନ୍ୟଜଣଙ୍କ ବିଷୟରେ ବ୍ୟକ୍ତିଗତ ଜୀବନଠୁ ଆରମ୍ଭ କରି ସାର୍ବଜନୀନ ଜୀବନରେ କେବେ କେବେ ଏପରି କଥା କୁହାଯାଇଛି, ଯାହା ସେ ସମୟରେ ତାକୁ ପରିହାସ ପରି







ଲାଗିଥାଏ । କିନ୍ତୁ ଏହି ସମ୍ପର୍କ ସମ୍ମାନ ଲକ୍ଷଣରେଖାର ବାହାରେ ହୋଇଥାଏ । ଏହି ପରିହାସ ଜୀବନସାଥୀର ଆତ୍ମସମ୍ମାନ ଏବଂ ସ୍ୱାଭିମାନକୁ ଦୁଃଖିତ କରିଥାଏ ।

**ଗୋଟିଏ ମଜାକ ସମ୍ପର୍କକୁ ଦୋହଲାଇ ରଖିଦିଏ :** ବିଶ୍ୱାସ ଭାଙ୍ଗିଯାଏ- ଯେତେବେଳେ ସ୍ୱାମୀ-ସ୍ତ୍ରୀ ଜଣେ ଅନ୍ୟ ଜଣଙ୍କ ସାର୍ବଜନିକ ରୂପରେ ମଜାକ କରୁଛନ୍ତି, ଏହା ନିଜ ଭିତରେ ଥିବା ସମ୍ମାନକୁ କମ୍ କରିଥାଏ । ଏହାଦ୍ୱାରା ଜଣଙ୍କୁ ଅନ୍ୟ ଜଣଙ୍କ ସାମ୍ନାରେ କମ୍ଫର୍ଟେବଲ ନ ଲାଗିବା ସହିତ ବିଶ୍ୱାସ ମଧ୍ୟ ଭାଙ୍ଗିଯାଇଥାଏ ।

**ଆତ୍ମବିଶ୍ୱାସର ହାନି :** ଯେତେବେଳେ କୌଣସି ରୂପରେ, ବୁଦ୍ଧି କିମ୍ବା ଅନ୍ୟ ସମ୍ବେଦନଶୀଳ କଥାରେ ବାରମ୍ବାର ପରିହାସ କରାଯାଏ । ତେବେ ସେହି ବ୍ୟକ୍ତି ନିଜକୁ ଅସହଜ ମନେ କରିଥାନ୍ତି । ସମୟ ସହିତ ଏହା ବ୍ୟକ୍ତିର ଆତ୍ମବିଶ୍ୱାସ ଉପରେ ମଧ୍ୟ ପ୍ରଭାବ ପକାଇପାରେ ।

**ସମ୍ପର୍କରେ ନକାରାତ୍ମକ ଭାବନା:** ପାରିବାରିକ କଥାକୁ ସାର୍ବଜନିକ ମଜାକ ଉପହାସ ଏବଂ ଆଲୋଚନା ବ୍ୟକ୍ତ କରିବା ଦ୍ୱାରା ସମ୍ପର୍କରେ ଅହେତୁକ ତିକ୍ତତା ଦେଖାଯାଇଥାଏ । ଯଦି ସମସ୍ୟାର ସମାଧାନ କରିବା ବଦଳରେ ତାକୁ ଥଟ୍ଟା ପରିହାସ ଭାବିବା ତେବେ ଏହା ଦ୍ୱାରା ସମ୍ପର୍କରେ ନକାରାତ୍ମକ ଭାବନା ଦେଖାଯାଇଥାଏ ।

**ଭାବନାତ୍ମକ ଦୂରତା ବଢ଼ିଯାଇଥାଏ:** ପ୍ରଥମରୁ ଥଟ୍ଟା ମଜା ହାଲ୍‌କା ଲାଗିଥାଏ, କିନ୍ତୁ ଏହା ସମୟ ସହିତ ଭାବନାତ୍ମକ ଦୂରତା ବଢ଼ାଇ ଦେଇଥାଏ । ଯେତେବେଳେ ଜଣେ ସାଥୀକୁ ଲାଗିଥାଏ ତା'ର ଉପହାସ କରାଯାଉଛି ତେବେ ସେ ଏଥିରୁ ନିଜକୁ ଦୂରେଇ ଦେଇଥାଏ । ଥଟ୍ଟା ମଜା ଲୋକଙ୍କୁ ଭାବିବାକୁ ବାଧ କରିଥାଏ ଯେ ସମ୍ପର୍କରେ ସମସ୍ୟା ରହିଛି, ଯାହା ଭୁଲ୍ ଧାରଣା ସୃଷ୍ଟି କରିପାରେ । ଏପରି ବି ହୋଇପାରେ ସେ ଆଗପରି ଜୀବନସାଥୀ ସହିତ କେଉଁଠି କି ଯିବେନି କାରଣ ଏହାଦ୍ୱାରା ସେ କାହାର ଯେପରି ପୁନର୍ବାର ଉପହାସର ସମ୍ମୁଖୀନ ନ ହୁଅନ୍ତୁ। ଏହି ଡର ଘରେ ଦୂରତା ବଢ଼ାଇ ଦେଇଥାଏ । ଏହା ଜଣା ନ ଥାଏ ଯେ ଜୀବନସାଥୀ କେଉଁ କଥାକୁ ନେଇ ଆପଣଙ୍କୁ ମଜାକ୍ ବନାଇ ଦେବେ । ତେବେ ଏହା ଦ୍ୱାରା ନିଜ ମଧ୍ୟରେ ଦୂରତା ବଢ଼ାଇ ଦେଇଥାଏ ।

**ବୁଝାମଣା ଏବଂ ସମାଧାନ ଜରୁରୀ :** କୁହାଯାଏ ଯେ ଈଶ୍ୱର ଆଙ୍ଗୁଠି ମଧ୍ୟରେ ଗ୍ୟାପ୍ ଏଥିପାଇଁ ଦେଇଛନ୍ତି କିଏ ଆସିବ ଏହି ଖାଲି ସ୍ଥାନକୁ ନିଜ ହାତରେ ଭରିପାରିବ । ଜୀବନରେ ସାଥୀ ନିଭାଇବାକୁ ଏହି ଯାତ୍ରା ଆନନ୍ଦଦାୟକ ହେବା ସହିତ ସମ୍ମାନଜନକ ହେବା ମଧ୍ୟ ବହୁତ ଜରୁରୀ । ଏଥିପାଇଁ ଯଦି ଆପଣ ନିଜ ଜୀବନସାଥୀ ସହିତ ସମ୍ପର୍କର ସମ୍ମାନ କରିବାକୁ ଚାହାନ୍ତି ତେବେ ଭଲ ହେବ ସମୟ ଥାଉ ଥାଉ ଏହାର ସମାଧାନର ବାଟ ଖୋଜନ୍ତୁ। କାହିଁକି ନା ଶୁଖିଲା ଗଛକୁ ପାଣି ଦେଇ ତାକୁ ହରାଭରା କରିବାର ଆଶା ବ୍ୟର୍ଥ ଯିବ ।

## କେତୋଟି ଟିପ୍ସ

- ସାର୍ବଜନିକ ରୂପରେ ଜଣେ ଅନ୍ୟ ଜଣକ ବିଷୟରେ କିଛି ବି ଖରାପ୍ କହିବେନି, ଯାହା ଫଳରେ ଜଣକ ଅନ୍ୟଜଣକ ଛବିରେ ଫରକ ଦେଖାଯିବ ।
- ଯଦି କୌଣସି କଥାକୁ ନେଇ ମତାନ୍ତର ଥାଏ ତେବେ ଏହାକୁ ଘର ମଧ୍ୟରେ ସୀମିତ ରଖନ୍ତୁ ଏବଂ ଅନ୍ୟ ସାମ୍ନାରେ ଏହାକୁ ଆଣନ୍ତୁ ନାହିଁ।
- ପରିବାର,ବିଶେଷକରି ପିଲାଙ୍କ ସାମ୍ନାରେ, ଜଣେ ଅନ୍ୟ ଜଣଙ୍କର ଦୋଷ ଦୁର୍ବଳତା ନେଇ ଆଲୋଚନା କରନ୍ତୁ ନାହିଁ। ଜଣେ ଅନ୍ୟଜଣଙ୍କୁ ସମ୍ମାନ ଦିଅନ୍ତୁ ।
- କୌଣସି ବି ସମସ୍ୟା ଆସିଲେ ଆପୋସ କଥାବାର୍ତ୍ତା ହୋଇ ଏହାର ସମାଧାନର ବାଟ ଖୋଜନ୍ତୁ।
- ଯଦି କିଏ ବାହାର ଲୋକ ଥଟ୍ଟା ମଜା କରନ୍ତି ତେବେ ଏହି ପରିସ୍ଥିତିକୁ ଉଭୟ ସୁଧାରିବାକୁ ଚେଷ୍ଟା କରନ୍ତୁ।

ସୌନ୍ଦର୍ଯ୍ୟ

# ବ୍ଲାକ୍ ହେଡ୍ସର ସହଜ ଉପଚାର

ସାଧାରଣତଃ ନାକ ଏବଂ ଗାଲରେ ବ୍ଲାକ୍ ହେଡ୍ସ ଦେଖାଯାଇଥାଏ। ଏହି ବ୍ଲାକ୍ ହେଡ୍ସ ହେବା କାରଣରୁ ମୁହଁର ସୁନ୍ଦରତା ବିଗିଡ଼ି ଯାଇଥାଏ। ଏହି ବ୍ଲାକ୍ ହେଡ୍ସରୁ ରକ୍ଷା ପାଇବାକୁ ହେଲେ କେତୋଟି ଉପାୟ ଆପଣାନ୍ତୁ ...

- କେତେକ ଲୋକଙ୍କ ନାକ ଏବଂ ଗାଲରେ ଅଧିକ ପରିମାଣରେ ବ୍ଲାକ୍ ହେଡ୍ସ ଦେଖାଯାଇଥାଏ । ବ୍ଲାକ୍ ହେଡ୍ସ ସେତେବେଳେ ହୁଏ ଯେତେବେଳେ ବାହାରର ଧୂଳି,ପ୍ରଦୂଷଣ ଆଦି ନାକର ଚାରିପଟେ ଅପରିଷ୍କାର ଜମା ହୋଇ ରହିଥାଏ ।
- ଯଦି ଆପଣଙ୍କ ମୁହଁରେ ଅଧିକ ପରିମାଣରେ ବ୍ଲାକ୍ ହେଡ୍ସ ହୋଇଯାଇଛି ତେବେ ଲେମ୍ବୁ ଏବଂ ଲୁଣର ବ୍ୟବହାର କରିପାରିବେ।





ପ୍ରଥମେ ଲେମ୍ବୁ ରସରେ ଲୁଣ ମିକ୍ସ କରି ଦିଅନ୍ତୁ। ଏହାକୁ ବ୍ଲାକ୍ ହେଡ୍ସ ସ୍ଥାନରେ ଲଗାଇ ତାକୁ ଭଲଭାବେ ଘଷନ୍ତୁ। କିଛି ସମୟ ଛାଡ଼ି ଏହାକୁ ପାଣି ସାହାଯ୍ୟରେ ଧୋଇ ଦିଅନ୍ତୁ। ଲେମ୍ବୁ ଲୁଣ ସାହାଯ୍ୟରେ ପ୍ରତିଦିନ ସଫା କରିବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ ।

- ନାକ ଉପରେ ଯଦି ଅଧିକ ବ୍ଲାକ୍ ହେଡ୍ସ ହୋଇଯାଇଛି ତେବେ ବେକିଂ ସୋଡ଼ା ଲଗାନ୍ତୁ। ଏଥିପାଇଁ ପାଣିରେ ଅଧା ଚାମଚ ବେକିଂ ସୋଡ଼ା ମିଶାଇ ଯେଉଁଠି ବ୍ଲାକ୍ ହେଡ୍ସ ହୋଇଛି ସେଇଠି ୧୦ମିନିଟ୍ ପର୍ଯ୍ୟନ୍ତ ଲଗାଇ ଛାଡ଼ି ଦିଅନ୍ତୁ। ଏହାକୁ କିଛି ସମୟ ପରେ ପାଣିରେ ଧୋଇ ସଫା କରି ଦିଅନ୍ତୁ।
- ଆପଣ ସ୍କିନ୍‌ରେ ମହୁ ବି ଲଗାଇ ପାରିବେ । ମହୁ ସହିତ ଡାଲ୍‌ଚିନି ପାଉଡର ମିକ୍ସ କରି ଏହି ପେଷ୍ଟକୁ ଲଗାନ୍ତୁ। ଫଳରେ କିଛି ମାତ୍ରାରେ ବ୍ଲାକ୍ ହେଡ୍ସ ଦୂର ହୋଇଯିବ ।
- ଆପଣ ଓଟମିଲ୍‌ର ପେଷ୍ଟ ବନାଇ ବ୍ଲାକ୍ ହେଡ୍ସରେ ଲଗାଇ କିଛି ସମୟ ଲାଗି ଛାଡ଼ି ଦିଅନ୍ତୁ। ଏହା ବ୍ଲାକ୍ ହେଡ୍ସ ଦୂର କରିବାରେ ସାହାଯ୍ୟ କରେ ।
- ବଜାରରେ ବିଭିନ୍ନ ପ୍ରକାରର ବ୍ଲାକ୍ ହେଡ୍ସ ଦୂର କରିବା ଲାଗି ମାସ୍କ ମିଳୁଛି, ଯାହା ଦ୍ୱାରା ବ୍ଲାକ୍ ହେଡ୍ସ ସହିତ ଡେଡ୍ ସ୍କିନ୍ ,ଏକ୍ସଟ୍ରା ଅଏଲ ମଧ୍ୟ ଦୂର ହୋଇଥାଏ ।

ଖାଦ୍ୟରୁଚି

# ଭେଜିଟେବୁଲ ଉପମା

ଆବଶ୍ୟକ ସାମଗ୍ରୀ: ୧ କପ୍ ସୁଜି, ଅଧାକପ୍ ପାଣି, ୧/୪ ପନିପରିବା, ଅଧାକପ ଜୀରା, ଅଧା ଚାମଚ ସୋରିଷ, ଅଧା ଚାମଚ ହଳଦୀ ପାଉଡର, ଅଧା ଚାମଚ ଲାଲ ମିର୍ଚ୍ଚ ପାଉଡର, ଅଧା ଚାମଚ ଗରମ ମସଲା ପାଉଡର, ସ୍ୱାଦ ଅନୁସାରେ ଲୁଣ, ଦୁଇ ବଡ଼ ଚାମଚ ତେଲ, ଧନିଆ ପତ୍ର ସଜାଇବା ଲାଗି ।

**ପ୍ରସ୍ତୁତି ପ୍ରଣାଳୀ**

ସୁଜିକୁ ପ୍ରଥମେ କଡ଼ାଇରେ ଭାଜି ଦିଅନ୍ତୁ। ଏହା ଭାଜି ହୋଇଗଲା ପରେ ଏକ ବଡ଼ ପାତ୍ରରେ କାଢ଼ି ରଖନ୍ତୁ। । ଏବେ ଏକ କଡ଼ାଇ ନିଅନ୍ତୁ ଏବେ ସେଥିରେ ତେଲ ଗରମ କରନ୍ତୁ। ଏବେ ଏଥିରେ ଜୀରା, ହଳଦୀ ପାଉଡର, ନାଲି ଲଙ୍କା ପାଉଡର ଏବଂ ଗରମ ମସଲା ପାଉଡର ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏବେ ଏଥିରେ କଟା ହୋଇଥିବା ପନିପରିବାକୁ ପକାଇ ଭଲଭାବେ ଭାଜନ୍ତୁ। ପନିପରିବା ସିଝିବା ପର୍ଯ୍ୟନ୍ତ ଏହାକୁ ଢ଼ାଙ୍କି ରଖନ୍ତୁ। ବର୍ତ୍ତମାନ ଭଜା ହୋଇଥିବା ସୁଜିକୁ ଏଥିରେ ପକାଇ ଘାଣ୍ଟନ୍ତୁ। ଏହା ପରେ



ସେଥିରେ ଟିକେ ପାଣି ଦେଇ ସୁଜି ଟିକେ ଫୁଟିବା ଆରମ୍ଭ କଲେ ଏବେ ଏଥିରେ ଲୁଣ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏହି ଉପମାକୁ ଗରମ ଗରମ ପରଷି ଡାଲ୍‌ମା କିମ୍ବା ମଟର ତରକାରୀ ସହ ଖାଇପାରିବେ।

# ଅଷ୍ଟ୍ରେଲିଆ ଟୁର୍: ଭାରତୀୟ ଦଳରେ ଓଡ଼ିଶାର ୩



ଅଷ୍ଟ୍ରେଲିଆ ଗସ୍ତ ପାଇଁ ମନୋନୀତ ଭାରତୀୟ ମହିଳା ହକି ଦଳ।

**ନୂଆଦିଲ୍ଲୀ, ୧୪।୪ (ପି.ଟି.)**

ଏପ୍ରିଲ ୨୬ରୁ ମେ ୪ ପର୍ଯ୍ୟନ୍ତ ହେବାକୁଥିବା ଅଷ୍ଟ୍ରେଲିଆ ଟୁର୍ ପାଇଁ ସୋମବାର ୨୬ଜଣିଆ ମହିଳା ହକି ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ସୁନେଲିତା ଟପ୍ପୋ, ସୁଜାତା କୁଜୁର ଓ ଅଜମିନା କୁଜୁର। ଭାରତ ପ୍ରଥମ ଦୁଇଟି ଗେମ୍‌ରେ ଅଷ୍ଟ୍ରେଲିଆ 'ଏ'କୁ ଭେଟିବାକୁ ଥିବା ବେଳେ ପରେ ସେମାନେ ଅଷ୍ଟ୍ରେଲିଆ ସିନିୟର ଦଳ ବିପକ୍ଷରେ ୩ଟି ମ୍ୟାଚ ଖେଳିବେ। ସମସ୍ତ ମ୍ୟାଚ ପର୍ଥ ହକି ଷ୍ଟାଡିୟମରେ ହେବ। ଜୁନରେ ହେବାକୁଥିବା ୟୁରୋପ ପର୍ଯ୍ୟାୟ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୨୦୨୪-୨୫ ପାଇଁ ପ୍ରସ୍ତୁତି ଦୃଷ୍ଟିରୁ ଏହି ଟୁର୍ ଗୁରୁତ୍ୱପୂର୍ଣ୍ଣ। ଦଳ ଉଭୟ ଅଭିଜ୍ଞ ଓ ନୂଆ ଖେଳାଳିଙ୍କୁ ନେଇ ଗଠିତ। ଦକ୍ଷ ମିଡ୍‌ଫିଲ୍ଡର ସାଲିମା ଟେଟେ ଦଳର ନେତୃତ୍ୱ ନେବାକୁଥିବା ବେଳେ ଅଭିଜ୍ଞ ଫରୱାର୍ଡ ନବନୀତ କୌରଙ୍କୁ ତାଙ୍କ ଡେପୁଟି ଭାବେ ମନୋନୀତ କରାଯାଇଛି। ପୁରୁଖା ଗୋଲକିପର ଏବଂ ଯୁବ ପ୍ରତିଭା ବିଚୁ ଦେବୀ ଖରିବାମ୍ ଗୋଲ୍‌ପୋଷ୍ଟ ସମ୍ଭାଳିବେ। ଡିଫେନ୍ସ ଲାଇନ୍‌ଅପ୍‌ରେ ଉଭୟ ଅଭିଜ୍ଞ ଓ ଉଦୀୟମାନ ଯୁବ ପ୍ରତିଭା ରହିଛନ୍ତି। ସେମାନେ ହେଲେ ଜ୍ୟୋତି ସିଂ, ଇଶିକା ଚୌଧାରୀ, ସୁଶିଲା ଚୌଧାରୀ ପୁଖରାମବାମ୍, ସୁଜାତା କୁଜୁର, ସୁମନ ଦେବୀ ଥୋଦମ, ଜ୍ୟୋତି, ଅଜମିନା କୁଜୁର ଓ ସାକ୍ଷୀ ରାଣା। ମିଡ୍‌ଫିଲ୍ଡରେ ଅଧିନାୟିକା ଟେଟେ ସେଣ୍ଟରରେ ରହିବେ। ତାଙ୍କୁ ସହାୟତା କରିବେ ବୈଷ୍ଣବୀ ବିଥାଲ ଫାଲ୍‌କେ, ନେହା, ଶର୍ମିଳା ଦେବୀ, ମନୀଷା ଚୌହାନ, ସୁନେଲିତା ଟପ୍ପୋ, ମହିମା ଟେଟେ, ପୂଜା ଯାଦବ ଓ ଲାଲ୍‌ରେମ୍‌ସିଆମି। ଫରୱାର୍ଡ ଲାଇନ୍‌ରେ ନବନୀତ କୌର, ଦୀପିକା, ରତାଜା ଦାଦାସୋ ପିସାଲ, ମମ୍‌ତାଜ ଖାନ୍, ବଲ୍‌ଜିତ କୌର, ଦୀପିକା ସୋରେଙ୍ଗ ଓ ବିୟୁଟି ଡୁଙ୍ଗ୍ ଡୁଙ୍ଗ୍। ଦଳରେ ଅତିରିକ୍ତ ଖେଳାଳି ଭାବେ ସ୍ଥାନ ପାଇଛନ୍ତି ବନସାରି ସୋଲାଙ୍କି (ଗୋଲ୍‌କିପର), ଅଞ୍ଜନା ଡୁଙ୍ଗଡୁଙ୍ଗ୍ ଓ ଲାଲ୍‌ଥାଣ୍ଟଲୁଆଙ୍ଗି (ଡିଫେଣ୍ଡର), ଶଶି ଶୁକ୍ଳା ଓ ଖାଇଦେମ ଶିଲିମା ଚାନୁ (ମିଡ୍‌ଫିଲ୍ଡର)। ସେହିପରି ଷ୍ଟାଣ୍ଡବାଇ ଖେଳାଳି ଭାବେ ଦୀପି ମୋନିକା ଟପ୍ପୋ ଓ ସୋନମ (ଫରୱାର୍ଡ)ଙ୍କୁ ନିଆଯାଇଛି।

## ଡିସ୍କସ୍‌ରେ ମିକୋଲାସ ଆଲେକ୍‌ନାଙ୍କ ବିଶ୍ୱ ରେକର୍ଡ

**ରାମୋନା, ୧୪।୪ (ଏପି):** ମିକୋଲାସ ଆଲେକ୍‌ନା ଡିସ୍କସ୍‌ରେ ତାଙ୍କ ନାମରେ ରହିଥିବା ବିଶ୍ୱ ରେକର୍ଡକୁ ଦୁଇଥର ଭଙ୍ଗ କରିଛନ୍ତି। ଓକ୍‌ଲାହୋମା ଥ୍ରୋଜ୍ ସିରିଜ ୱାର୍ଲ୍ଡ ସିରିଜ ଇନ୍‌ଭିଟେଶନାଲରେ ଲିଥୁଆନିଆର ଏହି ଷ୍ଟାର ଆଥ୍‌ଲେଟ ୭୫.୫୬ ମିଟର ଡିସ୍କସ୍ ଫିଙ୍ଗି ଏହି କୀର୍ତ୍ତିମାନ ଅର୍ଜନ କରିଛନ୍ତି। ଏଠାରେ ସେ ତାଙ୍କ ପ୍ରଥମ ପ୍ରୟାସରେ ୭୪.୮୯ ମିଟର ଡିସ୍କସ୍ ଫିଙ୍ଗିଥିଲେ। ଏହା ମଧ୍ୟ ଥିଲା ତାଙ୍କର ଏକ ରେକର୍ଡ ବ୍ରେକିଂ ଥ୍ରୋ। ଗତବର୍ଷ ସେ ଏହି ସମାନ ଇଭେଣ୍ଟରେ ୧୯୮୬ରୁ ରହି ଆସିଥିବା ଏକ ବିଶ୍ୱ ରେକର୍ଡ ଭଙ୍ଗ କରିଥିଲେ। ସୂଚନାଯୋଗ୍ୟ, ୨୨ ବର୍ଷୀୟ ଆଲେକ୍‌ନା ହେଉଛନ୍ତି, କାଲିଫର୍ନିଆ ୟୁନିଭର୍ସିଟିରେ ୪ର୍ଥ ବର୍ଷ ଛାତ୍ର। ଆଲେକ୍‌ନା ରେକର୍ଡ ବୁକ୍‌ରେ ସ୍ଥାନ ପାଇବା ପୂର୍ବରୁ ୨୦୨୪ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜେତା ଅଷ୍ଟ୍ରେଲିଆର ମ୍ୟାଟ୍ ଡେନି ୭୪.୭୮ ମିଟରରେ କିଛିଦିନ ପାଇଁ ବିଶ୍ୱ ରେକର୍ଡ ଅଧିକାରୀ ଥିଲେ।

# ଚେନ୍ନାଇର ପ୍ରଭାବୀ ବୋଲିଂ

**ଲକ୍ଷ୍ନୌ, ୧୪।୪**

ଚଳିତ ଆଇପିଏଲ୍‌ରେ ସୋମବାର ଖେଳାଯାଇଥିବା ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଲକ୍ଷ୍ନୌ ପ୍ରତିପକ୍ଷ ଚେନ୍ନାଇ ଆଗରେ ୧୬୭ ରନର ଟାର୍ଗେଟ ଧାର୍ଯ୍ୟ କରିଛି। ଗତ ୫ ମ୍ୟାଚରେ ୫ ପରାଜୟ ବରଣ କରିଥିବା ଚେନ୍ନାଇ ଏହି ମ୍ୟାଚ୍ ଲାଗି ଦୁଇ ପରିବର୍ତ୍ତନ କରିଛି। ଓପନର ଡେଭନ କନୱେ ଓ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ବାଦ ଦେଇ ସେମାନଙ୍କ ସ୍ଥାନରେ ବ୍ୟାଟର ଶେକ ରଶିଦ ଓ ପେସର ଅନଶୁଲ କାମ୍ବୋଜଙ୍କୁ ଦଳରେ ସାମିଲ କରିଛି।

ଟସ୍ ଜିତି ଚେନ୍ନାଇ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ଆରମ୍ଭରୁ ଦୁଇ ଇନଫର୍ମ ବ୍ୟାଟର ଏଡେନ ମାରକ୍ରାମ (୬) ଓ ନିକୋଲସ ପୁରନ (୮)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପନର ମିଚେଲ ମାର୍ଶ ଓ ଅଧିନାୟକ ରିଷଭ ପନ୍ତ ତୃତୀୟ ଉଇକେଟରେ ଦଳୀୟ ସ୍କୋରରେ ୫୦ ରନ ଯୋଡ଼ିଥିଲେ। ମିଚେଲ ୨ ଲେଖାଏ ଚୌକା ଓ ଛକା ସହିତ ୩୦ ରନ କରି ଆଉଟ ହୋଇଥିଲେ। ଏହାପରେ ପନ୍ତଙ୍କ ସହ ଆୟୁଷ ବଦୋନୀ ମିଶି ଦଳୀୟ ସ୍କୋରକୁ ୧୦୦ ପାର କରାଇଥିଲେ। ବଦୋନୀ ୧ ଚୌକା ଓ ୨ ଛକା ସହ ୨୨ ରନ କରି ପାଭିଲିଅନ ଫେରିଥିଲେ। ଶେଷ ଆଡ଼କୁ ଅବଦୁଲ ସମଦ ୧୧ ବଲରେ ୨ ଛକା ସହ ୨୦ ରନ କରିଥିଲେ। ପନ୍ତ ୪୯ ବଲରେ ୪ ଲେଖାଏ ଚୌକା ଓ ଛକା ସହିତ ୬୩ ରନ କରି ଆଉଟ ହୋଇଥିଲେ। ଫଳରେ ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୬୬ ରନ କରିବାକୁ ସକ୍ଷମ ହୋଇଥିଲା। ଚେନ୍ନାଇ ପକ୍ଷରୁ ରବୀନ୍ଦ୍ର ଜାଡେଜା ଓ ମାଥିଶା ପାଥିରାନା ଦୁଇଟି ଲେଖାଏ ଏବଂ ଅନଶୁଲ କାମ୍ବୋଜ ଓ ଖଲିଲ ଅହମ୍ମଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ପାର୍ଟନରଶିପ୍ ଅବସରରେ ରିଷଭ ପନ୍ତ ଓ ଆୟୁଷ ବଦୋନୀ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୧୬୬/୭ (ରିଷଭ ପନ୍ତ-୬୩, ମିଚେଲ ମାର୍ଶ-୩୦, ଆୟୁଷ ବଦୋନୀ-୨୨, ରବୀନ୍ଦ୍ର ଜାଡେଜା-୨/୨୪, ମାଥିଶା ପାଥିରାନା-୨/୪୫, ଅନଶୁଲ କାମ୍ବୋଜ-୧/୨୦)।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
ପଞ୍ଜାବ
ବନାମ କୋଲକାତା
ସ୍ଥାନ: ଚଣ୍ଡିଗଡ଼
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୬ | ୪ | ୨ | ୮ | +୧.୦୮୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୪ | ୧ | ୮ | +୧.୦୦୬ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୬ | ୪ | ୨ | ୮ | +୦.୬୭୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୪ | ୨ | ୮ | +୦.୧୬୨ |
| କୋଲକାତା ନାଇଟ ରାଇଡର୍ସ | ୬ | ୩ | ୩ | ୬ | +୦.୮୦୩ |
| ପଞ୍ଜାବ କିଙ୍ଗ୍ସ | ୫ | ୩ | ୨ | ୬ | +୦.୦୬୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୨ | ୪ | ୪ | +୦.୦୨୭ |
| ରାଜସ୍ଥାନ ରୟାଲ୍ସ | ୬ | ୨ | ୪ | ୪ | -୦.୮୩୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬ | ୨ | ୪ | ୪ | -୧.୨୪୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୬ | ୧ | ୫ | ୨ | -୧.୫୫୪ |

## ୧୬ରୁ ଓସିଏ ଆନ୍ତଃ ଜିଲା ମହିଳା ଟି୨୦

**ଭୁବନେଶ୍ୱର, ୧୪।୪ (ତପନ ସ୍ୱାଇଁ):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଆନ୍ତଃ ଜିଲା ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ପର୍ଯ୍ୟାୟ ଚଳିତ ମାସ ୧୬ ତାରିଖରୁ ଆରମ୍ଭ ହେବ। ଏହି ପ୍ରତିଯୋଗିତା କଟକର ବିଭିନ୍ନ ଭେନ୍ୟୁରେ ଅନୁଷ୍ଠିତ ହେବ। ଗ୍ରୁପ୍ 'ଏ': କଟକ, ଖୋର୍ଦ୍ଧା, ବରଗଡ଼, କୋରାପୁଟ, ସୋନପୁର, ପାରାଦୀପ। ଗ୍ରୁପ୍ 'ବି': ଭୁବନେଶ୍ୱର, ସମ୍ବଲପୁର, ସୁନ୍ଦରଗଡ଼, ନବରଙ୍ଗପୁର, ନୟାଗଡ଼, ଦେବଗଡ଼। ଗ୍ରୁପ୍ 'ସି': ବଲାଙ୍ଗୀର, ବାଲେଶ୍ୱର, ଝାରସୁଗୁଡ଼ା, ମୟୂରଭଞ୍ଜ, ପୁରୀ, ଅନୁଗୋଳ।

# ଆଶୁତୋଷ ପାଢ଼ୀ ଚାମ୍ପିୟନ

**ଭୁବନେଶ୍ୱର, ୧୪।୪ (ତପନ ସ୍ୱାଇଁ)**

ସ୍ଥାନୀୟ ଭିନ୍‌ଟେଜ କ୍ଲବରେ ଅନୁଷ୍ଠିତ ବକ୍‌ଲାଇନ ସ୍ନୁକର ଜୋନାଲ କ୍ୱାଲିଫାଇଂ ଟୁର୍ନାମେଣ୍ଟରେ ଆଶୁତୋଷ ପାଢ଼ୀ ଚାମ୍ପିୟନ ହୋଇଛନ୍ତି। ସୋମବାର ଅନୁଷ୍ଠିତ ଫାଇନାଲରେ ଆଶୁତୋଷ ୪-୧ (୭୨-୦, ୪୬-୬୭, ୭୫-୦, ୧୦୦-୧, ୭୦-୧୪) ଫ୍ରେମ୍‌ରେ ରାକେଶ ରୋଶନ ପ୍ରଧାନଙ୍କୁ ପରାସ୍ତ କରିଛନ୍ତି। ପ୍ରଥମ ସେମିଫାଇନାଲରେ ଆଶୁତୋଷ ୪-୦ରେ ଅମିୟ ରଞ୍ଜନ ନାୟକ ଓ ରାକେଶ ୪-୧ରେ ସିଦ୍ଧାର୍ଥ ସେନ୍‌ଙ୍କୁ ପରାସ୍ତ କରିଥିଲେ। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମାଙ୍କ ଉପସ୍ଥିତିରେ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଚାମ୍ପିୟନଙ୍କୁ ଫଳକ ସହ ୧୦,୦୦୦ ଓ ରନରଅପ୍‌ଙ୍କୁ ୯୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ନ୍ୟାଶନାଲ ସ୍ପୋର୍ଟ୍ସ କ୍ଲବ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ମୁମ୍ବାଇରେ ଚଳିତ ମାସ ୨୮ରୁ ବକ୍‌ଲାଇନ୍ ୪.୦ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥିରେ ଭାଗ ନେବାପାଇଁ ଓଡ଼ିଶାରୁ ୪ ଖେଳାଳିଙ୍କୁ ସିଧାସଳଖ ଏଣ୍ଟ୍ରି ମିଳିବ। ଏହି ଖେଳାଳିମାନେ ହେଲେ ବିଜେତା ଆଶୁତୋଷ, ରନରଅପ୍ ରାକେଶ, ସୁବ୍ରତ ଦାସ ଓ ନିଶାନ୍ତ ବିଶ୍ୱାଳ।

**ବକ୍‌ଲାଇନ ସ୍ନୁକର ଜୋନାଲ କ୍ୱାଲିଫାଇଂ**




ଟ୍ରଫି ସହ ରାକେଶ ରୋଶନ ପ୍ରଧାନ ଓ ଆଶୁତୋଷ ପାଢ଼ୀ।

# କୃଷ୍ଣପ୍ରିୟା, ଶୁଭଶ୍ରୀଙ୍କ କୃତିତ୍ୱ

**ଭୁବନେଶ୍ୱର, ୧୪।୪ (ତପନ ସ୍ୱାଇଁ)**

ସମ୍ବଲପୁରରେ ଅନୁଷ୍ଠିତ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥ୍‌ଲେଟିକ୍ସରେ ଏକାମ୍ର କଲେଜର କୃଷ୍ଣପ୍ରିୟା ବରିସଲ୍ୟ ଓ ଶୁଭଶ୍ରୀ ପରିଜା କୃତିତ୍ୱ ହାସଲ କରିଛନ୍ତି। କୃଷ୍ଣପ୍ରିୟା ୨୦୦ ମିଟରରେ ଦ୍ୱିତୀୟ, ୧୦୦ ମିଟରରେ ତୃତୀୟ ଏବଂ ୪X୧୦୦ ମିଟର ରିଲେ ରେସ୍‌ରେ ଅନନ୍ୟା ସିଂ, ମାନସି ମହାରଣା ଓ କୀର୍ତ୍ତି ରାଉଳଙ୍କ ସହ ମିଶି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଶୁଭଶ୍ରୀ ୪୦୦ ମିଟରରେ ଦ୍ୱିତୀୟ ଏବଂ ୪X୧୦୦ ମିଟର ରିଲେ ରେସ୍‌ରେ ପିଙ୍କି ସାହୁ, ଦୀପ୍ତିରାଣୀ ସାହୁ ଓ ସୁବାସିନୀ ଭୁଟିଆଙ୍କ ସହ ମିଶି ପ୍ରଥମସ୍ଥାନ ହାସଲ କରିଛନ୍ତି।





ପଦକ ସହ କୃଷ୍ଣପ୍ରିୟା ବରିସଲ୍ୟ ଓ ଶୁଭଶ୍ରୀ ପରିଜା।

## ଧୀରଜଙ୍କୁ ବ୍ରୋଞ୍ଜ, ପୁରୁଷ ଦଳକୁ ରୌପ୍ୟ

**ନୂଆଦିଲ୍ଲୀ, ୧୪।୪ (ପି.ଟି.):** ଆମେରିକାରେ ଅନୁଷ୍ଠିତ ଆର୍ଚ୍ଚରୀ ୱାର୍ଲ୍ଡକପ୍ ଷ୍ଟେଜ ୧ ପ୍ରତିଯୋଗିତାରେ ଭାରତ ୪ ପଦକ ସହ ଅଭିଯାନ ଶେଷ କରିଛି। ପଦକ ତାଲିକାରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସହିତ ଦୁଇଟି ବ୍ରୋଞ୍ଜ ରହିଛି। ଟୁର୍ନାମେଣ୍ଟର ଅନ୍ତିମ ଦିନ ଭାରତୀୟ ପୁରୁଷ ରିକର୍ଭ ଦଳ ରୌପ୍ୟ ପଦକ ଜିତିଥିବା ବେଳେ ଧୀରଜ ବୋମାଦେଭରା ବ୍ରୋଞ୍ଜ ପଦକ ହାତେଇଛନ୍ତି। ସ୍ପେନର ଆଣ୍ଡ୍ରେସ ଟେମିନୋଙ୍କ ବିପକ୍ଷ ୫ ସେଟ୍ ବିଶିଷ୍ଟ ବ୍ରୋଞ୍ଜ ପଦକ ମ୍ୟାଚରେ ପ୍ରାରମ୍ଭିକ ଭାବେ ୨-୪ରେ ପଛୁଆ ଥିବା ୨୩ ବର୍ଷୀୟ ଆର୍ମୀ ଆର୍ଚ୍ଚର ଧୀରଜ ୬-୪ ବ୍ୟବଧାନରେ ମୁକାବିଲାକୁ ଜିତି ନେଇଥିଲେ।

# ଅମ୍ପାୟର ବ୍ୟାଟ୍ ଆକାର ଯାଞ୍ଚ କରିବେ

**ନୂଆଦିଲ୍ଲୀ, ୧୪।୪ (ପି.ଟି.)**

ଚଳିତ ଆଇପିଏଲ୍‌ରେ ଖେଳାଳିଙ୍କୁ ଅନୁଚିତ ଫାଇଦା ଉଠାଇବାରୁ ରୋକିବା ଲାଗି ଅନ-ଫିଲ୍ଡ ଅମ୍ପାୟର ଆକସ୍ମିକ ଭାବେ ବ୍ୟାଟର ଆକାର ଯାଞ୍ଚ କରିବା ଆରମ୍ଭ କରିଛନ୍ତି। ବ୍ୟାଟର ଆକାର ଯାଞ୍ଚ କରିବା ଏକ ପ୍ରଚଳିତ ନିୟମ। କିନ୍ତୁ ଅନ୍ତିମ ସଂସ୍କରଣ ପର୍ଯ୍ୟନ୍ତ ଏହି ପ୍ରକ୍ରିୟାକୁ କେବଳ ଡ୍ରେସିଂ ରୁମ୍ ମଧ୍ୟରେ ସୀମିତ ରଖାଯାଇଥିଲା। ତେବେ ବିସିସିଆଇ ଅଧିକ ସଜାଗ ରହିବା ପାଇଁ ମ୍ୟାଚ ଅଫିସିଆଲଙ୍କୁ ଆବଶ୍ୟକ ଅନୁଭବ ହେଉଥିବା ସ୍ଥଳେ ବ୍ୟାଟ୍‌ର ଆକାର ଯାଞ୍ଚ କରିବାକୁ ଅନୁମତି ପ୍ରଦାନ କରିଛି। ଏପରି କି ମ୍ୟାଚର ସିଧାପ୍ରସାରଣ ବେଳେ ମଧ୍ୟ ଏହି ଯାଞ୍ଚ ପ୍ରକ୍ରିୟା କରାଯାଇପାରିବ।

୧୦୦ରୁ ଅଧିକ ଆଇପିଏଲ୍ ମ୍ୟାଚ ପରିଚାଳନା କରିଥିବା ବିସିସିଆଇର ଜଣେ ପୂର୍ବତନ ଅଫିସିଆଲ ନୂଆ ନିୟମ ପ୍ରତି ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। 'ଅମ୍ପାୟରମାନେ ଘର ଭଳି ଦେଖାଯାଉଥିବା ବ୍ୟାଟ ଗେଜ ରଖୁଛନ୍ତି। ଯଦି ବ୍ୟାଟ୍ ଗେଜ ମଧ୍ୟ ଦେଇ ଅତିକ୍ରମ କରେ, ତେବେ ତାହା ଗ୍ରହଣ ଯୋଗ୍ୟ। ଆମେ ଇନିଂସ ଆରମ୍ଭରୁ ଡ୍ରେସିଂ ରୁମରେ ବ୍ୟାଟ୍ ଯାଞ୍ଚ କରିଥାଉ। ଆମକୁ ଖେଳାଳିମାନେ ମ୍ୟାଚ ଆରମ୍ଭ ହେବା ପୂର୍ବରୁ ବ୍ୟାଟ୍ ଯାଞ୍ଚ କରିବାକୁ ଦିଅନ୍ତି। କିନ୍ତୁ ପ୍ରଶ୍ନ ଉଠୁଛି ଯେ, କୌଣସି ଖେଳାଳି ଯାଞ୍ଚ ଲାଗି ଭିନ୍ନ ବ୍ୟାଟ ଦେଇ ଫିଲ୍ଡରେ ଅନ୍ୟ ବ୍ୟାଟ୍ ବ୍ୟବହାର କରିଛନ୍ତି କି। ଯଦି ସେଭଳି କିଛି ଘଟିଛି, ତେବେ ଏହି ପ୍ରକ୍ରିୟା ସ୍ୱାଗତ ଯୋଗ୍ୟ।




# ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଉଦ୍‌ଯାପିତ




ଚାମ୍ପିୟନ୍ ରାମେଶ୍ୱର ସ୍ପୋର୍ଟିଂ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୪।୪ (ତପନ ସ୍ୱାଇଁ)**

ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ବିଏମ୍ ହାଇସ୍କୁଲ ପଡ଼ିଆରେ ୭ମ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ୧୫ ବର୍ଷରୁ କମ୍ (ଅମରେନ୍ଦ୍ର ପ୍ରସାଦ ବଳ ସ୍ମାରକୀ) କ୍ରିକେଟ ଫାଇନାଲରେ ସହିଦ ସ୍ପୋର୍ଟିଂକୁ ୧ ରନରେ ହରାଇ ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ୨୩.୩ ଓଭରରେ ୧୦୦ ରନକରି ଅଲ୍‌ଆଉଟ ହୋଇଥିଲା। ଆକାଶ ସାହୁ ୨୩ ଓ ଆହ୍ୱାନ ମିଶ୍ର ୨୨ ରନ କରିଥିବାବେଳେ ବିପକ୍ଷ ଦଳର ଓମ୍ ପ୍ରକାଶ ନାୟକ ଓ ବିଶ୍ୱ ସାମନ୍ତରାୟ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସହିଦ ସ୍ପୋର୍ଟିଂ ୨୪.୩ ଓଭରରେ ୯୯ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ସୁପ୍ରତୀକ ମିଶ୍ର ୨୫ ଓ ମହେଶ ପଣ୍ଡା ୨୪ ରନ କରିଥିଲେ। ବିଜୟୀ ଦଳର ବିମଳଜ୍ୟୋତି ବେହେରା ୪ଟି ଓ ସାଇ କୌଶିକ ୨ଟି ଉଇକେଟ ନେଇଥିଲେ। ରାମେଶ୍ୱରର ବିମଳଜ୍ୟୋତି ବେହେରା ପ୍ଲେୟର ଅଫ୍ ଦି ମ୍ୟାଚ ଓ ଶ୍ରେଷ୍ଠ ବୋଲର, ଲିଓନେଲ ମେହେର ଶ୍ରେଷ୍ଠ ବ୍ୟାଟର, ଆକାଶ ସାହୁ ଶ୍ରେଷ୍ଠ ଫିଲ୍ଡର ଓ ସହିଦ ସ୍ପୋର୍ଟିଂର ରତୁରାଜ ମହାନ୍ତି ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଅମ୍ପାୟର ବିଶ୍ୱଜିତ ମଲିକ ଓ ନିରଞ୍ଜନ ଗୌଡ଼ ମ୍ୟାଚ ପରିଚାଳନା କରିଥିଲେ। ବିଧାୟକ ବାବୁ ସିଂ, କର୍ପୋରେଟର ଚନ୍ଦ୍ରଶେଖର ମଲ୍ଲିଆ, ପୂର୍ବତନ ରଣଜୀ ଖେଳାଳି ରଶ୍ମିରଞ୍ଜନ ପରିଡ଼ା, ଉପସଭାପତି ରାଧାନାଥ ମହାପାତ୍ର, ବିଏସ୍‌ଏନ୍‌ଏଲ୍‌ର ସହକାରୀ ଜେନେରାଲ ମ୍ୟାନେଜର ଅରବିନ୍ଦ ପ୍ରସାଦ ବଳ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କ୍ଲବର କାର୍ଯ୍ୟକାରୀ ସଭାପତି ପରେଶ ପଟେଲ, ସମ୍ପାଦକ ଦୀପକ ମଙ୍ଗରାଜ, ଯୁଗ୍ମ ସମ୍ପାଦକ ପ୍ରିୟବ୍ରତ ପ୍ରଧାନ, କୋଷାଧ୍ୟକ୍ଷ ବିଜୟ କୁମାର ରଥ, ସୂର୍ଯ୍ୟକାନ୍ତ ମହାପାତ୍ର, ଅକ୍ଷୟ ଜେନା, ନିର୍ମଳ ବିଶ୍ୱାଳ, ଶୁଭଙ୍କର ସାହୁ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ